# ଧରିତ୍ରୀ DHARITRI

ଗୁରୁବାର, ଏପ୍ରିଲ ୧୬/୨୦୨୦ (୧୬ ପୃଷ୍ଠା) | Thursday, April 16/2020

୪୬ଶ ଭାଗ ୧୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଘରେ ଖୁସି ମନାଉଛନ୍ତି ଶିଳ୍ପା**

ଲକ୍‌ଡାଉନ୍ ସମୟରେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଘରେ ଝିଅ ସାମିଶାଙ୍କୁ ଧରି ଖେଳୁଛନ୍ତି। ସେ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏନେଇ ଏକ ଭିଡିଓ ଶେୟାର କରିଛନ୍ତି।

୦୭

୧୬

**ବିଶ୍ୱ ରେକର୍ଡ ଭାଙ୍ଗିଲେ ରୋଓ୍ବି**

ଅଷ୍ଟ୍ରେଲୀୟ ରୋୟର ଜର୍ଜି ରୋଓ୍ବି ହେଭିଓ୍ବେଟ୍ ମହିଳା ହାଫ୍ ମାରାଥନରେ ବିଶ୍ୱରେକର୍ଡ ଭଙ୍ଗ କରିଛନ୍ତି।



# ୨୦ ପରେ ଖୋଲିବ ଗ୍ରାମାଞ୍ଚଳ ଶିଳ୍ପ

## ନୂଆ ଲକ୍‌ଡାଉନ ମାର୍ଗଦର୍ଶିକା ଜାରି

- ସର୍ବସାଧାରଣରେ ଛେପ ପକାଇବା ଦଣ୍ଡନୀୟ ଅପରାଧ
- ମଦ, ଗୁଟ୍‌ଖା, ତମାଖୁ ବିକ୍ରି ନିଷେଧ
- ମେ’ ୩ ଯାଏ ବସ୍, ମେଟ୍ରୋ ସେବା ବନ୍ଦ
- ସଭା ସମିତି, କ୍ରୀଡ଼ା ଇଭେଣ୍ଟ ଉପରେ କଟକଣା
- ଗାଁରେ କୋହଳ, ଚାଷୀଙ୍କୁ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୫।୪(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିତୀୟ ପର୍ଯ୍ୟାୟରେ ୧୯ ଦିନିଆ ଲକ୍‌ଡାଉନ ଘୋଷଣା କରିବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବୁଧବାର ନୂଆ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଗାଇଡ୍‌ଲାଇନ ଅନୁଯାୟୀ ମେ’ ୩ ତାରିଖ ପର୍ଯ୍ୟନ୍ତ ସମସ୍ତ ସାଧାରଣ ପରିବହନ ଏବଂ ସର୍ବସାଧାରଣ ସ୍ଥାନ ବନ୍ଦ ରହିବ। ତେବେ ଏପ୍ରିଲ ୨୦ ପରେ ଗ୍ରାମାଞ୍ଚଳରେ ଶିଳ୍ପସଂସ୍ଥାଗୁଡ଼ିକୁ ଖୋଲିବା ପାଇଁ ଅନୁମତି ମିଳିବ। ଉକ୍ତ ଶିଳ୍ପସଂସ୍ଥାଗୁଡ଼ିକରେ ସାମାଜିକ ଦୂରତ୍ୱ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ପଡ଼ିବ ବୋଲି କୁହାଯାଇଛି। ଏହାସହିତ କେତେକ ଜରୁରୀ କାର୍ଯ୍ୟ କରିବା ଲାଗି ଅନୁମତି ପ୍ରଦାନ କରାଯିବ। ତେବେ କୋଭିଡ୍-୧୯ ହଟ୍‌ସ୍ପଟ ଏବଂ ନିଷିଦ୍ଧାଞ୍ଚଳରେ ଏହି ସୁବିଧା ମିଳିବ ନାହିଁ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନୂଆ ନିୟମ ଅନୁଯାୟୀ ମାସ୍କ ପିନ୍ଧିବା କିମ୍ବା ମୁହଁକୁ କପଡ଼ାରେ ଢାଙ୍କିବା ସାରା ଦେଶରେ ବାଧ୍ୟତାମୂଳକ କରାଯାଇଛି। ଏଥିସହିତ ସର୍ବସାଧାରଣ ସ୍ଥାନରେ ଛେପ ପକାଇବା ଦଣ୍ଡନୀୟ ଅପରାଧ ଭାବେ ଧରାଯିବ। ମଦ, ଗୁଟ୍‌ଖା ଏବଂ ସମସ୍ତ ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। କାର୍ଯ୍ୟସ୍ଥଳରେ ତାପମାତ୍ରା ଯାଞ୍ଚ ଲାଗି ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବା ସହ ସାନିଟାଇଜର ଯୋଗାଇ ଦିଆଯିବ। ସେବା ଯୋଗାଉଥିବା ଆତ୍ମନିଯୁକ୍ତ ଇଲେକ୍ଟ୍ରିସିଆନ, ଆଇଟି ମରାମତି କାର୍ଯ୍ୟ କରୁଥିବା ବ୍ୟକ୍ତି, ପାଣିପାଇପ୍ ମିସ୍ତ୍ରୀ, ମୋଟର ମେକାନିକ୍ ଓ ବଢ଼େଇମାନଙ୍କୁ ଏପ୍ରିଲ ୨୦ରୁ କାର୍ଯ୍ୟ କରିବା ଲାଗି ଅନୁମତି ମିଳିବ। ଲୋକମାନଙ୍କର ଆନ୍ତଃ ଜିଲା ଓ ଆନ୍ତଃ ରାଜ୍ୟ ଯାତାୟାତ, ମେଟ୍ରୋ, ବସ୍ ସେବା ମେ’ ୩ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କୁହାଯାଇଛି। ସେହିପରି ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଏସ୍‌ଇଜେଡ୍) ମଧ୍ୟରେ ଥିବା ଉତ୍ପାଦନ ଓ ଶିଳ୍ପସଂସ୍ଥା, ରପ୍ତାନିଭିତ୍ତିକ ସଂସ୍ଥା, ଶିଳ୍ପାଞ୍ଚଳ ଓ ଶିଳ୍ପାଞ୍ଚଳ ସହରଗୁଡ଼ିକୁ କାର୍ଯ୍ୟକ୍ଷମ ହେବା ଲାଗି ଅନୁମତି ଦିଆଯିବ। ତେବେ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ଘରୋଇ, ଅନ୍ତର୍ଜାତୀୟ ବିମାନ ସେବା, ଟ୍ରେନ ଚଳାଚଳ ମେ’ ୩ ପର୍ଯ୍ୟନ୍ତ ବନ୍ଦ ରହିବ। ସେହିପରି ସର୍ବସାଧାରଣ ସ୍ଥାନ ଯଥା ସିନେମା ହଲ୍, ମଲ୍, ଶପିଂ କମ୍ପ୍ଲେକ୍ସ, ଜିମ୍, ସ୍ପୋର୍ଟସ କମ୍ପ୍ଲେକ୍ସ, ସୁଇମିଂ ପୁଲ୍, ବାର ଆଦି ବନ୍ଦ ରହିବ। ☞ପୃଷ୍ଠା-୪

# ରଥଯାତ୍ରା ପାଇଁ ଖୁବ୍‌ଶୀଘ୍ର ନିଷ୍ପତ୍ତି

**ବିନା ଭକ୍ତରେ ହୋଇପାରେ ଚନ୍ଦନଯାତ୍ରା**



**ଭୁବନେଶ୍ୱର, ୧୫।୪(ବ୍ୟୁରୋ)**

ଜୁନ୍ ୨୩ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଦିନ ପାଖେଇ ଆସୁଥିବାବେଳେ ରଥ ନିର୍ମାଣ ପାଇଁ ପୁରୀରେ ରଥକାଠ ପହଞ୍ଚିସାରିଛି। କିନ୍ତୁ କରୋନା ବିରୋଧରେ ଲଢ଼େଇ ଚାଲିଥିବାରୁ ରଥଯାତ୍ରା ହେବ କି ନାହିଁ ତାହାକୁ ନେଇ ଏବେ ବିଚାରବିମର୍ଶ ଚାଲିଛି। କରୋନା ସଂକ୍ରମଣ କେବେ ନିୟନ୍ତ୍ରଣକୁ ଆସିବ ତାହା କହିହେଉ ନାହିଁ। ଏପରିସ୍ଥଳେ ରଥଯାତ୍ରା କିପରି ହେବ ତାହାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱ ଓ ଆଶଙ୍କାରେ ରହିଛନ୍ତି। ତେବେ ଖୁବଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୨୬ ତାରିଖରେ ଚନ୍ଦନଯାତ୍ରା ପଡ଼ୁଛି। ☞ପୃଷ୍ଠା-୪

# ଦେଶର ୧୭୦ ହଟ୍‌ସ୍ପଟ୍ ଜିଲା ତାଲିକାରେ ଖୋର୍ଦ୍ଧା

**ଅଣହଟ୍‌ସ୍ପଟ୍ ତାଲିକାରେ ଓଡ଼ିଶାର ୭ ଜିଲା**

**ନୂଆଦିଲ୍ଲୀ,୧୫।୪**

ଭାରତର ୧୭୦ଟି ଜିଲାକୁ କରୋନା ହଟ୍‌ସ୍ପଟ ଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇଛି। ଏଥିରେ ରହିଛି ଓଡ଼ିଶାର ଖୋର୍ଦ୍ଧା ଜିଲା। ଏଥିସହିତ ୨୦୭ଟି ଜିଲାକୁ ଅଣହଟ୍‌ସ୍ପଟ ତାଲିକାରେ ରଖାଯାଇଛି। ଅଣହଟ୍‌ସ୍ପଟ ଜିଲା ମଧ୍ୟରେ ଓଡ଼ିଶାର ୭ଟି ଜିଲା- କଟକ, ଯାଜପୁର, କଳାହାଣ୍ଡି, ପୁରୀ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ସୁନ୍ଦରଗଡ଼ ରହିଛି। ସେହିପରି କ୍ଲଷ୍ଟର ହଟ୍‌ସ୍ପଟ ଜିଲା ତାଲିକାରେ ଓଡ଼ିଶାର ଭଦ୍ରକ ରହିଛି। ହଟସ୍ପଟର ନିଷିଦ୍ଧାଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ଟିମ୍ କାର୍ଯ୍ୟ କରିବେ। ସେମାନେ ଘରକୁ ଘର ଯାଇ ସର୍ଭେ କରିବା ସହ କୋଭିଡ୍-୧୯ ଓ ଇନ୍‌ଫ୍ଲୁଏଞ୍ଜା ଭଳି ରୋଗ ସମ୍ପର୍କରେ ନମୁନା ପରୀକ୍ଷା କରିବେ। ହଟ୍ ଜୋନ୍‌ରେ ଆଗାମୀ ୨୮ ଦିନ ପର୍ଯ୍ୟନ୍ତ କଟକଣା ଜାରି ରହିବ। ଉକ୍ତ ଅଞ୍ଚଳର ସମସ୍ତ କରୋନା ରୋଗୀ ଭଲ ହେବା ଏବଂ ନୂଆ ରୋଗୀ ଚିହ୍ନଟ ନ ହେବା ପର୍ଯ୍ୟନ୍ତ କଟକଣା କାର୍ଯ୍ୟକାରୀ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ହଟ୍‌ସ୍ପଟ (ରେଡ୍ ଜୋନ୍)ର ପରିଧି ୩ କିଲୋମିଟର ହେବାକୁ ଥିବାବେଳେ ବଫର ଜୋନ୍ (ଅରେଞ୍ଜ ଜୋନ୍) ପରିଧି ୭ କିଲୋମିଟର ରହିବ। ସଂକ୍ରମଣର କେନ୍ଦ୍ରସ୍ଥଳ ସମ୍ପର୍କରେ ରାଜ୍ୟ ଓ ଜିଲା ପ୍ରଶାସନ ନିଷ୍ପତ୍ତି ନେବେ। ବର୍ତ୍ତମାନ ପର୍ଯ୍ୟନ୍ତ ଦେଶରେ କରୋନା ଗୋଷ୍ଠୀ ସଂକ୍ରମଣ ରୂପ ନେଇନାହିଁ। ସଂକ୍ରମଣ ରୋକିବା ଓ ଶୃଙ୍ଖଳ ଭାଙ୍ଗିବା ଲାଗି ସାମୂହିକ ଉଦ୍ୟମ ଆବଶ୍ୟକ। ଲକ୍‌ଡାଉନ ବେଳେ ପ୍ରତିଶେଧକ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ ବୋଲି ଯୁଗ୍ମ ସ୍ୱାସ୍ଥ୍ୟ ସଚିବ ଲବ୍ ଅଗ୍ରଓ୍ବାଲ କହିଛନ୍ତି।




ଲକ୍‌ଡାଉନ୍ ବେଳେ ମୁମ୍ବାଇର ମେରାଇନ୍ ଡ୍ରାଇଭ୍ ରାସ୍ତାରେ କାଁ ଭାଁ ଯାନବାହନ ଦେଖିବାକୁ ମିଳୁଛି।




କରୋନା ଭୟରେ ଆମେରିକାର ଲାସ୍ ଭେଗାସ୍ ସହର ରାସ୍ତା ଜନଶୂନ୍ୟ ହୋଇଯାଇଛି।

# ଗଞ୍ଜାମର ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ୫୦୦ ଜରିମାନା

**ଛତ୍ରପୁର,୧୫।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ସର୍ବସାଧାରଣ ସ୍ଥାନରେ କେହି ବ୍ୟକ୍ତି ଛେପ ପକାଇଲେ ୫୦୦ ଟଙ୍କା ଜରିମାନା ଆଦାୟ କରାଯିବ। କରୋନା ଭୂତାଣୁ ସଂକ୍ରମଣ ପ୍ରତିହତ କରିବା ଉଦ୍ଦେଶ୍ୟରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିସହ ଜିଲାରେ ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ୨୦୦ଟଙ୍କା ଜରିମାନା ଆଦାୟ କରିବା ଓ ନୋ ମାସ୍କ ନୋ ରାଶନ ନିର୍ଦ୍ଦେଶନାମା ବଳବତ୍ତର ରହିଛି। ଗଞ୍ଜାମରେ ପ୍ରତ୍ୟହ ମଧ୍ୟାହ୍ନ ୧୨ଟାରୁ ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଜାରି ରହିଛି ।

**ଆଜିର ସମ୍ପାଦକୀୟ**

ଘୋଡ଼ା ନିର୍ଯ୍ୟାତନା ଓ ଆଇନ

**ଆଜିର ମନ୍ତବ୍ୟ**

“ ଲକ୍‌ଡାଉନ୍‌କୁ କାର୍ଯ୍ୟକାରୀ କରିପାରୁ ନ ଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଧିକାରୀମାନଙ୍କୁ ବାହାର ରାସ୍ତା ଦେଖାଇଦେବା ଦରକାର।

**-ଜଗଦୀପ ଧନଖାର, ପଶ୍ଚିମବଙ୍ଗ ରାଜ୍ୟପାଳ**

# ବିମାନ ଚଳାଚଳ କ୍ଷେତ୍ରର ୨୦ ଲକ୍ଷ ଚାକିରି ବିପଦରେ

- ଭାରତୀୟ ବିମାନ ବଜାର ୮.୮ ବିଲିୟନ ଡଲାର କ୍ଷତି ସହିବ
- ସାରା ବିଶ୍ୱରେ କ୍ଷତି ୩୧୪ ବିଲିୟନ ଡଲାର

**ନୂଆଦିଲ୍ଲୀ,୧୫।୪**

ଭାରତର ବିମାନ ଚଳାଚଳ କ୍ଷେତ୍ର ଏବଂ ସ୍ୱାଧୀନ କ୍ଷେତ୍ରଗୁଡିକରେ ୨୦ ଲକ୍ଷ ଚାକିରି ଏବେ ବିପଦରେ ରହିଛି। କରୋନା ଯୋଗୁ ବଜାର କ୍ଷତିଗ୍ରସ୍ତ ହେବାରୁ ଏଭଳି ବିପଦ ଆସିଛି ବୋଲି ଇଣ୍ଟରନ୍ୟାଶନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏଶନ( ଆଇଏଟିଏ) ପକ୍ଷରୁ ସୂଚନା ଦିଆଯାଇଛି। ଏବେ ସାରା ଦେଶରେ ବିମାନ ସେବା ମେ ୩ ତାରିଖ ଯାଏ ବନ୍ଦ ରହିଛି। ବର୍ତ୍ତମାନ ବାଣିଜ୍ୟ ସ୍ଥିତି ଅଧିକ ଚ୍ୟାଲେଞ୍ଜିଂ ହେବା ଯୋଗୁ ବିମାନ କମ୍ପାନୀଗୁଡିକ ପରିଚାଳନାରେ ବିଭିନ୍ନ ଅସୁବିଧା ସାମ୍ନା କରୁଛନ୍ତି। ଏବେ ବିମାନ ଚଳାଚଳ କ୍ଷେତ୍ରରେ କିଛି କମ୍ପାନୀ ଛଟେଇ ଆରମ୍ଭ କରିଥିବା ବେଳେ ଅନ୍ୟ କିଛି କମ୍ପାନୀ ବେତନ ହ୍ରାସ କରିବା ସହ କର୍ମଚାରୀଙ୍କୁ ଛୁଟିରେ ପଠାଇ ଦେଇଛନ୍ତି। ☞ପୃଷ୍ଠା-୪

# ଆରୋଗ୍ୟ ସେତୁ ଆପ୍‌ରେ ପ୍ରିଭେସି ବିପନ୍ନ ଆଶଙ୍କା




- ନିୟମ ଅବମାନନା ହେଉଥିବା ଅଭିଯୋଗ
- ସୂଚନା ପ୍ରଘଟରେ ସରକାର ଦାୟୀ ରହିବେନି

**ନୂଆଦିଲ୍ଲୀ,୧୫।୪**

କୋଭିଡ୍-୧୯ ଲଢ଼େଇ ଦିଗରେ ଆରୋଗ୍ୟ ସେତୁ ଆପ୍ ଏକ ପ୍ରମୁଖ ଅସ୍ତ୍ର ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରି କହିଥିଲେ। ମାତ୍ର ଏହି ଆପ୍ଲିକେଶନରେ ବ୍ୟକ୍ତିଗତ ପ୍ରିଭେସି ବିପନ୍ନ ହେବା ନେଇ ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। ଏପ୍ରିଲ ୧୪ରେ ଦେଶବାସୀଙ୍କୁ ଆହ୍ୱାନ କରି ମୋଦି କହିଥିଲେ ଯେ, ଏହି ଆପ୍ଲିକେଶନକୁ ସମସ୍ତେ ଡାଉନଲୋଡ କରିବା ଆବଶ୍ୟକ। ଏଥିସହିତ ଅନ୍ୟମାନଙ୍କୁ ଉକ୍ତ ଆପ୍ଲିକେଶନ ଡାଉନଲୋଡ କରିବାକୁ ମଧ୍ୟ ଉତ୍ସାହିତ କରିବାକୁ ସେ ମତ ଦେଇଥିଲେ। ଏହି ଆପ୍ଲିକେଶନଟି କେନ୍ଦ୍ର ସରକାରଙ୍କ ଦ୍ୱାରା ଏପ୍ରିଲ ୨ରେ ଶୁଭାରମ୍ଭ ହୋଇଥିଲା। ବର୍ତ୍ତମାନ ଏହା ୧ କୋଟି ଡାଉନଲୋଡ ସ୍ତର ଛୁଇଁଛି। ଏହି ଆପ୍ଲିକେଶନର ବିଭିନ୍ନ ଦିଗକୁ ନେଇ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ପ୍ରଥମତଃ ଭାଷାଗତ ଭାବେ ବିଚାର କଲେ ଆପ୍ଲିକେଶନର କ୍ଲାଉଡରେ ସଂରକ୍ଷିତ ହୋଇ ରହୁଥିବା ବ୍ୟକ୍ତିଗତ ତଥ୍ୟ ଶେୟାର କରାଯାଇପାରିବ। ମେଡିକାଲ ଏବଂ ପ୍ରଶାସନିକ ଦୃଷ୍ଟିକୋଣରୁ କେତେକ କ୍ଷେତ୍ରରେ ଏହା ଶେୟାର ହୋଇପାରେ। ଜେନେରାଲ ଡାଟା ପ୍ରୋଟେକ୍ସନ ରେଗୁଲେଶନ (ଜିଡିପିଆର୍)ର ପ୍ରିଭେସି ନୀତିକୁ ଏହା କିଛି କ୍ଷେତ୍ରରେ ଠିକ୍ ଭାବେ ପାଳନ କରୁ ନ ଥିବା ଦେଖାଯାଇଛି। ଆପ୍ଲିକେଶନ ପ୍ରସ୍ତୁତକାରୀଙ୍କୁ ଏହି ଆପ୍ ଜରିଆରେ ଫାଇଦା ନେଇପାରିବାର ସୁଯୋଗ ରହିଥିବା ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ୟୁରୋପିଆନ ୟୁନିୟନ ପକ୍ଷରୁ ପ୍ରିଭେସି ନୀତି ପ୍ରସ୍ତୁତ କରାଯାଇଥିବା ବେଳେ ଏହାକୁ ସାରା ବିଶ୍ୱର ଦେଶଗୁଡିକ ମାନିଥାନ୍ତି ବୋଲି ସେଣ୍ଟର ଫର୍ ଇଣ୍ଟରନେଟ ଆଣ୍ଡ ସୋସାଇଟିର ପଲିସି ଅଫିସର ମୀରା ସ୍ୱାମୀନାଥନ କହିଛନ୍ତି। ପ୍ରକୃତ ପକ୍ଷେ କେଉଁ ଡାଟା ସଂଗ୍ରହ କରାଯିବ, ଡାଟା କେତେ ସମୟ ଯାଏ ☞ପୃଷ୍ଠା-୪

# ଚାଷୀଙ୍କ ପାଇଁ ଖୁସି ଖବର: ଏ ସନ ଭଲ ବର୍ଷିବ



- ଓଡିଶାକୁ ମୌସୁମୀ ପ୍ରବେଶ ବିଳମ୍ବ ହେବ
- ନୂଆ ମଡ୍ୟୁଲ ଜାରି କଲା ପାଣିପାଗ ବିଭାଗ

**ବର୍ଷା ପରିମାଣ**

୯୦%ରୁ କମ୍- ସ୍ୱଳ୍ପବୃଷ୍ଟି
୯୦ରୁ ୯୬%-ସ୍ୱାଭାବିକଠାରୁ କମ୍
୯୬ରୁ ୧୦୪%-ସ୍ୱାଭାବିକ
୧୦୪ରୁ ୧୧୦% ସ୍ୱାଭାବିକଠାରୁ ଅଧିକ
୧୧୦%ରୁ ଅଧିକ -ଅତ୍ୟଧିକ ବୃଷ୍ଟି

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ରାଜ୍ୟ ଚାଷୀଙ୍କ ପାଇଁ ଶୁଭ ଖବର। ଚଳିତ ବର୍ଷ(ଏ ସନ) ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକ ହେବ। ବର୍ଷା ପରିମାଣ ୯୬ ପ୍ରତିଶତରୁ ୧୦୪ ପ୍ରତିଶତ ରହିବ। ସମଗ୍ର ଦେଶରେ ଭଲ ବର୍ଷିବ। ବୁଧବାର ମୌସୁମୀ ଆଗମନକୁ ନେଇ ଏଭଳି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ପ୍ରଥମ ଥର ଲାଗି ପୁରୁଣା ମଡ୍ୟୁଲ (୧୯୦୧-୧୯୪୦) ବଦଳରେ ନୂତନ ମଡ୍ୟୁଲ(୧୯୭୧ରୁ ୨୦୧୯) ଅନୁଯାୟୀ, ମୌସୁମୀର ପୂର୍ବାନୁମାନ କରିବା ସହିତ ଆଗମନ ଓ ପ୍ରତ୍ୟାବର୍ତ୍ତନ ସମୟ ମଧ୍ୟ ଧାର୍ଯ୍ୟ କରାଯାଇଛି। ଭାରତୀୟ ପାଣିପାଗ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ଝାଡଖଣ୍ଡ ବିହାର ଏବଂ ଉତ୍ତର ପ୍ରଦେଶର କେତେକ ଅଂଶକୁ ମୌସୁମୀ ୩ ରୁ ୭ ଦିନ ବିଳମ୍ବରେ ପ୍ରବେଶ କରିବ। ଉତ୍ତର ପଶ୍ଚିମ ଭାରତକୁ ମୌସୁମୀ ପୂର୍ବ ନିର୍ଦ୍ଧାରିତ ଜୁଲାଇ ୧୫ ପରିବର୍ତ୍ତେ ୮ରେ ପ୍ରବେଶ କରିବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ କେରଳ ଉପକୂଳ ଜୁନ୍ ପହିଲାରେ ଛୁଇଁବ।

ସେହିପରି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଗମନ ସମ୍ପର୍କରେ ସୂଚନା ଦେଇ ଭୂପୃଷ୍ଠ ବିଜ୍ଞାନ ମନ୍ତ୍ରଣାଳୟ ସଚିବ ମାଧବନ୍ ରାଜୀବନ କହିଛନ୍ତି, ଓଡ଼ିଶାକୁ ମୌସୁମୀ ପ୍ରବେଶ ୩/୪ ଦିନ ବିଳମ୍ବ ହେବ। ଜୁନ ୧୩ କିମ୍ବା ୧୪ରେ ଓଡ଼ିଶାକୁ ପ୍ରବେଶ କରିବ। ସେହିପରି ସମସ୍ତ ଜିଲାକୁ ଆଚ୍ଛାଦିତ କରିବାକୁ ଦିନେ ଦୁଇଦିନ ବିଳମ୍ବ ହେବ। ପୁରୀକୁ ଜୁନ ୧୨ପରିବର୍ତ୍ତେ ୧୩ ଏବଂ କଟକ ଜିଲାକୁ ୧୧ ପରିବର୍ତ୍ତେ ଜୁନ ୧୨ରେ ଛୁଇଁବ ବୋଲି ଅନୁମାନ କରାଯାଇଛି। ରାଜ୍ୟକୁ ସାଧାରଣତଃ ଜୁନ ୧୦ତାରିଖ ସୁଦ୍ଧା ପ୍ରବେଶ କରିଥାଏ। ତେବେ ଗତ କିଛି ବର୍ଷ ହେବ ମୌସୁମୀ ଜୁନ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ରାଜ୍ୟକୁ ପ୍ରବେଶ କରୁଛି। ଦକ୍ଷିଣ ଓଡ଼ିଶା ଦେଇ ପ୍ରବେଶ କରିବା ପରେ ମାଲକାନଗିରି, କୋରାପୁଟ ଓ ଗଜପତି ଜିଲାରେ କିଛି ମାତ୍ରାରେ ବର୍ଷା ହୋଇଥାଏ। ଜୁନ୍‌ରେ ବର୍ଷା ପରିମାଣ ସେତେଟା ବଢ଼ି ନ ଥାଏ। ଜୁଲାଇ ମଧ୍ୟଭାଗ କିମ୍ବା ଅଗଷ୍ଟରେ ଭଲ ବର୍ଷା ହୋଇଥାଏ। ପାଣିପାଗ ବିଭାଗର ଏହି ପୂର୍ବାନୁମାନ ଚାଷୀଙ୍କ ମନରେ ଉତ୍ସାହ ଆଣି ଦେବ। ଚାଷ କାମ ପାଇଁ ପାଗ ଅନୁକୂଳ ଥିବାରୁ ରାଜ୍ୟରେ ଶସ୍ୟ ଉତ୍ପାଦନ ବଢ଼ିବ ବୋଲି ଅନୁମାନ କରାଯାଉଛି। ଗତ ବର୍ଷ ମଧ୍ୟ ମୌସୁମୀ ବର୍ଷା ସ୍ୱାଭାବିକ ରହିଥିଲା। ☞ପୃଷ୍ଠା-୪

# ରାଜଧାନୀ ଦାୟିତ୍ୱରେ ୬ ଆଇଏଏସ୍ ଅଧିକାରୀ




- ନମୁନା ସଂଗ୍ରହ, କଣ୍ଟାକ୍ଟ ଟ୍ରେସିଂ, ସର୍ଭେ କରିବେ
- ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଉପରେ ଦେବେ ଦୃଷ୍ଟି

**ଭୁବନେଶ୍ୱର, ୧୫।୪(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱର ମହାମାରୀ କରୋନାର ପେଣ୍ଠସ୍ଥଳ ହୋଇସାରିଛି। ରାଜ୍ୟରୁ ଚିହ୍ନଟ ହୋଇଥିବା ୬୦କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଭୁବନେଶ୍ୱରର କେବଳ ୪୬ଜଣ ରହିଛନ୍ତି। ପ୍ରତିଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ୬ଜଣ ବରିଷ୍ଠ ଆଇଏଏସ୍‌ଙ୍କ ଉପରେ ରାଜଧାନୀର ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁସାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୩ଟି ଜୋନ୍‌ରେ ୨ଜଣ ଲେଖାଏ ୬ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅଧିକାରୀମାନେ ବିଏମ୍‌ସି ଅଞ୍ଚଳରେ ସଂକ୍ରମଣ ରୋକିବା ନେଇ କାର୍ଯ୍ୟ କରିବେ। ବରିଷ୍ଠ ଆଇଏଏସ୍ ଅଧିକାରୀ ରଞ୍ଜନ ଚୋପ୍ରା ଓ ବିଷ୍ଣୁପଦ ସେଠୀଙ୍କୁ ଉତ୍ତର ଜୋନ୍, ଏସ୍. କେ୍ ଲୋହାନୀ ଓ ଶାଶ୍ୱତ ମିଶ୍ରଙ୍କୁ ଦକ୍ଷିଣପୂର୍ବ ଜୋନ୍, ଅଶୋକ ମୀନା ଓ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଦକ୍ଷିଣ ପଶ୍ଚିମ ଜୋନର ଦାୟିତ୍ୱ ଦିଆଯାଇଛି। ଉପରୋକ୍ତ ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳରେ କଣ୍ଟାକ୍ଟ ଟ୍ରେସିଂ ସହ ଘରକୁ ଘର ବୁଲି ସର୍ଭିଲାନ୍ସ ଟିମ୍ କରୁଥିବା ସର୍ଭେ କାର୍ଯ୍ୟର ତଦାରଖ କରିବେ। ଏହାସହ କଣ୍ଟେନମେଣ୍ଟ ଜୋନରେ ଥିବା ଲୋକଙ୍କ ପାଖରେ କିଭଳି ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚିବ ତା’ ଉପରେ ଗୁରୁତ୍ୱ ଦେବେ। ସେହିପରି କରୋନା ସଂକ୍ରମଣ ଯେଭଳି ନ ବ୍ୟାପେ ସେଥିପ୍ରତି ଅଧିକାରୀମାନେ ଗୁରୁତ୍ୱ ଦେବେ। କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରାଇବା ସହ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ନମୁନା ପରୀକ୍ଷାକୁ ତ୍ୱରାନ୍ୱିତ କରାଇବେ। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିୟମିତ ସେମାନଙ୍କ ପରାମର୍ଶ ନେବା ସହ କରୋନା ମୁକାବିଲା କରିବା ପାଇଁ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

# ବିଶ୍ୱକୁ ବାଟ ବତାଉଛନ୍ତି ଏମାନେ

*ଆଇସଲାଣ୍ଡରୁ ତାଇୱାନ ଓ ଜର୍ମାନୀରୁ ନ୍ୟୁଜିଲାଣ୍ଡ ପର୍ଯ୍ୟନ୍ତ ମହିଳାମାନେ ବିଶ୍ୱକୁ ମହାମାରୀ କରୋନାରୁ ମୁକ୍ତିର ବାଟ ବତାଉଛନ୍ତି। ଫିନ୍‌ଲାଣ୍ଡ, ଆଇସ୍‌ଲାଣ୍ଡ ଓ ଡେନ୍‌ମାର୍କ ସବୁଠି ଏହି ଘାତକ ଭୂତାଣୁ ଗୋଟିଏ ବିଷୟ ସାମ୍ନାକୁ ଆଣିଛି ଯେ ମହିଳାମାନେ ହିଁ ସେମାନଙ୍କ ପରାକାଷ୍ଠା ଦେଖାଇ ପାରିଛନ୍ତି। ଅନେକେ କହିପାରନ୍ତି ଯେ, ଏଗୁଡ଼ିକ ଛୋଟ ଦେଶ ବା ଦ୍ୱୀପ କିମ୍ବା ଅନ୍ୟ କିଛି ବ୍ୟତିକ୍ରମ। କିନ୍ତୁ ଜର୍ମାନୀ ହେଉଛି ଏହି କ୍ଷେତ୍ରରେ ନେତୃତ୍ୱ ନେଉଥିବା ଏକ ବଡ଼ ଦେଶ, ଯାହା ଭିନ୍ନ ପରିଣାମ ନେଇ ଆସିଛି। ଏହି ନାରୀନେତ୍ରୀମାନେ ଆମକୁ ଏକ ଶକ୍ତି ପ୍ରଦାନକାରୀ ଆକର୍ଷଣୀୟ ବିକଳ୍ପର ଉପାୟ ବତାଉଛନ୍ତି। ଆସନ୍ତୁ ଜାଣିବା ସେମାନେ ଆମକୁ କି ଶିକ୍ଷା ଦେଉଛନ୍ତି...*

## କରୋନାକୁ କାବୁ କରିଛନ୍ତି ଏହି ଦେଶଗୁଡ଼ିକର ମହିଳା ନେତ୍ରୀ




| ଦେଶ | ନେତା | ମୃତ୍ୟୁସଂଖ୍ୟା |
|---|---|---|
| ଡେନ୍‌ମାର୍କ | ମେଟେ ଫେଡେରିକ୍‌ସେନ | ୨୬୦ |
| ଆଇସ୍‌ଲାଣ୍ଡ | କେଟରିନ୍ ଜାକବ୍ସଡୋଟିର୍ | ୮ |
| ଫିନ୍‌ଲାଣ୍ଡ | ସନ୍ନା ମାରିନ | ୪୯ |
| ଜର୍ମାନୀ | ଆଞ୍ଜେଲା ମର୍କେଲ | ୨,୬୭୩ |
| ନ୍ୟୁଜିଲାଣ୍ଡ | ଜାକିଣ୍ଡା ଆର୍ଡର୍ନ | ୪ |
| ନରୱେ | ଏମା ସୋଲବର୍ଗ | ୯୮ |
| ତାଇୱାନ | ସାଇ ଇଙ୍ଗ୍-ୱେନ୍ | ୬ |

* ମହିଳାଙ୍କ ନେତୃତ୍ୱାଧୀନ ଦେଶ ଓ କରୋନା ଭାଇରସ୍ ମୃତ୍ୟୁ ହାର
* ୟୁରୋପିଆନ୍ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲରୁ ଏପ୍ରିଲ ୧୨ ସୁଦ୍ଧା ମିଳିଥିବା ତଥ୍ୟ

**ସତ:**
ଜର୍ମାନୀ ଚାନ୍‌ସେଲର ଆଞ୍ଜେଲା ମର୍କେଲ ଆଗୁଆ ଛିଡ଼ାହୋଇ ଶାନ୍ତଭାବେ ଦେଶବାସୀଙ୍କୁ କହିଥିଲେ ଯେ, ଏହା ଏକ ମାରାତ୍ମକ କୀଟ। ଏହି ଭୂତାଣୁ ଦେଶର ୭୦% ଜନସଂଖ୍ୟାକୁ ସଂକ୍ରମିତ କରିବ। ତେଣୁ ଏହାକୁ ଗମ୍ଭୀରତାର ସହ ନିଅ। ଦେଶବାସୀ ତାଙ୍କ ପରାମର୍ଶକୁ ମାନି କରୋନା ଭାଇରସ୍‌କୁ ହାଲୁକା ଭାବେ ଗ୍ରହଣ କରି ନ ଥିଲେ। ଦେଶରେ ସଂକ୍ରମଣ ଆରମ୍ଭ ହେବା ମାତ୍ରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଫଳରେ ପଡ଼ୋଶୀ ୟୁରୋପୀୟ ଦେଶଗୁଡ଼ିକ ତୁଳନାରେ ଜର୍ମାନୀକୁ ବେଶି କ୍ଷତି ସହିବାକୁ ପଡ଼ିଲା ନାହିଁ।

**ଦୃଢ଼ତା:**
କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ପ୍ରଥମ ପଦକ୍ଷେପ ନେଇଥିଲେ ତାଇୱାନ ପ୍ରଧାନମନ୍ତ୍ରୀ ସାଇ ଇଙ୍ଗ୍-ୱେନ୍। ଗତ ଜାନୁୟାରୀରେ ପ୍ରଥମଥର ଲାଗି ଦେଶରେ ଏକ ନୂଆ ରୋଗ ଦେଖିବାକୁ ମିଳିଥିଲା। ସଂକ୍ରମଣର ମୁକାବିଲା ପାଇଁ ସେ ଅନ୍ୟ ଦେଶଗୁଡ଼ିକ ଭଳି ଲକ୍‌ଡାଉନ୍ ନ କରି ୧୨୪ଟି ପଦକ୍ଷେପ ନେଇଥିଲେ। ଇଙ୍ଗ୍-ୱେନ୍ ବର୍ତ୍ତମାନ ଆମେରିକା ଓ ୟୁରୋପକୁ ୧ କୋଟି ଫେସ୍ ମାସ୍କ ପଠାଉଛନ୍ତି। ଏହାକୁ ଅନ୍ତର୍ଜାତୀୟ ଗଣମାଧ୍ୟମ 'ବିଶ୍ୱର ସର୍ବୋତ୍ତମ ଉପଚାର ମଧ୍ୟରୁ ଅନ୍ୟତମ' ଭାବେ ଅଭିହିତ କରିଛି। ତାଇୱାନରେ କରୋନା ସଂକ୍ରମଣଜନିତ ମୃତ୍ୟୁ ମାତ୍ର ୬ରେ ସୀମିତ ରହିଛି।

ସେହିପରି ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜାକିଣ୍ଡା ଆର୍ଡର୍ନ ମଧ୍ୟ ବେଳ ଥାଉ ଥାଉ ବନ୍ଧ ବାନ୍ଧିଥିବାରୁ ସେଠାରେ ମୃତ୍ୟୁସଂଖ୍ୟା ୪ରୁ ଉପରକୁ ଉଠିପାରି ନାହିଁ। ଦେଶରେ ଲକ୍‌ଡାଉନ୍ ଘୋଷଣା ଓ ସର୍ବାଧିକ ସତର୍କତା ଜାରି କରାଯାଇଥିବାରୁ ସଂକ୍ରମଣ ପୂରା ନିୟନ୍ତ୍ରଣରେ ରହିଛି। ନ୍ୟୁଜିଲାଣ୍ଡରେ ସଂକ୍ରମିତଙ୍କ ସଂଖ୍ୟା ୬ରେ ସୀମିତ ଥିବାବେଳେ ଦେଶକୁ ପ୍ରବେଶ କରୁଥିବା ଲୋକଙ୍କୁ ଜାକିଣ୍ଡା ଆଗୁଆ ସଙ୍ଗରୋଧରେ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ବିଦେଶୀମାନଙ୍କ ପ୍ରବେଶ ଉପରେ ସମ୍ପୂର୍ଣ୍ଣ ଭାବେ କଟକଣା ଜାରି କରିଥିଲେ। ତାଙ୍କ ଦୃଢ଼ତା ଓ ସ୍ୱଚ୍ଛତା ଏହି ଝଡ଼ରୁ ନ୍ୟୁଜିଲାଣ୍ଡବାସୀଙ୍କୁ ରକ୍ଷା କରିବାରେ ସହାୟକ ହୋଇଛି।

**ଟେକ୍ନୋଲୋଜି:**
ପ୍ରଧାନମନ୍ତ୍ରୀ କେଟରିନ୍ ଜାକବ୍ସଡୋଟିର୍‌ଙ୍କ ନେତୃତ୍ୱରେ ଆଇସ୍‌ଲାଣ୍ଡର ସମସ୍ତ ନାଗରିକଙ୍କ କରୋନା ଟେଷ୍ଟ ମାଗଣାରେ କରାଯାଉଛି। କୋଭିଡ୍-୧୯ ସଂକ୍ରମଣ ଓ ତତ୍‌ଜନିତ ମୃତ୍ୟୁ ହାରକୁ ନେଇ ଏହା ଏକ ଗୁରୁତ୍ୱପୂର୍ଣ୍ଣ କେସ୍ ଷ୍ଟଡି ହେବ। ଦକ୍ଷିଣ କୋରିଆରେ ଯେତିକି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ଟେକ୍ନୋଲୋଜି ସହାୟତାରେ ତା'ର ୫ ଗୁଣା ଟେଷ୍ଟ ଆଇସ୍‌ଲାଣ୍ଡରେ କରାଯାଇଛି। ଏଠାରେ ଏକ ଟ୍ରାକିଂ ସିଷ୍ଟମ୍ ଜରିଆରେ ସଂକ୍ରମଣକୁ ରୋକାଯାଉଥିବାରୁ ଲକ୍‌ଡାଉନ୍ କିମ୍ବା ସ୍କୁଲ ବନ୍ଦ କରିବାକୁ ପଡ଼ିନାହିଁ।

ଅନୁରୂପ ଭାବେ ଗତ ଡିସେମ୍ବରରେ ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବା ସାନ୍ନା ମାରିନ୍ ହେଉଛନ୍ତି ଏହି ପଦବୀରେ ଅବସ୍ଥାପିତ ଦେଶର ସର୍ବକନିଷ୍ଠ ନେତ୍ରୀ। କରୋନା ସଙ୍କଟ ବେଳେ ଲଢ଼େଇ ଲାଗି ସୋସିଆଲ ମିଡିଆରେ ପ୍ରଭାବ ସୃଷ୍ଟିକାରୀଙ୍କୁ ମୁଖ୍ୟ ଏଜେଣ୍ଟ ଭାବେ ବ୍ୟବହାର କରି ସେ ସହସ୍ରାବ୍ଦୀର ନେତ୍ରୀ ଭାବେ ଉଭା ହୋଇଛନ୍ତି।

**ପ୍ରେମ:**
ନରୱେ ପ୍ରଧାନମନ୍ତ୍ରୀ ଏର୍ନା ସୋଲ୍‌ବର୍ଗ ଟେଲିଭିଜନ ଜରିଆରେ ଦେଶର ପିଲାମାନଙ୍କ ସହ ପ୍ରତ୍ୟକ୍ଷ ଭାବେ କଥା ହେବା ପାଇଁ ଅଭିନବ ଉପାୟ ଆପଣାଇଛନ୍ତି। ତାଙ୍କ ଖବରଦାତା ସମ୍ମିଳନୀକୁ କୌଣସି ବୟସ୍କ ବ୍ୟକ୍ତିକୁ ଯିବାକୁ ଅନୁମତି ମିଳୁନାହିଁ। କରୋନା ଭାଇରସ୍‌ର ନିରାକରଣ ସମ୍ପର୍କିତ ପିଲାମାନଙ୍କ ପ୍ରଶ୍ନର ଉତ୍ତର ସେ ଦେଉଛନ୍ତି। ଏହା ଟିଭିରେ ପ୍ରସାରିତ ହେବା ପରେ ଦେଶବାସୀ ଅଧିକ ସଚେତନ ହେଉଛନ୍ତି।

ସାଧାରଣତଃ ଉପରୋକ୍ତ ମହିଳା ନେତ୍ରୀମାନଙ୍କ ସହାନୁଭୂତି ଓ ଯତ୍ନ ଏକ ବିକଳ୍ପ ବିଶ୍ୱରୁ ଆସିଥିବା ଭଳି ମନେହେଉଛି। ସତେ ଯେମିତି ଏହି ନେତ୍ରୀମାନଙ୍କ ବାହୁ ଦେଶବାସୀଙ୍କୁ ଖୁବ୍ ନିକଟରୁ ସହୃଦୟେ ଆଲିଙ୍ଗନ କରିବା ଲାଗି ସେମାନଙ୍କ ଭିତରୁ ବାହାରି ଆସୁଛି। ଏବେ କରୋନା ସଙ୍କଟର ମୁକାବିଲା ପାଇଁ ଏହି ନେତ୍ରୀମାନଙ୍କୁ ଟ୍ରମ୍ପ, ବୋଲସୋନାରୋ, ଓବ୍ରାଡୋର, ମୋଦି, ଡୁଆର୍ଟେ, ଓର୍ବାନ, ପୁଟିନ ଓ ନେତନ୍ୟାହୁଙ୍କ ଭଳି ନେତାମାନଙ୍କ ସହ ତୁଳନା କଲେ ବାସ୍ତବ ଚିତ୍ର ସାମ୍ନାକୁ ଆସୁଛି।

## ମୁଣ୍ଡାକାଶରେ ଘୋଟିଛି ଅନିଶ୍ଚିତତାର ଘନ ଅନ୍ଧକାର


ମହାରାଷ୍ଟ୍ରର ଠାଣେସ୍ଥିତ ଏକ ଷ୍ଟାଡିୟମ୍‌ରେ କରାଯାଇଥିବା ଅସ୍ଥାୟୀ ଶିବିରରେ ଆଶ୍ରୟ ନେଇଛନ୍ତି ଦାଦନ ଶ୍ରମିକ ଓ ବାସହୀନ ଲୋକେ।

## ଗରିବ ଦେଶରୁ ବନ୍ଦ ରହିବ ଋଣ ଆଦାୟ

**ଜି-୨୦ ବୈଠକରେ ନିଷ୍ପତ୍ତି**

ଜୋହାନ୍ସବର୍ଗ,୧୫।୪: କରୋନା ଯୋଗୁ ସାରା ବିଶ୍ୱ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଗରିବ ଦେଶଗୁଡ଼ିକ ନେଇଥିବା ଋଣ ପରିଶୋଧ ପାଇଁ ଅଧିକ ସମୟ ଦେବାକୁ ଜି-୨୦ ରାଷ୍ଟ୍ରଗୋଷ୍ଠୀର ଅର୍ଥମନ୍ତ୍ରୀମାନଙ୍କ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଛି। ଅର୍ଥମନ୍ତ୍ରୀମାନଙ୍କ ଭିଡିଓ କନ୍‌ଫରେନ୍ସ ପରେ ଋଣ ଆଦାୟ ସ୍ଥଗିତ ରଖିବାକୁ ଘୋଷଣା କରାଯାଇଛି। ଫଳରେ ଗରିବ ଦେଶଗୁଡ଼ିକ ଏହି ଅର୍ଥକୁ ସ୍ୱାସ୍ଥ୍ୟସେବା ଓ ସହାୟତା ଯୋଗାଇବାରେ ବିନିଯୋଗ କରିପାରିବେ। ୭୬ଟି ରାଷ୍ଟ୍ର ଏଥିରୁ ଉପକୃତ ହେବେ ବୋଲି ଫ୍ରାନ୍ସ ଅର୍ଥମନ୍ତ୍ରୀ ବ୍ରୁନୋ ଲେ ମାଇରେ କହିଛନ୍ତି।

## ଚାଇନାରେ ଆଫ୍ରିକୀୟଙ୍କୁ ଦୁର୍ବ୍ୟବହାର

ବେଜିଂ,୧୫।୪: କରୋନା ଭାଇରସ୍ ଆତଙ୍କ ମଧ୍ୟରେ ଚାଇନାରେ ଆଫ୍ରିକୀୟଙ୍କୁ ନିର୍ଯାତନା ଦିଆଯିବା ଘଟଣାରୁ କୂଟନୈତିକ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଦକ୍ଷିଣ ଚାଇନାର ଗୁଆଙ୍ଗଝୋଉରେ ଥିବା ଆଫ୍ରିକୀୟ ପ୍ରବାସୀ ଓ ଛାତ୍ରୀଛାତ୍ରଙ୍କୁ ଜୋର୍‌ଜବରଦସ୍ତ କରୋନା ଭାଇରସ୍ ପରୀକ୍ଷା କରାଯିବା ସହ ୧୪ ଦିନ ଲାଗି କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ଅନେକ ଆଫ୍ରିକୀୟ ଘରଦ୍ୱାର ଛାଡ଼ି ଭୟରେ ପଳାଇଥିଲେ। ଅନେକଙ୍କୁ ଘରମାଲିକ ମଧ୍ୟ ତଡ଼ିଦେଇଥିଲା। ଏଭଳି ଘଟଣା ଜଣାପଡ଼ିବା ପରେ ଆଫ୍ରିକୀୟ ଦେଶରେ ଉତ୍ତେଜନା ପ୍ରକାଶ ପାଇଛି। ଚାଇନାରେ ଆଫ୍ରିକୀୟଙ୍କୁ ପୋଲିସର ଦୁର୍ବ୍ୟବହାର ସହ ତାଲାବନ୍ଦ କରାଯିବା ଘଟଣା ପଦାକୁ ଆସିବା ପରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି।

ଶନିବାରେ କେନିଆର ସର୍ବବୃହତ ଖବରକାଗଜ ଏଭଳି ଖବରକୁ ପ୍ରମୁଖତା ଦେଇ ପ୍ରଥମ ପୃଷ୍ଠାରେ ଛାପିବା ପରେ ଚାଇନାର ସବୁ ସତ ପଦାକୁ ଆସିଛି। କେନିଆର ଜଣେ ରାଜନେତା ଦେଶରୁ ସମସ୍ତ ଚାଇନା ନାଗରିକଙ୍କୁ ତଡ଼ ବୋଲି ମନ୍ତବ୍ୟ ଦେଇଛନ୍ତି। ଏହା ପରେ ଉଗାଣ୍ଡା, ଦକ୍ଷିଣ ଆଫ୍ରିକା, ନାଇଜେରିଆ ପକ୍ଷରୁ ଏଭଳି ଖବର ପ୍ରକାଶ କରାଯାଇ ଚାଇନାକୁ ନିନ୍ଦା କରାଯାଇଛି। ତେବେ ଚାଇନାର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଝାଓ ଲିଜିଆନ୍ ଏଭଳି ଖବରକୁ ଖଣ୍ଡନ କରିଛନ୍ତି।



## ଡବ୍ଲ୍ୟୁଏଚ୍‌ଓକୁ ସହାୟତା ବନ୍ଦ କଲେ ଟ୍ରମ୍ପ୍



**ବିଶ୍ୱବ୍ୟାପୀ ନିନ୍ଦା**

ୱାଶିଂଟନ,୧୫।୪(ପି.ଟି.): କୋଭିଡ୍ ଭୂତାଣୁ ସାରା ବିଶ୍ୱକୁ ବ୍ୟାପିଥିବାବେଳେ ଏଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)କୁ ଦାୟୀ କରିଛି ଆମେରିକା। ଚାଇନାରେ ଏହି ଭୂତାଣୁ ସଂକ୍ରମଣ ସମ୍ପର୍କରେ ଜାଣି ମଧ୍ୟ ଡବ୍ଲ୍ୟୁଏଚ୍‌ଓ ଏହାକୁ ଲୋକଲୋଚନକୁ ଆଣିବାରେ ବିଳମ୍ବ କରିଥିଲା। ଏହି ସଂସ୍ଥାର ଗୁରୁତର ପରିଚାଳନାଗତ ତ୍ରୁଟି ପାଇଁ କରୋନା ବିଶ୍ୱ ମହାମାରୀର ରୂପ ନେଲା ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିବା ସହ ସହାୟତା ପାଣ୍ଠି ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକା ପ୍ରତିବର୍ଷ ଡବ୍ଲ୍ୟୁଏଚ୍‌ଓକୁ ୫୦୦ ନିୟୁତ ଡଲାର ସହାୟତା ଯୋଗାଇଆସୁଥିଲା। ଚାଇନାର ଉହାନ ସହରରେ ପ୍ରଥମେ ନଭେମ୍ବର ମାସରେ କରୋନା ଭୂତାଣୁ ସଂକ୍ରମଣ ଆରମ୍ଭ ହୋଇଥିଲା। ଡବ୍ଲ୍ୟୁଏଚ୍‌ଓ ଚାଇନା ପକ୍ଷ ନେଇ ସଂକ୍ରମଣ ସମ୍ପର୍କରେ ଜାନୁୟାରୀରେ ଘୋଷଣା କରିଥିଲା ବୋଲି ଟ୍ରମ୍ପ ଓ ତାଙ୍କର ବରିଷ୍ଠ ଅଧିକାରୀମାନେ ଅଭିଯୋଗ କରିଆସୁଛନ୍ତି। ଏଥିପାଇଁ ବିଶ୍ୱର ସର୍ବବୃହତ ଅର୍ଥବ୍ୟବସ୍ଥା ଆମେରିକା ଏବେ ଅଚଳ ହୋଇପଡ଼ିଛି। ଏଠାରେ ୧,୧୯,୦୦୦ ଲୋକ କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବାବେଳେ ୨୫,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି।

ଡବ୍ଲ୍ୟୁଏଚ୍‌ଓକୁ ପାଣ୍ଠି ବନ୍ଦ କରିବା ଲାଗି ଟ୍ରମ୍ପଙ୍କ ନିଷ୍ପତ୍ତିକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସମାଲୋଚନା କରିଛନ୍ତି। ଏବେ ପାଣ୍ଠି ବନ୍ଦ କରିବା ସମୟ ନୁହେଁ ବୋଲି ସେ କହିଛନ୍ତି। କରୋନା ମହାମାରୀର ମୁକାବିଲା ଲାଗି ସାରା ବିଶ୍ୱ ଏକାଠି ହୋଇଥିବା ବେଳେ ଟ୍ରମ୍ପ ଡବ୍ଲ୍ୟୁଏଚ୍‌ଓକୁ ପାଣ୍ଠି ବନ୍ଦ କରିଦେବା ଦୁର୍ଭାଗ୍ୟଜନକ ବୋଲି ବିଶ୍ୱ ନେତାମାନେ କହିଛନ୍ତି। ନିଷ୍ପତ୍ତିକୁ ନେଇ ୟୁରୋପୀୟ ସଂଘ (ଇୟୁ) ମର୍ମାହତ ବୋଲି ଏହାର ବୈଦେଶିକ ନୀତି ମୁଖ୍ୟ ଜୋସେପ୍ ବୋରେଲ କହିଛନ୍ତି। ସେହିପରି ଚାଇନା, ଜର୍ମାନୀ ଆଦି ଦେଶ ଟ୍ରମ୍ପଙ୍କ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି।

## ନେପାଳ ସୀମାରେ ସଂକ୍ରମଣ ବଢ଼ାଇପାରେ ପାକ୍

ଭାରତ-ନେପାଳରେ ସୀମାରେ କରୋନା ଭୂତାଣୁ ସଂକ୍ରମଣ ବଢ଼ାଇବା ଲାଗି ପାକିସ୍ତାନ ଷଡ଼ଯନ୍ତ୍ର କରିପାରେ ବୋଲି ଭାଜପା ଏମ୍‌ପି ବିଜୟ ଦୁବେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହି କୁଶିନଗର ଏମ୍‌ପିଙ୍କ କହିବା ଅନୁଯାୟୀ, ନେପାଳ ସୀମା ତାଙ୍କ ଜିଲାକୁ ଲାଗି ରହିଛି। ଏଠାକୁ ହରିହରପୁର, ନାରାୟଣପୁର, ମରିଚାୱା ଆଦି ଗ୍ରାମରୁ ଏଠାକୁ ଲୋକଙ୍କର ଯିବାଆସିବା ଲାଗି ରହିଛି। ସୁସ୍ତ ଓ ପାର୍ସା ଜଙ୍ଗଲ ଓ ନେପାଳର କେତେକ ଗ୍ରାମ ଏହାକୁ ଲାଗି ରହିଛି। ପାର୍ସାର ମୌଲବୀମାନଙ୍କ ସହଯୋଗରେ ପାକିସ୍ତାନ ସେଠାରେ କରୋନା ସଂକ୍ରମଣ କରାଇବାକୁ ଯୋଜନା କରୁଛି। ଏନେଇ ଗୋଇନ୍ଦା ରିପୋର୍ଟ ମିଳିଛି ଓ ସେ ଜିଲା ଅଧିକାରୀମାନଙ୍କୁ ସତର୍କ କରାଇଦେଇଥିବା କହିଛନ୍ତି। ଉପରୋକ୍ତ ଗ୍ରାମ ଦେଇ ଭାରତୀୟ ଅଞ୍ଚଳକୁ ଆସୁଥିବା ଲୋକେ କରୋନା ସଂକ୍ରମଣ କରାଇପାରନ୍ତି ବୋଲି ସେ ଆଶଙ୍କା କରିଛନ୍ତି। ଉତ୍ତରପ୍ରଦେଶ ପୋଲିସ ଅନ୍ତର୍ଜାତୀୟ ସୀମାକୁ ସିଲ୍ କରିଥିଲେ ହେଁ ସେ ଜିଲାପାଳ ଓ ଏସ୍‌ପିଙ୍କୁ ସତର୍କ କରାଇଛନ୍ତି। ରବିବାର ଉକ୍ତ ଅଞ୍ଚଳରୁ ଜଣେ ନେପାଳ ନାଗରିକଙ୍କୁ ଧରାଯାଇଛି। ଜିଲା ସୀମା ସିଲ୍ କରାଯିବା ସହ ବାହାର ଲୋକଙ୍କ ଯାତାୟାତ ଉପରେ ପୋଲିସ କଡ଼ା ନଜର ରଖିଥିବା କୁଶିନଗର ଏସ୍‌ପି ବିନୋଦ କୁମାର ମିଶ୍ରା କହିଛନ୍ତି।

## ୨୦ ପରେ କ'ଣ କରିବାକୁ ମିଳିବ ଅନୁମତି

**ନୂଆଦିଲ୍ଲୀ,୧୫।୪:** ଲକ୍‌ଡାଉନ ସତ୍ତ୍ୱେ ନିର୍ଦ୍ଦିଷ୍ଟ ଅଞ୍ଚଳରେ କୃଷକ ଓ ଦିନ ମଜୁରିଆମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପ୍ରିଲ ୨୦ ପରେ କେଉଁସବୁ କାର୍ଯ୍ୟ କରିବାକୁ ଅନୁମତି ମିଳିବ ଓ କ'ଣ କରିବାକୁ ବାରଣ କରାଯାଇଛି, ତା'ର ଏକ ତାଲିକା କେନ୍ଦ୍ର ସରକାର ବୁଧବାର ଜାରି କରିଛନ୍ତି। କୋଭିଡ୍-୧୯ ହଟ୍‌ସ୍ପଟ ହୋଇ ନ ଥିବା କିମ୍ବା ସେଭଳି ହେବାର ସମ୍ଭାବନା ନ ଥିବା ଅଞ୍ଚଳରେ ଏପ୍ରିଲ ୨୦ରୁ ସମସ୍ତ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ, ସର୍ବାଧିକ ସାମର୍ଥ୍ୟ ସହ ଗ୍ରାମୀଣ ଅର୍ଥନୈତିକ କାର୍ଯ୍ୟକୁ ଅନୁମତି ମିଳିବ। ଦିନ ମଜୁରିଆ ଓ ଅନ୍ୟ ଶ୍ରମିକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି, ନିର୍ଦ୍ଦିଷ୍ଟ ଶିଳ୍ପଭିତ୍ତିକ କାର୍ଯ୍ୟ କରାଯାଇପାରିବ। ୨୦ରେ ଅନୁମତି ମିଳିବାକୁ ଥିବା କାର୍ଯ୍ୟ ମଧ୍ୟରେ ରହିଛି:



**ମାଲ୍ ପରିବହନ:** ମାଲ୍‌ବାହୀ ଗାଡ଼ି, ପରିବହନକାରୀ ଟ୍ରେନ, ପାର୍ସଲ ଟ୍ରେନ୍, କାର୍ଗୋ ବିମାନ, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଚାଲୁ ରହିବ। ପରିବହନ ପାଇଁ ବନ୍ଦର ଓ ଅନ୍ତର୍ଦେଶୀୟ କଣ୍ଟେନର ଡିପୋ ଖୋଲା ରହିବ। ସେହିପରି ପେଟ୍ରୋଲିୟମ ଉତ୍ପାଦ, ଖାଦ୍ୟ ସାମଗ୍ରୀ, ମେଡିକାଲ ଯୋଗାଣ ଆଦି ଅତ୍ୟାବଶ୍ୟକ ସାମଗ୍ରୀର ସୀମାପାର୍ ପରିବହନ ପାଇଁ ଲ୍ୟାଣ୍ଡ ପୋର୍ଟଗୁଡ଼ିକ କାର୍ଯ୍ୟ କରିବ। ସମସ୍ତ ଟ୍ରକ୍ ଓ ଅନ୍ୟ ମାଲ୍ ପରିବହନ ଯାନ ଚଳାଚଳ ସହିତ ଏଥିରେ ୨ ଜଣ ଡ୍ରାଇଭର ଓ ଜଣେ ହେଲ୍‌ପରଙ୍କୁ ବୈଧ ଲାଇସେନ୍ସ ସହ ଯିବା ପାଇଁ ଅନୁମତି ମିଳିବ। ସେହିପରି ରାଜପଥ ପାର୍ଶ୍ୱ ଢ଼ାବା ଓ ଗାଡ଼ି ମରାମତି ଦୋକାନ ଖୋଲା ରହିବ। ରେଲୱେ, ବିମାନ ବନ୍ଦର, ବନ୍ଦର, ଜାହାଜ ଇତ୍ୟାଦିରେ କାର୍ଯ୍ୟ କରିବା ଲାଗି କର୍ମଚାରୀ ଓ ଚୁକ୍ତିଭିତ୍ତିକ ଶ୍ରମିକଙ୍କ ଯାତାୟାତକୁ ଅନୁମତି ମିଳିବ।

**କୃଷି କାର୍ଯ୍ୟ:** କୃଷକ ଓ କୃଷି ଶ୍ରମିକଙ୍କୁ ଜମିରେ କାର୍ଯ୍ୟ କରିବା ଲାଗି ଅନୁମତି ମିଳିଛି। କୃଷି ଉତ୍ପାଦନ ସଂଗ୍ରହ କରୁଥିବା ସଂସ୍ଥା, ମଣ୍ଡି ଆଦି ଖୋଲା ରହିବ। କୃଷକମାନଙ୍କଠାରୁ ସିଧାସଳଖ ଦ୍ରବ୍ୟ କିଣୁଥିବା ସରକାରୀ ସଂସ୍ଥା କିମ୍ବା ଶିଳ୍ପ, ଏଫ୍‌ପିଓର ସମବାୟ ସଂସ୍ଥା ଖୋଲିବ। କୃଷି ସରଞ୍ଜାମ ଓ ଏହାର ଯନ୍ତ୍ରାଂଶ ବିକୁଥିବା ଓ ମରାମତି କରୁଥିବା ଦୋକାନ, କୃଷି ଉପକରଣ ଭଡ଼ାରେ ଯୋଗାଉଥିବା କେନ୍ଦ୍ର, ସାର, କୀଟନାଶକ, ବିହନ ଉତ୍ପାଦନ, ବିପଣନ ଓ ଖୁଚୁରା ବିକ୍ରି କରୁଥିବା ସଂସ୍ଥା ଖୋଲାରହିବ।

**ମତ୍ସ୍ୟଚାଷ:** ସମୁଦ୍ର, ନଦୀ ଇତ୍ୟାଦିରୁ ମାଛ ଧରିବା ଓ ବିକ୍ରି କରିବାକୁ ଅନୁମତି ମିଳିଛି। ଏଥିସହିତ ସମ୍ପୃକ୍ତ ବ୍ୟବସାୟ ଯଥା ମାଛଚାଷ ପାଇଁ ଖାଦ୍ୟ ପ୍ରସ୍ତୁତି, ପ୍ରକ୍ରିୟାକରଣ, ପ୍ୟାକେଜିଂ, ଶୀତଳଭଣ୍ଡାର ଆଦି ଖୋଲିବ। **ବନୀକରଣ:** ସର୍ବାଧିକ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚା, କଫି ଓ ରବର ଚାରାରୋପଣକୁ ଅନୁମତି ମିଳିଛି। ଏଥିସହିତ ଚା, କଫି, ରବର, କାଜୁ, ପ୍ରୋସେସିଂ, ପ୍ୟାକେଜିଂ, ବିକ୍ରି କରାଯାଇପାରିବ।

**ପଶୁପାଳନ:** ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ସଂଗ୍ରହ, ପ୍ରକ୍ରିୟାକରଣ, ଆବଣ୍ଟନ, ବିକ୍ରି, ପରିବହନ ଆଦିକୁ ଅନୁମତି। ଗୋଶାଳା ଓ କୁକୁଡ଼ା ପାଳନ ଫାର୍ମ ଓ ହାଚେରି ସହ ସମ୍ପୃକ୍ତ କାର୍ଯ୍ୟ, ପଶୁ ଖାଦ୍ୟ ଉତ୍ପାଦନ, କଞ୍ଚାମାଲ ଯୋଗାଣ ଆଦି ଚାଲିବ।

**ବ୍ୟବସାୟିକ ଓ ଘରୋଇ ସଂସ୍ଥା:** ଛାପା ଓ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ, ଡିଟିଏଚ୍ ଓ କେବୁଲ ସେବା ଖୋଲା ରହିବ। ୫୦ ପ୍ରତିଶତ କର୍ମଚାରୀରେ ଆଇଟି ତଥା ଆଇଟି ଭିତ୍ତିକ ସେବା ସଂସ୍ଥା, ସରକାରୀ କାର୍ଯ୍ୟ କରୁଥିବା ଡାଟା ଓ କଲ୍ ସେଣ୍ଟର, ଗ୍ରାମପଞ୍ଚାୟତ ସ୍ତରରେ ସରକାରୀ ସ୍ୱୀକୃତିପ୍ରାପ୍ତ କମନ ସର୍ଭିସ ସେଣ୍ଟର, ଇ-କମର୍ସ କମ୍ପାନୀ ଆଦିକୁ କାର୍ଯ୍ୟ କରିବା ଲାଗି ଅନୁମତି ମିଳିବ। ସେହିପରି କୋରିୟର ସେବା, ଶୀତଳଭଣ୍ଡାର, ୱେରହାଉସିଂ ସେବା, ଲଜିଷ୍ଟିକ୍ ଚେନ୍, ଘରୋଇ ସୁରକ୍ଷା ସେବା ଆଦି ଚାଲୁ ରହିବ। ଲକ୍‌ଡାଉନ ବେଳେ ପର୍ଯ୍ୟଟକ ଓ ଅନ୍ୟ ଲୋକ ଅଟକି ରହିଥିବା ହୋଟେଲ, ଆଶ୍ରୟଗୃହ, ଲଜ୍, ମୋଟେଲଗୁଡ଼ିକ ଖୋଲା ରହିବ।

**ଗ୍ରାମାଞ୍ଚଳ ଅର୍ଥନୀତିକୁ ଗତିଶୀଳ କରିବା:** ଗ୍ରାମାଞ୍ଚଳ ଅର୍ଥନୀତି, ଶିଳ୍ପ କାର୍ଯ୍ୟକୁ ଗତିଶୀଳ କରିବା ଲାଗି ଉକ୍ତ ଅଞ୍ଚଳରେ ଥିବା ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଚାଲୁ ରଖିବା, ସଡ଼କ ନିର୍ମାଣ, ଜଳସେଚନ ପ୍ରକଳ୍ପ, ବିଲ୍ଡିଂ ଓ ଶିଳ୍ପ ପ୍ରକଳ୍ପ କାର୍ଯ୍ୟ ଜାରି ରଖିବା ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ ଅନୁମତି ମିଳିବ। ଏଥିରେ ଜଳସେଚନ ଓ ଜଳସଂରକ୍ଷଣ କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯିବ। ଏଥିସହିତ ଗ୍ରାମାଞ୍ଚଳରେ ନିଯୁକ୍ତି ସୃଷ୍ଟି ଲାଗି କମନ ସର୍ଭିସ୍ ସେଣ୍ଟର ସିଏସ୍‌ସି ଖୋଲା ରହିବ।

**ଶିଳ୍ପ ଉତ୍ପାଦନ କାର୍ଯ୍ୟ:** ଏସ୍‌ଇଜେଡ୍, ଇଓୟୁ, ନିୟନ୍ତ୍ରଣରେ ଥିବା କଳକାରଖାନାରେ ସାମାଜିକ ଦୂରତ୍ୱ ନିୟମ ସହ କାର୍ଯ୍ୟ କରିବାକୁ ଅନୁମତି ମିଳିବ। ଆଇଟି ହାର୍ଡୱାର, ଜରୁରୀ ସାମଗ୍ରୀ ଓ ପ୍ୟାକେଜିଂ ଶିଳ୍ପକୁ ଅନୁମତି ଦିଆଯିବ। ସେହିପରି କୋଇଲା, ଖଣିଜ ଓ ତୈଳ ଉତ୍ପାଦନ ସହ ସମ୍ପୃକ୍ତ କାର୍ଯ୍ୟ ଚାଲୁ ରହିବ। ଏହି ସମୟରେ ଆର୍‌ବିଆଇ, ବ୍ୟାଙ୍କ, ଏଟିଏମ୍, ପୁଞ୍ଜି ଓ ଋଣ ବଜାର, ବୀମା କମ୍ପାନୀ ଆଦି ଖୋଲା ରହିବ।

**ସ୍ୱାସ୍ଥ୍ୟସେବା:** ନୂଆ ଗାଇଡଲାଇନ ଅନୁଯାୟୀ ସମସ୍ତ ସ୍ୱାସ୍ଥ୍ୟସେବା ଓ ସାମାଜିକ ସେକ୍ଟର ଖୋଲା ରହିବ।

### କ'ଣ ବନ୍ଦ ରହିବ

ଏହି ତାଲିକା ଅନୁଯାୟୀ ଲକ୍‌ଡାଉନ ଶେଷ ପର୍ଯ୍ୟନ୍ତ ସାରା ଦେଶରେ ବିମାନ, ଟ୍ରେନ, ବସ୍, ଅଟୋ ଇତ୍ୟାଦି ଚଳାଚଳ ବନ୍ଦ ରହିବ, ଶିକ୍ଷାନୁଷ୍ଠାନ, ପ୍ରଶିକ୍ଷଣ କେନ୍ଦ୍ର, ଶିଳ୍ପ ଓ ବାଣିଜ୍ୟ କାରବାର, ହୋଟେଲ, ଲଜ୍, ସିନେମା ହଲ୍, ଶପିଂ କମ୍ପ୍ଲେକ୍ସ, ମଲ୍, ଥିଏଟର, ସାମାଜିକ, ରାଜନୈତିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଉତ୍ସବ, ଧର୍ମସ୍ଥଳୀ, ସର୍ବସାଧାରଣଙ୍କ ପାଇଁ ଉପାସନାସ୍ଥଳୀ, ଧର୍ମୀୟ ସମାବେଶ ବନ୍ଦ ରହିବ। ମଦ, ଗୁଟ୍‌ଖା ଓ ତମାଖୁଜାତ ସାମଗ୍ରୀ ବିକ୍ରି ବନ୍ଦ ରହିବ।

# କ୍ଷତି ସହୁଛନ୍ତି ଶୀତଳଭଣ୍ଡାର ଉଦ୍ୟୋଗୀ

**କରୋନା ପ୍ରଭାବ**
- ସିଏମ୍‌ଓର ଦୃଷ୍ଟି ଆକର୍ଷଣ କଲା ସଂଘ
- କାମ ପାଇଁ ଶ୍ରମିକ ମିଳୁନାହାନ୍ତି

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ରାଜ୍ୟରେ କିଛିବର୍ଷ ତଳେ ଆଳୁ ମିଶନ୍ ଆରମ୍ଭ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସେ ସମୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଶୀତଳଭଣ୍ଡାର ଖୋଲାଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ହେଲେ ଆଳୁ ମିଶନ୍ ନେଇ ଆଶା କରାଯାଉଥିବା ଲକ୍ଷ୍ୟ ପୂରଣ ନ ହେବାରୁ ଶୀତଳଭଣ୍ଡାରରେ ନିବେଶ କରିଥିବା ଉଦ୍ୟୋଗୀମାନେ ଧାରାବାହିକ ଭାବେ କ୍ଷତିସହିଚାଲିଲେ। ଆଳୁକୁବାଦ୍‌ଦେଇ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଶୀତଳଭଣ୍ଡାରଗୁଡ଼ିକୁ ଯୋଗାଇ ଦିଆଗଲା ନାହିଁ। ଏହା ପରେ ଏବେ ଲକ୍‌ଡାଉନ ଜନିତ କ୍ଷତି ମଧ୍ୟ ଶୀତଳଭଣ୍ଡାରଗୁଡିକ ଉପରେ ପଡିଛି।

ଓଡ଼ିଶା ଶୀତଳଭଣ୍ଡାର ସଂଘର ସଭାପତି ଜନାର୍ଦ୍ଦନ ସାହୁ କହିଛନ୍ତି ଯେ, ପୂର୍ବରୁ ସାମଗ୍ରୀ ଅଭାବରୁ ଶୀତଳଭଣ୍ଡାରଗୁଡ଼ିକ କ୍ଷତି ସହି ଆସୁଥିଲେ। କୌଣସିମତେ କାଁ ଭାଁ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ରହୁଥିଲା। କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଲକ୍‌ଡାଉନ ଜାରି କରାଯାଇଛି। ଏହାଦ୍ୱାରା ଶ୍ରମିକ ମିଳୁ ନାହାନ୍ତି। ତେଣୁ ଭଣ୍ଡାରଗୁଡ଼ିକରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଜନାର୍ଦ୍ଦନ କହିଛନ୍ତି।

ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟରେ ପ୍ରାୟ ୧୪୦ଟି ଶୀତଳଭଣ୍ଡାର ରହିଛି। ତନ୍ମଧ୍ୟରୁ ୧,୬୫,୦୦୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ମାତ୍ର ୩୩ଟି ଭଣ୍ଡାର କୌଣସି ମତେ କାର୍ଯ୍ୟକ୍ଷମ ହେଉଛି। ୭୫,୦୦୦ ମେଟ୍ରିକ ଟନ୍ କ୍ଷମତାବିଶିଷ୍ଟ ୧୫ ଶୀତଳଭଣ୍ଡାର ଅଚଳ ହୋଇଯାଇଛି। କାର୍ଯ୍ୟକ୍ଷମ ହେଉଥିବା ଭଣ୍ଡାରଗୁଡ଼ିକରେ ସେମାନଙ୍କ କ୍ଷମତା ତୁଳନାରେ ମାତ୍ର ୩୫ରୁ ୫୦% କାମରେ ଲାଗୁଛି। ନିକଟ ଅତୀତରେ ପ୍ରତିଷ୍ଠା ହୋଇଥିବା ୪୮ ଶୀତଳଭଣ୍ଡାର ମଧ୍ୟରୁ ୨୦ଟି ଏନ୍‌ପିଏ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ୧୫ଟିକୁ ନୋଟିସ ଜାରି କରାଯାଇଛି। ଯଦି ଏବର ସ୍ଥିତି କୁ ବିଚାରକରି ସରକାର କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆଉ ୧୫ଟି ଖୁବ୍‌ଶୀଘ୍ର ଏନ୍‌ପିଏ ଅନ୍ତର୍ଭୁକ୍ତ ହେବା ସ୍ପଷ୍ଟ ବୋଲି ସଂଘ କହିଛି। ଏହିପରି ପ୍ରକ୍ରିୟା ଯଦି ଚାଲୁ ରହେ, ତେବେ କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ମାତ୍ର ୧୦ଟି ଶୀତଳଭଣ୍ଡାର କାର୍ଯ୍ୟ କରିବ। ଏହି ସମସ୍ୟା ସମ୍ପର୍କରେ ସମସ୍ତ ଫୋରମରେ ଦାବି ଉଠାଯାଇଥିଲେ ବି ସରକାର ନିର୍ଦ୍ଦିଷ୍ଟ ଭାବେ କିଛି ପଦକ୍ଷେପ ଗ୍ରହଣ କରି ନ ଥିବା କୁହାଯାଇଛି। କରୋନା ଦ୍ୱାରା ଶୀତଳଭଣ୍ଡାରଗୁଡ଼ିକ ସମ୍ପୂର୍ଣ୍ଣ କ୍ଷତି ସହିବା ପୂର୍ବରୁ ରାଜ୍ୟ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ବୋଲି ଶୀତଳଭଣ୍ଡାର ଉଦ୍ୟୋଗୀମାନେ ମତ ରଖିଛନ୍ତି।

ଉଲ୍ଲେଖଯୋଗ୍ୟ, ସଂଘ ପକ୍ଷରୁ ସମସ୍ତ ସମସ୍ୟା ନେଇ ବିଭିନ୍ନ ଦାବି ସମ୍ବଳିତ ଚିଠି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)କୁ ପ୍ରଦାନ କରାଯାଇଛି। ପ୍ରାଥମିକ ଆକଳନ ଅନୁଯାୟୀ ଶୀତଳ ଭଣ୍ଡାରଗୁଡ଼ିକ ଅଚଳ ହେବା ଦ୍ୱାରା ପ୍ରାୟ ୨୦୦୦ ବ୍ୟକ୍ତିବିଶେଷଙ୍କ ସିଧାସଳଖ ରୋଜଗାର ଉପରେ ପ୍ରଭାବ ପଡ଼ିଛି। ଅନୁରୂପଭାବେ ପରୋକ୍ଷ ଭାବରେ ଏହା ୧୫,୦୦୦ରୁ ଅଧିକ ଲୋକଙ୍କୁ ପ୍ରଭାବିତ ହେଉଛନ୍ତି। ବର୍ତ୍ତମାନ ହାତଗଣତି ଶୀତଳଭଣ୍ଡାରଗୁଡିକ ପୂର୍ବାପେକ୍ଷା ଅଧିକ ପରିବହନ ଖର୍ଚ୍ଚ ବହନ କରୁଥିବା ଜଣାପଡିଛି।



# ବିଶୋଧନ ହେଲା ସ୍ୱର୍ଗଦ୍ୱାର

ପୁରୀ ଅଫିସ,୧୫।୪

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତା ଓ ବିଶୁଦ୍ଧୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ତେବେ ପୁରୀର ସବୁଠୁ ସମ୍ବେଦନଶୀଳ କୁହାଯାଉଥିବା ସ୍ୱର୍ଗଦ୍ୱାର ଅଞ୍ଚଳକୁ ସାନିଟାଇଜ କରାଯାଇ ନ ଥିଲା। ଏ ନେଇ ବୁଧବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଥିଲା। ସକାଳେ ସ୍ୱର୍ଗଦ୍ୱାର ପରିସର ଏବଂ ଏହାର ଆଖପାଖ ଅଞ୍ଚଳ ସମେତ ବେଳାଭୂମି ରାସ୍ତାକୁ ବିଶୋଧନ କରାଯାଇଛି। ଅଗ୍ନିଶମ ବାହିନୀ କର୍ମଚାରୀମାନେ ଏହିସବୁ ଅଞ୍ଚଳରେ ସୋଡିୟମ ହାଇପୋକ୍ଲୋରାଇଡ୍ କେମିକାଲଯୁକ୍ତ ସ୍ପ୍ରେ କରିଛନ୍ତି। ଜିଲା ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଦୀପ କୁମାର ରାଉତଙ୍କ ନେତୃତ୍ୱରେ ଏହି ବିଶୁଦ୍ଧୀକରଣ କାର୍ଯ୍ୟ କରାଯାଇଥିଲା।

# ଜଳ ସମସ୍ୟା ଦୂର ଲାଗି ଟୋଲ୍ ଫ୍ରି ନମ୍ବର

ଭୁବନେଶ୍ୱର, ୧୫।୪(ବ୍ୟୁରୋ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଭୟ ଗ୍ରାମ ଏବଂ ସହରାଞ୍ଚଳରେ ଲୋକେ ଯେଭଳି ସୁରୁଖୁରୁରେ ପାନୀୟଜଳ ପାଇବେ ସେନେଇ ବୁଧବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାନୀୟ ଜଳ ସମସ୍ୟା ସୃଷ୍ଟି ହେଲେ ଏହାକୁ ଦୂରକରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଦୁଇଟି ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଛି। ସହରାଞ୍ଚଳରେ ପାନୀୟଜଳ ସମସ୍ୟା ଦେଖାଦେଲେ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୬୭୮୩ରେ ଯୋଗାଯୋଗ କରିପାରିବେ। ସେହିଭଳି ଗ୍ରାମାଞ୍ଚଳ ପାଇଁ ଟୋଲ୍ ଫ୍ରି ନମ୍ବର ୧୯୧୬ ରହିଛି। ଜଳ ଯୋଗାଣ ନେଇ କୌଣସି ଆବଶ୍ୟକତା ପଡ଼ିଲେ ଏହି ନମ୍ବରରେ ଲୋକେ ଫୋନ୍ କରିପାରିବେ। ଏହାସହ ଜଳ ଯୋଗାଣ ପାଇଁ କଣ୍ଟ୍ରୋଲ ରୁମ୍ ଖୋଲିଥିବାବେଳେ ପାନୀୟ ଜଳ ଯୋଗାଣରେ ଯେଭଳି କୌଣସି ସମସ୍ୟା ଦେଖା ନ ଦିଏ ସେଥିପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା ନିର୍ଦ୍ଦେଶ ଦେଇଛନ୍ତି।

ପାନୀୟଜଳ ଯୋଗାଣ ନେଇ ମନ୍ତ୍ରୀ ଜେନା ସମୀକ୍ଷା କରିବା ସହିତ ବିଭାଗୀୟ ଅଧିକାରୀମାନଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଗ୍ରୀଷ୍ମଋତୁରେ ଯେଭଳି ନିରବଚ୍ଛିନ୍ନ ଜଳ ଯୋଗାଣ ଜାରି ରହିବ ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ। ଏପ୍ରିଲ ତୃତୀୟ ସପ୍ତାହ ସୁଦ୍ଧା ସମସ୍ତ ନଳକୂପର ମରାମତି ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୪ ଘଣ୍ଟା ଭିତରେ ଏଥିପାଇଁ ଆବଶ୍ୟକ ଆନୁଷଙ୍ଗିକ ଉପକରଣ ପ୍ରସ୍ତୁତ ଲାଗି କହିଛନ୍ତି। ସେହିଭଳି ପମ୍ପହାଉସ ଗୁଡ଼ିକରେ ଜେନେରେଟର ପ୍ରସ୍ତୁତ କରି ରଖାଯିବ। କୌଣସିଠାରେ ପାଣି ପାଇପରେ ଲିକ୍ ଦେଖାଦେଲେ ତାହାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ପାଇଁ କୁହାଯାଇଛି। ସହରାଞ୍ଚଳରେ ଯୋଗାଯାଉଥିବା ଜଳକୁ ଠିକଣାଭାବେ ବିଶୋଧନ ସହ ଆବଶ୍ୟକସ୍ଥଳେ ଜଳଯୋଗାଣ ଲାଗି ଟ୍ୟାଙ୍କର ପ୍ରସ୍ତୁତ ରଖିବାକୁ କହିଛନ୍ତି। ସେହିଭଳି ପୌରସଂସ୍ଥାଗୁଡ଼ିକ ବିଭିନ୍ନ ସ୍ଥାନରେ ଖୋଲିଥିବା ଜଳଛତ୍ରକୁ ପାଣି ଯୋଗାଣ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲ, କଲେଜ, ଡାକ୍ତରଖାନା ଆଦି ପରିସରରେ ଥିବା ନଳକୂପଗୁଡ଼ିକୁ ଆବଶ୍ୟକ ଅନୁଯାୟୀ ମରାମତି କରାଯିବ। ପୌରାଞ୍ଚଳରେ ପୌର ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ଜଳଯୋଗାଣ ବ୍ୟବସ୍ଥାକୁ ସୁଗମ କରିବାକୁ ମନ୍ତ୍ରୀ କହିଛନ୍ତି। କୌଣସି ଠାରେ ଜଳ ଯୋଗାଣରେ ସମସ୍ୟା ଦେଖାଦେଲେ ତୁରନ୍ତ ବିଭାଗୀୟ ଯନ୍ତ୍ରୀ ଓ ଆବଶ୍ୟକ ସ୍ଥଳେ ଜିଲାପାଳଙ୍କ ଦୃଷ୍ଟିକୁ ଆଣିବାକୁ କୁହାଯାଇଛି। କୌଣସିଠାରେ ନୂତନ ନଳକୂପ କିମ୍ବା ଅନ୍ୟ ଜଳଉତ୍ସର ଆବଶ୍ୟକ ସଂକ୍ରାନ୍ତରେ ଜିଲାପାଳମାନେ ଆନୁଷ୍ଠାନିକ ଭାବେ ପ୍ରସ୍ତାବ ଦେଲେ ତୁରନ୍ତ ସେଦିଗରେ ପଦକ୍ଷେପ ନେବାପାଇଁ କୁହାଯାଇଛି। ଦୁଇ ବିଭାଗ ପକ୍ଷରୁ ମନ୍ତ୍ରୀଙ୍କ ପରାମର୍ଶକ୍ରମେ ଜିଲାସ୍ତରରେ ସମ୍ପୃକ୍ତ ବିଭାଗୀୟ ପଦାଧିକାରୀମାନଙ୍କୁ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ପଠାଯାଇଥିବା ସେ କହିଛନ୍ତି।

## ବଢ଼ିଲା ଯାନବାହନ ବୈଧତା ଅବଧି

କଟକ ଅଫିସ୍,୧୫।୪

ଲକ୍‌ଡାଉନ୍ ସମୟ ବଢ଼ିବା ଯୋଗୁ ଯାନବାହନଗୁଡ଼ିକର ବିଭିନ୍ନ ପ୍ରକାର ବୈଧତା ଅବଧି ମଧ୍ୟ ବଢ଼ିଛି। ବୁଧବାର ଏନେଇ ରାଜ୍ୟ ପରିବହନ କମିଶନର ତଥା ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ଅଧକ୍ଷଙ୍କ ତରଫରୁ ସୂଚନା ଦିଆଯାଇଛି। ଲକ୍‌ଡାଉନ୍ ଯୋଗୁ ପ୍ରଦୂଷଣ ଯାଞ୍ଚ କେନ୍ଦ୍ରଗୁଡ଼ିକ ବନ୍ଦ ରହିଛି। ମାର୍ଚ୍ଚ ୨୨ ତାରିଖ ପରଠୁ ଯେଉଁ ଯାନବାହନର ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଶେଷ ହୋଇଯାଇଛି, ସେଗୁଡ଼ିକୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଟ୍ରେନ୍ ଏବଂ ମାଲ୍‌ପରିବହନ ଯାନଗୁଡ଼ିକର ପରମିଟ୍ ଅବଧି ମଧ୍ୟ ଜୁନ୍ ୩୦ ତାରିଖକୁ ବୃଦ୍ଧି ପାଇଛି। ସେହିଭଳି ଭାରତ ଷ୍ଟେଜ୍-୬ ଯାନବାହନଗୁଡ଼ିକର ସାମୟିକ ପଞ୍ଜୀକରଣ, ଯାହା ମାର୍ଚ୍ଚ ୨୨ ତାରିଖରୁ ସରିଯାଇଛି, ସେ ଅବଧି ଜୁନ୍ ୩୦ ତାରିଖ ଯାଏ ବୈଧ ରହିବ। ଏତଦ୍ ବ୍ୟତୀତ ଫ୍ୟାନ୍ସି ଏବଂ ମନପସନ୍ଦର ଗାଡ଼ି ନମ୍ବର ପାଇଁ ଯେଉଁମାନେ ଆବେଦନ କରିଛନ୍ତି, ସେମାନେ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଗାଡ଼ି ପଞ୍ଜୀକରଣ କରିପାରିବେ।



ମୁମ୍ବାଇରୁ ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ) ଓ କରୋନା ଟେଷ୍ଟିଂ କିଟ୍ ଆଣି ଆସିଥିବା ଆଲିଆନ୍ସ ଏୟାରଲାଇନ୍ସର ଏକ ବିମାନ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତରାଷ୍ଟ୍ରୀୟ ବିମାନବନ୍ଦରରେ ବୁଧବାର ରାତିରେ ପହଞ୍ଚିଛି।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ବସ୍‌ଷ୍ଟାଣ୍ଡ ନିକଟରେ ବୁଧବାର ଖାଦ୍ୟ ପାଇଁ ଲମ୍ବାଧାଡ଼ି।

## ୪୦ ଡିଗ୍ରୀ ଉପରେ ୭ ସହର

**ପ୍ରଚଣ୍ଡ ଗ୍ରୀଷ୍ମ**

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଗତ କିଛି ଦିନ ହେବ ରାଜ୍ୟରେ ତାତିର ପ୍ରକୋପ ବହୁ ମାତ୍ରାରେ ବଢିଯାଇଛି। ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ୍ ଉପରକୁ ଟପିଛି। ବୁଧବାର ରାଜ୍ୟର ୭ ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀକୁ ଟପି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ତାଳଚେର ସହରରେ ସର୍ବାଧିକ ତାପମାତ୍ରା ୪୧.୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୪୦.୨, ବଲାଙ୍ଗୀର ୪୧.୨, ଟିଟିଲାଗଡ ୪୦, ମାଲକାନଗିରି ୪୦.୧, ସୋନପୁର ୪୦.୩, ବୌଦ୍ଧ ୪୦.୨, ଭୁବନେଶ୍ୱର ୩୯.୭, ସମ୍ବଲପୁର ୩୯.୫, ବାରିପଦା ୩୯ ଏବଂ ସୁନ୍ଦରଗଡରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୋନପୁର, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ଝଡ ତୋଫାନ ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୯ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ତାତି ଆହୁରି ବଢିବ। ଉପକୂଳ ଓଡିଶାର ଅଧିକାଂଶ ଜିଲାରେ ତାପମାତ୍ରା ୪୦ଡିଗ୍ରୀ ମଧ୍ୟରେ ରହିବ ବୋଲି ଅନୁମାନ କରାଯାଇଛି।

## ଆସାମକୁ ୫୦ହଜାର ପିପିଇ କିଟ୍ ପଠାଇଲା ଚାଇନା

ଗୁଆହାଟୀ,୧୫।୪(ପି.ଟି.)

କରୋନା ଭାଇରସ୍‌ର ଉତ୍ପତ୍ତିସ୍ଥଳ ଚାଇନାରୁ ଆସାମକୁ ଆସିଛି ୫୦ହଜାର ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ) କିଟ୍। କୋଭିଡ-୧୯ ବିରୋଧରେ ଲଢ଼େଇ ଜାରି ରଖିଥିବା ଆଗଧାଡ଼ିର ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଉତ୍ତରପୂର୍ବାଞ୍ଚଳର ଏହି ରାଜ୍ୟ ପ୍ରଥମ ଥର ପାଇଁ ପିପିଇ କିଟ୍ ଆମଦାନୀ କରିଛି। ବୁଧବାର ସନ୍ଧ୍ୟାରେ ଗୁଆହାଟୀସ୍ଥିତ ଲୋକପ୍ରିୟ ଗୋପିନାଥ ବୋର୍ଦୋଲି ଆନ୍ତର୍ଜାତିକ ବିମାନବନ୍ଦରରେ ଏହି କିଟ୍ ପହଞ୍ଚିଛି। ସୂଚନା ଅନୁଯାୟୀ ଭାରତ ୧୫ନିୟୁତ ପିପିଇ କିଟ୍ ଚାଇନା ସମେତ ବିଭିନ୍ନ ରାଷ୍ଟ୍ରରୁ ଆମଦାନୀ ପାଇଁ ବରାଦ କରିଥିଲା। ବିଭିନ୍ନ ରାଜ୍ୟର ଉଭୟ ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ବରାଦ ଉପକରଣ ପଠାଯାଉଛି। ଏହା ଭାରତ ଓ ଚାଇନା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ବେଜିଂରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ବିକ୍ରମ ମିଶ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ରାଉରକେଲାରେ ସେଲ୍ କରୋନା ଟେଷ୍ଟିଂ ଲାବ୍ ଆରମ୍ଭ

ଭୁବନେଶ୍ୱର, ୧୫।୪(ବ୍ୟୁରୋ)

ସେଲ୍(ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ) ଉଦ୍ୟମରେ ରାଉରକେଲା ଇସ୍ପାତ୍ କାରଖାନାର ଇସ୍ପାତ୍ ଜେନେରାଲ ହସ୍ପିଟାଲ(ଆଇଜିଏଚ୍) ଠାରେ କୋଭିଡ୍-୧୯ ଟେଷ୍ଟିଂ ଲାବ୍ ପ୍ରତିଷ୍ଠା କରାଯାଇଛି। ଏହି ଲାବ୍ କରୋନା ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇକୁ ମଜଭୁତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ରାଉରକେଲାରେ ସେଲ୍ ପକ୍ଷରୁ ଆରମ୍ଭ ହୋଇଥିବା ନୂଆ ଲାବ୍‌ର ନମୁନା ପରୀକ୍ଷଣ କାମ ଆରମ୍ଭ ହୋଇଯାଇଛି। ଏହି ଲାବ୍ କରୋନା ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇକୁ ଦୃଢ଼ କରିବ ବୋଲି ସେ କହିଛନ୍ତି। ଆଇଜିଏଚ୍‌ରେ ଥିବା ଅତ୍ୟାଧୁନିକ ଟେଷ୍ଟିଂ ଲାବ୍ ସୁବିଧା କରୋନା ସଂକ୍ରମିତ ରୋଗୀଙ୍କୁ ଶୀଘ୍ର ଚିହ୍ନଟ କରିବା ତଥା ରୋଗକୁ ଚିହ୍ନଟ କରିବାରେ ସହାୟକ ହେବ। ଏହି ଟେଷ୍ଟିଂ ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲର ଡାକ୍ତର ଏବଂ ପାରାଡେମିକ୍‌ମାନେ ଭୁବନେଶ୍ୱର ଏମ୍ସ ଏବଂ ଆର୍‌ଏମ୍‌ଆର୍‌ସିରୁ ପ୍ରଶିକ୍ଷଣ ନେଇଛନ୍ତି। ରାଉରକେଲାର ହାଇଟେକ୍ ହସ୍ପିଟାଲ ଏବଂ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ କରୋନା ସନ୍ଦିଗ୍ଧଙ୍କ ନାକ ଓ ଗଳାରୁ ସ୍ୱାବ୍ ଅଣାଯାଇ ଆଇଜିଏଚ୍‌ରେ ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି।

## ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ସିରିଜ ଉଠାଣ ଘୁଞ୍ଚିଲା

ଭୁବନେଶ୍ୱର,୧୫।୪(ବ୍ୟୁରୋ)

କରୋନା ଭୂତାଣୁ ସଂକ୍ରମଣର ମୁକାବିଲା କରିବା ପାଇଁ ରାଜ୍ୟ ସରକାର ଚଳିତ ମାସ ୩୦ ଯାଏ ଲକ୍ ଡାଉନ ଅବଧି ବୃଦ୍ଧି କରିସାରିଛନ୍ତି। ହେଲେ ଚଳିତ ମାସ ୨୬ରେ ଅର୍ଥ ବିଭାଗ ପକ୍ଷରୁ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଏକ୍ୟୁ ସିରିଜ୍ ଅର୍ଥ ଏହି ଉଠାଣକୁ ବାତିଲ କରାଯାଇଛି। ଏହାକୁ ଆସନ୍ତା ଜୁଲାଇ ୨୬କୁ ଘୁଞ୍ଚାଯାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅନୁମୋଦନ କ୍ରମେ ବିଭାଗୀୟ ଯୁଗ୍ମ ସଚିବ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଏନେଇ ଅବଗତ କରାଇଛନ୍ତି। ସ୍ୱଳ୍ପ ସଞ୍ଚୟ ଜମାକାରୀ ଏବଂ ପ୍ରତିନିଧିମାନଙ୍କର ଅବଗତି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏହି ପତ୍ର ମାଧ୍ୟମରେ ସମସ୍ତ ଜିଲା ସ୍ୱଳ୍ପ ସଞ୍ଚୟ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣଅଧିକାରୀଙ୍କୁନିର୍ଦ୍ଦେଶଦିଆଯାଇଛି।

# ନିରାଡ଼ମ୍ବରରେ ପାଳିବାକୁ ବିଜେଡି ସଭାପତିଙ୍କ ନିବେଦନ

**୧୭ରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ**

**ଜୀବନବିନ୍ଦୁ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ପରାମର୍ଶ**

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଆସନ୍ତା ୧୭ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ୨୩ ତମ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହେବ। ଏହାକୁ ରାଜ୍ୟବ୍ୟାପୀ ନିରାଡମ୍ବର ସହ ପାଳନ କରିବାକୁ ବିଜୁ ଜନତା ଦଳ କର୍ମୀ, ଛାମୁଆ ସଂଗଠନ, ଶୁଭେଚ୍ଛୁ ଏବଂ ବିଜେଡି ନେତୃ ମଣ୍ଡଳୀଙ୍କୁ ବିଜେଡି ପକ୍ଷରୁ ବୁଧବାର ଜାରି କରାଯାଇଥିବା ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା ପ୍ରେସ ବିଜ୍ଞପ୍ତିରେ କହିଛନ୍ତି, ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶ୍ରାଦ୍ଧ ଦିବସକୁ ନିରାଡମ୍ବର ସହକାରେ ପାଳନ କରାଯିବ। ଏହି ଅବସରରେ ସାମାଜିକ ଦୂରତା ରକ୍ଷା କରି କର୍ମକର୍ତ୍ତାମାନେ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବେ। ଏଥିସହିତ ପ୍ରବାଦ ପୁରୁଷଙ୍କ ଦେଶ ତଥା ଓଡ଼ିଆ ଜାତି ପ୍ରତି ଥିବା ତ୍ୟାଗପୂତ ଜୀବନ ସମ୍ପର୍କରେ ବିଭିନ୍ନ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିବେ। ଦୀର୍ଘଦିନ ଧରି ଚାଲୁ ରହିଥିବା ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜାରି ରଖିବାକୁ କୁହାଯାଇଛି। ଜଣେ କେହି ବ୍ୟକ୍ତି ଯେପରି ରକ୍ତ ଅଭାବରୁ ସ୍ୱାସ୍ଥ୍ୟଗତ ସମସ୍ୟାରେ ନ ପଡନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ବିଜେଡି ସଭାପତି ଦଳର ପ୍ରତ୍ୟେକ କର୍ମୀ, ନେତା ଓ ଶୁଭେଚ୍ଛୁମାନଙ୍କୁ ନିବେଦନ କରଛନ୍ତି। ସଭାପତିଙ୍କର ପୂର୍ବ ନିର୍ଦ୍ଦେଶାନୁଯାୟୀ, ସଫଳତାର ସହ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଜାରି ରହିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଭଳି କଠିନ ପରିସ୍ଥିତିରେ ରକ୍ତଦାନ କରୁଥିବା ବ୍ୟକ୍ତିଙ୍କୁ ସେମାନଙ୍କ ଦେଶ ସେବା ଓ ଉତ୍ସର୍ଗୀକୃତ ମନୋଭାବକୁ ସବୁଦିନ ମନେ ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୌଣସି ପରିସ୍ଥିତିରେ ଘରୁ ପଦାକୁ ନ ବାହାରିବାକୁ ନବୀନ ବିଜେଡି କର୍ମୀ, ସଂଗଠନ କର୍ମକର୍ତ୍ତା, ନେତୃମଣ୍ଡଳୀଙ୍କୁ ନିବେଦନ କରିଥିବା ଦାସବର୍ମା ସୂଚନା ଦେଇଛନ୍ତି।

## ରାଜ୍ୟ ଓକିଲ ସଂଘ ନିର୍ବାଚନ ସ୍ଥଗିତ

**କଟକ ଅଫିସ୍,୧୫।୪:** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଅନୁବନ୍ଧିତ ସମସ୍ତ ଓକିଲ ସଂଘର ନିର୍ବାଚନ ଏପ୍ରିଲ୍ ୨୫ରେ ହେବାର ଥିଲା। ହେଲେ କରୋନା ଭୂତାଣୁ ଯୋଗୁ ଦେଖାଦେଇଥିବା ପରିସ୍ଥିତି ପାଇଁ ଏହାକୁ ପୁଣିଥରେ ସ୍ଥଗିତ ରଖାଯାଇଛି। ବୁଧବାର ପରିଷଦ ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ପରିଷଦର ସ୍ୱତନ୍ତ୍ର କମିଟି ନିର୍ଦ୍ଦେଶକ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ସମ୍ପାଦକ ଜେ.କେ. ସାମନ୍ତସିଂହାର ପ୍ରକାଶ କରିଛନ୍ତି। କରୋନାକୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତି ଯୋଗୁ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟାଦେଶ ପର୍ଯ୍ୟନ୍ତ ନିର୍ବାଚନ ସ୍ଥଗିତ ରହିବ ବୋଲି ସମ୍ପାଦକ ସାମନ୍ତସିଂହାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୮ରେ ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ ପାଇଁ ଦିନ ସ୍ଥିର କରାଯାଇଥିଲା। ହେଲେ କରୋନା ସଂକ୍ରମଣକୁ ଦେଖି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ତରଫରୁ ଲକ୍‌ଡାଉନ୍ ଜାରି କରାଯାଇଛି। ଏଣୁ ମାର୍ଚ୍ଚ ୧୮ରେ ପରିଷଦର ସ୍ୱତନ୍ତ୍ର କମିଟି ବୈଠକରେ ଏନେଇ ଆଲୋଚନା ହୋଇଥିଲା। ନିର୍ବାଚନକୁ ଏପ୍ରିଲ୍ ୨୫ ତାରିଖକୁ ସ୍ଥଗିତ ରଖାଯାଇଥିଲା। ହେଲେ ଏବେ ପୁଣି ଥରେ ଏହା ସ୍ଥଗିତ ହୋଇଛି।

## ରବିଧାନ ସଂଗ୍ରହ: ଚାଷୀ ପଞ୍ଜୀକରଣରେ ବୃଦ୍ଧି

**ଭୁବନେଶ୍ୱର,୧୫।୪(ବ୍ୟୁରୋ):** ରାଜ୍ୟରେ ରବିଧାନ ସଂଗ୍ରହ ନିମନ୍ତେ ଅନ୍‌ଲାଇନରେ ଚାଷୀମାନଙ୍କ ନାମ ପଞ୍ଜୀକରଣ ବହୁ ପୂର୍ବରୁ ଆରମ୍ଭ ହୋଇସାରିଛି। ଏହା ଜରିଆରେ ବୁଧବାର ସୁଦ୍ଧା ୨, ୩୪, ୭୨୮ ଜଣ ଚାଷୀ ପଞ୍ଜୀକୃତ କରିସାରିଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ୯ ପ୍ରତିଶତ ଅଧିକ ଚାଷୀ ଏବେ ସୁଦ୍ଧା ପଞ୍ଜୀକୃତ କରିସାରିଥିବା ଜଣାପଡ଼ିଛି। ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁରରେ ପଞ୍ଜୀକରଣ ବୃଦ୍ଧି ପାଇଛି। ତନ୍ମଧ୍ୟରୁ ଯାଜପୁର ୧୮୦%, ଝାରସୁଗୁଡ଼ା ୧୮୧%, ନବରଙ୍ଗପୁରରେ ୨୭୧% ପ୍ରତିଶତ ବୃଦ୍ଧିପାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକ ପୁଅ ପୁଅ ନୁହେଁ**
**ଏକ ଆଖି ଆଖି ନୁହେଁ**
**ଏକ ସାକ୍ଷୀ ସାକ୍ଷୀ ନୁହେଁ।**

ସାଧାରଣତଃ ଗୋଟିକିଆ ପୁଅ ଉପରେ ଭରସା ପାଇ ନ ଥାଏ। ଆଜି ଅଛି କାଲିକୁ ନ ରହିପାରେ, ବଡ଼ ହେଲେ ନ ପଚାରିପାରେ। ତେଣୁ ସବୁବେଳେ ସବୁ କ୍ଷେତ୍ରରେ ଏକ ପ୍ରକାର ଅନିଶ୍ଚିତତା ଲାଗି ରହିଥାଏ। ଦୁଇ ଆଖିରେ ଯେମିତି ଦେଖାଯାଇଥାଏ, ଏକ ଆଖିରେ ସେମିତି ଦେଖାଯାଇ ନ ଥାଏ। ସେହିପରି ସାକ୍ଷୀ ଯେତେ ସଂଖ୍ୟାରେ ସପକ୍ଷରେ ଥାଏ, ପ୍ରମାଣ ସେତିକି ଦୃଢ଼ ହୋଇଥାଏ। ଏକ ସଂଖ୍ୟା କେବେହେଲେ ବଳିଷ୍ଠ ବା ଶ୍ରେଷ୍ଠ ସଂଖ୍ୟା ହୋଇ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଏତେରୁ ଏତେ**
**ଆଉ ବଡ଼ ହେଲେ ନୋହିବ କେତେ?**

ଛୋଟ ବେଳୁ ଯାହାର ଏତେ ଆଦତ, ବଡ଼ ବେଳେ ଅଧିକ ଆଉ କ'ଣ ନ ହେବ ସେ ନେଇ ଚିନ୍ତା। କେତେକ ଯୁବକ ବଡ଼ ହେଲାପରେ ଘରର ଆଭିମୁଖ୍ୟଠାରୁ ଦୂରେଇ ଯାଉଥିବାର ଦେଖିବାକୁ ମିଳିଥାଏ। କମ୍ ବୟସରେ ଯିଏ ଉଦ୍ଦୁବାର୍ଯ୍ୟ ହେଉଛି ଆଗକୁ ସିଏ କ'ଣ ନ ହେବ ସେ ନେଇ ମନରେ ଆଶଙ୍କା ରହିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ.ମିଶ୍ର ପବ୍ଲିଶର୍ସ ପ୍ରା.ଲି.

**ପ୍ରଥମ ପୃଷ୍ଠାରୁ...**

## ଆରୋଗ୍ୟ ସେତୁ ...

ସଂରକ୍ଷିତ ହୋଇ ରହିବ, ଏହାକୁ କିଭଳି ବ୍ୟବହାର କରାଯିବ ଏବଂ ଡାଟା ଶେୟାରିଂ କ୍ଷେତ୍ରରେ ସ୍ୱଚ୍ଛତା ରହିବ କି ନାହିଁ ସେ ନେଇ କୌଣସି ସ୍ପଷ୍ଟ ସୂଚନା ଏଠାରେ ଦିଆଯାଇ ନାହିଁ। ଯଦି ୟୁଜରଙ୍କ ଡାଟା ବେଆଇନ ଭାବେ ବ୍ୟବହାର କରାଯାଏ ତେବେ ସରକାର ସେ ନେଇ ଦାୟୀ ରହିବେ ନାହିଁ ବୋଲି ଆରୋଗ୍ୟ ସେତୁର ଟର୍ମ ଅଫ୍ ୟୁଜ ବା ବ୍ୟବହାର ସମ୍ପର୍କିତ ନିୟମରେ କୁହାଯାଇଛି।

ସ୍ୱାମୀନାଥନ ପୁଣି କହିଛନ୍ତି ଯେ, ଜିଡିପିଆର୍ ଗାଇଡଲାଇନ୍ସରେ ଏମିତି କିଛି ନିୟମ ରହିଛି ଯାହା ଭାଷା ସହ ସମ୍ପର୍କ ରଖିଥାଏ। ସଂଗ୍ରହ ହୋଇଥିବା ଡାଟା ସହ କ'ଣ କରାଯିବ ତାକୁ ମଧ୍ୟ ନିୟମ ଅଧୀନରେ ବିଚାର କରାଯାଇଥାଏ। ସେହିଭଳି ଆରୋଗ୍ୟ ସେତୁ ଆପ୍ଲିକେଶନର ସିଙ୍ଗାପୁର ଭିତ୍ତିକ ଆପ୍ ଟ୍ରେସ୍ ଟୁଗେଦର ସହ ସାମଞ୍ଜସ୍ୟ ରଖିଛି। ଟ୍ରେସ୍ ଟୁଗେଦରକୁ ମାର୍ଚ୍ଚ ୨୧ରେ ଶୁଭାରମ୍ଭ କରାଯାଇଛି। ସିଙ୍ଗାପୁର ସରକାରଙ୍କ ଏକ କମ୍ପାନୀ ଏହା ପ୍ରସ୍ତୁତ କରିଛି। କଣ୍ଟାକ୍ଟ ଠାବ କରିବା ଲାଗି ଟ୍ରେସ ଟୁଗେଦର ବ୍ଲୁଟୁଥ୍ ବ୍ୟବହାର କରୁଥିବା ବେଳେ ଆରୋଗ୍ୟ ସେତୁ ଆପ୍ ଜିପିଏସ୍ ଲୋକେଶନ ବ୍ୟବହାର କରିଥାଏ। ଅପରପକ୍ଷରେ ଏହି ଦୁଇ ଆପ୍ଲିକେଶନରେ ପ୍ରିଭେସି ନୀତିକୁ ନେଇ ମଧ୍ୟ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଟ୍ରେସ ଟୁଗେଦର ଆପ୍‌ରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ସ୍ୱଳ୍ପ ସଂଖ୍ୟକ ଡାଟା ସଂଗ୍ରହ କରାଯିବ ଏବଂ ଅନାବଶ୍ୟକ ତଥ୍ୟ ସଂଗ୍ରହକୁ ବାଦ ଦିଆଯିବ। ଅପରପକ୍ଷରେ ଆରୋଗ୍ୟ ସେତୁରେ ସୂଚନା ପ୍ରଘଟ ହେଲେ ମଧ୍ୟ ସରକାର ଦାୟୀ ରହିବେ ନାହିଁ, ଯାହା ଅତ୍ୟନ୍ତ ଚିନ୍ତାଜନକ। ଏଭଳି ସ୍ଥିତିରେ ରାଜ୍ୟ ସରକାରଗୁଡ଼ିକ ପକ୍ଷରୁ କ୍ୱାରାଣ୍ଟାଇନ ମନିଟରିଂ, ହେଲ୍‌ଥ ଟ୍ରାକିଂ ଭଳି ଦିଗରେ ବ୍ୟବହାର ହେଉଥିବା କୋଭିଡ-୧୯ ଭିତ୍ତିକ ଆପ୍‌ଗୁଡ଼ିକ ପ୍ରିଭେସି ନିୟମକୁ ଠିକ୍ ଭାବେ ଧ୍ୟାନ ଦେଉ ନ ଥିବା ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ୨୦ ପରେ ଖୋଲିବ...

ସମସ୍ତ ସାମାଜିକ, ରାଜନୈତିକ, କ୍ରୀଡା, ଧର୍ମୀୟ ଅନୁଷ୍ଠାନ, ଧର୍ମସ୍ଥଳୀ, ଉପାସନାସ୍ଥଳୀଗୁଡ଼ିକୁ ମଧ୍ୟ ଏହି ସମୟରେ ବନ୍ଦ ରଖିବାକୁ କୁହାଯାଇଛି। ତେବେ ରାସ୍ତାପାର୍ଶ୍ୱରେ ଥିବା ଢାବା, ଟ୍ରକ୍ ମରାମତି ଦୋକାନ, ସରକାରୀ କାର୍ଯ୍ୟ କରୁଥିବା କଲ୍ ସେଣ୍ଟରଗୁଡ଼ିକୁ ୨୦ରୁ ଖୋଲା ରହିବ। କୃଷି ଯନ୍ତ୍ରପାତି, ସ୍ପେୟାର ପାର୍ଟ ବିକ୍ରି କରୁଥିବା ଦୋକାନ, ସପ୍ଲାଏ ଚେନ୍, ମରାମତି ଦୋକାନ ଓ କୃଷି ଯନ୍ତ୍ରପାତି ଭଡାରେ ଯୋଗାଉଥିବା ସେଣ୍ଟରଗୁଡ଼ିକ ଖୋଲା ରହିବ ବୋଲି ନୂଆ ଗାଇଡ୍‌ଲାଇନରେ କୁହାଯାଇଛି।

ବର୍ତ୍ତମାନଠାରୁ କୃଷି ଓ ଉଦ୍ୟାନ କୃଷି ସହ ଜଡ଼ିତ କାର୍ଯ୍ୟ କରିବା ଲାଗି ଅନୁମତି ମିଳିଛି। କୃଷକ ଓ କୃଷି ଶ୍ରମିକମାନେ ଜମିରେ କାର୍ଯ୍ୟ କରିବା ସହ କୃଷିଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଅନୁମତି ମିଳିଛି। ତେଜରାତି, ପନିପରିବା ଓ ଫଳ ଦୋକାନ, ଦୁଗ୍ଧ ବିକ୍ରି କେନ୍ଦ୍ର, କୁକୁଡା, ମାଛ ମାଂସ ଦୋକାନ ଲକ୍‌ଡାଉନ ସମୟରେ ଖୋଲା ରହିବ। ଉପରୋକ୍ତ ମାର୍ଗଦର୍ଶିକାକୁ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ସରକାର କୌଣସି ପ୍ରକାରେ କୋହଳ କରିପାରିବେ ନାହିଁ। ବରଂ ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାକୁ କଡ଼ାକଡ଼ି ଲାଗୁ କରିପାରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପ୍ରତିରକ୍ଷା, ଅର୍ଦ୍ଧସାମରିକ ବାହିନୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିପର୍ଯ୍ୟୟ ପରିଚାଳନା, ଏନ୍‌ଆଇସି, ଏଫ୍‌ସିଆଇ, ଏନ୍‌ସିସି, ନେହେରୁ ଯୁବକେନ୍ଦ୍ର ଓ ସୀମାଶୁଳ୍କ କାର୍ଯ୍ୟାଳୟ ବିନା କଟକଣାରେ ଖୋଲା ରହିବ। ଅନ୍ୟ ମନ୍ତ୍ରଣାଳୟରେ ଉପସଚିବ ଓ ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକ ଅଧିକାରୀ ଉପସ୍ଥିତ ରହିବା ବାଧ୍ୟତାମୂଳକ ହୋଇଥିବାବେଳେ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ୩୩ ପ୍ରତିଶତ ଉପସ୍ଥାନ ରହିବା ଆବଶ୍ୟକ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି।

## ଚାଷୀଙ୍କ ପାଇଁ ଖୁସି ଖବର...

ସେହିପରି ଚଳିତ ବର୍ଷ ପ୍ରଶାନ୍ତ ମହାସାଗରରେ 'ଏଲ୍ ନିନୋ' ସୃଷ୍ଟି ହେବାର ସମ୍ଭାବନା ନାହିଁ। ମୌସୁମୀ ଆଗମନ ପାଇଁ ପାଗ ଅନୁକୂଳ ରହିବ। ବର୍ଷା ଋତୁ ଶେଷ ଆଡ଼କୁ ପ୍ରଶାନ୍ତ ମହାସାଗରରେ ଦୁର୍ବଳ 'ଏଲ୍ ନିନୋ' ସୃଷ୍ଟି ହେବ। ଏଥିଯୋଗୁ ମହାସାଗର ଉପରିସ୍ଥ ଜଳଭାଗ ଶୀତଳ ରହିବ। ପ୍ରଶାନ୍ତ ମହାସାଗର ଏବଂ ଭାରତ ମହାସାଗରରେ ଜଳ ତାପମାତ୍ରା କମ୍ ରହୁଥିବାରୁ ଦକ୍ଷିଣ ପଶ୍ଚିମ ମୌସୁମୀକୁ ଏହା ଆହୁରି ଶକ୍ତିଶାଳୀ କରିବ। ଏଥିଯୋଗୁ ଦେଶରେ ବର୍ଷା ସ୍ୱାଭାବିକ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ରଥଯାତ୍ରା ପାଇଁ ..

ଲକ୍‌ଡାଉନ୍ ଜାରି ରହିଥିବାରୁ ଠାକୁରଙ୍କ ନୀତିକାନ୍ତି କେମିତି ହେବ ସେ ନେଇ ସେବାୟତମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ତେବେ ସାମାଜିକ ଦୂରତ୍ୱ ବଜାୟ ରଖି ଚନ୍ଦନ ଯାତ୍ରାର ସମସ୍ତ ନୀତିକାନ୍ତି ସମ୍ପାଦନ କରାଯିବ। ଚଳିତବର୍ଷ ଚନ୍ଦନ ଯାତ୍ରା ବିନା ଭକ୍ତରେ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ବିଧିବଦ୍ଧ ବୈଠକ ବସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିରର ଜଣେ ସେବାୟତ କହିଛନ୍ତି। ଅନ୍ୟପକ୍ଷରେ ଚନ୍ଦନଯାତ୍ରା ପରେ ଘୋଷଯାତ୍ରା କଥା ବିଚାର କରାଯିବ। ଯଦି ମହାମାରୀ କରୋନା ସ୍ଥିତିରେ କୌଣସି ପରିବର୍ତ୍ତନ ନ ହୁଏ ତେବେ ମହାପ୍ରଭୁଙ୍କ ଘୋଷଯାତ୍ରା ମଧ୍ୟ ବିନା ଭକ୍ତରେ ସମ୍ପନ୍ନ କରାଯିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇପାରେ।

## ବିମାନ ଚଳାଚଳ କ୍ଷେତ୍ରର...

କୋଭିଡ-୧୯ ଯୋଗୁ ସାରା ବିଶ୍ୱରେ ବିମାନ କମ୍ପାନୀଙ୍କ ସାମ୍ନାରେ ଏବେ ପରିଚାଳନା ଚାଲୁ ରଖିବା ଏବଂ ଅସ୍ତିତ୍ୱ ବଜାୟ ରଖିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ବିଭିନ୍ନ ସମସ୍ୟା ଲାଗି ବିମାନ ଶିଳ୍ପରେ ଯାତ୍ରୀ ରାଜସ୍ୱ ୮.୮ ବିଲିୟନ ଡଲାର କ୍ଷତି ହେବ ବୋଲି ଅନୁମାନ କରାଯାଇଛି। ଏହି ସମୟରେ ବିମାନ ଯାତ୍ରା ସୁବିଧା ୩୬% ଖସିଛି। ବିମାନ ଶିଳ୍ପ ଏବଂ ଅନ୍ୟ ସ୍ୱାଧୀନ କ୍ଷେତ୍ରରେ ୨ ନିୟୁତ ନିଯୁକ୍ତି ଏବେ ସଙ୍କଟ ସ୍ଥିତିକୁ ଚାଲି ଯାଇଛି ବୋଲି ଆଇଏଟିଏର ଏସିଆ ପ୍ରଶାନ୍ତ ମହାସାଗରୀୟ କର୍ପୋରେଟ ବ୍ୟାପାର ସହକାରୀ ନିର୍ଦ୍ଦେଶକ ଏ.ଜୋଏଙ୍ଗ କହିଛନ୍ତି। ବିମାନ କମ୍ପାନୀଗୁଡ଼ିକର ପରିଚାଳନାରେ ଯେଭଳି କୌଣସି ଅସୁବିଧା ନ ହୁଏ ସେ ପ୍ରସଙ୍ଗକୁ ଭାରତ ସରକାର ଧ୍ୟାନରେ ରଖିବାର ଆବଶ୍ୟକତା ରହିଛି । ଭାରତ ସରକାର ଆର୍ଥିକ ସହାୟତା, ଋଣ ଯୋଗାଣ ଏବଂ ଋଣ ଗ୍ୟାରେଣ୍ଟି ଭଳି ପଦକ୍ଷେପ ନିଅନ୍ତୁ ବୋଲି ଜୋଏଙ୍ଗ ମତ ଦେଇଛନ୍ତି। କୋଭିଡ-୧୯ଲାଗି ସାରା ବିଶ୍ୱରେ ବିମାନଶିଳ୍ପକୁ ୩୧୪ ବିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିବ। ଏହାବାଦ ଯାତ୍ରୀ ଚାହିଦା ୪୮% ଖସିବ ବୋଲି ସେ ଆଶଙ୍କା କରିଛନ୍ତି।

# ଚାଷୀଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରି ଉପରେ ଗୁରୁତ୍ୱ

- ନୋଡାଲ ଅଫିସରଙ୍କୁ ଗୁରୁଦାୟିତ୍ୱ
- ହ୍ୱାଟ୍ସଆପ୍‌ରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ
- ହୋଲ୍‌ସେଲର, ଟ୍ରେଡର ଓ ଖୁଚୁରା ବିକ୍ରେତାଙ୍କ ସହ ସିଧାସଳଖ ଯୋଗାଯୋଗ ପାଇଁ ପରାମର୍ଶ

**ଭୁବନେଶ୍ୱର, ୧୫।୪(ବ୍ୟୁରୋ)**

କୃଷି ଓ ଆନୁଷଙ୍ଗିକ କୃଷି କାର୍ଯ୍ୟ ନିମନ୍ତେ ଲକ୍‌ଡାଉନ କଟକଣା କୋହଳ କରାଯାଇଛି। ରାଜ୍ୟରେ ରବି ଫସଲ ଅମଳ ଏବଂ ଖରିଫ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ ହେଉଥିବା ବେଳେ ଜିଲା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀମାନେ ଅଧିକ କ୍ରିୟଶୀଳ ହେବା ପାଇଁ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ନୋଡାଲ ଅଫିସ୍ କ୍ଷେତ୍ର ଅଧିକାରୀମାନଙ୍କ ସହିତ ନିରନ୍ତର ସମ୍ପର୍କ ରଖିବେ। ଯେପରି କୃଷିକ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସମାଧାନ ଦିଗରେ ସମୟୋଚିତ ପଦକ୍ଷେପ ନିଆଯାଇପାରିବ ଏଥିଲାଗି ତଦାରଖ ବ୍ୟବସ୍ଥାକୁ ଅଧିକ ଗତିଶୀଳ କରିବା ପାଇଁ ମନ୍ତ୍ରୀ ସାହୁ ଗୁରୁତ୍ୱାରୋପ କରିଛନ୍ତି।

ବୁଧବାର କୃଷି ଭବନଠାରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତାକରି ମନ୍ତ୍ରୀ ସାହୁ କହିଛନ୍ତି, ଲକ୍‌ଡାଉନ ସମୟରେ ରାଜ୍ୟରେ କୃଷି କାର୍ଯ୍ୟ କିପରି କରାଯିବ ସେଥିଲାଗି ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ସାମାଜିକ ଦୂରତ୍ୱକୁ ମାନି କୃଷିକାର୍ଯ୍ୟ କରାଯିବ। ଲକ୍‌ଡାଉନ ଯୋଗୁ ଉପୁଜିଥିବା ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନକରି କୃଷିକାର୍ଯ୍ୟକୁ ପୂର୍ବ ସ୍ଥିତିକୁ ଫେରାଇ ଆଣିବା ଲାଗି ନୋଡାଲ ଅଧିକାରୀଙ୍କୁ ନିଷ୍ଠାପର ଭାବେ କାମ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନୋଡାଲ ଅଧିକାରୀମାନେ ପ୍ରତ୍ୟେକ ଜିଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ କୃଷିର ଉପନିର୍ଦ୍ଦେଶକ ଏବଂ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ଯୋଗାଯୋଗରେ ରହିବେ। ସେହିପରି ସିଧାସଳଖ ଉପଖଣ୍ଡ, ବ୍ଲକ୍ ଏବଂ ପଞ୍ଚାୟତସ୍ତରରେ କାର୍ଯ୍ୟ କରୁଥିବା କୃଷି ଅଧିକାରୀଙ୍କ ସହ ସମ୍ପର୍କ ସ୍ଥାପନ କରି ତୃଣମୂଳସ୍ତରରେ ଉପୁଜୁଥିବା ସମସ୍ୟାର ଖବର ସଂଗ୍ରହକରି ସମାଧାନର ପନ୍ଥା ନିରୂପଣ କରି, ପ୍ରତିଦିନ ହ୍ୱାଟ୍ସଆପ୍‌ରେ ରିପୋର୍ଟ ପ୍ରଦାନ କରିବେ। ଆବଶ୍ୟକ ସ୍ଥଳେ ଜିଲା ପ୍ରଶାସନ ଦ୍ୱାରା ଖୋଲାଯାଇଥିବା କଣ୍ଟ୍ରୋଲ ରୁମ୍ ସହିତ ଯୋଗାଯୋଗ କରିବା ପାଇଁ ମନ୍ତ୍ରୀ ସାହୁ ପରାମର୍ଶ ଦେଇଛନ୍ତି। ଏଥିସହ ଅନ୍ୟ ବିଭାଗ ସହିତ ନିୟମିତ ସମନ୍ୱୟ ରଖିବେ। କୃଷିଜାତ ଦ୍ରବ୍ୟ ବିଶେଷକରି ଫଳ ଓ ପନିପରିବା ଯେପରି ସୁବିଧାରେ ବିକ୍ରି ହୋଇପାରିବ ସେଥିନିମନ୍ତେ ହୋଲ୍‌ସେଲର, ଟ୍ରେଡର ଓ ଖୁଚୁରା ବିକ୍ରେତାଙ୍କ ସହ ସିଧାସଳଖ ଯୋଗାଯୋଗ କରିବା ପାଇଁ ମଧ୍ୟ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଟେକ୍ନୋଲୋଜିର ବହୁଳ ବ୍ୟବହାର, ସାମାଜିକ ଗଣମାଧ୍ୟମର ଉପଯୋଗକରି ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ତଥ୍ୟ ଓ ସୂଚନାର ଆଦାନ ପ୍ରଦାନ ଉପରେ ମନ୍ତ୍ରୀ ସାହୁ ଗୁରୁତ୍ୱାରୋପ କରିଛନ୍ତି। କୃଷି କାର୍ଯ୍ୟ ତଦାରଖ ଓ ବିଭିନ୍ନ ଯୋଜନାର ସଫଳ ରୂପାୟନ ନିମନ୍ତେ ୩୦ ଜଣ ବରିଷ୍ଠ ଅଧିକାରୀଙ୍କୁ ୩୦ଜିଲାର ଦାୟିତ୍ୱ ଦିଆଯାଇଛି। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ହ୍ୱାଟ୍ସଆପ୍ ମାଧ୍ୟମରେ ଭାରତର ବିଭିନ୍ନ ବଜାରର ସ୍ଥିତି ସମ୍ପର୍କରେ ମିଳୁଥିବା ସୂଚନାକୁ ଉପଯୋଗକରି ରାଜ୍ୟର କୃଷିଜାତ ଦ୍ରବ୍ୟର ବିକ୍ରି ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ କହିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଚାଷୀମାନେ ହେଲ୍‌ପଲାଇନ ସେବାର ବହୁଳ ଉପଯୋଗ କରିବା ଉପରେ ଗର୍ଗ ଅଧିକ ଗୁରୁତ୍ୱ ଦେଇଛନ୍ତି।

# ରାଶନ କାର୍ଡରୁ ବଞ୍ଚିତ ଗରିବଙ୍କୁ ଚାଉଳ, ଡାଲି ମିଳୁ

**ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି**

**ଭୁବନେଶ୍ୱର, ୧୫।୪(ବ୍ୟୁରୋ)**

ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାରେ ସବୁ ଗରିବ ପରିବାର ସାମିଲ ହୋଇପାରି ନାହାନ୍ତି। ସେହି ପରିବାର ସଦସ୍ୟଙ୍କୁ ମାଗଣାରେ ଚାଉଳ ଏବଂ ଡାଲି ଯୋଗାଇଦେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବୁଧବାର ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଚିଠି ଲେଖି ଅନୁରୋଧ କରିଛନ୍ତି। ପ୍ରଦୀପ୍ତ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ମାଧ୍ୟମରେ ଲକ୍‌ଡାଉନ ସମୟରେ ଅସହାୟଙ୍କୁ ଖାଦ୍ୟ ସୁରକ୍ଷା ସହିତ ଆର୍ଥିକ ସହାୟତା ଯୋଗାଇ ଦେଉଛି। ମାତ୍ର ରାଜ୍ୟର କେତେଜଣ ଗରିବ ଅଛନ୍ତି ଯେଉଁମାନେ ଖାଦ୍ୟ ସୁରକ୍ଷା ବାହାରେ ଅନେକ ସମସ୍ୟା ଭୋଗୁଛନ୍ତି। ତେଣୁ ଏହି ସମୟରେ ରାଜ୍ୟରେ ରାଶନ କାର୍ଡ ପାଇ ନ ଥିବା ଗରିବ ପରିବାରକୁ ମାଗଣାରେ ଚାଉଳ ଏବଂ ଡାଲି ଯୋଗାଇଦେବା ପାଇଁ ବିରୋଧୀ ଦଳ ନେତା ଅନୁରୋଧ କରିଛନ୍ତି। କେନ୍ଦ୍ର ସରକାର ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ୍), ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍) ଆଦି କରୋନା ମୁକାବିଲା କ୍ଷେତ୍ରରେ ବ୍ୟବହାର କରିବାକୁ ନିୟମ କୋହଳ କରିଛନ୍ତି। ଏହାର ବ୍ୟବହାର ଦ୍ୱାରା ରାଶନ କାର୍ଡ ପାଇପାରି ନ ଥିବା ଗରିବ ପରିବାରକୁ ଚାଉଳ, ଡାଲି ଯୋଗାଇଦେବାର ବ୍ୟବସ୍ଥା କରାଯାଉ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଗରିବଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଗଲେ ସେମାନେ ବିଶେଷ ଲାଭବାନ୍ ହେବେ। ଏହିସବୁ ତାଲିକା ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ଜନ ସାଧାରଣଙ୍କ ଅବଗତି ନିମନ୍ତେ ରଖିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଗୋଶାଳାରେ ବିନା ମାସ୍କରେ ଦୁଗ୍ଧ ମିଳୁନି

**ଜଟଣୀ, ୧୫।୪(ଡି.ଏନ.ଏ.)**

ବିନା ମାସ୍କରେ ଦୁଗ୍ଧ ଉପଲବ୍ଧ ହେଉନାହିଁ। ଜଟଣୀରେ ଥିବା ୧୦୦ ବର୍ଷର ଶ୍ରୀଜଗନ୍ନାଥ ପୁରୀ ଗୋଶାଳାରେ ୨ଦିନ ହେବ ଏପରି ନିୟମ ପ୍ରଚଳନ କରାଯାଇଛି। କରୋନା ମୁକାବିଲା କ୍ଷେତ୍ରରେ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟ ରଖି ଗୋଶାଳା କର୍ତ୍ତୃପକ୍ଷ ଏପରି ପଦକ୍ଷେପ ନେଇଥିବା ଏହାର ମ୍ୟାନେଜର ରାମଭରୋସ ଯାଦବ କହିଛନ୍ତି। ଏହି ଗୋଶାଳାରେ ଦେଢ଼ ଶହ ପାଖାପାଖି ଗାଈ ରହିଛନ୍ତି। ଏଠାରୁ ୧୨୫ ଜଣ ଗ୍ରାହକ ଦୈନିକ ଦୁଗ୍ଧ କ୍ରୟ କରିଥାନ୍ତି। ଗୋଶାଳା ମଧ୍ୟରେ ଥିବା ସମସ୍ତ କର୍ମଚାରୀଙ୍କୁ ମାସ୍କ ପିନ୍ଧିବାକୁ କୁହାଯାଇଛି। ଦୁଗ୍ଧ ନେବାକୁ ଆସୁଥିବା ଗ୍ରାହକଙ୍କୁ ସଚେତନ କରାଯିବା ସହ ମାସ୍କ ପିନ୍ଧି ଗୋଶାଳା ମଧ୍ୟକୁ ପ୍ରବେଶ କରିବାକୁ କଡ଼ା କଡ଼ି ନିୟମ କରାଯାଇଛି। ମାସ୍କ ପିନ୍ଧି ନ ଥିଲେ ଦୁଗ୍ଧ ଦିଆଯିବନି ବୋଲି ମ୍ୟାନେଜର ଯାଦବ କହିଛନ୍ତି।




ଭୁବନେଶ୍ୱର କ୍ୟାପିଟାଲ ଥାନା ସମ୍ମୁଖରେ ଶିଳ୍ପୀ ଚିତ୍ତରଞ୍ଜନ ଶତପଥୀ ନିଆରା କଳା ମାଧ୍ୟମରେ କରୋନା ସଚେତନତା ବାର୍ତ୍ତା ଦେଉଛନ୍ତି।

# ଘରୋଇ ହିଂସା ରୋକିବାକୁ ଜାରି ହେଲା ହେଲ୍ପଲାଇନ୍ ନମ୍ବର

**ଭୁବନେଶ୍ୱର,୧୫।୪ (ବ୍ୟୁରୋ)**

ଲକ୍‌ଡାଉନ୍ ବେଳେ ମହିଳାଙ୍କ ଉପରେ ଘରୋଇ ହିଂସା ବଢୁଥିବା ତଥ୍ୟ ସାମ୍ନାକୁ ଆସିବା ପରେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଅଭ୍ୟାସଗତ ଅପରାଧୀ ଓ ଘରୋଇ ହିଂସାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଜିପି ଅଭୟଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଜାରି କରିଛି ଏକ ହେଲ୍ପ ଲାଇନ୍ ନମ୍ବର। ନିର୍ଯାତନାର ଶିକାର ହୋଇଥିବା ମହିଳା ଘରେ ଥାଇ ହ୍ୱାଟ୍‌ସଆପ ନମ୍ବର(୭୨୦୫୦୦୬୦୩୯)ରେ ଅଭିଯୋଗ କରିପାରିବେ। କେବଳ କୌଣସି ଘରୋଇ ହିଂସା ଘଟିଲେ ହିଁ ଏହି ନମ୍ବରରେ ଅଭିଯୋଗ କରିହେବ ବୋଲି ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ଏହାଛଡ଼ା ଆଉ ଏକ ହେଲ୍ପ ଲାଇନ୍ ନମ୍ବର-୧୮୧ ମଧ୍ୟ ରହିଛି।

ଲକ୍‌ଡାଉନ୍ ଯୋଗୁ ସମସ୍ତେ ଏବେ ଘର ଭିତରେ ରହୁଛନ୍ତି। ଫଳରେ ଘରୋଇ ହିଂସା ବଢ଼ିବାର ଦେଖାଯାଉଛି। କଟକଣା ଯୋଗୁ ଥାନାକୁ ଅଭିଯୋଗ ପାଇଁ ଯିବାରେ ସମସ୍ୟା ହେଉଛି। ଏପରିସ୍ଥଳେ ଉପରୋକ୍ତ ନମ୍ବର ଯୋଗେ ମହିଳାମାନେ ଅଭିଯୋଗ କରିପାରିବେ। ଏହି ନମ୍ବରରେ ମଧ୍ୟ ହିଂସା ସମ୍ପର୍କିତ କୌଣସି ଭିଡିଓ କିମ୍ବା ଫଟୋ ଥିଲେ ପଠାଇ ପାରିବେ ଯାହାକି, ଆଗାମୀ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ସହାୟକ ହେବ।

# ନଦୀରୁ ହରିଣ ଉଦ୍ଧାର

**ଡେଲାଙ୍ଗ, ୧୫।୪(ଡି.ଏନ୍.ଏ**

ଡେଲାଙ୍ଗ ବ୍ଲକ୍ ରେଞ୍ଚ ପଂଚାୟତର ପ୍ରହରାଜପୁର ଗ୍ରାମ ଚକନାଳୀ ନିକଟ ଦଳଭଉ୍ତି ରତ୍ନଚିରା ନଦୀରୁ ବୁଦବାର ଏକ ହରିଣକୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ତାହାକୁ ବନବିଭାଗକୁ ହସ୍ତାନ୍ତର କରାଯାଇଛି। ସ୍ଥାନୀୟ ଗ୍ରାମବାସୀ ସକାଳୁ ନିଜ ଚାଷଜମିକୁ ଯାଇଥିବା ବେଳେ ହରିଣଟି ରତ୍ନଚିରା ନଦୀରେ ପଡ଼ି ଦଳରେ ଛଟପଟ ହେଉଥିବା ଦେଖିବାକୁ ପାଇଥିଲେ। ସେମାନେ ଉଦ୍ଧାର ନ କରିପାରିବାରୁ ଡେଲାଙ୍ଗ ଥାନାକୁ ଖବର ଦେଇଥିଲେ। ପୋଲିସ ଏ ନେଇ ଅଗ୍ନିଶମ ଅଧିକାରୀ ସନ୍ତୋଷ ନାଥ ଦାଶଙ୍କୁ ଜଣାଇଥିଲେ। ହରିଣଟିକୁ ଉଦ୍ଧାର ପରେ ଡେଲାଙ୍ଗ ଥାନା ପରିସରକୁ ଅଣାଯାଇଥିଲା। ସେଠାରେ ଡେଲାଙ୍ଗ ଫରେଷ୍ଟର ଅକ୍ଷୟ ମୁଦୁଲି ଓ ଫରେଷ୍ଟଗାର୍ଡ ଶର୍ମିଷ୍ଠା ନନ୍ଦଙ୍କୁ ହସ୍ତାନ୍ତର କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ହରିଣଟିକୁ ପୁନର୍ବାର କୁମୁକା ଜଙ୍ଗଲକୁ ଛଡ଼ାଯାଇଛି। ଏହି ଅଣ୍ଡିରା ହରିଣଟିର ବୟସ ପ୍ରାୟ ୮ ବର୍ଷ ଏବଂ ଓଜନ ୧କୁଇଣ୍ଟାଲରୁ ଉର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କେତୁ ନକ୍ଷତ୍ରସ୍ଥ ରବି ଯୋଗୁ ସାହାଯ୍ୟ ସହଯୋଗ ପାଉଥିବା ଲୋକଟି ସାଧାରଣ ସ୍ୱାର୍ଥହାନି ହେତୁ କୁତ୍ସା ରଟନା କରିପାରେ। ଯେତେ ଭଲ ଚିନ୍ତା ପୂର୍ବକ କାମ କଲେ ମଧ୍ୟ କେଜାଣି କାହିଁକି ଅନ୍ୟମାନଙ୍କର ଆନ୍ତରିକତା ରହିବନି। ପରସ୍ପର ମଧ୍ୟରେ ସୁସମ୍ପର୍କ ନ ଥିବାରୁ ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**ବୃଷ** ଚତୁର୍ଥାଧିପ ପାପଗ୍ରହ ନକ୍ଷତ୍ରସ୍ଥ ଯୋଗୁଁ ପାରିବାରିକ ସମସ୍ୟା ସମାଧାନ ସକାଶେ ଚିନ୍ତା ବଢ଼ିଯିବ। କିନ୍ତୁ ରୋହିଣୀ ନକ୍ଷତ୍ର କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ଆଜି ହଠାତ୍ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହୋଇପାରନ୍ତି।

**ମିଥୁନ** ରବି ନକ୍ଷତ୍ରସ୍ଥ ବୁଧଙ୍କ ହେତୁ ଅଫିସ କାମରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ। କିନ୍ତୁ ପୁନର୍ବସୁ ନକ୍ଷତ୍ର ଘର ଓ ପରିବାରରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। ବ୍ୟବସାୟ କିମ୍ବା ଅନ୍ୟ କୌଣସି କାମରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** ରାଜଯୋଗ ପ୍ରଭାବରୁ ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତାର ଶୀର୍ଷକୁ ଯାଇପାରିବେ। ବ୍ୟବସାୟୀଙ୍କ କାରବାରରେ ଉନ୍ନତି ହେବ ଓ ଲାଭର ମାତ୍ରା କିଛି କମିବ ନାହିଁ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତପୂର୍ବକ ବନ୍ଧୁଙ୍କୁ ସାହାଯ୍ୟ ମାଗିବାକୁ ପଡିପାରେ । କେତେକ ଦୁଶ୍ଚିନ୍ତା ମନକୁ ବିଷାଦିତ କରିବ।

**ସିଂହ** ନୀଚସ୍ଥ ବୁଧଙ୍କ କୁପ୍ରଭାବରୁ ପରିସ୍ଥିତିକୁ ସୁଧାରିବାକୁ ଯାଇ ଧାରକରଜ କରି କାମ କରିବାକୁ ବାଧ ହେବେ। ଆକସ୍ମିକ ଭାବେ ବନ୍ଧୁଙ୍କ ଡାକରା ପାଇ ଦୂର ଜାଗାକୁ ଯିବାକୁ ପଡିପାରେ। ବିଶ୍ୱାସ ଜନ୍ମାଇବାରେ କାମ ହାସଲ କରିବାରେ ସମର୍ଥ ହେବେ। କ୍ରୀଡା,ସଂଗୀତ, କାର୍ଯ୍ୟକ୍ରମରେ ସମସ୍ୟାର ସମାଧାନ ହୋଇଯିବ।

**କନ୍ୟା** ବୁଧଙ୍କ ଦୁର୍ବଳତାଜନିତ ବିଶୃଙ୍ଖଳିତ ଜୀବନଶୈଳୀ ହେତୁ ସ୍ୱାସ୍ଥ୍ୟହାନି ଘଟିପାରେ। ବାଣିଜ୍ୟ, ସଭାସମିତି ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ। ଉନ୍ନତ ଚିନ୍ତା ଓ ପରୋପକାର ମନୋଭାବରୁ ପ୍ରଶଂସିତ ହେବେ। ସାହାଯ୍ୟ, ସହଯୋଗ ଅଭାବରୁ ଅଫିସ୍‌ର କେତେକ କାମ ସ୍ଥଗିତ ରହିଯାଇପାରେ।

**ତୁଳା** କର୍ମକ୍ଷେତ୍ରକୁ ବହୁତ ଚାରୋଟି ଗ୍ରହଙ୍କ ଦୃଷ୍ଟି ଯୋଗୁଁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ କାମଗୁଡିକ ଆଜି ସନ୍ତୋଷଜନକ ହେବ ନାହିଁ। ପରୋକ୍ଷଶତ୍ରୁତା ହେତୁ ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଦରଖଣ୍ଡିଆ କାମଟିକୁ ଆଜି ବାସ୍ତବ ରୂପ ଦେବାରେ ସଫଳ ହୋଇପାରନ୍ତି।

**ବିଛା** ରାହୁ ଓ କେତୁଙ୍କ କୁପ୍ରଭାବରୁ ସମସ୍ୟା ଜାଲରେ ଛନ୍ଦି ହୋଇଥିବାରୁ ନେଗେଟିଭ୍ ଚିନ୍ତାରେ ଆକ୍ରାନ୍ତ ହୋଇପାରନ୍ତି। ସାଧାରଣ ଘଟଣାକୁ କେନ୍ଦ୍ରକରି ସାଙ୍ଗସାଥୀଙ୍କ ସହ ଉଚ୍ଚବାଚ ଘଟିପାରେ। ବ୍ୟବସାୟକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଅଯାଚିତ ନିଜ ତରଫରୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ଧନୁ** କାଳସର୍ପ ଯୋଗର କୁପ୍ରଭାବରେ ମନରେ ଭୟ ଥିଲେ ମଧ୍ୟ ମୁହଁ ଟାଣ ରଖି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ। କୌଣସି ଲୋକର ବିଷୟରେ କିଛି ନ ଜାଣି ତାହାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ।

**ମକର** ପ୍ରତିକୂଳ ଗ୍ରହସ୍ଥିତିରୁ ପାରିବାରିକ ସ୍ତରରେ ଜୀବନରେ ବୁଝାମଣା ଅଭାବରୁ ତିକ୍ତତା ଦେଖାଦେଇପାରେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ସାମାଜିକ ସ୍ତରରେ ଉପସ୍ଥିତ ବୁଦ୍ଧିର ପ୍ରଶଂସା କରି ପାଖ, ପଡୋଶୀମାନେ ଭୁରିଭୁରି ପ୍ରଶଂସା କରିପାରନ୍ତି।

**କୁମ୍ଭ** ଅନୁକୂଳ ସମୟ ଅଭାବରୁ ଆଜିର କାମଗୁଡିକ ବହୁତ ଅସୁବିଧା ଭିତରେ ସମ୍ପନ୍ନ ହେବ। କଳା,ସାହିତ୍ୟ ଓ ସଙ୍ଗୀତ କାର୍ଯ୍ୟରୁ ପ୍ରଶଂସିତ ହେବେ। ସ୍ତ୍ରୀ, ଭାଇ କିମ୍ବା ବନ୍ଧୁଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହ ଆଗାମୀ କାଲିର କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ।

**ମୀନ** ଆଜି ଦିନଟିରେ ସତର୍କତାର ସହ କାମ କରିବା ଭଲ ହେବ ନଚେତ୍ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସଭାସମିତିରେ ପ୍ରଶଂସିତ ହେବେ। କୌଣସି କାମ କରି ସମାଲୋଚିତ ହେବା କାରଣରୁ ଅନୁତାପ କରିବାକୁ ପଡ଼ିପାରେ।

ଆଜି ବୈଶାଖ କୃଷ୍ଣ ନବମୀ ଗୁରୁବାର,ଏପ୍ରିଲ ୧୬ ତାରିଖ, ରାଶିନକ୍ଷତ୍ର-ଶ୍ରବଣା। ମକର,ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ସିଂହ ରାଶିର ଘାତଚନ୍ଦ୍ର, ଶରଣ, ରାତ୍ରି ଘ.୦୨.୨୭ମି.ଗତେ ଘ.୦୩.୧୨ମି.ମଧ୍ୟେ ଅମୃତ ବେଳା। ପ୍ରାତଃ ଘ.୦୫.୩୧ମି.ଗତେ ଘ.୦୭.୧୧ମି.ମଧ୍ୟେ, ଦିବା ଘ.୧୦.୩୧ମି.ଗତେ ଘ.୦୧.୦୧ମି.ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୧.୨୦ମି.ଗତେ ଘ.୦୨.୫୪ମି.ମଧ୍ୟେ ରାହୁକାଳ।

# କ୍ୱାରାଣ୍ଟାଇନ୍ କ୍ୟାମ୍ପ ଛାଡ଼ି ପଳାଉଛନ୍ତି ପ୍ରବାସୀ



- କରୋନା ଭାଇରସ୍‌ର ବାହକ ସାଜିପାରନ୍ତି
- ଉତ୍ତରପ୍ରଦେଶ ଓ ବିହାର ପାଇଁ ବଡ଼ ବିପଦ

**ନୂଆଦିଲ୍ଲୀ, ୧୫।୪**

କୋଭିଡ୍‌-୧୯ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୪ ମାର୍ଚ୍ଚରେ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରିଥିଲେ। ଏହାପରେ ଦିଲ୍ଲୀ, ମୁମ୍ବାଇ, କୋଲକାତା ସମେତ ଗୁଜରାଟର ସୁରଟ ଓ ଅନ୍ୟ ସହରଗୁଡ଼ିକରେ କାର୍ଯ୍ୟ କରୁଥିବା ଲକ୍ଷାଧିକ ଲୋକ ନିଯୁକ୍ତି ହରାଇଥିଲେ। ରୋଜଗାରର କୌଣସି ପନ୍ଥା ନ ପାଇ ସେମାନେ ସହର ଛାଡ଼ି ଗାଁକୁ ପଳାଇବାକୁ ଲାଗିଲେ। ବିଶେଷକରି ଉତ୍ତରପ୍ରଦେଶ ଓ ବିହାରରୁ ଯାଇଥିବା ଲୋକଙ୍କ ଗଣପ୍ରତ୍ୟାବର୍ତ୍ତନ ଦୁଇ ରାଜ୍ୟର ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଥିଲା। ସେମାନେ ଯେଭଳି ନିଜ ଘରକୁ ନ ଯାଇ କ୍ୱାରାଣ୍ଟାଇନ କ୍ୟାମ୍ପରେ ୧୪ ଦିନ ରହିବେ ସେନେଇ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଉତ୍ତରପ୍ରଦେଶ ଓ ବିହାରର ହଜାର ହଜାର ସ୍କୁଲ ଏବଂ ଗ୍ରାମ ପରିଷଦ ଭବନକୁ କ୍ୱାରାଣ୍ଟାଇନ କ୍ୟାମ୍ପ କରାଯାଇ ପ୍ରବାସୀମାନଙ୍କୁ ରଖାଯାଇଛି। କିନ୍ତୁ ପ୍ରବାସୀମାନେ ୧୪ ଦିନ କ୍ୱାରାଣ୍ଟାଇନକୁ ନ ମାନି କ୍ୟାମ୍ପ ଛାଡ଼ି ପଳାଉଛନ୍ତି। ଉକ୍ତ କ୍ୟାମ୍ପ ମଧ୍ୟରୁ ଅନେକରେ ଆବଶ୍ୟକ ସୁବିଧାସୁଯୋଗ ନ ଥିବା ଅଭିଯୋଗ ହେଉଛି। କେତେକ କ୍ୟାମ୍ପରୁ ପ୍ରବାସୀମାନେ ରାତିରେ ପଳାଇ ଦିନରେ ଖାଦ୍ୟ ପାଇଁ ଫେରିଆସୁଛନ୍ତି। ଏହାଦ୍ୱାରା ସେମାନେ କରୋନା ଭାଇରସ୍‌ର ବାହକ ହୋଇ ଦୁଇ ରାଜ୍ୟର ଲୋକଙ୍କ ପାଇଁ ବଡ଼ ବିପଦ ସାଜିପାରନ୍ତି।

ସୂଚନାଥାଉ କି, ଉତ୍ତରପ୍ରଦେଶ ଓ ବିହାରରେ ୩୫ କୋଟି ଲୋକ ରହୁଥିବାବେଳେ ବୁଧବାର ସୁଦ୍ଧା ଏହି ୨ ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ଯଥାକ୍ରମେ ୬୬୦ ଏବଂ ୭୦ ରହିଛି। ଯେଉଁମାନେ ନିଯୁକ୍ତି ହରାଇ ଗାଁକୁ ଫେରିଛନ୍ତି ସେମାନଙ୍କ ମଧ୍ୟରୁ ଅନେକେ ସରକାରଙ୍କ ନିର୍ଦ୍ଦେଶକୁ ନ ମାନି କ୍ୱାରାଣ୍ଟାଇନ କ୍ୟାମ୍ପକୁ ଯାଉନାହାନ୍ତି। ଉତ୍ତରପ୍ରଦେଶ ପ୍ରତାପଗଡ଼ ଜିଲାର ଖବରଦାତା ଅମିତେନ୍ଦ୍ର ଶ୍ରୀବାସ୍ତବ କହିଛନ୍ତି ଯେ, ତାଙ୍କ ଗାଁ ବାବୁପଟ୍ଟିକୁ ୫ଜଣ ପ୍ରବାସୀ ଫେରିଆସିଛନ୍ତି। କିନ୍ତୁ ସେମାନେ ଗାଁ ସ୍କୁଲରେ ହୋଇଥିବା କ୍ୱାରାଣ୍ଟାଇନ କ୍ୟାମ୍ପକୁ ଯାଇନାହାନ୍ତି। ଏନେଇ ଗ୍ରାମବାସୀ ଚିନ୍ତାରେ ପଡ଼ିବା ସହ ପୋଲିସ ଓ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ ମଧ୍ୟ କେହି କିଛି ଶୁଣି ନ ଥିଲେ। ଶେଷରେ ଶ୍ରୀବାସ୍ତବ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ୩୦ ଘଣ୍ଟା ପରେ ଏକ ଡାକ୍ତରୀ ଟିମ୍ ପହଞ୍ଚି ୫ ପ୍ରବାସୀଙ୍କୁ ଯାଞ୍ଚ କରିଥିଲେ। କିନ୍ତୁ ସେମାନଙ୍କୁ ଘରେ ରହିବାକୁ ଡାକ୍ତରୀ ଟିମ୍ ଅନୁମତି ଦେଇଥିଲା। ଏକ ରିପୋର୍ଟ ଅନୁଯାୟୀ ଯେଉଁ ପ୍ରବାସୀମାନେ ନିଜ ଗାଁ ଓ ଆଖପାଖ କ୍ୱାରାଣ୍ଟାଇନ କ୍ୟାମ୍ପକୁ ଯାଇଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ସମ୍ପୂର୍ଣ୍ଣ ଭାବେ ସେଠାରୁ ପଳାଇଛନ୍ତି କିମ୍ବା ନିଜ ଘରକୁ ଯାଆସ କରୁଛନ୍ତି। କ୍ୱାରାଣ୍ଟାଇନ କ୍ୟାମ୍ପ ଦାୟିତ୍ୱ ଗ୍ରାମ ମୁଖିଆମାନଙ୍କୁ ଦିଆଯାଇଛି। କ୍ୟାମ୍ପରେ ପ୍ରବାସୀ ଓ ସନ୍ଦିଗ୍ଧ ବ୍ୟକ୍ତିମାନେ ଯେଭଳି ନିୟମ ମାନି ରହିବେ ତାହାର ଦାୟିତ୍ୱ ସେମାନଙ୍କର। କିନ୍ତୁ ପୋଲିସ କିମ୍ବା ସୁରକ୍ଷା କର୍ମୀଙ୍କ ଅଭାବରୁ କ୍ୟାମ୍ପ ଛାଡ଼ିଯାଉଥିବା ଲୋକଙ୍କୁ ସେମାନେ ରୋକିପାରିନାହାନ୍ତି। ଏହାଛଡ଼ା ଉତ୍ତରପ୍ରଦେଶରେ ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ ଥିବାରୁ କେହି ଗ୍ରାମମୁଖିଆ ଲୋକଙ୍କୁ ଏଭଳି ସମୟରେ ଅସନ୍ତୁଷ୍ଟ କରିବାକୁ ଚାହୁଁନାହାନ୍ତି। ଅନେକ ଲୋକ କ୍ୱାରାଣ୍ଟାଇନ୍ କ୍ୟାମ୍ପରୁ ପଳାୟନ କରୁଥିବା ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗତ ସପ୍ତାହରେ ଜାଣିବା ପରେ କହିଥିଲେ ଯେ, ଯଦି କେହି କ୍ୟାମ୍ପରୁ ନିଖୋଜ ଥିବା ଜଣାପଡ଼େ ତା'ହେଲେ ବରିଷ୍ଠ ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ଦାୟୀ ରହିବେ। ତେଣୁ ଗତ କିଛି ଦିନ ମଧ୍ୟରେ କ୍ୟାମ୍ପରୁ ପଳାୟନ କରିଥିବା ଲୋକମାନଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି।

ଭାରତରେ କରୋନା ମହାମାରୀ ଜନିତ ଲକ୍‌ଡାଉନ ଏକ ମାନବୀୟ ଦୁର୍ଦ୍ଦଶା ପାଲଟିଛି। ସର୍ବାଧିକ ଦୁଃଖ ଭୋଗୁଛନ୍ତି ପ୍ରବାସୀ। ନିଯୁକ୍ତି ହରାଇବା ପରେ ସେମାନେ ଓ ସେମାନଙ୍କ ପରିବାରବର୍ଗ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ଗାଁକୁ ଫେରିବା ଅନେକ ପ୍ରବାସୀଙ୍କ ପାଇଁ ଏକମାତ୍ର ପନ୍ଥା ହୋଇଛି। ହେଲେ ଗାଡ଼ି, ଟ୍ରେନ ନ ଥିବାରୁ ଚାଲି ଚାଲି ଫେରୁଛନ୍ତି। ଏଥିପାଇଁ ସେମାନଙ୍କୁ ବହୁ କଷ୍ଟ ସହିବାକୁ ପଡୁଥିବାବେଳେ ବାଟରେ ଅଟକାଯାଇ ଭୂତାଣୁମୁକ୍ତ କରିବା ଲାଗି ସେମାନଙ୍କ ଉପରକୁ କେମିକାଲ ସ୍ପ୍ରେ କରାଯାଉଛି, ଯାହାକି ଉତ୍ତରପ୍ରଦେଶର ବରେଲିରେ ଦେଖିବାକୁ ମିଳିଛି। ଏଭଳି ଅଭାବନୀୟ ଘଟଣା ପ୍ରବାସୀ ଓ ଅନ୍ୟମାନଙ୍କୁ ବ୍ୟଥିତ କରିଛି।



ଘରକୁ ପଳାଇବା ପାଇଁ ୧୬ଜଣ ପ୍ରବାସୀ ଉତ୍ତରପ୍ରଦେଶ ବୁଲନ୍ଦସହର ଜିଲାର ଏକ କ୍ୱାରାଣ୍ଟାଇନ୍ କ୍ୟାମ୍ପର ଝରକା ଭାଙ୍ଗି ଦେଇଛନ୍ତି।

# ୫ପୀଡ଼ିତଙ୍କ ଜୀବନ ନେଲା କରୋନା

**ଭୋପାଳ ଗ୍ୟାସ ଦୁର୍ଘଟଣାରେ ଶିକାର ହୋଇ ଚିକିତ୍ସିତ ହେଉଥିଲେ**

**ଇନ୍ଦୋର, ୧୫।୪**

୧୯୮୪ ମଧ୍ୟପ୍ରଦେଶ ଭୋପାଳ ଗ୍ୟାସ ଦୁର୍ଘଟଣାରେ ଶିକାର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ୫ପୀଡ଼ିତ ଶେଷରେ କରୋନା ଭୂତାଣୁରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ଏହି ୫ଜଣଙ୍କ ରକ୍ତ ନମୁନାରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ସେମାନଙ୍କ ମଧ୍ୟରୁ ପ୍ରଥମ ଆକ୍ରାନ୍ତ ୫୫ବର୍ଷୀୟ ବ୍ୟକ୍ତିଙ୍କ ଏପ୍ରିଲ ୫ତାରିଖରେ ମୃତ୍ୟୁ ଘଟିଥିଲା। ଏପ୍ରିଲ୍ ୮ରେ ଆଉ ଜଣେ ୮୦ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ତାଙ୍କ ନମୁନା ପରୀକ୍ଷା କରାଯାଇଥିଲା। ଏପ୍ରିଲ ୧୧ତାରିଖରେ ନମୁନା ପଜିଟିଭ ଆସିଥିଲା। ସେ ଭାରତ ହେଭି ଇଲେକ୍ଟ୍ରିକାଲ ଲିମିଟେଡରେ କାର୍ଯ୍ୟକରୁଥିବାବେଳେ ଗ୍ୟାସ୍ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ସେହିପରି ଏପ୍ରିଲ ୧୧ରେ ଜଣେ ୭୫ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ବୟସ ୪୦ବର୍ଷ ହୋଇଥିବାବେଳେ ଆଉଜଣଙ୍କ ବୟସ ୫୨ବର୍ଷ। ଏମାନେ ସମସ୍ତେ ଗ୍ୟାସ ଦୁର୍ଘଟଣାର ଶିକାର ହୋଇ ଏଠାକାର ଏକ ସ୍ୱତନ୍ତ୍ର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହେଲେ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଉକ୍ତ ହସ୍ପିଟାଲକୁ କୋଭିଡ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଘୋଷଣା କରାଯାଇଥିଲା। ସେଠାରେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଥିବାରୁ ଗ୍ୟାସ୍ ଦୁର୍ଘଟଣାରେ ପୀଡ଼ିତ କରୋନା ସଂକ୍ରମଣର ଶିକାର ହୋଇ ମୃତ୍ୟୁବରଣ କଲେ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି। ଭୋପାଳରେ ବର୍ତ୍ତମାନ ସୁଦ୍ଧା ୫୩ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

ପ୍ରକାଶ ଯେ, ୧୯୮୪ ଡିସେମ୍ବର ୩ ତାରିଖରେ ୟୁନିୟନ କାର୍ବାଇଡ ଗ୍ୟାସ କାରଖାନାରେ ଦୁର୍ଘଟଣା ଘଟି ବହୁ ଲୋକଙ୍କ ପ୍ରାଣହାନୀ ଘଟିଥିଲା। ବିଷାକ୍ତ ଗ୍ୟାସ ପ୍ରଭାବରେ ହଜାର ହଜାର ଲୋକ ଆକ୍ରାନ୍ତ ହୋଇଥିଲେ। ଏବେ ବି ଅନେକ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଭୋଗୁଛନ୍ତି। ପିଢ଼ି ପରେ ପିଢ଼ି ସେମାନଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳୁଛି। ଏହି ପୀଡ଼ିତଙ୍କ ପାଇଁ ଦୀର୍ଘଦିନ ଧରି କାମ କରୁଥିବା ଭୋପାଳ ଗ୍ରୁପ ଫର ଇନଫର୍ମେଶନ ଆଣ୍ଡ ଆକ୍ସନ ସଂଗଠନର ସଦସ୍ୟ ରଚନା ଧୀଙ୍ଗ୍ରାଙ୍କ କହିବା ହେଲା ଗ୍ୟାସ ଦୁର୍ଘଟଣାରେ ଶିକାର ପୀଡ଼ିତଙ୍କ ଚିକିତ୍ସା ପାଇଁ ସମର୍ପିତ ହୋଇଥିବା ହସ୍ପିଟାଲ୍‌ରେ ଏବେ କରୋନା ଭାଇରସ୍ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ଗ୍ୟାସ ପୀଡ଼ିତମାନେ ସାଧାରଣ ରୋଗୀଙ୍କଠାରୁ ୫ଗୁଣ ଅଧିକ ସମ୍ବେଦନଶୀଳ ଅଟନ୍ତି। ତେଣୁ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ଗତ ୨୧ତାରିଖରେ ସଂଗଠନ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ପତ୍ର ମାଧ୍ୟମରେ ଜଣାଯାଇଥିଲା। ହେଲେ ସେମାନଙ୍କ ପ୍ରତି ଗୁରୁତ୍ୱ ଦିଆ ନ ଯିବାରୁ ଏଭଳି ସ୍ଥିତି ଉପୁଜିଲା ବୋଲି ଧୀଙ୍ଗ୍ରା କହିଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟ ଚାକିରି ଯିବା ଚିନ୍ତାରେ ଆମେରିକାବାସୀ

- ବର୍ତ୍ତମାନ କେହି ସୁରକ୍ଷିତ ନୁହନ୍ତି: ସର୍ଭେ
- ଆଗାମୀ ଦିନରେ ୨ କୋଟି ୭୯ ଲକ୍ଷ ଚାକିରି ହ୍ରାସ ପାଇବ

**ନ୍ୟୁୟର୍କ, ୧୫।୪**

କରୋନା ଭାଇରସ୍ ସଂକ୍ରମଣଜନିତ ଭୟରେ ଆମେରିକାରେ ବିମାନ ଓ ଆତିଥ୍ୟ ପ୍ରଦାନ କରୁଥିବା ସଂସ୍ଥା ପ୍ରଥମ ପର୍ଯ୍ୟାୟରେ ଘୋର ଆର୍ଥିକ ସ୍ଥିତିର ସମ୍ମୁଖୀନ ହୋଇଥିଲେ। ଫଳରେ ଅନେକେ ଚାକିରି ହରାଇବା ସହ ଦରମା ହ୍ରାସର ଶିକାର ହୋଇଛନ୍ତି। ଶଟ୍‌ଡାଉନ୍ ଅବଧି ବଢ଼ିଚାଲିଥିବାରୁ ଏହାର ପ୍ରଭାବ ଶିଳ୍ପଜଗତର ଉଚ୍ଚ ବେତନଭୋଗୀ କର୍ମଚାରୀଙ୍କ ଉପରେ ପଡ଼ିବା ଆରମ୍ଭ କଲାଣି। ଆର୍ଥିକ ସ୍ଥିତି ଦିନକୁ ଦିନ ବିଗୁଡ଼ୁଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ଚାକିରି ଯିବା ସୁନିଶ୍ଚିତ ହେଲାଣି, ଯାହା ୨୦୦୭-୨୦୦୯ ମାନ୍ଦାବସ୍ଥାକୁ ଅତିକ୍ରମ କରିଯିବାର ଆଶଙ୍କା ସୃଷ୍ଟି କରିଛି।

ୱାଲ୍‌ଷ୍ଟ୍ରିଟ୍ ଜର୍ନାଲ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ବିଭିନ୍ନ ସ୍ତରରେ ବ୍ୟବସାୟ ମାନ୍ଦା ହେବା ଯୋଗୁ ସାମଗ୍ରୀର ବିକ୍ରିବଟା କମିବା, ନଗଦ ଅର୍ଥରାଶି ସଙ୍କୁଚିତ ହେଉଥିବାରୁ ଉଚ୍ଚ ବେତନଭୋଗୀମାନଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ। ଆମେରିକାରେ କେହି ଆଉ ସୁରକ୍ଷିତ ନାହାନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ଜର୍ନାଲ ପକ୍ଷରୁ ଚଳିତ ମାସ ୫୭ ଜଣ ଅର୍ଥନୀତିଜ୍ଞଙ୍କ ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ ଆସନ୍ତା ମାସ ପ୍ରାୟ ୧ କୋଟି ୪୪ ଲକ୍ଷ ଲୋକ ଚାକିରି ହରାଇବେ। ଏଥିଯୋଗୁ ବେକାରଙ୍କ ସଂଖ୍ୟା ଜୁନ୍ ବେଳକୁ ୧୩ ପ୍ରତିଶତ ବୃଦ୍ଧି ପାଇବ, ଯାହା ୫୦ ବର୍ଷର ସବୁ ରେକର୍ଡ ଭାଙ୍ଗିବ ବୋଲି କୁହାଯାଉଛି। ଇତିମଧ୍ୟରେ ଆମେରିକା ଶ୍ରମ ଶକ୍ତିର ୧୧ ପ୍ରତିଶତ ଅର୍ଥାତ୍ ପ୍ରାୟ ୧ କୋଟି ୬୮ ଲକ୍ଷ ଲୋକ ଚାକିରି ହରାଇଥିବାରୁ ବେକାରଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ପାଇବା ସକାଶେ ଆବେଦନ କରିସାରିଲେଣି। ଅକ୍ସଫୋର୍ଡ ଇକୋନମିକ୍ସର ମୁଖ୍ୟ ଅର୍ଥନୀତିଜ୍ଞ ଗ୍ରିଗୋରୀ ଡାକେ ଅନୁମାନ ଲଗାଇଛନ୍ତି ଯେ, ଆସନ୍ତା ଦିନରେ ୨ କୋଟି ୭୯ ଲକ୍ଷ ଚାକିରି ହ୍ରାସ ପାଇବ। ସେହିପରି ଚାକିରି ଅନ୍ୱେଷଣକାରୀ ୱେବ୍‌ସାଇଟ୍ 'ଜିପ୍‌ରିକ୍ରୁଇଟର' ପକ୍ଷରୁ କରାଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି ଯେ ବ୍ୟବସାୟ ଓ ବୃତ୍ତିଗତ ସେବାରେ ନିଯୁକ୍ତ ପ୍ରାୟ ୩୯ ପ୍ରତିଶତ କର୍ମଚାରୀ ଚାକିରି ହରେଇ ସାରିଲେଣି। ଲ' ଫାର୍ମଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା କମ୍ପାନୀ ଓ ଇନ୍‌ଭେଷ୍ଟ ମ୍ୟାନେଜମେଣ୍ଟ କମ୍ପାନୀଗୁଡ଼ିକ ଘୋର ପ୍ରଭାବିତ ହୋଇଛନ୍ତି। ଯେହେତୁ ଏଗୁଡ଼ିକର ରାଜସ୍ୱ କମିଯାଇଛି ଓ ଖର୍ଚ୍ଚ କାଟ କରିବା ନିତାନ୍ତ ଆବଶ୍ୟକ ହୋଇପଡ଼ିଛି, ସେହେତୁ କର୍ମଚାରୀଙ୍କୁ ଛଟେଇ କରିବା ବ୍ୟତୀତ ଅନ୍ୟ କୌଣସି ବାଟ ନାହିଁ।

ଅଣଲାଭଦାୟକ ଗବେଷଣା ସଂସ୍ଥା 'ଡାଟା ଫର୍ ପ୍ରୋଗ୍ରେସ' ପକ୍ଷରୁ କରାଯାଇଥିବା ସର୍ଭେରୁ ଏହା ମଧ୍ୟ ଜଣାପଡ଼ିଛି ଯେ, କରୋନା ଭାଇରସ୍ ସଂକ୍ରମଣ ଯୋଗୁ ୩୩ ପ୍ରତିଶତ ସେମାନଙ୍କ ଚାକିରି ହରାଇ ସାରିଲେଣି। ସେମାନଙ୍କ ମଧ୍ୟରୁ କେତେକ ସାମୟିକ ଛୁଟିରେ ଥିବା ବେଳେ ଆଉ କେଉଁଠାରେ କାମ କରିବାର ସମୟ ହ୍ରାସ କରାଯାଇଛି।

# କରୋନାକୁ ନେଇ ୧୨ ଭ୍ରାନ୍ତଧାରଣା ଦୂରକଲେ ବାଗ୍‌ଚୀ

**ଭୁବନେଶ୍ୱର, ୧୫।୪(ବ୍ୟୁରୋ)**

କରୋନାରୁ ରକ୍ଷା ପାଇବା ପାଇଁ ଲୋକଙ୍କ ମନରେ ୧୨ ପ୍ରକାର ଭ୍ରାନ୍ତ ଧାରଣା ରହିଛି। ରାଜ୍ୟରେ ସଂକ୍ରମଣ ସ୍ଥିତିକୁ ନେଇ ବୁଧବାର କରୋନା ଭୂତାଣୁ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ତଥ୍ୟ ଦେବା ସମୟରେ ଏହି କଥା କହିଛନ୍ତି। ସେ କହିଲେ, ମଦ ପିଇଲେ କରୋନା ହେବ ନାହିଁ ବୋଲି ଲୋକେ ଭାବୁଛନ୍ତି। କିନ୍ତୁ ମଦ କିମ୍ବା କୌଣସି ନିଶା ଦ୍ରବ୍ୟ ବ୍ୟବହାର କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ତେଣୁ ଏକ୍ଷେତ୍ରରେ ସଂକ୍ରମଣ ଆଶଙ୍କା ଅଧିକ ହେବ ପଛେ କମିବ ନାହିଁ। ସେହିପରି କ୍ଲୋରିନ ପାଣିରେ କୁଳୁକୁଞ୍ଚା କଲେ କରୋନା ସଂକ୍ରମଣ ହେବ ନାହିଁ ଶୁଣି କେବେ ହେଲେ ତାହାକୁ ପାଟିରେ ପୂରାଇବେ ନାହିଁ। ଏହା ଶରୀରରେ ଗୁରୁତର କ୍ଷତି ଘଟାଇବ। ଆଣ୍ଟିବାୟୋଟିକ୍ ଔଷଧ ଖାଇଲେ କରୋନା ହେବ ନାହିଁ ବୋଲି ଅନେକ ଭାବୁଛନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ୍। ଆଣ୍ଟିବାୟୋଟିକ୍‌ରେ ସାଧାରଣତଃ ଜୀବାଣୁ ନାଶ ହୁଅନ୍ତି, ଭୂତାଣୁ ନାଶ ହୁଅନ୍ତି ନାହିଁ। ସେହିପରି ଶିଶୁ ଓ ଯୁବକଙ୍କୁ କରୋନା ହେବ ନାହିଁ ବୋଲି ଯେଉଁ ଧାରଣା ରହିଛି ତାହା ମଧ୍ୟ ଠିକ୍ ନୁହେଁ। ସବୁ ବୟସରେ ସମସ୍ତଙ୍କୁ କରୋନା ଆଶଙ୍କା ରହିଛି। କିନ୍ତୁ ୭୦ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ରିସ୍କ ଅଧିକ। ସେହିପରି ପ୍ରଶ୍ୱାସ ନେଇ ୧୦ ସେକେଣ୍ଡ ସ୍ଥିର ରଖିଲେ ଶରୀରରେ କରୋନା ଭୂତାଣୁ ନ ଥିବା ଜଣାପଡିବ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି। କିନ୍ତୁ ତାହାର ସତ୍ୟତା ନାହିଁ। କେବଳ ନମୁନା ପରୀକ୍ଷା ଦ୍ୱାରା ହିଁ ଭୂତାଣୁ ଠାବ କରାଯାଇଥାଏ। ଆଉ ଗୋଟିଏ ଭ୍ରାନ୍ତ ଧାରଣା ହେଉଛି, ଗରମ ପାଣିରେ ଗାଧୋଇଲେ କରୋନା ହେବ ନାହିଁ। ଏହାସହ କରୋନା ଦୂରେଇ ଯିବାର କୌଣସି ସମ୍ପର୍କ ନାହିଁ। କରୋନା ମୁକାବିଲା ପାଇଁ ୬ରୁ ୮ଥର ସାବୁନରେ ୨୦ସେକେଣ୍ଡ ପର୍ଯ୍ୟନ୍ତ ଭଲ କରି ହାତ ଧୋଇବାକୁ ବାଗ୍‌ଚୀ ପରାମର୍ଶ ଦେଇଛନ୍ତି। ୨୫ ଡିଗ୍ରୀ ସେଲ୍‌ସିୟସ୍ ବା ଏହାଠାରୁ ଅଧିକ ତାପମାତ୍ରାରେ କରୋନା ଭୂତାଣୁ ମରିଯିବ ବୋଲି ଭୁଲ୍ ସୂଚନା ରହିଛି। ଏହା ବିଜ୍ଞାନ ସମ୍ମତ ନୁହେଁ। ମଶା କାମୁଡ଼ାରୁ ମଧ୍ୟ କରୋନା ସଂକ୍ରମିତ ହୋଇପାରେ ବୋଲି ଲୋକେ ଭାବୁଛନ୍ତି। କିନ୍ତୁ କରୋନା ମ୍ୟାଲେରିଆ କି ଫାଇଲେରିଆ ନୁହେଁ। ଏହି ଭୂତାଣୁ କାଶ, ଛିଙ୍କରୁ ବାହାରୁଥିବା କଣିକା ଦ୍ୱାରା ଲୋକଙ୍କ ଶ୍ୱାସନଳୀ ପଟେ ସଂକ୍ରମଣ ହେଉଛି। ମଶା କାମୁଡ଼ାରୁ କରୋନା ହୁଏନାହିଁ। ସେହିପରି କରୋନା ଥରେ ହେଲେ ସାରା ଜୀବନ ଗୋଡ଼ାଇବ ଏବଂ ପୋଷା ଜୀବଜନ୍ତୁଙ୍କଠାରୁ ଏହା ହୋଇପାରେ ବୋଲି ହେଉଥିବା ଭୁଲ୍ ଚର୍ଚ୍ଚାକୁ ଲୋକେ ସତ ଭାବୁଛନ୍ତି। ନାକରେ ଲୁଣ ପାଣି ପୂରାଇଲେ, ଓ ରସୁଣ ଖାଇଲେ କରୋନା ହେବ ନାହିଁ ବୋଲି ଯେଉଁ ଧାରଣା ରହିଛି ତାହା ଭୁଲ୍। ଏସବୁ ଧାରଣା ମୁଣ୍ଡରୁ କାଢ଼ି ଦେବାକୁ ବାଗ୍‌ଚୀ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।

# କରୋନା ବିଜୟିନୀ ବ୍ରିଟେନ୍‌ର ବୟସ୍କ ମହିଳା

**ଲଣ୍ଡନ, ୧୫।୪:** ବ୍ରିଟେନର ସବୁଠାରୁ ବୟସ୍କ ମହିଳା କୁହାଯାଉଥିବା କୋନି ଟିଚ୍‌ନେନ୍ ୧୦୬ ବର୍ଷ ବୟସରେ କରୋନା ବିଜୟୀ ହୋଇପାରିଛନ୍ତି। ସେ ସୁସ୍ଥହୋଇ ହସ୍ପିଟାଲରୁ ବାହାରିଛନ୍ତି। ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଦେଖିଥିବା କୋନି ଗତ ମାସରେ ଭୂତାଣୁ ଆକ୍ରାନ୍ତ ହୋଇ ବର୍ମିଂହାମ୍ ସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପ୍ରଥମେ ନିମୋନିଆ ବୋଲି ସନ୍ଦେହ କରାଯିବା ପରେ ସେ କୋଭିଡ୍‌-୧୯ର ଶିକାର ହୋଇଥିବା ପରେ ଜଣାପଡ଼ିଥିଲା। ହସ୍ପିଟାଲରୁ ବାହାରିବା ପରେ ନିଜକୁ ଭାଗ୍ୟବାନ ମଣୁଥିବା କୋନି କହିଛନ୍ତି। କୋନିଙ୍କ ୫ ନାତି ଓ ୮ ଅଣନାତି ଅଛନ୍ତି। କୋନି ବେଶ୍ ଆକ୍ଟିଭ୍ ଓ ସେ ନାଚିବାକୁ, ଗଲ୍ଫ ଖେଳିବାକୁ ଭଲପାନ୍ତି ବୋଲି କହିଛନ୍ତି ବଡ଼ ନାତୁଣୀ ଆଲେକ୍ସ ଜୋନ୍ସ। ସେ ନିଜ ରୋଷେଇ ନିଜେ କରନ୍ତି। ସେ ଶାରୀରିକ ଭାବେ ସକ୍ଷମ ଓ ସ୍ୱାଧୀନ। ବିଶ୍ୱର ସେ ହେଉଛନ୍ତି ସବୁଠାରୁ ବୟସ୍କା କରୋନା ଆକ୍ରାନ୍ତ, ଯେ କି କରୋନା ଭୂତାଣୁକୁ ପରାସ୍ତ କରିବାରେ ସଫଳ ହୋଇଛନ୍ତି। ଏଥିଲାଗି ସେ ସିଟି ହସ୍ପିଟାଲର ଡାକ୍ତରମାନଙ୍କୁ ସବୁ ଶ୍ରେୟ ଦେଇଛନ୍ତି। ପ୍ରକାଶଥାଉ କି ବ୍ରିଟେନରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୮ ହଜାରରୁ ଊର୍ଦ୍ଧ୍ୱ ରହିଥିବା ବେଳେ ମୃତ୍ୟୁସଂଖ୍ୟା ବଢ଼ି ୧୨,୮୬୮ରେ ପହଞ୍ଚିଲାଣି।



# ଓଡ଼ିଶାରେ ସଂକ୍ରମଣ ହାର ସର୍ବନିମ୍ନ

**ପ୍ରତି ୧୦୦ ନମୁନାରେ ୧.୦୮% ପଜିଟିଭ୍**

**ଭୁବନେଶ୍ୱର, ୧୫।୪(ବ୍ୟୁରୋ):** ମହାମାରୀ କରୋନା ପାଇଁ ସାରା ଭାରତ ବର୍ତ୍ତମାନ ଲକ୍‌ଡାଉନରେ ରହିଛି। ଏହାସତ୍ତ୍ୱେ ଦେଶରେ ଦିନକୁ ଦିନ କୋଭିଡ୍‌-୧୯ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। କିନ୍ତୁ ଜାତୀୟ ସ୍ଥିତି ତୁଳନାରେ ଓଡ଼ିଶାରେ ସଂକ୍ରମଣ ହାର ସର୍ବନିମ୍ନ ରହିଛି ବୋଲି ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି।

ସେ କହିଛନ୍ତି ଯେ, ଓଡ଼ିଶାରେ ସାଢ଼େ ୪ କୋଟି ଜନସଂଖ୍ୟା। ଆମ ରାଜ୍ୟରେ ଯେଉଁ ଅନୁଶାସନ ଓ ଶୃଙ୍ଖଳା ରହିଛି, ସେଥିପାଇଁ ଆମର କୋଭିଡ୍ ସଂକ୍ରମଣ ସଂଖ୍ୟା କମିଛି। ଏବେସୁଦ୍ଧା ୬୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଭାରତରେ ଏବେ ଦ୍ରୁତ ଗତିରେ କରୋନା ସଂକ୍ରମଣ ବଢୁଥିବାବେଳେ ଓଡ଼ିଶାରେ ଏହାର ଗତି ମନ୍ଥର ରହିଛି। ରାଜ୍ୟରେ ପ୍ରତି ୧୦୦ ନମୁନା ପରୀକ୍ଷଣରେ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବନିମ୍ନ ସ୍ତରରେ ରହିଛି। ଦିଲ୍ଲୀରେ ପ୍ରତି ୧୦୦ ଟେଷ୍ଟରେ ୧୦.୯୦% ପଜିଟିଭ୍ ଆସୁଥିବାବେଳେ ତାମିଲନାଡୁରେ ୯.୨୦%, ମଧ୍ୟପ୍ରଦେଶରେ ୭.୬୦% ରହୁଛି। ତେବେ ଦେଶରେ ଏହି ହାର ୫% ରହିଥିବାବେଳେ ଓଡ଼ିଶାରେ ମାତ୍ର ୧.୦୮ % ରହିଛି। ଓଡ଼ିଶାରେ ଏହାକୁ ବନ୍ଦୀ କରି ରଖିବାର ଶ୍ରେୟ କେବଳ ଶୃଙ୍ଖଳିତ ଓଡ଼ିଶାବାସୀଙ୍କୁ ହିଁ ଯାଉଛି ବୋଲି ଶାଳିନୀ ପଣ୍ଡିତ କହିଛନ୍ତି।







**ଅଟକାଇ ପାରିନି କରୋନା**

# କାଳିଆ ପାଖରେ ପହଞ୍ଚାଇଲେ ଫୁଲ, ତୁଳସୀ

**ଢେଙ୍କାନାଳର ନିଆରା ଭକ୍ତ ଟିଙ୍କୁବାବା**

**ପୁରୀ ଅଫିସ, ୧୫।୪**

କରୋନା ଟାଣିଛି ଲକ୍ଷ୍ମଣରେଖା। ବାଇଶିପାହାଚ ଡେଇଁପାରୁନି ଭକ୍ତ। ହେଲେ ଅନେକ ଶ୍ରଦ୍ଧାଳୁଙ୍କ ମନ ବୁଝୁନି। କାଳିଆ ସାଆନ୍ତଙ୍କୁ କିଏ ସ୍ୱପ୍ନରେ ଦେଖୁଛନ୍ତି ତ ଆଉ କିଏ ଭାବ ଭକ୍ତିରେ ହଜି ଯାଉଛନ୍ତି। ଏମିତି ଉଦାହରଣ ଅନେକ ରହିଛି, ଯେଉଁଥିପାଇଁ ସକାଳେ ଶ୍ରୀମନ୍ଦିର ଆଖପାଖରେ ଘେରା ପକାଉଛନ୍ତି ଅନେକ ଭକ୍ତ। କରୋନା କଟକଣା ଥିଲେ ବି ଛୁଟି ଆସୁଛନ୍ତି ସିଂହଦ୍ୱାରକୁ। ଦୁଇହାତ ଟେକି ପତିତପାବନଙ୍କୁ ଦର୍ଶନ କରୁଛନ୍ତି। କାହାର ଆଖିରୁ ଲୁହଧାର ବି ଗଡ଼ିଯାଉଛି। ଏମିତି ଚିତ୍ର ପ୍ରତ୍ୟହ ସକାଳେ ସିଂହଦ୍ୱାରରେ ଦେଖିବାକୁ ମିଳୁଛି। ତେବେ ବୁଧବାର ସକାଳେ ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ ଏମିତି ଜଣେ ନିଆରା ଭକ୍ତଙ୍କୁ ଦେଖିବାକୁ ମିଳିଥିଲା, ଯିଏ ସୁଦୂର ଢେଙ୍କାନାଳରୁ ବାଇକ୍‌ରେ କାଳିଆ ପାଇଁ ଆଣିଥିଲେ ତୁଳସୀ ଓ ଫୁଲ।

ଲୀଳାମୟ ଠାକୁର ଶ୍ରୀଜଗନ୍ନାଥଙ୍କୁ ରସିକ ରାଜ କୁହାଯାଏ। ତାଙ୍କର ବିଭିନ୍ନ ନୀତି ଓ ବେଶରେ ଭିନ୍ନ ଭିନ୍ନ ରଙ୍ଗ ଓ ବାସ୍ନାର ଫୁଲ ଲାଗିଥାଏ। ଶ୍ରୀମନ୍ଦିରରେ ହେଉ କି ପହଣ୍ଡିରେ ଅବା ରଥ ଉପରେ ଫୁଲରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ତୁଳସୀ ଓ ଦୟଣା ପ୍ରିୟ ଠାକୁର ସେ। ତାଙ୍କ ପୂଜାରେ ତୁଳସୀ, ମସ୍ତକରେ ତୁଳସୀ ଆଉ ମହାପ୍ରସାଦରେ ବି ତୁଳସୀ। ସେଇଥିପାଇଁ ତ ମହାପ୍ରଭୁଙ୍କ ଟାହିଆ, ଟୋପର, ଗୁଣା, ନାକଚଣା ସମେତ ପ୍ରତିଟି ପୁଷ୍ପାଳଙ୍କାରରେ ତୁଳସୀ ବ୍ୟବହୃତ ହୋଇଥାଏ। ଠାକୁରଙ୍କ ଛଡ଼ା ତୁଳସୀ ପାଇଗଲେ ଭକ୍ତ ମନ ପୂରିଉଠେ। ତୁଳସୀରେ ପୂଜା, ତୁଳସୀରେ ଉପଚାର, ତୁଳସୀରେ ଆଜ୍ଞା ଓ ତୁଳସୀରେ ଅନୁରାଗ। ମହାପ୍ରଭୁଙ୍କର ଏମିତି ନୀତି ନାହିଁ, ଯେଉଁଠି ତୁଳସୀ ନ ଥାଏ। ହେଲେ ଏବେ କରୋନା କଟକଣା ଯୋଗୁ ଶ୍ରଦ୍ଧାଳୁ ଆସୁ ନ ଥିବାରୁ ଫୁଲ, ତୁଳସୀର ଅଭାବ ଦେଖାଦେଇଛି। ଏକଥା ଜାଣିବା ପରେ ଢେଙ୍କାନାଳରୁ ବୁଧବାର ଫୁଲ, ତୁଳସୀ ଆଣି ଶ୍ରୀକ୍ଷେତ୍ର ଆସିଥିଲେ ଟିଙ୍କୁବାବା। ଏକ ବାଇକ୍‌ରେ ହୁଣ୍ଡି ଲଦି ସେଥିରେ ଫୁଲ ଓ ତୁଳସୀ ଭର୍ତ୍ତି କରି ପହଞ୍ଚିଥିଲେ ପଶ୍ଚିମ ଦ୍ୱାରରେ। ସେବକମାନଙ୍କୁ ଦେବା ପରେ ଭାବ ଭକ୍ତିରେ ଟିଙ୍କୁବାବାଙ୍କ ଆଖିରୁ ଝରି ପଡ଼ିଥିଲା ଦୁଇଟୋପା ଲୁହ। ଏ ସମ୍ପର୍କରେ ଟିଙ୍କୁବାବା କହିଛନ୍ତି, ସେ ଗତ କିଛିବର୍ଷ ହେଲା ମହାପ୍ରଭୁଙ୍କ ପାଇଁ ଫୁଲ, ତୁଳସୀ ଆଣି ଯୋଗାଇ ଦେଉଛନ୍ତି। କିନ୍ତୁ ଲକ୍‌ଡାଉନ ପରେ ତାଙ୍କର ଆସିବା ସମ୍ଭବ ହେଲା ନାହିଁ। ଗଣମାଧ୍ୟମରେ ମହାପ୍ରଭୁଙ୍କୁ ଫୁଲ, ତୁଳସୀ ନିଅଣ୍ଟ ପଡୁଥିବା ଜାଣିବା ପରେ ତାଙ୍କ ମନ ଅଥୟ ହେଲା। କିପରି ଫୁଲ, ତୁଳସୀ ନେଇ ଶ୍ରୀକ୍ଷେତ୍ର ଯିବେ ସେହି ଚିନ୍ତାରେ ରହିଥିଲେ। ଏକଘରିଆ ଗ୍ରାମବାସୀ ଏବଂ ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ ସହଯୋଗରେ ସେ ଢେଙ୍କାନାଳ ଜିଲାପାଳଙ୍କଠାରୁ ଏକ ପାସ୍ ପାଇବା ପରେ ବୁଧବାର ବାଇକ୍‌ରେ ଫୁଲ, ତୁଳସୀ ଆଣି ମହାପ୍ରଭୁଙ୍କୁ ସମର୍ପି ଦେଇଥିଲେ। ତେବେ ପାସ୍ ଗୋଟିଏ ଦିନ ପାଇଁ ବୈଧ ଥିବାରୁ ମନ ଉଣା କରିଛନ୍ତି ଟିଙ୍କୁବାବା। ପୁନଶ୍ଚ ଢେଙ୍କାନାଳ ଜିଲାପାଳଙ୍କୁ ଅନୁରୋଧ କରିବେ। ତାଙ୍କୁ ପାସ୍ ମିଳିଲେ ସେ ପୁଣି ଏହି ଲକ୍‌ଡାଉନ ସମୟରେ ଫୁଲ, ତୁଳସୀ ଆଣି ଆସିବେ ବୋଲି କହିଛନ୍ତି। ମହାପ୍ରଭୁଙ୍କ ଉପରେ ତାଙ୍କର ଆସ୍ଥା ଓ ବିଶ୍ୱାସ ରହିଛି। ଏହି ଛୋଟିଆ ସେବା ପାଇଁ ମହାପ୍ରଭୁ ତାଙ୍କୁ ନିଶ୍ଚିତ ସହାୟ ହେବେ ବୋଲି ଟିଙ୍କୁବାବା କହିଛନ୍ତି।



କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ବନ୍ଧ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆଡୁ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଖସି ଦିଏ– ସେତିକି ବେଳେ। –ଶ୍ରୀଅରବିନ୍ଦ



# ଘୋଡ଼ା ନିର୍ଯାତନା ଓ ଆଇନ



ମାନେକା ଗାନ୍ଧୀ

ତରାଇ (ହିମାଳୟ ପାଦଦେଶରେ ଥିବା ଅଞ୍ଚଳ)ର ଅଧିକାଂଶ ଜିଲା ମୁଖ୍ୟତଃ ପିଲିଭିଟ (ଉତ୍ତରପ୍ରଦେଶ)ରେ ବହୁ ସଂଖ୍ୟାରେ ଘୋଡ଼ାଗାଡି ଦେଖିବାକୁ ମିଳେ। କେବଳ ଏହି ଅଞ୍ଚଳରେ ନୁହେଁ,ଉତ୍ତର ଭାରତର ଅନେକ ରାଜ୍ୟରେ ଏହା ପରିଲକ୍ଷିତ ହୁଏ। ଏପରି କି ଦିଲ୍ଲୀରେ ଘୋଡାଗାଡିକୁ ନିଷେଧ କରାଯାଇଥିଲେ ବି ସହରର ଅଧିକାଂଶ ଅଞ୍ଚଳରେ ଘୋଡାମାନଙ୍କୁ ଏଭଳି କାର୍ଯ୍ୟରେ ଲଗାଯାଉଛି। ବରେଲିରେ ମୋର ଗୋଟିଏ ପିପୁଲସ୍ ଫର୍ ଆନିମଲ୍ ହସ୍ପିଟାଲ ରହିଛି। ଏମିତି ଏକ ଦିନ ନାହିଁ, ଯେଉଁଠି ପାଖ ଜିଲାରୁ ହସ୍ପିଟାଲର କର୍ମଚାରୀମାନଙ୍କ ପାଖକୁ ଘୋଡାଙ୍କୁ ନେବା ଲାଗି ଫୋନ ଆସି ନ ଥିବ। ଦୁର୍ଘଟଣାର ସମ୍ମୁଖୀନ ହେବା, ଆବଡ଼ାଖାବଡା ଗାଁ ରାସ୍ତାରେ ଘୋଡ଼ାର ଗୋଡ ଭାଙ୍ଗିଯିବା କିମ୍ବା ଦୁର୍ବଳ ହେଉ କି ଅଧିକ ଯାତ୍ରୀ ବୋହିବା ବୋଝ ଜନିତ ଯନ୍ତ୍ରଣାରୁ ହେଉ, ମୃତ୍ୟୁ ଘଟୁଥିବା ଘୋଡ଼ାଙ୍କୁ ନେବା ଲାଗି ସାଧାରଣତଃ ଏଭଳି ଫୋନ୍ ଆସିଥାଏ। ଠିକ୍ ଭାବେ ନାଲ ଲଗାଯାଇ ନ ଥିବା କାରଣରୁ ସେମାନେ ଖୁରା ହରାଇଥାନ୍ତି। ସେମାନଙ୍କ ପାଦ ଫୁଲିଯାଏ ଓ ଅବସାଦରେ ରୁହନ୍ତି। ଅନେକଙ୍କଠାରେ ଗ୍ଲାଣ୍ଡର୍ସ( ଏକପ୍ରକାର ଭୟଙ୍କର ସଂକ୍ରାମକ ରୋଗ) ଦେଖାଯାଏ। ଅପଙ୍ଗ ହେବା କିମ୍ବା ମୃତ୍ୟୁ ହେବା ଭିତରେ ବି ଏହାର ନିରୂପଣ କିମ୍ବା ଚିକିତ୍ସା କରାଯାଇନଥାଏ।

ଘୋଡ଼ାମାନଙ୍କୁ ବାରମ୍ବାର ବାଡାଇବା ଯୋଗୁ ସେମାନଙ୍କ ଆଖିରେ ଆଘାତ ଲାଗେ,ଏପରି କି କ୍ଷତ ବି ହୋଇଯାଏ। ଖୁରାରେ କଣ୍ଟା ବାଡ଼ାଇବା ଦ୍ୱାରା ଗର୍ତ୍ତ ସୃଷ୍ଟି ହୁଏ ଓ ବହୁ ସମୟରେ କଣ୍ଟା ବି ହାଡ ମଧ୍ୟକୁ ପ୍ରବେଶ କରିଯାଏ। ଏହାଦ୍ୱାରା ସେମାନଙ୍କ ଗୋଡ ଫୁଲିଯାଏ। 'ପେଟା' ପାଇଁ ମହାରାଷ୍ଟ୍ରର ପ୍ରାଣୀପାଳନ ବିଭାଗର ପ୍ରାଣୀଚିକିତ୍ସକମାନେ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟରତ ଘୋଡ଼ାମାନଙ୍କ ସ୍ୱାସ୍ଥ୍ୟ ଉପରେ ଆକଳନ କରି ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏଥିରୁ ଜଣାପଡିଛି ଯେ,ସମସ୍ତ କାର୍ଯ୍ୟରତ ଘୋଡା ପୁଷ୍ଟିହୀନତାର ଶିକାର ହେଉଛନ୍ତି। ସେମାନଙ୍କ ଶରୀରରେ ସବୁଆଡେ କ୍ଷତ ତଥା ସ୍ନାୟୁଫୁଲା, ଅସ୍ଥିରଜ୍ଜୁ ଓ ଗଣ୍ଠି ସମସ୍ୟା ଦେଖିବାକୁ ମିଳିଛି। ପ୍ରାଣୀଚିକିତ୍ସକମାନେ କହିଛନ୍ତି,ଏଭଳି ଅବସ୍ଥାରେ ଯଦି ଘୋଡ଼ାଙ୍କୁ ପୁଣି କାର୍ଯ୍ୟରେ ଲଗାଯାଏ ତେବେ ସେମାନଙ୍କର ଏହି ଯନ୍ତ୍ରଣାଦାୟକ ସମସ୍ୟା ଆହୁରି ବଢ଼ିଯିବ ଓ ଏହାଦ୍ୱାରା ସେମାନେ ଅପଙ୍ଗ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଓଟିସ୍ଥିତ ଡବ୍ଲ୍ୟୁଟିଜି. ଇ. ଭି. ଆଣ୍ଡ୍ ଆଇପିଏଏନ୍ ଦ୍ୱାରା କରାଯାଇଥିବା ଏକ କ୍ଷେତ୍ରୀୟ ଅନୁଧ୍ୟାନରୁ ଜଣାଯାଇଛି ଯେ, ଖୁରାରେ ଠିକ୍ ଭାବେ ନାଲ ନ ଲଗାଯିବା ଯୋଗୁ ୩୫୦ଟି ଘୋଡ଼ା ଖୁରା ସମସ୍ୟାର ସମ୍ମୁଖୀନ ହେବା ସହ ଯନ୍ତ୍ରଣାଦାୟକ ଆଘାତ ପାଉଛନ୍ତି। ଅନେକଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଥିବାରୁ ସେମାନେ ରକ୍ତହୀନତାର ଶିକାର ହେଉଛନ୍ତି। କେବଳ ଏତିକି ନୁହେଁ, ଘା ଓ ରୋଗଗ୍ରସ୍ତ ଖୁରାର ଚିକିତ୍ସା କରାଯାଉନି। ଏହାବାଦ୍ ସେମାନଙ୍କଠାରେ ଗୋଡଫୁଲା ସମସ୍ୟା , ସଂକ୍ରମଣ, ଛୋଟାପଣ ବି ଦେଖାଯାଏ। ଆଖି ସମସ୍ୟାରେ ମଧ୍ୟ ଆକ୍ରାନ୍ତ ହୋଇଥାନ୍ତି। କୌଣସି ଘୋଡ଼ାକୁ ମାଲିମାନେ ଘରେ ରଖନ୍ତିନାହିଁ। ମୁଁ ଦେଖିଛି ପିଲିଭିଟିରେ ସେମାନଙ୍କୁ ରାସ୍ତା କଡ଼ରେ ଖୁଣ୍ଟରେ ବାନ୍ଧି ଦିଆଯାଏ। ଖରା,ବର୍ଷା ଓ ଥଣ୍ଡାରୁ ସୁରକ୍ଷା ଦେବାରେ କୌଣସି ବ୍ୟବସ୍ଥା ବି କରାଯାଇ ନ ଥାଏ। ସେମାନେ ବିଶୁଦ୍ଧ ପାନୀୟ ଜଳ ପିଇବାକୁ ପାଆନ୍ତିନି। ବେକରେ ଏକ ଖାଦ୍ୟଥଳୀ ଝୁଲାଇ ଦିଆଯାଏ ଓ ସେଥିରୁ ସେମାନେ ଖାଆନ୍ତି। ଯାତ୍ରୀ ବୋହିବା ସମୟରେ ସେମାନେ ଷ୍ଟପେଜରେ ଏହାକୁ ଖାଇଥାନ୍ତି।

ରାସ୍ତାରେ ଦୁର୍ଘଟଣା ଘଟିବାର ଆଶଙ୍କା ଅଧିକ ଥାଏ। ସବୁଜ ଘାସ ଖାଇବାକୁ ଖୋଜି ବୁଲିବା ସମୟରେ ଏଭଳି ବିପଦରେ ବେଶି ପଡିଥାନ୍ତି। ଘୋଡ଼ା ଦିନକୁ ଖାଇବାରେ ୧୮ଘଣ୍ଟା କଟାଏ । ଚୋବାଇ ଖାଇବା ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟକୁ ଉପକାର ହୋଇଥାଏ। କିନ୍ତୁ ଯେହେତୁ ସେମାନଙ୍କୁ କାର୍ଯ୍ୟରୁ କମ୍ ଫୁରୁସତ ମିଳେ ସେଥିପାଇଁ ସେମାନେ ଖାଇବା କିମ୍ବା ପାକୁଳି କରିବା ପାଇଁ ସମୟ ପାଆନ୍ତିନି। ସେମାନେ ଅଳିଆ ବାକ୍ସ ବାହାରେ ପଡିଥିବା ଖାଦ୍ୟ ଏପରିକି ପ୍ଲାଷ୍ଟିକ୍ ଦ୍ରବ୍ୟକୁ ବି ଖାଇଥାନ୍ତି। ଏଭଳି ବହୁଥର ଖାଇବା ଦ୍ୱାରା ସେମାନଙ୍କ ପାକସ୍ଥଳୀରେ ପ୍ଲାଷ୍ଟିକର ଏକ ଗୁଳା ଗଠିତ ହୁଏ। ଏହା ସହଜରେ ହଜମ ହୁଏନାହିଁ। ଶେଷରେ ଏହା ଯୋଗୁ ଖାଦ୍ୟନଳୀ ଅବରୋଧ ହେବା ସହ ଖାଦ୍ୟନଳୀରେ କଣା ହୋଇଯାଏ।

ବାଧ୍ୟତାମୂଳକ ଭାବେ ବହୁ ଘୋଡ଼ାଙ୍କୁ ଗର୍ଭଧାରଣ କରାଯାଏ। ପରେ ମା' ଓ ଛୁଆ ବେଶିଦିନ ଏକାଠି ରହିପାରନ୍ତିନି, ଛୁଆକୁ ବିକ୍ରି କରି ଦିଆଯାଏ। ଯଦି ଧଳାରଙ୍ଗର ମାଈ ଘୋଡା ହୋଇଥାଏ ତେବେ ତାହାକୁ ବରାତ୍‌ରେ ନିଆଯାଏ ଓ ସେମାନେ ମ୍ୟୁଜିକ୍ ଶବ୍ଦ ଓ ନାଚଗହଳି ମଧ୍ୟରେ ମୁହଁରେ ତୁଣ୍ଡି ଲାଗିଥିବା ଅବସ୍ଥାରେ ଘଣ୍ଟା ଘଣ୍ଟା ଧରି ଚାଲନ୍ତି ଓ ଅପେକ୍ଷା ବି କରିଥାନ୍ତି। ପାଟି ପାଖରେ ତୁଣ୍ଡିର ଲୁହାଅଂଶକୁ କାମୁଡିବା ଦ୍ୱାରା ସେମାନଙ୍କ ଦାନ୍ତ ଭାଙ୍ଗିଯାଏ। ଥରେ ଚିନ୍ତା କରନ୍ତୁ ତ କିଭଳି ଭୟ ଓ ଯନ୍ତ୍ରଣାଦାୟକ ପରିସ୍ଥିତି ଦେଇ ଘୋଡ଼ା ଯାଇଥାଏ। ଅନେକ ଘୋଡ଼ା ଏତେ ଭୟଭୀତ ହୋଇଯାଆନ୍ତି ଯେ, ସେମାନେ ଜିଭକୁ ବି କାମୁଡି ଦିଅନ୍ତି ଏବଂ ଏହାପରେ କିଛି ସପ୍ତାହ ଚୋବାଇ ପାରନ୍ତିନି। ଏହା ସତ୍ତ୍ୱେ ବି କୌଣସି ଘୋଡ଼ାକୁ ଚିକିତ୍ସା କରାଯାଏନାହିଁ। ଘୋଡ଼ା ଓ ଅନ୍ୟ ପ୍ରାଣୀଙ୍କ ଚିକିତ୍ସା ଉପରେ ସରକାରୀ ପ୍ରାଣୀଚିକିତ୍ସକମାନେ ପ୍ରଶିକ୍ଷଣ ପାଇନାହାନ୍ତି । କେବଳ ଏତିକି ନୁହେଁ ସବୁ ଅଞ୍ଚଳରେ ଥିବା ପ୍ରାଣୀଚିକିତ୍ସାଳୟଗୁଡିକରେ ଚିକିତ୍ସା ଯନ୍ତ୍ରପାତି ଓ ଔଷଧ ମଧ୍ୟ ନାହିଁ। ବାସ୍ତବରେ ସେମାନେ କିଛି କରୁନାହାନ୍ତି। କିଛି କାମ ନ କରି ଯଦି ଅଧିକ ଦରମାରେ ଚାକିରି ତୁମେ ଚାହୁଁଛ ତେବେ ଭାରତରେ ସରକାରୀ ପ୍ରାଣୀପାଳନ ବିଭାଗକୁ ଆବେଦନ କର।

ତେବେ ଆମେ ଏହି ସମସ୍ୟା କେମିତି ସମାଧାନ କରିବା ? ଭାରତରେ ପ୍ରାୟ ୧୨ ଲକ୍ଷ ଘୋଡ଼ା ଓ ଖଚର ଏଭଳି କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ କମ୍ ଖାଦ୍ୟ ଓ କମ୍ ପାଣିରେ ମାଲିକମାନେ ଅଧିକ ଖଟାଉଛନ୍ତି ଏବଂ କୌଣସି ରୋଗର ବି କିଛି ଚିକିତ୍ସା କରାଯାଉନାହିଁ। ଆଇନ ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରିବାର ଏହା ଉପଯୁକ୍ତ ସମୟ। ୩୦ ବର୍ଷ ତଳେ ଘୋଡା ଗାଡ଼ିରେ କେତେ ଲୋକ ବସିବେ ତାହା ଉପରେ ମୁଁ ଏକ ନିୟମ କରିଥିଲି। କିନ୍ତୁ ସ୍ଥାନୀୟ ପୋଲିସ ଓ ପ୍ରଶାସନ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରିଆସୁଛନ୍ତି। ନିୟମ ଦୃଷ୍ଟିରୁ ୪ ଜଣରୁ ଅଧିକ ଲୋକ ଗାଡିରେ ବସିପାରିବେ ନାହିଁ। କିନ୍ତୁ ଗୋଟିଏ ଗାଡିରେ ୧୫ରୁ କମ୍ ଲୋକ ବସିବାର କେବେ ବି ମୁଁ ଦେଖିନାହିଁ। ଏଥିପାଇଁ ଆଇନ୍ ଅନୁସାରେ ଅର୍ଥଦଣ୍ଡର ବ୍ୟବସ୍ଥା ରଖାଯିବା ଦରକାର। ଫଳରେ ଏହି ଅର୍ଥ ଘୋଡାଙ୍କ ଚିକିତ୍ସାରେ ଠିକ୍ ଭାବେ ବ୍ୟୟ କରାଯାଇପାରିବ। ନିୟମିତ ଚିକିତ୍ସା କରାଯାଇ ସେମାନଙ୍କୁ କୃମିମୁକ୍ତ କରାଯିବା ସହ ଆଣ୍ଟି ଟିଟାନସ୍ ଇଞ୍ଜେକ୍‌ସନ ଦିଆଯାଇପାରିବ। ଘୋଡ଼ାଗାଡି ମାଲିକମାନଙ୍କୁ ଠିକ୍ ଭାବେ ଖୁରାର ଯତ୍ନ ନେବା ପାଇଁ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଇପାରିବ। ପ୍ରତ୍ୟେକ ଘୋଡ଼ା ମାଲିକ ତାଙ୍କ ଘୋଡ଼ାର ପଞ୍ଜୀକରଣ କରିବା ସହ ତାହାକୁ ପ୍ରତିବର୍ଷ ନବୀକରଣ କରିବାକୁ ମୁଁ ପିଲିଭିଟ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍‌ଙ୍କୁ ପ୍ରସ୍ତାବ ଦେଇଛି। ଏହା ଅନୁସାରେ ମାଲିକଙ୍କୁ ମଧ୍ୟ କିଛି ଅର୍ଥ ଦେବାକୁ ପଡିବ, ଯାହା ଘୋଡା ନାଲ ଲଗାଇବାଠାରୁ ଆରମ୍ଭ କରି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିନିଯୋଗ ହେବ। ବିନା ଲାଇସେନ୍‌ସରେ ଥିବା ଘୋଡ଼ାମାନଙ୍କୁ ଜବତ କରାଯିବ। ଯଦି ଜଣେ ମାଲିକଙ୍କ ଘୋଡାଗୁଡିକ କୌଣସି କାରଣରୁ ଶୀଘ୍ର ମରିଯାଆନ୍ତି ତେବେ ତାଙ୍କୁ ଅଧିକ ଘୋଡା ରଖିବାକୁ ଦିଆଯିବନି। ଏହାଦ୍ୱାରା ଆମେ ଘୋଡ଼ାମାନଙ୍କ ସର୍ବନିମ୍ନ ଚିକିତ୍ସା କରିବାକୁ ସକ୍ଷମ ହେବା ସହ ମାଲିକମାନଙ୍କୁ ଦାୟୀ କରିପାରିବା। ପ୍ରତ୍ୟେକ ଜିଲାର ପ୍ରାଣୀ ଚିକିତ୍ସାଳୟ କିଛି ଅର୍ଥ ପାଇବ ଏବଂ ଆଶାକରାଯାଏ, ଏହି ଆଇନ ଘୋଡା ରଖିବା କିମ୍ବା ସେମାନଙ୍କୁ କାର୍ଯ୍ୟରେ ଲଗାଇବାରୁ ବିରତ ରଖିବ। ମୋ ଜୀବଦ୍ଦଶାରେ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବା ମୁଁ ଦେଖିବାକୁ ଚାହେଁ।

ମହାସାଗର ମନ୍ଥନବେଳେ ସେଥିରୁ ପ୍ରଥମ ଘୋଡ଼ା ବାହାରିଥିଲା। ଉଚ୍ଚୈଶ୍ରବା ନାମକ ଏହି ପକ୍ଷୀରାଜ ଘୋଡ଼ାକୁ ଇନ୍ଦ୍ର ସ୍ୱର୍ଗକୁ ନେଇଯାଇଥିଲେ। ପରେ ତାଙ୍କ ଉତ୍ତାଧିକାରୀମାନେ ପକ୍ଷହୀନ ହୋଇଗଲେ ଏବଂ ସେମାନଙ୍କୁ ମର୍ତ୍ତ୍ୟକୁ ପଠାଇ ଦିଆଗଲା। ବିଷ୍ଣୁଙ୍କ ଅବତାରଗୁଡିକ ମଧ୍ୟରୁ ଘୋଡ଼ାମୁଣ୍ଡଯୁକ୍ତ ହୟଗ୍ରୀବ ଅନ୍ୟତମ ଓ ଏହା ଜ୍ଞାନର ପ୍ରତୀକ। ମର୍ତ୍ତ୍ୟର ଏହି ଉତ୍ତରାଧିକାରୀ ଘୋଡ଼ାମାନେ ମଣିଷ ଦ୍ୱାରା ନିର୍ଯାତନାର ଶିକାର ହେବା ସତରେ କେତେ ଦୁଃଖଦାୟକ!

Email: gandhim@nic.in

## ଏଇ ଭାରତରେ

ମହାରାଷ୍ଟ୍ରରେ କୋଭିଡ୍-୧୯ ସଂକ୍ରମଣକୁ ରୋକିବା ପାଇଁ ପୋଲିସ ଓ ପ୍ରଶାସନ ଦିନରାତି କାମରେ ଲାଗିଛନ୍ତି। ଲକ୍‌ଡାଉନରେ ପୋଲିସର ମନୋବଳ ବୃଦ୍ଧି କରିବା ତଥା ସେମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଥାନାଗୁଡ଼ିକରେ ସାନିଟାଇଜିଂ ଟନେଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପ୍ରତ୍ୟେକ ୟୁନିଟ୍ ପାଇଁ ପାଖାପାଖି ୫ ଲକ୍ଷ ଟଙ୍କା ବ୍ୟୟ ହେବ ଓ ଏହା ଗୋଟିଏ ସପ୍ତାହରେ ପ୍ରତିଷ୍ଠା କରାଯାଇପାରିବ ବୋଲି ବିଶେଷଜ୍ଞ ମତ ଦେଇଥିଲେ। କିନ୍ତୁ ରମେଶ ହିର୍ଭି ନାମକ ଜଣେ କୃଷକ ଏହାକୁ ୧୦ ହଜାର ଟଙ୍କାରୁ କମ୍‌ରେ ଓ ଦୁଇ ଦିନ ମଧ୍ୟରେ ନିର୍ମାଣ କରିଛନ୍ତି। ଏହାକୁ ନିର୍ମାଣ କରିବା ପାଇଁ ସେ ହାର୍ଡଓ୍ୱେର ଉପକରଣ, ଇରିଗେସନ ନୋଜଲ୍ ବ୍ୟବହାର କରିଛନ୍ତି। ଅହମ୍ମଦନଗରରେ ରୁହନ୍ତି ହିର୍ଭି। ତାଙ୍କର ଏକ କୃଷି ପରାମର୍ଶ କେନ୍ଦ୍ର ରହିଛି। ପୁଣେର ଡେପୁଟି କମିଶନର ଅଫ୍ ପୋଲିସ ସୁହାସ ବଓ୍ୱାଚେ ହର୍ଭିଙ୍କୁ ଟନେଲ ନିର୍ମାଣ କରିବାର ସୁଯୋଗ ଦେଇଥିଲେ। ଟନେଲ ନିର୍ମାଣ ଲାଗି ବିଶେଷଜ୍ଞମାନଙ୍କ ଦ୍ୱାରା ନିର୍ଦ୍ଧାରିତ ୫ ଲକ୍ଷ ଟଙ୍କାର ମାତ୍ର ୧.୭ ପ୍ରତିଶତ ଟଙ୍କାରେ ହିର୍ଭି ଏହାକୁ ନିର୍ମାଣ କରିବା ପରେ ସବୁ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଛି। ନିଜସ୍ୱ ଜ୍ଞାନକୌଶଳ ଉପଯୋଗ କରି ହିର୍ଭି ଏହା କରିପାରିଛନ୍ତି। ସେ ଦୁଇ ପ୍ରକାର ଟନେଲ ନିର୍ମାଣ କରିଛନ୍ତି। ୫ ଫୁଟ ଚଉଡ଼ା,୮ ଫୁଟ୍ ଲମ୍ବ ଓ ୬ ଫୁଟ୍ ଉଚ୍ଚ ବିଶିଷ୍ଟ ଟନେଲ ପାଇଁ ଖର୍ଚ୍ଚ ହୋଇଛି ୮,୫୦୦ ଟଙ୍କା ଏବଂ ୨୦ ଫୁଟ ଲମ୍ବ ,ଚଉଡା ଓ ଉଚ୍ଚର ଆଉ ଏକ ଟନେଲ ଲାଗି ବ୍ୟୟ ହୋଇଛି ୩୦ ହଜାର ଟଙ୍କା। ଏହି ସବୁ ସାନିଟାଇଜିଂ ଟନେଲକୁ ବସାଯିବା ପରେ ପ୍ରତିଦିନ ହଜାର ହଜାର ଲୋକ ମଧ୍ୟ ଏହାଦ୍ୱାରା ଉପକୃତ ହେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୬ ଏପ୍ରିଲ ୧୯୯୫**

- ଇଜିପ୍ଟର କୁବେଇସନା ସହରସ୍ଥିତ ନିଲେ ତେଲଟାଠାରେ ଥିବା ଏକ ଲେଭଲକ୍ରସିଂ ନିକଟରେ ଏକ ଟ୍ରେନ ଓ ବସ୍ ମଧ୍ୟରେ ଧକ୍କା ହେବା ଫଳରେ ୭୦ ଜଣ ଲୋକଙ୍କ ମୃତ୍ୟୁ ଘଟିଛି।
- ପ୍ରତିରକ୍ଷା ସମେତ ପରିବେଶ, ଡାକ୍ତରୀ, ଅଣପାରମ୍ପରିକ ଶକ୍ତି ଏବଂ ଜଳ ପରିବହନ କ୍ଷେତ୍ରରେ ମାଳଦ୍ୱୀପକୁ ସମସ୍ତ ବୈଷୟିକ ତାଲିମ ସହାୟତା ଯୋଗାଇ ଦେବାପାଇଁ ଭାରତ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।
- ୧୯୯୪-୯୫ ଆର୍ଥିକବର୍ଷ ପାଇଁ ଜାତୀୟ କୃଷି ଏବଂ ଗ୍ରାମ୍ୟ ବ୍ୟାଙ୍କ (ନାବାର୍ଡ) ଓଡ଼ିଶାର ଋଣ ଲଗାଣକାରୀ ସଂସ୍ଥାମାନଙ୍କୁ ୨୬୭ କୋଟି ଟଙ୍କାର ପୁନଃ ଅର୍ଥଲଗାଣ ସହାୟତା ଯୋଗାଇ ଦେଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ସବୁର ସମାଧାନ ଲୋଡ଼ା



ବିଚିତ୍ର ବିଶ୍ୱାଳ

କୋଭିଡ୍-୧୯ ବା କରୋନାର ଆକ୍ରମଣରେ ସାରା ବିଶ୍ୱ ଆଜି ହାହାକାର। ବିଶ୍ୱର ୨୦୦ରୁ ଊର୍ଦ୍ଧ୍ୱ ଦେଶ ବର୍ତ୍ତମାନ ଏହି ମହାମାରୀ କବଳରେ। ପ୍ରତିଦିନ ହଜାର ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି ଓ ଲକ୍ଷ ଲକ୍ଷ ଲୋକ ଆକ୍ରାନ୍ତର ଶିକାର ହେଉଛନ୍ତି। ସେହିପରି ଆମ ଦେଶ ଓ ରାଜ୍ୟ ବି କୋଭିଡ୍-୧୯ ସଂକ୍ରମଣରେ ପଛରେ ନାହିଁ।

ଆମ ଦେଶରେ ସରକାର କୋଭିଡ୍-୧୯କୁ ମୁକାବିଲା କରିବା ପାଇଁ ଯଥେଷ୍ଟ ପଦକ୍ଷେପ ନେଇଛନ୍ତି। କିନ୍ତୁ ତଥାପି ଆହୁରି ପୂର୍ବରୁ ଆହୁରି ଲୋକାଭିମୁଖୀ ଭାବେ ପଦକ୍ଷେପ ନିଆଯାଇ ପାରିଥାନ୍ତା। କରୋନା ସଂକ୍ରମଣକୁ ରୋକିବା ପାଇଁ ବା କରୋନାର ଚେନ୍‌କୁ ଭାଙ୍ଗିବା ପାଇଁ ଲକ୍‌ଡାଉନ୍ ଏକ ଭଲ ପଦକ୍ଷେପ। କିନ୍ତୁ ଏହାକୁ ଯେପରି ଭାବେ ସର୍ଜିକାଲ୍ ଷ୍ଟ୍ରାଇକ୍ ଢାଞ୍ଚାରେ ଘୋଷଣା କରାଗଲା, ଫଳସ୍ୱରୂପ କରୋନାର ସଂକ୍ରମଣ ଠାରୁ ଆହୁରି ଅଧିକ ବିପଦ ସାରା ଦେଶରେ ଦେଖାଦେଲା। ଲକ୍‌ଡାଉନ୍‌କୁ ବିରୋଧ କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ କିନ୍ତୁ ଏହାକୁ ଯେପରି ଭାବେ ଘୋଷଣା କରାଗଲା, ତାହା ଆମ ଦେଶର ଲକ୍ଷ ଲକ୍ଷ ଦିନମଜୁରିଆ ଓ ଗରିବ ଲୋକଙ୍କୁ ଉପାସ୍ ରହିବାକୁ ବାଧ୍ୟ କରିଛି। ପ୍ରବାସୀ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହଠାତ୍ ଲକ୍‌ଡାଉନ୍ ଘୋଷଣା ହୋଇଯିବା ଯୋଗୁ ଓ ରେଳ ଚଳାଚଳ ଆଦି ବନ୍ଦ ହୋଇଯିବା ଯୋଗୁ ଅନେକ ପ୍ରବାସୀ ଶ୍ରମିକ ନିଜ ଘରକୁ ଓ ଆତ୍ମୀୟସ୍ୱଜନଙ୍କ ପାଖକୁ ଫେରିପାରିଲେ ନାହିଁ। ଦିଲ୍ଲୀରେ ଶ୍ରମିକମାନଙ୍କର ପରିସ୍ଥିତି ଆମେ ଦେଖିଲେ। ଆମ ରାଜ୍ୟର ବି ହଜାର ହଜାର ଶ୍ରମିକ ଅନ୍ୟ ରାଜ୍ୟରେ ଅଟକି ରହିଛନ୍ତି । ଏପଟେ ତାଙ୍କ ପରିବାରବର୍ଗ ମଧ୍ୟ ନାହିଁ ନ ଥିବା ଅସୁବିଧାରେ ଅଛନ୍ତି। ଆମେ ଜାଣିଛେ, ଆମ ଦେଶରେ ଲକ୍ଷ ଲକ୍ଷ ଲୋକ ନିଜ ଘରଦ୍ୱାର ଛାଡ଼ି ଭିନ୍ନ ଭିନ୍ନ ରାଜ୍ୟରେ କାମ କରୁଛନ୍ତି। କୌଣସି ବିପତ୍ତି ପଡ଼ିଲେ ସେମାନେ ଘରକୁ ନିଶ୍ଚିତ ଫେରିବେ। ବିପତ୍ତି ସମୟରେ ସେ ନିଶ୍ଚିତ ଭାବେ ନିଜ ପରିବାର ପାଖରେ ରହିବାକୁ ଚାହିଁବ। ତାକୁ ସରକାର ଯେତେ ଖାଇବାକୁ ପିଇବାକୁ ଦେଲେ ମଧ୍ୟ ସେ ନିଜ ପରିବାରକୁ ଛାଡ଼ି ରହିପାରିବ ନାହିଁ। ପରିବାର ଲୋକ ଅସୁବିଧାରେ ବା ଭୟରେ ଥିଲେ, ଜଣେ ଲୋକ କେମିତି ଶାନ୍ତିରେ ଖାଇ ରହିପାରିବ! ଏହିପରି କୋଟି କୋଟି ଲୋକଙ୍କ ପାଇଁ ଲକ୍‌ଡାଉନ୍ ଏକ ଦୁଃସ୍ୱପ୍ନ ହୋଇଯାଇଛି। ପରିସ୍ଥିତି ଏମିତି ହେଲା ଯେ, ଦେଶ ବିଭାଜନ ସମୟରେ ଲୋକମାନେ ଯେପରି ଜିନିଷ ପତ୍ର ମୁଣ୍ଡେଇ ରାସ୍ତାରେ ଚାଲି ଚାଲି ଯାଉଥିଲେ, ଏହି ଲକ୍‌ଡାଉନ୍ ସମୟରେ ସେମିତି ଦୃଶ୍ୟ ଦେଖିବାକୁ ମିଳିଲା। ଏହା ନିଶ୍ଚିତ ଯେ, କରୋନା ଭାଇରସ୍‌କୁ ରୋକିବା ପାଇଁ ଲକ୍‌ଡାଉନ୍ ଏକ ଭଲ ପଦକ୍ଷେପ। ପ୍ରଧାନମନ୍ତ୍ରୀ ଯେପରି ଭାବେ ରାତି ଆଠଟା ଭାଷଣରେ ହଠାତ୍ ଲକ୍‌ଡାଉନ୍ ଘୋଷଣା କରିଦେଲେ, ସେପରି ନ କରି ଯଦି ଆଉ ଚାରି ପାଞ୍ଚ ଦିନ ସମୟ ଦେଇଥାନ୍ତେ, ତେବେ ସଂକ୍ରମଣ ବି ରୋକିଥାନ୍ତା ଓ ଦେଶର ଏକ ବଡ଼ ଭାଗ ଜନସାଧାରଣ ବି ଅସୁବିଧାର ସମ୍ମୁଖୀନ ହୋଇ ନ ଥାନ୍ତେ। ପ୍ରବାସୀ ଶ୍ରମିକମାନେ ନିଜ ନିଜ ଘରକୁ ଫେରିବାକୁ ସମୟ ପାଇଥାନ୍ତେ। ଭୁଲିଯିବା ଉଚିତ ନୁହେଁ ଯେ, ଆମ ଦେଶ ୟୁରୋପର ଦେଶମାନଙ୍କ ପରି ଛୋଟ ନୁହେଁ। ଆମର ଏକ ବିରାଟ ଦେଶ। ଲୋକମାନେ ହଜାର ହଜାର କିଲୋମିଟର ଦୂରରେ କାମ କରନ୍ତି ଓ ଅଧିକାଂଶ ଗରିବ ଶ୍ରେଣୀୟ ଲୋକ। ଯେପରି ଭାବେ ହଠାତ୍ ଲକ୍‌ଡାଉନ୍ ଘୋଷଣା କରିଦିଆଗଲା, ଏପରି ସ୍ଥିତିରେ ମାର୍ଚ୍ଚ ମାସର ଶେଷ ସପ୍ତାହରେ ସବୁ ଲୋକମାନେ କ'ଣ କିଛିଦିନ ପାଇଁ ଖାଦ୍ୟ ସାମଗ୍ରୀ ଗଚ୍ଛିତ ରଖିପାରିବେ! ସମସ୍ତଙ୍କ ପାଖରେ କ'ଣ ସେ ସମୟରେ ପଇସା ଥିବ! ଏହାସହିତ ଆମେ ଏବେ ବି ଦେଖୁଛେ ଯେ, ଅନେକ ସ୍ୱାସ୍ଥ୍ୟକର୍ମୀଙ୍କ ପାଖରେ ବି ଆବଶ୍ୟକୀୟ ସଂକ୍ରମଣ ନିରୋଧୀ ସାମଗ୍ରୀ ନାହିଁ। ଏସବୁ ବ୍ୟବସ୍ଥା ନ କରି ହଠାତ୍ ଲକ୍‌ଡାଉନ୍ କରିଦେବା ଅନେକ ଲୋକଙ୍କ ପାଇଁ ବହୁତ ଯନ୍ତ୍ରଣା ଆଣି ଦେଇଛି। ସରକାର ବୁଝିବା ଉଚିତ ଯେ, ସବୁ ସମସ୍ୟାର ସମାଧାନ ସର୍ଜିକାଲ୍ ଷ୍ଟ୍ରାଇକ୍ ଢାଞ୍ଚାରେ ହୋଇପାରିବ ନାହିଁ। ଲକ୍‌ଡାଉନ୍ ଘୋଷଣା କରି ଟିଭିରେ ରାମାୟଣ, ମହାଭାରତ ଚଲେଇବାର ବ୍ୟବସ୍ଥା କରେଇଦେଲେ, ଶ୍ରମିକମାନେ କ'ଣ ନିଜ ଘର ପରିବାରଠାରୁ ଦୂରରେ ରହି ନ ଖାଇ ନ ପିଇ କେବଳ ମହାଭାରତ ଦେଖିବେ! ଆମେ ଦେଖିଲେ ଯେ, ସିଙ୍ଗାପୁରରେ ଲକ୍‌ଡାଉନ୍ ଘୋଷଣା ହେବା ପୂର୍ବରୁ ଛଅ ଦିନ ପୂର୍ବରୁ ସୂଚନା ଦିଆଗଲା।

କିଛି ଲୋକ କହିପାରନ୍ତି ଯେ, ସରକାର ତ ଶ୍ରମିକମାନଙ୍କ ପାଇଁ ଖାଦ୍ୟ ଓ ଅନ୍ୟାନ୍ୟ ଆର୍ଥିକ ସାହାଯ୍ୟର ବ୍ୟବସ୍ଥା କରିଛନ୍ତି। କିନ୍ତୁ ସୂଚନାଯୋଗ୍ୟ ଯେ, ଏପର୍ଯ୍ୟନ୍ତ ବି ସବୁକିଛି କେବଳ ଘୋଷଣାରେ ଅଛି। କେନ୍ଦ୍ର ସରକାରଙ୍କ ତରଫରୁ ଲୋକଙ୍କୁ ସାହାଯ୍ୟ ମିଳିବାରେ ବିଳମ୍ବ ହେଉଛି। କରୋନା ଏକ ଜନସ୍ୱାସ୍ଥ୍ୟ ସମସ୍ୟା। ଏହାକୁ ମିଲିଟାରୀ ଢାଞ୍ଚାରେ ସମାଧାନ କରାଯାଇପାରିବ ନାହିଁ। କେନ୍ଦ୍ର ସରକାର ଯଦି ସତରେ କରୋନା ସଂକ୍ରମଣ ରୋକିବା ପାଇଁ ଏତେ ବ୍ୟସ୍ତ ତେବେ ଲକ୍‌ଡାଉନ୍ ସହିତ ଅନ୍ୟାନ୍ୟ ବ୍ୟବସ୍ଥା ବି କରିବା କଥା। ଯେମିତି କି ସ୍ୱାସ୍ଥ୍ୟକର୍ମୀଙ୍କ ପାଖରେ ଆବଶ୍ୟକୀୟ ସାମଗ୍ରୀ ଓ ଯଥେଷ୍ଟ ପରିମାଣର ଚିକିତ୍ସାର ସୁବିଧା କରେଇବା କଥା। ଆମେ ଜାଣିଛେ ଯେ, କରୋନା କେବଳ ନାକ ଓ ପାଟି ବାଟେ ହିଁ ବ୍ୟାପେ, ଯାହାକୁ ରୋକିବା ପାଇଁ ମାସ୍କ ତଥା ମୁଖା ଏକ ମୁଖ୍ୟ ଉପକରଣ। ସବୁ ଲୋକଙ୍କ ପାଖରେ ମାସ୍କ ପହଞ୍ଚାଇବାର ବ୍ୟବସ୍ଥା କରାଯିବା ଉଚିତ। ସବୁ ଲୋକ ଯଦି ମାସ୍କ ପିନ୍ଧିବେ ତେବେ ସଂକ୍ରମଣକୁ ନବେ ପ୍ରତିଶତ ରୋକିହେବ। ନିର୍ବାଚନ ସମୟରେ ଯେମିତି ବୁଥ୍ ସ୍ତରରେ ଲୋକଙ୍କ ପାଖରେ ଭୋଟ୍ ଚିରୁକୁଟି ରାତାରାତି ପହଞ୍ଚି ଯାଉଛି, ସେମିତି ଲୋକଙ୍କ ପାଖରେ ମାସ୍କ ପହଞ୍ଚାଯାଉ। ସରକାର ତାଙ୍କର ସମସ୍ତ କଳ କୌଶଳ ଲଗେଇଲେ ଦଶଦିନ ମଧ୍ୟରେ ମାସ୍କ ତିଆରି ହୋଇ ଲୋକଙ୍କ ପାଖରେ ପହଞ୍ଚିପାରିବ। ଯେମିତି ନିର୍ବାଚନ ସମୟରେ ଶିକ୍ଷକଙ୍କ ଠାରୁ ଆରମ୍ଭ କରି ସମସ୍ତଙ୍କୁ କାମରେ ଲଗେଇ ଦିଆଯାଏ, ଏପରି ବିପତ୍ତି ସମୟରେ ସେପରି ଭାବେ ସରକାର କାମ କରିବେନି କାହିଁକି? କରୋନାର ସଂକ୍ରମଣ ରୋକିବା ପାଇଁ ସରକାର ସବୁ ପଟରୁ ଯଦି ଏପରି ମନୋଭାବ ଦେଖାନ୍ତେ, ତେବେ ପ୍ରକୃତ ଅର୍ଥରେ କରୋନାର ସଂକ୍ରମଣ ରୋକିପାର'।।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### କବି ହେବା ନୋହିଲା

ମହାଶୟ,

ଗତ ଫେବୃୟାରୀ ୩ ତାରିଖ ମଙ୍ଗଳବାର ସମ୍ପାଦକୀୟ ପୃଷ୍ଠାରେ ବୈକୁଣ୍ଠନାଥ ମିଶ୍ରଙ୍କ 'କବି ହେବା ନୋହିଲା' ପାଠ କଲି। ଏହି ଲେଖାଟି ସାମ୍ପ୍ରତିକ ସମୟରେ ଆଧୁନିକ କବିତା ଲେଖୁଥିବା କବିମାନଙ୍କ ପ୍ରତି ଏକ ଗଠନମୂଳକ ଚେତାବନୀ। ଦୁର୍ବୋଧ ଗଦ୍ୟ କବିତା ପାଠକଙ୍କ ସଂଖ୍ୟା ହ୍ରାସ କରିବାର ପ୍ରମୁଖ କାରଣ। କେବଳ ଅହଂ ସର୍ବସ୍ୱ ହୋଇ କବିତାକୁ ଅଯଥା କ୍ଲିଷ୍ଟ ଓ ଅପ୍ରାସଙ୍ଗିକ ଶବ୍ଦ ସଂଯୋଜନା କଲେ ତାହା କବିତା ପଦବାଚ୍ୟ ହୋଇ ନ ଥାଏ। ଭାବ, ଭାଷା ଓ ଅନୁଭବର ସୁଷମ ମିଶ୍ରଣରେ କବିତାର ଲାଳିତ୍ୟ ପ୍ରକାଶ ପାଇଥାଏ। କବିତାର ସୂକ୍ଷ୍ମତମ କଳାକୁ ଆୟତ୍ତ ନ କଲେ ତାହା ସର୍ବଜନାଦୃତ ହେବାରେ ବାଧା ସୃଷ୍ଟି କରିଥାଏ। ଏଇ କଥାକୁ ମିଶ୍ର ଅତି ଚମତ୍କାର ଢଙ୍ଗରେ ପ୍ରକାଶ କରିଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ।

ବାମଦେବ ସ୍ୱାଇଁ, କମାଶାସନ, ହାଜିପୁର, ଜଗତ୍‌ସିଂହପୁର

### ଦହିପାଣି ବଣ୍ଟନ ହେଉ

ପ୍ରଚଣ୍ଡ ଖରା ଆସୁଥିବାରୁ ତୃଷାର୍ତ୍ତ ପଥଚାରୀମାନଙ୍କୁ ଦହିପାଣି ବଣ୍ଟନ କରାଯାଉ। ସ୍ୱେଚ୍ଛାସେବୀ ସଂଗଠନ, ସରକାରୀ ତଥା ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ହେଉ। ଜିଲାପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ କରାଯାଉ। ବିଶେଷତଃ ବୟସ୍କ , ପୁରୁଷ, ମହିଳା ତଥା ଶିଶୁମାନଙ୍କ ଶୋଷ ମେଣ୍ଟିପାରିବ। ମହାନଗର ଟ୍ୟାଙ୍କର ଏବଂ ପାଣିଟାଙ୍କି ରଖିବା ଆବଶ୍ୟକ। ଏପରି କି ଚିକିତ୍ସାଳୟ ପରିସର, ବିଦ୍ୟାଳୟ ନିକଟ, ବସଷ୍ଟାଣ୍ଡ ସମେତ ରେଳଷ୍ଟେସନରେ ଲେମ୍ବୁ ପାଣି ଏବଂ ଥଣ୍ଡାପାଣି ଦେବା ବ୍ୟବସ୍ଥା ଚାଲୁ ହେଲେ ଅଂଶୁଘାତକୁ ଦୂରେଇ ପାରିବ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୋକୁଆ ଓ କରୋନା



ଡ. ଭାଗ୍ୟଲିପି ମଲ୍ଲ

ଏବେ ସବୁଠି କରୋନା ଆତଙ୍କ। ସ୍ୱରସାମ୍ୟ ଦୃଷ୍ଟିରୁ ଏହାକୁ ଓଡ଼ିଶାର ଅତିପରିଚିତ ଶବ୍ଦ 'କୋକୁଆ'ର ରୂପାନ୍ତର କୁହାଯାଇ ପାରିବ। କାରଣ କୋକୁଆ ଓଡ଼ିଶାର ଘରେ ଘରେ ପରିଚିତ। ଯେ କୌଣସି ଭୟଙ୍କର ପରିସ୍ଥିତି ଆସିଲେ ଲୋକେ କୁହନ୍ତି କୋକୁଆ ଭୟ। ପିଲା ନ ଶୋଇଲେ, ମା' କହେ କୋକୁଆ ଆସିବ, ଶୋଇପଡ଼। ତା'ହେଲେ, କିଏ ଏଇ କୋକୁଆ? କେଉଁଠୁ ତା'ର ଜନ୍ମ?

ତା'ର ଜନ୍ମ କାଳେ ଦ୍ୱାରକାରେ। ସମୁଦ୍ରକୂଳରେ। ସେଇଠୁ ତା'ର ଉଦୟ ଏବଂ ସମଗ୍ର ଯାଦବବଂଶ ଧ୍ୱଂସର କାରଣ। ସେଦିନ ପ୍ରତ୍ୟେକ ଦ୍ୱାରକାବାସୀଙ୍କ ମନରେ ଏକ ଧାରଣା ଜନ୍ମ ନେଇଛି, କୋକୁଆ କାଳେ ମରଣର ଦୂତ। ସମଗ୍ର ଦ୍ୱାରକାର ପ୍ରତିପ୍ରାଣରେ 'କୋକୁଆ' ଶବ୍ଦ ପ୍ରତିଧ୍ୱନିତ ହୋଇଛି। ସେ ସମସ୍ତଙ୍କୁ ଖାଇଯିବ ବୋଲି ଆତଙ୍କ ସୃଷ୍ଟି ହୋଇଛି। ପ୍ରତ୍ୟେକଙ୍କର ପ୍ରତ୍ୟେକଙ୍କୁ ପ୍ରଶ୍ନ– କୋକୁଆ ଦେଖିବାକୁ କେମିତି? କେମିତି ତା'ର ରୂପ? ଉତ୍ତର ଅତି ସ୍ପଷ୍ଟ। କେହି ତାକୁ ଦେଖି ନାହାନ୍ତି। ମାତ୍ର ତା'ର ରୂପ ଅତି ଭୟଙ୍କର, ସଭିଏଁ ଶୁଣିଛନ୍ତି।

ତା'ର ଭୁଜ କାଳେ ଯୋଜନ ଯୋଜନ ଲମ୍ବ, ସାତଟା ଆଖି, ଆକାଶରେ ତା'ର ବିଶାଳ ପଞ୍ଝା ମେଲେଇ ଉଡୁଥାଏ। ତା' ଥଣ୍ଟର ଲମ୍ବ ଏକ ଯୋଜନ, ଗର୍ଭ ପାଞ୍ଚ ଯୋଜନ। ସ୍ତ୍ରୀ, ପୁରୁଷ, ବାଳୁତ, ବୃଦ୍ଧ ନିର୍ବିଶେଷରେ ସେ ଥଣ୍ଟ ଲମ୍ବାଇ ସମସ୍ତଙ୍କୁ ଗିଳି ପକାଉଛି। 'କୋକୁଆ'ର ଏହି ଭୟଙ୍କର ରୂପ ସଂପର୍କରେ ସ୍ୱୟଂ କୃଷ୍ଣ ହିଁ କହିଛନ୍ତି ମାତା ଦେବକୀଙ୍କୁ। ମାତ୍ର ସରଳ ମା'ର ମନ କାହୁଁ ଜାଣିବ, ସବୁ ସେଇ କୃଷ୍ଣର ସୃଷ୍ଟି। ନିଜ ହାତରେ ଗଢ଼ିଥିବା ନିଜର ବଂଶକୁ ନାଶ କରନ୍ତେ ବା କିପରି? ତେଣୁ ଉପାୟ ପାଞ୍ଚିଲେ। 'କୋକୁଆ' ଉପାୟ।

ଉପାୟ ଫଳପ୍ରସୂ ହେଲା। କୋକୁଆ ଭୟରେ ଆପେ ଆପେ ଯାଦବ ବଂଶ ନାଶ ହୋଇଗଲା। ସମଗ୍ର ଦ୍ୱାରକା ଭୂମି ପାଲଟିଗଲା ସଂଗ୍ରାମ ଭୂମି। ସମୁଦ୍ର ପନ୍ତାର ସନ୍ତରାବଣରୁ ସନ୍ତରାଗଛ ଉପାଡ଼ି ପରସ୍ପରକୁ ପିଟିବାରେ ଲାଗିଲେ। ସନ୍ତରାଗଛର ଲାଠି ମାଡ଼ରେ ଶୋଇଯାଉଛି ଯାଦବବଂଶର ବିଶାଳ ବୃକ୍ଷ।

ଏହି 'କୋକୁଆ'ର ସୃଷ୍ଟି ପଛର ସ୍ରଷ୍ଟା ତା'ହେଲେ କିଏ? ନିଶ୍ଚୟ ସାରଳା ଦାସ। ସେ ସ୍ପଷ୍ଟ କରି ଦେଇଛନ୍ତି, କୋକୁଆ କାଳର ପ୍ରତୀକ, ଚକ୍ରବତ୍ ଓ ଅମୂର୍ତ୍ତ। ତାକୁ ଜଣେ ବ୍ୟକ୍ତି, ନିଜ ଭାବରେ ଅନୁଭବ କରିପାରେ, ଦେଖିପାରେ, ଶୁଣିପାରେ, କହିପାରେ। ସେ ନିଜକୁ କୋଽହମ୍ ପ୍ରଶ୍ନ କରୁଥାଏ। ମାତ୍ର ଅନ୍ୟ କେହି, ଜଣକର ଅନୁଭବକୁ ଶୁଣିପାରେ ନାହିଁ, କହିପାରେ ନାହିଁ, କିମ୍ବା ଦେଖିପାରେ ନାହିଁ। କାଳର ରୂପ ବିସ୍ମୟକର। ଅନ୍ୟ ଏକ ଶବ୍ଦରେ ରହସ୍ୟ କୃଷ୍ଣ, ମହାକାଳ, ରହସ୍ୟର ପ୍ରତୀକ। ତେଣୁ ସ୍ୱୟଂ କୃଷ୍ଣ ହିଁ 'କୋକୁଆ' ; ତେଣୁ 'କୋକୁଆ' ଶବ୍ଦକୁ ଆମେ କୋଽହମ୍, କଳିକାଳ, କଳ୍କିବୋଧର ଭାବେ ବିଚାର କରିପାରିବା। ଏହି 'କୋକୁଆ' ଶବ୍ଦ ମାଧ୍ୟମରେ ଆଜକୁ ପ୍ରାୟ ପାଞ୍ଚଶହ ଛଅଶହ ବର୍ଷ ତଳେ ଜଣେ ଓଡ଼ିଆ (ସାରଳା ଦାସ) ଏକ କାହାଣୀ ମାଧ୍ୟମରେ କାଳର ବା ପ୍ରକୃତିର ଗୁମରକୁ ସ୍ପଷ୍ଟ କରିଦେଇଛନ୍ତି। କହିଛନ୍ତି– ସ୍ୱୟଂ କାଳ ମଧ୍ୟ ମହାକାଳର ଶିକାର ହୁଏ। ଜନ୍ମ ନିଏ ଅନ୍ୟ ଏକ କାଳ। ଅର୍ଥାତ୍, ଏକ ଦୁଷ୍କାଳ ମହାକାଳ ଗର୍ଭରେ ଲୀନ ହୁଏ, ଯଥାକାଳରେ ସକାଳ ଆସେ। କାରଣ 'କୋକୁଆ' ଭୟରେ ଯାଦବବଂଶ ଧ୍ୱଂସ ହେବା ପରେ କାଳର କୋଳରେ ସ୍ୱୟଂ କୃଷ୍ଣ ମଧ୍ୟ ଶୋଇ ଯାଇଛନ୍ତି ଏବଂ ଏକ ସାପ ରୂପ ଧରି ବଳରାମ ସମୁଦ୍ର ଛାତିରେ ଲୀନ ହୋଇ ଯାଇଛନ୍ତି।

କୋକୁଆ ସେଦିନ ଆତଙ୍କ ଖେଳାଇଥିଲା ଦ୍ୱାରକାରେ। ମାତ୍ର ଏବେ ବିଶାଳ ଥଣ୍ଟ, ପଞ୍ଝା ଓ ଗର୍ଭ ବିଶିଷ୍ଟ ଆକାଶରେ ଉଡୁଥିବା କୋକୁଆର ରୂପ ଅନ୍ୟ ପ୍ରକାର। ଗୋଲ ତା'ର ଆକୃତି। ସବୁଆଡୁ କଦମ୍ବଫୁଲ ଭଳି। କେଶର ମୁଣ୍ଡ ଟେକିଛି। ବୈଜ୍ଞାନିକ ମତରେ ଏହି ଭାଇରସ୍‌ର ରୂପ ଏହିପରି। ଏହି କୋକୁଆର ନାଁ ରଖାଯାଇଛି କରୋନା। ଠିକ୍ କୋକୁଆ ଭଳି କେହି ତାକୁ ଦେଖି ନାହାନ୍ତି, କେବଳ ଶକ୍ତିଶାଳୀ ଅଣୁବୀକ୍ଷଣ ଯନ୍ତ୍ରରେ ତାକୁ ଦେଖାଯାଇପାରେ। ମାତ୍ର ଅନୁଭବ କରୁଛି ସମଗ୍ର ବିଶ୍ୱ। ଏକ କାଳ୍ପନିକ ରୂପ ଏବେ ସକଳ ଚେତନାରେ। ସେତେବେଳେ ତାହା କେବଳ ଦ୍ୱାରକାରେ ଆତଙ୍କ ଖେଳାଇଥିଲା, ଏବେ ସମଗ୍ର ବିଶ୍ୱରେ।

ବିଶ୍ୱର ଆତଙ୍କ 'କରୋନା' ମଣିଷ ଶରୀରକୁ 'ଭୂତାଣୁ' ରୂପରେ ପ୍ରବେଶ କରୁଛି। ଆତ୍ମରକ୍ଷା ପାଇଁ ଆମେ ପରସ୍ପର ସହ ଲଢ଼େଇ ନୁହେଁ, ସତର୍କତା ଅବଲମ୍ବନ କରୁଛେ। ସଚେତନତା ପାଇଁ ସମଗ୍ର ମାନବ ସମାଜ ଚଳଚଞ୍ଚଳ ହୋଇ ଉଠିଛି। ଯେତେପ୍ରକାର ମାଧ୍ୟମ ଅଛି, ସବୁ ଏଥିପାଇଁ ବିନିଯୋଗ କରାଯାଉଛି। ତେବେ ଯାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ତାହା ହେଲା– କୋକୁଆ ଥିଲା କୃଷ୍ଣଙ୍କର ଏକ ଉପାୟ, ଯଦୁବଂଶ ନାଶ କରିବାକୁ। ମାତ୍ର କରୋନା କ'ଣ ତାହା?

ନା, ତାହା ନୁହେଁ, ମାତ୍ର ତାହା। କାରଣ, ଏବେ ହିଁ ସେହି ସମୟ ଉପଗତ, ଯେତେବେଳେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ, କୌଣସି କ୍ଷମତା, ଅର୍ଥ, ପ୍ରତିପତ୍ତି– ପ୍ରକୃତିର ଊର୍ଦ୍ଧ୍ୱରେ ନୁହେଁ। ଯେଉଁ ପ୍ରକୃତି ତା'ର ଅଜସ୍ର ଶ୍ରଦ୍ଧା ଆମ ଉପରେ ଅଜାଡ଼ି ଦେଇପାରେ, ମାନବ ସମାଜର ଧ୍ୱଂସର କାରଣ ବି ହୋଇପାରେ। ପ୍ରକୃତିର ଅପରୂପ ଦାନକୁ ଆମେ ଧ୍ୱଂସ କରିବାରେ ଲାଗିଛେ। ଭୁଲି ଯାଇଛେ, ଏମିତି ଏକ ସମୟ ଆସିବ, ବଞ୍ଚିବା ଲାଗି ପାଣି, ପବନ, ମାଟି କିଛି ବି ନ ଥିବ। ଏକ ନୂଆ ପୃଥିବୀକୁ ଖୋଜିବାକୁ ବାଧ ହେଉଥିବା। ମାତ୍ର ନୂଆ ପୃଥିବୀ ଥିବ, ଏକ ଅପହଞ୍ଚ ସ୍ୱପ୍ନ ଜଗତରେ। ଏହି ମାନସିକତାକୁ ଆମେ ଆତ୍ମ-ହନନ ହିଁ କହିପାରିବା!

'କୋକୁଆ' ଏହି ଆତଙ୍କିତ ଭବିଷ୍ୟତର ଏକ ନଗ୍ନ ଉଦାହରଣ ମାତ୍ର। ପୃଥିବୀରେ ଥିବା ଭୟଙ୍କର ବିନାଶକାରୀ ଭୂତାଣୁମାନେ ଏବେ ସକ୍ରିୟ। ଅଦୃଶ୍ୟରେ ଦେହ, ମନ ଓ ପ୍ରାଣକୁ ସଂକ୍ରମିତ କରିବା ତାହାର ଧର୍ମ। ଜଗତର କୌଣସି ଶକ୍ତି ତାହାକୁ ଆୟତ୍ତ କରିବା ସହଜସାଧ୍ୟ ନୁହେଁ। ଏହି ବାସ୍ତବତାକୁ ଜାଣିମଧ୍ୟ ଆମେ ଏକ ଅନାହୂତ ଆତଙ୍କରେ ଆତଙ୍କିତ ହେଉଛେ, ଏହି ବିନାଶକାରୀ ଆତଙ୍କର ପଞ୍ଝାରୁ ମୁକ୍ତିର ମାର୍ଗ ଖୋଜୁଛି ବିଶ୍ୱ। ସେ ମାର୍ଗର ନାଁ ସମର୍ପିତ ପ୍ରେମ। ତାହା ହିଁ ପ୍ରକୃତିପାଇଁ ପ୍ରକୃତ ଅର୍ଘ୍ୟ। ସେଦିନ କୋକୁଆ ବି ପରାଜିତ ହୋଇଥିଲା ଅଧ୍ୟାତ୍ମ ଅସ୍ତ୍ର ପାଖରେ। କରୋନା ବି ପରାଜିତ ହେବ। ଏଥିପାଇଁ ଆମକୁ ସେହି ଅଧ୍ୟାତ୍ମଅସ୍ତ୍ରକୁ ମନ୍ତ୍ର କରିବାକୁ ପଡ଼ିବ। ସାରଳା ଦାସ ଲେଖିଥିବା ଓଡ଼ିଆ ମହାଭାରତ ଆମ ଜାତିର ଅସ୍ମିତାର ପରିଚୟ। ପିଲାଦିନେ ପଢ଼ିବାର ଏବଂ ଶୁଣିବାର ସୁଯୋଗ ପାଇଥିଲି। ମାତ୍ର ପରେ କେତେକ ବିଦ୍ୱାନଙ୍କ ସଂସ୍ପର୍ଶରେ ଆସିବାପରେ ଜାଣିଲି ଏହାର କ୍ରିଟିକାଲ ସଂପାଦନା ହେବା ଆବଶ୍ୟକ।

ମୋ-୯୪୩୯୨୮୧୫୬୧

## ଚିରନ୍ତନୀ

ଚକିତ ଆତଙ୍କେ ଚାହିଁ ଅସ୍ତଗାମୀ ପ୍ରତୀଚୀ ମିହିରେ।
ନିରେଖଇ ପୁଣି ଆର ତୀରେ-
କବିର କରୁଣ ଛନ୍ଦ ସମ!
ଚଉଦିଗେ ଘୋଟି ଆସେ ଧୀରେ ଧୀରେ ତମ।
ଯୁଗ୍ମ ପକ୍ଷୀ ରବି ପାଶେ କରେ କି ମିନତି
ଆଉ କ୍ଷଣେ ବିଳମ୍ବିତ ହେବା ଲାଗି ଦ୍ରୁତ ଅସ୍ତଗତି?

(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



କରୋନା ଭାଇରସ୍‌ ସଂକ୍ରମଣର ଭୟ ଲୋକଙ୍କୁ ଏତେ ମାତ୍ରାରେ ଗ୍ରାସ କରିଛି ଯେ, କୌଣସି ବ୍ୟକ୍ତି ସାଧାରଣଭାବେ ଛିଙ୍କିଲେ କିମ୍ବା କାଶିଲେ ତା ପ୍ରତି ସଙ୍ଗେ ସଙ୍ଗେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ଉତ୍ତରପ୍ରଦେଶର ନଏଡ଼ାସ୍ଥିତ ଦୟାନଗର ଗାଁ ମନ୍ଦିର ପରିସରରେ ଚାରିଜଣ ଏକାଠି ହୋଇ ଲୁଡୁ ଖେଳୁଥିଲେ। ଖେଳ ସମୟରେ ଜଣଙ୍କର ସାମାନ୍ୟ କାଶ ହୋଇଥିଲା। ଏହାକୁ ନେଇ ସେମାନଙ୍କ ଯୁକ୍ତିତର୍କ ହୋଇଥିଲା। ପରେ ଗୁଳିମାଡ଼ କରାଯାଇଥିଲା। ଲୁଡୁ ଖେଳୁଥିବା ସମୟରେ କାଶିଥିବା ବ୍ୟକ୍ତିଜଣକ ନଏଡା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# କରୋନା ଯୋଦ୍ଧାଙ୍କୁ ଶୁଭେଚ୍ଛା ବାର୍ତ୍ତା




**ନୂଆଦିଲ୍ଲୀ:** କରୋନା ଭାଇରସ୍‌ ମୁକାବିଲାରେ ଏବେ ଡାକ୍ତରମାନେ ପ୍ରକୃତ ଯୋଦ୍ଧା ସାଜିଛନ୍ତି। ନିଜ ଜୀବନକୁ ବାଜିଲଗାଇ ସେମାନେ ରୋଗୀମାନଙ୍କର ସେବା କରୁଛନ୍ତି। ଏଥିପାଇଁ ଅଷ୍ଟ୍ରେଲିଆର ଦୁଇଜଣ ଡାକ୍ତର ମ୍ୟାକ୍ସ ଏବଂ ଗ୍ରେଟା ସେମାନଙ୍କର ବିବାହ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ଦୁହେଁ ଦୁହିଙ୍କୁ ଭଲ ପାଇଆସୁଥିଲେ ହେଁ ଡାକ୍ତରଖାନାରେ ରୋଗୀଦେଖାରେ ବ୍ୟସ୍ତ ରହୁଥିବାରୁ ଏବେ ବିବାହ ନ କରି ପରେ କରିବେ ବୋଲି ସେମାନେ ନିଜ ନିଜ ସୋସିଆଲ୍‌ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହି ଖବର ଜଣାଇବା ପାଇଁ ଦୁହେଁ ଏକାଠି ଏକ ଫଟୋ ଶେୟାର କରିଥିଲେ, ଯେଉଁଥିରେ ଉଭୟ ଏକ ପ୍ଲାକାର୍ଡରେ ଏବେ ବିବାହ କରିବେ ନାହିଁ ବୋଲି ଲେଖି ଧରିଥିଲେ। ତେବେ ଉଭୟ ଡାକ୍ତରଙ୍କ ଏହି ଫଟୋକୁ ସେମାନଙ୍କର ବନ୍ଧୁମାନେ ମଜାକରିବା ପାଇଁ ଏକ ଭିନ୍ନ ରୂପ ଦେଇଥିଲେ। ଡାକ୍ତରୀ ପୋଷାକ ଉପରେ ବିବାହ ପୋଷାକ ପିନ୍ଧାଇବାର ରୂପ ଦେଇ ଏକ ଭିନ୍ନ ବାର୍ତ୍ତା ଦେଇଥିଲେ। ବନ୍ଧୁମାନେ ଫଟୋର କ୍ୟାପ୍‌ସନ୍‌ ଭାବେ ଲେଖିଥିଲେ ଯେ, ଏଇ ଡାକ୍ତର ଦୁଇଜଣ ନିଶ୍ଚିତଭାବେ ଭଲ ଦମ୍ପତି ହୋଇପାରିବେ। ଡାକ୍ତର ଦୁଇଜଣଙ୍କ ଏହି ଫଟୋ ଏବଂ କ୍ୟାପ୍‌ସନକୁ ନେଇ ସୋସିଆଲ୍‌ ମିଡିଆରେ ଢେର୍‌ ଚର୍ଚ୍ଚା ହେଉଛି। ଏମାନଙ୍କୁ ଉତ୍ସାହିତ କରିବା ପାଇଁ ସବୁଆଡୁ ଶୁଭେଚ୍ଛାର ବାର୍ତ୍ତା ଆସୁବାରେ ଲାଗିଛି।

# ଘରେ ରହି ଖୁସି ମନାଉଛନ୍ତି ଶିଳ୍ପା



ଶିଳ୍ପା ସେଟ୍ଟୀ

**ମୁମ୍ବାଇ:** ବଲିଉଡ୍‌ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ବୁଧବାର ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ସେ ନିଜର ୨ମାସର ଝିଅ ସାମିଶାଙ୍କୁ ଧରି ଖେଳୁଛନ୍ତି। ଏହା ସହିତ ସେ ନିଜ ଫ୍ୟାନ ମାନଙ୍କୁ କହିଛନ୍ତି ଯେ, ୧୫ ନମ୍ବର ତାଙ୍କ ପାଇଁ ବହୁତ ଲକି। କାରଣ ଏହି ଦିନ ତାଙ୍କ ଝିଅ ଜନ୍ମ ହୋଇଥିଲା। ଏହି ୧୫ ତାରିଖରେ ତାଙ୍କ ଟିକ୍‌ଟକ୍‌ ଆପ୍‌ରେ ୧୫ ମିଲିୟନ ଫଲୋର୍ସ ମଧ ହୋଇଛନ୍ତି। ସେଥିଲାଗି ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କ ଝିଅକୁ ୧୫ ତାରିଖରେ ୨ମାସ ହୋଇଛି। ସେ ତାଙ୍କ ଝିଅକୁ ଧରି ସମସ୍ତଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କ କୋଳକୁ ଏକ ଝିଅ ଆସିଥିବାରୁ ସେ ଭାଗବାନଙ୍କୁ ମଧ ବହୁତ ସାରା କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ ସେ ଲକ୍‌ଡାଉନ୍‌ରେ ଜମା ବି ବୋର୍‌ ହେଉନାହାନ୍ତି। ଦୁଇ ପିଲାଙ୍କ ପାଖରେ ସମୟ କିପରି କଟିଯାଉଛି ସେ ଜାଣି ମଧ ପାରୁନାହାନ୍ତି। ସେ ଆହୁରି ମଧ କହିଛନ୍ତି ଯେ, ଦେଶରେ କରୋନା ମହାମାରୀ ସହ ଲଢେଇ କରିବାକୁ ହେଲେ, ଘରେ ସୁରକ୍ଷିତ ଭାବେ ରହିବାକୁ ପଡ଼ିବ। ଘରୁ ବାହାରନ୍ତୁ ନାହିଁ। ସୁରକ୍ଷିତ ରହନ୍ତୁ, ସତର୍କ ରୁହନ୍ତୁ।



# ଲକ୍‌ଡାଉନ୍‌ ପାଇଁ ବଢ଼ିଛି ସେକ୍ସ ଟଏ ବିକ୍ରି



**ନୂଆଦିଲ୍ଲୀ:** ଲକ୍‌ଡାଉନ୍‌ ସମୟରେ ଏବେ ପ୍ରାୟ ସବୁ ବ୍ୟବସାୟ ଠପ୍‌ ହୋଇଯାଇଥିବା ବେଳେ ହଠାତ୍‌ ସେକ୍ସ ଟଏ ବିକ୍ରି ଅତ୍ୟଧିକ ବୃଦ୍ଧି ପାଇଥିବା ଜଣାପଡ଼ିଛି। ବୋଧହୁଏ ଏହା ଏକମାତ୍ର ଅନ୍‌ଲାଇନ୍‌ ବ୍ୟବସାୟ ଆଶାତୀତ ପରିମାଣରେ ବିକ୍ରି ହୋଇପାରିଛି। ପ୍ରାୟ ସବୁ ଦେଶରେ ଏହି ସେକ୍ସ ଟଏଗୁଡ଼ିକ ବିକ୍ରି ହେଉଛି। ବିଶେଷକରି କଲମ୍ବିଆରେ ଏହି ବ୍ୟବସାୟ ବହୁତ ଅଧିକ ଲାଭଜନକ ହୋଇଛି ବୋଲି ସେକ୍ସ ଟଏ ବିକ୍ରେତାମାନେ କହିଛନ୍ତି। କଲମ୍ବିଆରେ କେତେକ ଦୋକାନରୁ ସମସ୍ତ ସେକ୍ସ ଟଏ ବିକ୍ରି ହୋଇଯାଇଥିବାରୁ ସେମାନେ ରେଡ୍‌ ବ୍ୟାନରରେ ସୋଲ୍ଡ ଆଉଟ୍‌ ଲେଖି ଦୋକାନ ବନ୍ଦ କରିଦେଇଛନ୍ତି। ଅନ୍ୟ ଜଣେ ବିକ୍ରେତା କହନ୍ତି ଯେ, ଲକ୍‌ଡାଉନ୍‌ ଆରମ୍ଭ ହେବାର ପ୍ରାୟ ଚାରିଦିନ ପରେ ତାଙ୍କ ଦୋକାନର ସାମଗ୍ରୀ ସବୁ ହଠାତ୍‌ ୫୦ ପ୍ରତିଶତ ଅଧିକ ବିକ୍ରି ଆରମ୍ଭ ହୋଇଛି। ଅଧିକାଂଶ ଯୁବତୀଯୁବକ ଓ ମଧ୍ୟବୟସ୍କମାନେ ଏଭଳି ସେକ୍ସ ଟଏ ପ୍ରତି ଆଗ୍ରହ ପ୍ରକାଶ କରି କିଣିଥିବା ଦେଖାଯାଇଥିଲା। ଲକ୍‌ଡାଉନ୍‌ ଯୋଗୁ ସବୁଲୋକ ଏବେ ଘରେ ରହୁଛନ୍ତି। ତେଣୁ ଜୀବନକୁ ବିଭିନ୍ନ ପ୍ରକାର ଉପଭୋଗ କରିବା ପାଇଁ ସେମାନଙ୍କ ପାଖରେ ଏବେ ଢେର୍‌ ଅଧିକ ସମୟ। ସେଥିପାଇଁ ଘରେ ମଜା କରିବା ପାଇଁ ଏଭଳି ସେକ୍ସ ଟଏର ଚାହିଦା ବହୁତ ବଢ଼ିଯାଇଛି। ମନୋବିଜ୍ଞାନୀଙ୍କ ମତରେ ସେକ୍ସ ଟଏ ହିଁ ମଣିଷକୁ ଏହି ଲକ୍‌ଡାଉନ୍‌ ସମୟରେ ଅବସାଦରୁ ଦୂରେଇ ରଖିବାରେ ବେଶ୍‌ ସହାୟକ ହୋଇପାରିବ।

# ମାସ୍କର ମଜା ଉଡ଼ାଉଥିବା ବ୍ୟକ୍ତି କରୋନା ଆକ୍ରାନ୍ତ

**ଭୋପାଳ:** ସମଗ୍ର ବିଶ୍ୱକୁ ମହାମାରୀ କରୋନା ଭୂତାଣୁ ଗ୍ରାସ କରିଥିବା ବେଳେ ଟିକ୍‌ଟକ୍‌ରେ ଏକ ଭିଡିଓ ଭାଇରାଲ ହୋଇଥିଲା। ଯେଉଁଥିରେ ଜଣେ ଟିକ୍‌ଟକ୍‌ ୟୁଜର ମାସ୍କର ମଜା ଉଡ଼ାଉଥିବା ବା ଥଟ୍ଟା ପରିହାସ କରୁଥିବା ଦେଖିବାକୁ ମିଳିଥିଲା। ଯାହା ତାଙ୍କ ପାଇଁ ଏବେ ମହଙ୍ଗା ପଡ଼ିଛି। ସେହି ଯୁବକ ଜଣକ ନିଜେ ଏବେ କରୋନା ପଜିଟିଭ୍‌ ଭାବେ ଚିହ୍ନଟ ହୋଇଛନ୍ତି। ଟିକ୍‌ଟକ୍‌ ୟୁଜର ଜଣକ ହେଉଛନ୍ତି ମଧ୍ୟପ୍ରଦେଶର ସାଗର ଜିଲାର। ଏକ ଟିକ୍‌ଟକ୍‌ ଭିଡିଓରେ କରୋନାରୁ ବଞ୍ଚିବା ପାଇଁ ମାସ୍କ ବ୍ୟବହାରକୁ ସେ ଥଟ୍ଟା ପରିହାସ କରିଥିଲେ। ଯେଉଁ ସମୟରେ ଦେଶରେ ତୀବ୍ର ବେଗରେ କରୋନା ମାଡ଼ିଚାଲିଥିଲା। ଏହି ଯୁବକ ଜଣକ ବାଇକ୍‌ରେ ବସି ଟିକ୍‌ଟକ୍‌ ଭିଡିଓ ଶୁଟିଂ କରୁଥିଲେ। ଭିଡିଓଟିକୁ ଦେଖି କେହି ଜଣେ ତାଙ୍କୁ ମାସ୍କ ପିନ୍ଧିବାକୁ କହିଥିଲେ। ପରେ ଯୁବକ ଜଣକ ମାସ୍କ ପିନ୍ଧିବାକୁ ମନା କରିଦେଇଥିଲେ। ସେ କହିଥିଲେ, ଏ କପଡ଼ା ଉପରେ କ'ଣ ବିଶ୍ୱାସ ? ଯଦି ତୁମେ ବିଶ୍ୱାସ କରୁଛ କର। ସେହିପରି ଭିଡିଓର ଦ୍ୱିତୀୟ ଭାଗରେ ଉକ୍ତ ମାସ୍କକୁ ସେ ପବନରେ ଉଡ଼ାଇ ଦେଉଥିବା ନଜର ଆସିଥିଲା। ଏହାର କିଛିଦିନ ପରେ ସଂପୃକ୍ତ ଯୁବକଙ୍କଠାରେ କରୋନା ଲକ୍ଷଣ ଦେଖାଦେବାରୁ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଯେଉଁଥିରେ ସେ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏହା ପରେ ଅଧିକାରୀମାନେ ହସ୍ପିଟାଲ ଯାଇ ତାଙ୍କ ମୋବାଇଲ୍‌ ସିଜ୍‌ କରିଥିଲେ। ସଂପୃକ୍ତ ଯୁବକ ଜଣକ ଆଇସୋଲେଶନରେ ଥାଇ ମଧ ଟିକ୍‌ଟକ୍‌ ଭିଡିଓ ଅପ୍‌ଲୋଡ କରୁଥିଲେ। ଏହି ଭିଡିଓରେ ସେ କୋଭିଡ୍‌-୧୯ରେ ସଂକ୍ରମିତ ଏବଂ ବର୍ତ୍ତମାନ ସେ ଲୋକଙ୍କ ସହ କଥାବାର୍ତ୍ତା ହୋଇପାରିବେ ନାହିଁ ବୋଲି ଭିଡିଓ ଅପ୍‌ଲୋଡ୍‌ କରିଥିଲେ। ଅନ୍ୟପକ୍ଷରେ ସାଗର ଜିଲାର ସରକାରୀ ବୁନ୍ଦେଲଖଣ୍ଡ ମେଡିକାଲ କଲେଜର ଡାକ୍ତର କହିଛନ୍ତି, ବର୍ତ୍ତମାନ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସମସ୍ତେ ସାମାଜିକ ଦୂରତ୍ୱ ପାଳନ କରିବା ସହ ମାସ୍କ ପିନ୍ଧିବା ନିହାତି ଦରକାର।

TikTok

# ୟୁ ଟ୍ୟୁବ୍‌ ଚାନେଲ ଖୋଲିବେ ସଲ୍‌ମାନ



**ମୁମ୍ବାଇ:** ବଲିଉଡ୍‌ର ମୋଷ୍ଟ ଇଲିଜିବଲ୍‌ ବ୍ୟାଚେଲର ସଲ୍‌ମାନ ଖାନ୍‌ ବହୁତ ଶୀଘ୍ର ନିଜର ୟୁ ଟ୍ୟୁବ୍‌ ଚ୍ୟାନେଲ ଖୋଲିବାକୁ ଯାଉଛନ୍ତି। ଏହି ଖବର ନିଶ୍ଚିତ ଭାବେ ଫ୍ୟାନ୍‌ମାନଙ୍କ ପାଇଁ ଏକ ବଡ଼ ଖୁସି ଖବର। ସେ ଏହି ଚ୍ୟାନେଲର ନାମ ଦେବେ 'ବିଇଂ ସଲମାନ୍‌ ଖାନ୍‌'। ତେବେ ଏହାକୁ ନେଇ ବହୁ ପ୍ରଶଂସକ ତାଙ୍କୁ ଉତ୍ସୁକତାର ସହ ପ୍ରତୀକ୍ଷା କରିଛନ୍ତି। କାରଣ ସଲ୍‌ମାନ ତାଙ୍କ ନିତିଦିନିଆ ଜୀବନ କିପରି ବିତାନ୍ତି, ଖାଲି ସମୟରେ କ'ଣ କରନ୍ତି, ସମସ୍ତେ ଜାଣିବାକୁ ଇଚ୍ଛୁକ। ସଲ୍‌ମାନ କହିଛନ୍ତି ଯେ, ସେ ତାଙ୍କ ଫ୍ୟାନ୍‌ମାନଙ୍କୁ ବହୁତ ଭଲପାଆନ୍ତି। ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ସେ ଏହି ଚ୍ୟାନେଲ ମାଧ୍ୟମରେ ଜଣାଇବେ। ସାରା ଦେଶ କରୋନା ପାଇଁ ଲକ୍‌ଡାଉନ୍‌ ହୋଇଯାଇଥିବା ବେଳେ ଲୋକମାନେ ଏକପ୍ରକାର ବୋର୍‌ ହୋଇଗଲେଣି। ସେଥିଲାଗି ଅତି ଶୀଘ୍ର ସେ ନିଜ ଚ୍ୟାନେଲ ମାଧ୍ୟମରେ ଲୋକଙ୍କ ମନୋରଞ୍ଜନ କରିବେ ବୋଲି ଇନ୍‌ଷ୍ଟାରେ ଉଲ୍ଲେଖ କରିଛନ୍ତି।

# ପ୍ରାଣୀ ପାଲଟିବେ ପ୍ରାଣୀଙ୍କ ଖାଦ୍ୟ

କରୋନା ପ୍ରଭାବ

**ବର୍ଲିନ୍‌,୧୫।୪:** କରୋନା ଭାଇରସ୍‌ ସଂକ୍ରମଣ ଯୋଗୁ ପୃଥିବୀରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସୁରକ୍ଷା ଦୃଷ୍ଟିରୁ ୯୦ରୁ ଅଧିକ ଦେଶରେ ଲକ୍‌ଡାଉନ୍‌ ଜାରି ହୋଇଛି। ଏପରିସ୍ଥଳେ ପରିବହନ ବ୍ୟବସ୍ଥା ବ୍ୟାହତ ହେବାରୁ ମଣିଷଠାରୁ ଆରମ୍ଭ କରି ପ୍ରାଣୀଜଗତ ପର୍ଯ୍ୟନ୍ତ ସଭିଙ୍କ ପାଇଁ ଖାଦ୍ୟର ଅଭାବ ଦେଖାଦେଇଛି। ତେବେ ଜର୍ମାନୀ ପ୍ରାଣୀ ଉଦ୍ୟାନରେ ଥିବା ପ୍ରାଣୀଙ୍କ ଲାଗି ଖାଦ୍ୟର ଘୋର ଅଭାବ ସୃଷ୍ଟି ହୋଇଛି। ଇଷ୍ଟରରେ ପ୍ରତିବର୍ଷ ଏଠାରେ ଥିବା ବିଭିନ୍ନ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ଗହଳି ହୋଇଥାଏ। ତେବେ ଚଳିତବର୍ଷ କରୋନା ସଂକ୍ରମଣ ଯୋଗୁ ସମସ୍ତ ପ୍ରାଣୀ ଉଦ୍ୟାନ ବନ୍ଦ ରହିଛି। ତେଣୁ କିଛି ପ୍ରାଣୀଙ୍କୁ ହତ୍ୟା କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେମାନଙ୍କ ମାଂସକୁ ଅନ୍ୟ ପ୍ରାଣୀଙ୍କୁ ଖାଇବାକୁ ଦିଆଯିବ ବୋଲି ଉତ୍ତର ଜର୍ମାନୀର ଏକ ପ୍ରାଣୀ ଉଦ୍ୟାନ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଅନ୍ୟ ପ୍ରାଣୀ ଉଦ୍ୟାନରେ ମଧ ଏଭଳି କରାଯିବାର ଯୋଜନା ରହିଛି। ନେମୁନଷ୍ଟର ପ୍ରାଣୀ ଉଦ୍ୟାନର ଅଧିକାରୀ କାସପାରି କହିଛନ୍ତି ଯେ, ଏଭଳି କରିବା ଦ୍ୱାରା କିଛି ପ୍ରାଣୀ ଏହି ସଙ୍କଟ ଜନକ ସ୍ଥିତିରେ ବଞ୍ଚି ରହିବାକୁ ସକ୍ଷମ ହୋଇପାରିବେ। ସୂଚନାଯୋଗ୍ୟ, ପ୍ରତି ସପ୍ତାହରେ ଜର୍ମାନୀରେ ଥିବା ପ୍ରାଣୀ ଉଦ୍ୟାନ ପାଇଁ ପ୍ରାୟ ୫୦୦,୦୦୦ ୟୁରୋ ଖର୍ଚ୍ଚ ହୋଇଥାଏ।



# 'ଅଧିକ ମଦ ଆବଶ୍ୟକ'

**ଓଟାୱା:** ମହାମାରୀ କରୋନା ଭୂତାଣୁ ଯୋଗୁ ଅଧିକାଂଶ ଦେଶରେ ଲକ୍‌ଡାଉନ୍‌ ଘୋଷଣା କରାଯାଇଛି। ଫଳରେ ଏହି ଭୂତାଣୁକୁ ରୋକାଯାଇ ପାରିବ। ଏଭଳି ପରିସ୍ଥିତିରେ ଲୋକଙ୍କ ନିକଟରେ ଖାଦ୍ୟ, ପାନୀୟର ଅଭାବ ଦେଖାଦେଇଛି। କାରଣ ଅଧିକାଂଶ ଲୋକ ଗୃହବନ୍ଦୀ ଜୀବନ ବିତାଉଛନ୍ତି। ଦୋକାନବଜାର ସବୁ ବନ୍ଦ ରହିଛି। ମାତ୍ର ଯେଉଁମାନେ ମଦ୍ୟପାନରେ ଅଭ୍ୟସ୍ତ ସେମାନଙ୍କ ପାଇଁ ଲକ୍‌ଡାଉନ୍‌ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହି ସମୟରେ କାନାଡାର ଅନ୍‌ଟାରିଓରେ ରହୁଥିବା ଜଣେ ୮୨ ବର୍ଷୀୟା ବୃଦ୍ଧାଙ୍କ ମଦ ଶେଷ ହୋଇଯାଇ ଥିବାରୁ ଘର ବାହାରେ ଏକ ବୋର୍ଡ ଲଗାଇଛନ୍ତି। ଏଥିରେ ସେ ଲେଖିଛନ୍ତି ଅଧିକ ମଦ ଦରକାର। ଏକ ରିପୋର୍ଟ ଅନୁଯାୟୀ, ତାଙ୍କ ଝିଅ କୈଲୀ ଯେତେବେଳେ ତାଙ୍କୁ ଦେଖା କରିବାକୁ ଯାଇଥିଲେ, ମାଆଙ୍କ ଏପରି ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କୈଲୀ ମାଆଙ୍କର ଏହି ଫଟୋକୁ ଫେସ୍‌ବୁକ୍‌ରେ ଶେୟାର କରିଥିଲେ। ଯାହା ଏବେ ଏହା ଖୁବ୍‌ ଭାଇରାଲ ହେବାରେ ଲାଗିଛି। ଏପ୍ରିଲ ୪ରେ ଶେୟାର ହୋଇଥିବା ଏହି ଫଟୋକୁ ଏବେସୁଦ୍ଧା ୨ ଲକ୍ଷ ୫୬ ହଜାର ଲୋକ ଶେୟାର କରିଥିବା ବେଳେ ୪୩ ହଜାରରୁ ଅଧିକ ଲୋକ ଲାଇକ୍‌ ମଧ କରିସାରିଲେଣି। ୮ ହଜାରରୁ ଅଧିକ ଲୋକ ନିଜର ପ୍ରତିକ୍ରିୟା ରଖିଛନ୍ତି। କୈଲୀ କହିଛନ୍ତି, ମାଆ ବହୁତ ଲୋକଙ୍କ ସହ ରହିଆସୁଥିଲେ। ଏବେ ଲକ୍‌ଡାଉନ୍‌ ଯୋଗୁ ସମସ୍ତେ ଗୃହବନ୍ଦୀ ଜୀବନ ଅତିବାହିତ କରୁଛନ୍ତି। ତେଣୁ ତାଙ୍କର ଦେଖାଶୁଣା କରିବାରେ ଅସୁବିଧା ହେଉଛି।




# ପ୍ରକୃତିର ଶୋଷଣ ନୂଆ ରୋଗର ପ୍ରକୋପ ବଢ଼ାଇବ

**ୱାଶିଂଟନ,୧୫।୪:** ମହାମାରୀ କରୋନା ଯୋଗୁ ବିଶ୍ୱ ଏବେ ଥରହର। କେହି କେହି ଏହା ମାନବୀୟ ଅବହେଳାର ପରିଣାମ ବୋଲି କହୁଥିବା ବେଳେ ପ୍ରକୃତିର ଶୋଷଣ ଏଭଳି ରୋଗକୁ ଆମନ୍ତ୍ରଣ କରିଛି ବୋଲି ମଧ କେତେକ ତଥ୍ୟରୁ ଜଣାପଡ଼ିଛି। କରୋନା ମହାମାରୀ ଓ ପ୍ରକୃତି ଉପରେ ମଣିଷର ଦାଉ ମଧ୍ୟରେ ସମ୍ପର୍କ ରହିଥିବା ଏଥିରୁ ଅନୁମେୟ। ଜଙ୍ଗଲରେ ରହୁଥିବା ଜୀବଜନ୍ତୁଙ୍କୁ ଶିକାର କରିବା, ସେମାନଙ୍କ ଛାଲ, ଶିଙ୍ଗ ଆଦି ବିଦେଶକୁ ଚଢ଼ାଦରରେ ବିକ୍ରିକରିବା, ଗଛଲତା କାଟି ପଦାକରିବା ସହିତ ଏଗୁଡ଼ିକୁ ବିକ୍ରିକରିବା ଆଦି ଯୋଗୁ ପ୍ରକୃତି ଭାରସାମ୍ୟ ହରାଉଛି। ଏଥିସହ ନୂଆ ରୋଗ ବୃଦ୍ଧି ଲାଗି ବାଟ ଫିଟାଉଛି ବୋଲି କେତେଜଣ ବୈଜ୍ଞାନିକ ମତ ଦେଇଛନ୍ତି। କରୋନା ଭାଇରସ୍‌ ବାଦୁଡ଼ି, ବଜ୍ରକାପ୍ତା ଓ ଅନ୍ୟ ଜଙ୍ଗଲୀ ଜୀବଙ୍କଠାରୁ ବ୍ୟାପିଥିବା ଆଶଙ୍କା କରାଯାଉଛି। ଏହା ମଣିଷ ସଂସ୍ପର୍ଶରେ ଆସିବାରୁ ବିଶ୍ୱରେ ଏବେ ଏଭଳି ମହାମାରୀ ଦେଖାଦେଇଛି।

ଗବେଷକମାନେ ବୈଜ୍ଞାନିକ ପଦ୍ଧତି ଦ୍ୱାରା ଛାନ୍‌ଭିନ୍‌ କରି ଜାଣିବାକୁ ପାଇଛନ୍ତି ଯେ, ଜୀବଜନ୍ତୁଙ୍କଠାରୁ ମଣିଷକୁ ବ୍ୟାପିଥିବା କରୋନା ଭୂତାଣୁ ପ୍ରକୃତିର ଭୟଙ୍କର କ୍ଷତି ଘଟାଇବ। ମାନବଜାତି ଯେଉଁଭଳି ଭାବେ ପ୍ରକୃତିକୁ ଶୋଷଣ କରିଚାଲିଛି, ଜୀବଜନ୍ତୁଙ୍କୁ ମାରି ଗଛଲତା ପଦାକରୁଛି, ଦିନ ଆସିବ ଆଉ ଏମାନଙ୍କ ଉପସ୍ଥିତି ଅନୁଭବ କରିହେବନି। ଜଙ୍ଗଲ ପଦା ହେବା ଫଳରେ ଜୀବଜନ୍ତୁମାନେ ସହର ମୁହାଁ ହେବା ସହ ମଣିଷ ସଂସ୍ପର୍ଶରେ ଆସିବାକୁ ବାଧ ହେବେ। ଫଳରେ ବିଭିନ୍ନ ପ୍ରକାର ଭୂତାଣୁ ମଣିଷକୁ ଗ୍ରାସ କରିବ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଡ. ଖ୍ରୀଷ୍ଟାଇନ୍‌ ଜନ୍‌ସନ୍‌ ପ୍ରକାଶ କରିଛନ୍ତି। ପ୍ରାଣୀଙ୍କ ସଂସ୍ପର୍ଶରେ ମଣିଷ ଆସି ବିଭିନ୍ନ ସ୍ଥାନ ଯିବାଆସିବା କରିବା ଫଳରେ ସାରା ବିଶ୍ୱକୁ ଭୂତାଣୁ ବ୍ୟାପିବ। ଧୀରେ ଧୀରେ ଜଙ୍ଗଲ ଛାଡ଼ି ପ୍ରାଣୀମାନେ ନିଜ ସୁବିଧା ସ୍ଥାନ ବାଛିବେ ଓ ଏଣେତେଣେ ବିଚରଣ କରିବେ। ଫଳରେ ମହାମାରୀର ପ୍ରକୋପ ଭୟଙ୍କର ଭାବେ ବ୍ୟାପିବା ସହ ମାନବସମାଜକୁ ଗ୍ରାସ କରିବ। ସାର୍ସ, ମେର୍ସ, ଇବୋଲା, ଫ୍ଲୁ, କରୋନା ଭାଇରସ୍‌ ଭଳି ଭୂତାଣୁବାହୀ ରୋଗ ମଣିଷକୁ ଗ୍ରାସକରିବା ଫଳରେ କିଛିଟା ଜନସଚେତନତା ବଢ଼ିଛି ସତ। କିନ୍ତୁ କେତେକାଳ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ କରାଯିବ ତାହା ସନ୍ଦେହପୂର୍ଣ୍ଣ। ଜଙ୍ଗଲ ନଷ୍ଟ ସହ ଜୀବଜନ୍ତୁମାନଙ୍କୁ ଶାଗମାଛ ଦରରେ ବିକ୍ରି କରାଯାଉଛି। ଏମାନଙ୍କଠାରୁ ପ୍ରସ୍ତୁତ ବିଭିନ୍ନ ଭୂତାଣୁବାହୀ ରୋଗ କିଣାଯାଉଛି। ଏବେ ଲୋକେ କିଛିଟା ସଚେତନ ହେଲେଣି। ପ୍ରକୃତିକୁ ଶୋଷଣମୁକ୍ତ କରିବା ଲାଗି ଇଣ୍ଡୋନେସିଆଠାରୁ ଆରମ୍ଭ କରି ବିଭିନ୍ନ ଦେଶରେ ସ୍ୱର ଉଠିଲାଣି। ପରିବେଶ ସୁରକ୍ଷା, ଜଙ୍ଗଲ ରକ୍ଷା ଜୀବନ ଧାରଣର ଏକ ଅଙ୍ଗ ବୋଲି ଲୋକେ ହୃଦୟଙ୍ଗମ କଲେଣି। ଏହାକୁ ପରିବ୍ୟାପ୍ତ କରିବାର ସମୟ ଆସିଛି। ଯଦି ଏଭଳି ଆଦର୍ଶକୁ କାର୍ଯ୍ୟକାରୀ କରା ନ ଯାଏ, ତେବେ ବିଭିନ୍ନ ଭୂତାଣୁବାହୀ ରୋଗର ପ୍ରକୋପ ଅଧିକରୁ ଅଧିକ ବଢ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।






## ନନ୍ଦନକାନନରେ ଗୁରାଣ୍ଡି ଶାବକ ଜନ୍ମ

**ବାରଙ୍ଗ,୧୬।୪(ଡି.ଏନ.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୭ ନଂ. ଏନ୍‌କ୍ଲୋଜରରେ ରହୁଥିବା ଗୁରାଣ୍ଡି ବୁଧବାର ସକାଳେ ଗୋଟିଏ ଶାବକ ଜନ୍ମ ଦେଇଛି। ଶାବକଟି ଜନ୍ମ ପରେ ଗୁଣାଣ୍ଡିଙ୍କ ସଂଖ୍ୟା ବୃଦ୍ଧି ପାଇ ୧୪ରେ ପହଞ୍ଚିଛି। ମାଆ ଓ ଛୁଆ ଉଭୟେ ସୁସ୍ଥ ଅଛନ୍ତି।। ବର୍ଷା ଓ ଶୀତ ଋତୁ ଆରମ୍ଭରେ ଥରକେ ୧, ୨ ଶାବକ ଜନ୍ମ ଏମାନେ କରିଥାନ୍ତି।

### ସଂକ୍ଷେପରେ

## ସଫଳତାର ସହ ମହିଳାଙ୍କ କହୁଣି ପ୍ରତିରୋପଣ



**ଜଟଣୀ,୧୫।୪(ଡି.ଏନ.ଏ.):** ଜଟଣୀସ୍ଥିତ ରେଲୱେ ମେଡିକାଲରେ ଜଣେ ୬୦ ବର୍ଷୀୟା ବୃଦ୍ଧାଙ୍କ ଭାଙ୍ଗି ଯାଇଥିବା ବାମ ହାତ କହୁଣି ସଫଳତାର ସହ ଅସ୍ତ୍ରୋପଚାର ଦ୍ୱାରା ପୟତିରୋପଣ କରାଯାଇଛି। ବୃଦ୍ଧାଙ୍କ ନାମ କନକଲତା ସାହୁ। ରେଲୱେରେ କାର୍ଯ୍ୟ କରୁଥିବା ଅବସରପ୍ରାପ୍ତ ସେକ୍ସନ ଅଫିସର କୁବେର ଚରଣ ସାହୁଙ୍କ ସେ ସ୍ତ୍ରୀ। ଦୁଇବର୍ଷ ପୂର୍ବେ କନକଲତାଙ୍କ ବାମହାତ କହୁଣି ଭାଙ୍ଗି ଯାଇଥିଲା। ଏହା ମଧ୍ୟରେ ଘରୋଇ ଡାକ୍ତରଖାନାରେ ତାଙ୍କର ୩ ଥର ଅସ୍ତ୍ରୋପଚାର ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭଲ ହୋଇ ନ ଥିଲା। ପୂର୍ବପରି କନକଲତା କଷ୍ଟ ପାଇବା ସହ କୌଣସି କାର୍ଯ୍ୟ କରି ପାରୁ ନ ଥିଲେ। ରେଲୱେ ଡାକ୍ତରଖାନାରେ ଡାକ୍ତରଙ୍କୁ ଦେଖାଇବା ପରେ ମାର୍ଚ୍ଚ ୧୯ରେ ତାଙ୍କ କହୁଣିରେ ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାର ୪ ସପ୍ତାହ ପର୍ଯ୍ୟନ୍ତ ଅନୁଧ୍ୟାନରେ ରଖିବା ପରେ ମହିଳା ଜଣକ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଗୋପାଳ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଏକ ଡାକ୍ତରୀ ଦଳ ଏହି ଅସ୍ତ୍ରୋପଚାର କରିଥିଲେ।

## ଓଡ଼ିଶା ପୋଲିସକୁ ଆଇଏମ୍‌ଏର ପ୍ରଶଂସାପତ୍ର

**କଟକ ଅଫିସ୍,୧୫।୪:** କରୋନା ସଂକ୍ରମଣକୁ ରୋକିବା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ତରଫରୁ ଲକ୍‌ଡାଉନ୍ ଜାରି କରାଯାଇଛି। ଏହି ସମୟର କଟକଣାକୁ କଡ଼ାକଡ଼ି ଭାବେ ପାଳନ କରିବାରେ ପ୍ରମୁଖ ଭୂମିକା ନେଉଛି ପୋଲିସ। ଏ ଦିଗରେ ଓଡ଼ିଶା ପୋଲିସର କାର୍ଯ୍ୟକୁ ପ୍ରଶଂସା କରିଛି ଇଣ୍ଡିଆନ୍ ମେଡିକାଲ୍ ଆସୋସିଏଶନ(ଆଇଏମ୍‌ଏ)। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କୁ ଆଇଏମ୍‌ଏ ତରଫରୁ ଏକ ପ୍ରଶଂସାପତ୍ର ପଠାଯିବା ସହ ଓଡ଼ିଶା ପୋଲିସକୁ ଧନ୍ୟବାଦ ଦିଆଯାଇଛି।

## ଯୁବତୀଙ୍କ ଆତ୍ମହତ୍ୟା

**ପୁରୁଣା ଭୁବନେଶ୍ୱର,୧୫।୪(ଡି.ଏନ.ଏ.):** ଲିଙ୍ଗରାଜ ଥାନା ଅଧୀନ ସାମନ୍ତରାପୁର ଛକଠାରେ ଥିବା ତେଲୁଗୁ ବସ୍ତିରେ ବୁଧବାର ଜଣେ ଯୁବତୀ ପାରିବାରିକ କଳହରୁ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସସ୍ମିତା ରେଡ୍ଡୀ(୨୫)। ପୋଲିସ ସୂଚନା ମୁତାବକ, ସସ୍ମିତା ରହୁଥିବା ଘରେ ବେକରେ ଓଢଣି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଥାନାରେ ୧୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ପାରିବାରିକ କଳହରୁ ସସ୍ମିତା ଆତ୍ମହତ୍ୟା କରିଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

# ସୂର୍ଯ୍ୟନଗର କଣ୍ଟେନମେଣ୍ଟ ଜୋନ୍ ବଳବତ୍ତର

- ପରିସୀମା କମିଲା, କିଛି ସ୍ଥାନରୁ ହଟିଲା ବ୍ୟାରିକେଡ୍
- ପରିବର୍ତ୍ତିତ ମ୍ୟାପ୍ ଜାରିକଲା ବିଏମ୍‌ସି
- ଆଗାମୀ ୭ଦିନ ପର୍ଯ୍ୟନ୍ତ ରହିବ ନଜର, ଚାଲିବ ସ୍ୱାସ୍ଥ୍ୟ ପରୀକ୍ଷା

**ଭୁବନେଶ୍ୱର, ୧୫।୪(ବ୍ୟୁରୋ)**






ଭୁବନେଶ୍ୱରସ୍ଥିତ ସୂର୍ଯ୍ୟନଗରରେ କଣ୍ଟେନମେଣ୍ଟ ଜୋନ୍ ବା ଆବଦ୍ଧାଞ୍ଚଳ କଟକଣା ବଳବତ୍ତର ରହିଛି। ହେଲେ କିଛି ଅଞ୍ଚଳରୁ ବ୍ୟାରିକେଡ୍ ହଟାଇ ଦିଆଯାଇଛି। ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏନେଇ ସୂଚନା ଦିଆଯିବା ସହ ପରିବର୍ତ୍ତିତ ବିଜ୍ଞପ୍ତି ଓ ମ୍ୟାପ୍ ଜାରି କରାଯାଇଛି। ଏହି ଅନୁଯାୟୀ ସୂର୍ଯ୍ୟନଗରସ୍ଥିତ ଏନ୍‌ସିସି ଅଫିସରୁ ନ୍ୟାଶନାଲ ପ୍ରଡକ୍ଟିଭ୍ କାଉନ୍‌ସିଲ ଅଫିସ୍ ସହ ମମ୍‌ତାଜ୍ ଅଲ୍ଲୀ ରାସ୍ତା, ନ୍ୟାଶନାଲ ପ୍ରଡକ୍ଟିଭ୍ କାଉନ୍‌ସିଲ ଅଫିସ୍‌ରୁ ସୂର୍ଯ୍ୟ କମ୍ପ୍ଲେକ୍ସ ଓ ସୂର୍ଯ୍ୟ କମ୍ପ୍ଲେକ୍ସରୁ ଏନ୍‌ସିସି ଅଫିସ ପର୍ଯ୍ୟନ୍ତ ସୂର୍ଯ୍ୟନଗର କଣ୍ଟେନମେଣ୍ଟ ଜୋନ୍‌ର ପରିବର୍ତ୍ତିତ ପରିସୀମା ହୋଇଛି। ତେବେ ପୂର୍ବପରି ମୂଳ ଅଞ୍ଚଳରେ କଟକଣା ଓ ସ୍ୱାସ୍ଥ୍ୟ ପରୀକ୍ଷା ଜାରି ରହିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଜଣାଇଛନ୍ତି।

ଗତ ୧ ତାରିଖରେ ରାଜ୍ୟର ୫ମ କରୋନା ଆକ୍ରାନ୍ତ ଜଣକ ସୂର୍ଯ୍ୟନଗରରୁ ଚିହ୍ନଟ ହୋଇଥିଲେ। ଏହାପରେ ଅର୍ଥାତ୍ ୨ ତାରିଖରେ ବିଏମ୍‌ସି ସୂର୍ଯ୍ୟନଗରକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିବା ସହ ଗୋପବନ୍ଧୁ ଛକରୁ ଏଲ୍‌ଆଇସି ଛକ, ଏଲ୍‌ଆଇସି ଛକରୁ ଗଙ୍ଗନଗର ଛକ, ଗଙ୍ଗନଗର ଛକରୁ ଶିରିପୁର ଛକ ଓ ଶିରିପୁର ଛକରୁ ଗୋପବନ୍ଧୁ ଛକକୁ ସମ୍ପୂର୍ଣ୍ଣ ସିଲ୍ କରିଦେଇଥିଲା। ଲୋକଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଇଦେବା ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଲୋକଙ୍କ ନମୁନା ସଂଗ୍ରହ କରାଯାଇଥିଲା। ଇତିମଧ୍ୟରେ କେବଳ ଆକ୍ରାନ୍ତଙ୍କ ପରିବାରର କେତେଜଣଙ୍କ ବ୍ୟତୀତ ଅନ୍ୟ କେହି ଉକ୍ତ ଅଞ୍ଚଳରୁ ସଂକ୍ରମଣର ଶିକାର ହୋଇନାହାନ୍ତି। ତେଣୁ କିଛି ଅଞ୍ଚଳରୁ ବ୍ୟାରିକେଡ୍ ହଟାଇ ଦିଆଯାଇଛି। ଆକ୍ରାନ୍ତଙ୍କ ଘର ରହିଥିବା ଅଞ୍ଚଳ ସମେତ ମୂଳ ଅଞ୍ଚଳ ବିଏମ୍‌ସିର ନିରୀକ୍ଷଣରେ ରହିଛି। ଡାକ୍ତରୀ ଦଳ ଓ ସ୍ୱାସ୍ଥ୍ୟକର୍ମୀମାନେ ନିୟମିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଜାରି ରଖିଛନ୍ତି। ତେବେ ଭୁବନେଶ୍ୱରରେ ବଢୁଥିବା ସଂକ୍ରମଣକୁ ନଜରରେ ରଖି ବିଏମ୍‌ସି କୌଣସି ସୁଯୋଗ ନେବାକୁ ଚାହୁଁନାହିଁ। ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ଆସିବା ପରେ କେବେ ସୂର୍ଯ୍ୟନଗରରୁ ଆବଦ୍ଧାଞ୍ଚଳ କଟକଣା ହଟିବ ସେନେଇ ନିଷ୍ପତ୍ତି ନିଆଯିବ ବୋଲି କମିଶନର ଚୌଧାରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସୂର୍ଯ୍ୟନଗର ସମେତ ରାଜଧାନୀର ୫ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ଗତ ସୋମବାର ସୁନ୍ଦରପଦା ଓ ଯଦୁପୁରରୁ ଆବଦ୍ଧାଞ୍ଚଳ କଟକଣା ହଟିଥିଲା। ୧୫ ତାରିଖକୁ ସୂର୍ଯ୍ୟନଗର କଣ୍ଟେନମେଣ୍ଟ ଜୋନ ଅବଧି ୧୪ ଦିନ ପୂରୁଥିବାରୁ କଟକଣା ହଟିବ ବୋଲି ଲୋକେ ଆଶା ରଖିଥିଲେ। ହେଲେ ସୂର୍ଯ୍ୟନଗରର ପ୍ରଥମ ଆକ୍ରାନ୍ତ ୭୦ବର୍ଷୀୟ ବ୍ୟକ୍ତି ଓ ତାଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ପରିବାର ସଦସ୍ୟଙ୍କୁ ମିଶାଇଲେ ମୋଟ ୮ଜଣ ଚିହ୍ନଟ ହୋଇଥିବାରୁ ସଂକ୍ରମଣ ଆଶଙ୍କା ଏବେବି ଟଳିନାହିଁ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

**କଟକ ଅଫିସ୍,୧୫।୪**

କଟକ ମହାନଗର ନିଗମର ଏନ୍‌ଫୋର୍ସମେଣ୍ଟ ବିଭାଗ ତରଫରୁ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୪ହଜାର ୧୦୧ ଟଙ୍କା ଦାନ କରାଯାଇଛି । କମିଶନର୍ ଅନନ୍ୟା ଦାସଙ୍କୁ ଏହି ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରଫୁଲ୍ଲ କୁମାର ମଙ୍ଗଲ ଏହି ଟଙ୍କା କର୍ମଚାରୀଙ୍କଠାରୁ ସଂଗ୍ରହ କରିଥିଲେ। ଡେପୁଟି କମିଶନର୍ ଅବିନାଶ ରାଉତ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଭୂମି ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟଙ୍କ ସମେତ ଏନ୍‌ଫୋର୍ସମେଣ୍ଟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମାସ୍କ, ସାନିଟାଇଜର ବଣ୍ଟନ

**କୋଣାର୍କ/ଅସ୍ତରଙ୍ଗ, ୧୫।୪(ଡି.ଏନ.ଏ)**

କୋଣାର୍କ ନିକଟ ବାଙ୍ଗରସ୍ଥିତ ପୁରୀ ଜେଲରେ ମଙ୍ଗଳବାର ଅନ୍ତେବାସୀ ଓ କର୍ମଚାରୀଙ୍କୁ ମାସ୍କ, ସାନିଟାଇଜର ବଣ୍ଟନ କରିଛନ୍ତି କାକଟପୁରର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ। ଏଥିସହ ରାମଚଣ୍ଡୀ, ଚନ୍ଦ୍ରଭାଗା ସାମୁଦ୍ରିକ ଥାନା, କୋଣାର୍କ ଅଗ୍ନିଶମ କେନ୍ଦ୍ର ଏବଂ କୋଣାର୍କ ଥାନାର କର୍ମଚାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ। ସେହିପରି ସୋମବାର ଅସ୍ତରଙ୍ଗରେ ପୋଲିସ, ଗଣମାଧ୍ୟମ ପ୍ରତିନିଧିଙ୍କୁ ପୂର୍ବତନ ବିଧାୟକ ସେଠୀ ମାସ୍କ ଓ ସାନିଟାଇଜର ବାଣ୍ଟିଥିଲେ।

## ଖ୍ରୀଷ୍ଟ କଲେଜର ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

**କଟକ ଅଫିସ୍,୧୫।୪**

ଖ୍ରୀଷ୍ଟ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ମନ୍ମଥ କୁମାର ଓଝା(୬୨)ଙ୍କର ବଡ଼ଚଣା ବାସଭବନରେ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗ ଖବର ଜଣାପଡିବା ପରେ ଖ୍ରୀଷ୍ଟ କଲେଜ କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଓଝା ଇତିହାସ ବିଭାଗ ଅଧ୍ୟାପକ ଭାବେ ୩୮ ବର୍ଷ କାର୍ଯ୍ୟ କରିଥିଲେ। ବିଶେଷକରି ତାଙ୍କ ଅଧ୍ୟକ୍ଷ କାର୍ଯ୍ୟକାଳ ଭିତରେ ଭିତ୍ତିଭୂମି ବିକାଶ ଦିଗରେ ପଦକ୍ଷେପ ନେଇଥିଲେ।

## ଦଶମ ପାଠ୍ୟପୁସ୍ତକ ପରିବର୍ତ୍ତନକୁ ବିରୋଧ

**କଟକ ଅଫିସ୍,୧୫।୪**

ଲକ୍‌ଡାଉନ୍ ଯୋଗୁ ସାରା ଦେଶରେ ଏବେ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଛି। ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସମୟରେ ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷ ଦଶମ ଶ୍ରେଣୀ ପାଠ୍ୟପୁସ୍ତକରେ ପରିବର୍ତ୍ତନ ପାଇଁ ଘୋଷଣା କରିଛନ୍ତି। ଏହାକୁ ଏଆଇଡିଏସ୍‌ଓ ପକ୍ଷରୁ ତୀବ୍ର ବିରୋଧ କରାଯିବ ସହ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ସଂଗଠନ ତରଫରୁ କୁହାଯାଇଛି, ଗୋଟିଏ ପଟେ ବିଦ୍ୟାଳୟଗୁଡିକ ବନ୍ଦ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ହେଉଛି। ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଉପର ଶ୍ରେଣୀର ପିଲାଙ୍କ ପାଖରୁ ପୁରୁଣା ପୁସ୍ତକ ଯୋଗାଡ଼କରି ପଢୁଛନ୍ତି। ମାତ୍ର ବ୍ୟବସାୟ ମନୋବୃତ୍ତି ରଖି ବୋର୍ଡ଼ କର୍ତ୍ତୃପକ୍ଷ ପାଠ୍ୟପୁସ୍ତକରେ ପରିବର୍ତ୍ତନ କରିଛନ୍ତି। ନୂଆ ବହି କିଣିବାକୁ ଯାଇ ଆର୍ଥିକ ଶୋଷଣର ଶିକାର ହେବେ। ବୋର୍ଡ଼ର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ଛାତ୍ରୀଛାତ୍ର ବିରୋଧୀ। ଏଣୁ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା, ନବମ ଓ ଦଶମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣାରେ ବହି ଯୋଗାଇ ଦେବା ସହ ସମସ୍ତ ଶିକ୍ଷାନୁଷ୍ଠାନରେ ଫି' ଛାଡ ପାଇଁ ଏଆଇଡିଏସ୍‌ଓ ପକ୍ଷରୁ ଦାବି ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସମ୍ପାଦକ ସୁବାସ ନାୟକ, କଟକ ଜିଲା ସଭାପତି ଭାଗ୍ୟରବି ଦାସ ଏବଂ ସମ୍ପାଦକ ବିନୋଦ ସେଠୀ ଏକ ପ୍ରେସ ବିବୃତିରେ ଦାବି କରିଛନ୍ତି।

## ବ୍ୟାଙ୍କରେ ଭିଡ଼: ମ୍ୟାନେଜରଙ୍କୁ ତାଗିଦ

**ପିପିଲି,(ଡି.ଏନ.ଏ)**

ସାତଶଙ୍ଖ ଆନ୍ଧ୍ରା ବ୍ୟାଙ୍କରେ ବୁଧବାର ଅସମ୍ଭାଳ ଭିଡ଼ ଲାଗିଥିଲା। ଲୋକଙ୍କ ମଧ୍ୟରେ ସାମାଜିକ ଦୂରତା ନ ଥିଲା। ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ବାବଦ ଟଙ୍କା ଆସିଛି କି ନାହିଁ ଜାଣିବାକୁ ଶହ ଶହ ଗ୍ରାହକ ଗହଳି ଲଗାଇଥିଲେ। ଖବର ପାଇ ପିପିଲି ବିଡିଓ ଗୌରବମୟ ପ୍ରଧାନ ସେଠାରେ ପହଞ୍ଚି ବ୍ୟାଙ୍କ ମ୍ୟାନେଜରଙ୍କୁ ଡାକି ତାଗିଦ କରିଥିଲେ। ସାମାଜିକ ଦୂରତ୍ୱ ରକ୍ଷା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ପଚାରିଥିଲେ। ମାତ୍ର ମ୍ୟାନେଜର ଚୁପ୍ ରହିବାରୁ ବିଡିଓ ରାଗିଯାଇଥିଲେ। ପରେ ବିଡିଓ ଏବଂ ଯୋଗାଣ ନୀରିକ୍ଷକ ଦିପ୍ତୀରଞ୍ଜନ ଇନ୍ଦ୍ରାସିଂ ଆବଶ୍ୟକ ପଦକ୍ଷେପ ନେଇଥିଲେ।

## ରାମଲୀଳା କଳାକାରଙ୍କ କରୋନା ସଚେତନତା

**ବାଙ୍କୀ,୧୫।୪(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଅଧୀନ କୁଶପଙ୍ଗୀ ଗ୍ରାମର ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ କରୋନା ସଂକ୍ରମଣ ଉପରେ ସଚେତନତା ସୃଷ୍ଟି କରାଯିବା ସହ ନିଆରା ଢଙ୍ଗରେ ରାମଲୀଳା ସମ୍ପନ୍ନ କରାଯାଇଛି। ଚଳିତ ବର୍ଷ କରୋନା ଆତଙ୍କ ଦେଖା ଦେଇଥିବାରୁ ଗ୍ରାମବାସୀ ଓ ରାମଲୀଳା ନାଟ୍ୟ ସଂସଦ କର୍ମକର୍ତ୍ତାଙ୍କ ନିଷ୍ପତ୍ତିକ୍ରମେ ରାମଲୀଳା ପରିବେଷଣକୁ ସ୍ଥଗିତ ରଖାଯାଇଥିଲା। କେବଳ ବିଧି ଅନୁସାରେ ରାମନବମୀଠାରୁ ପ୍ରତ୍ୟେକ ସନ୍ଧ୍ୟାରେ ୯ ଦିନ ଧରି ଆଦ୍ୟକାଣ୍ଡ, ଅଯୋଧ୍ୟା କାଣ୍ଡ, ଅରଣ୍ୟକାଣ୍ଡ, କିଷ୍କିନ୍ଧା କାଣ୍ଡ, ସୁନ୍ଦରାକାଣ୍ଡ ଓ ଲଙ୍କା କାଣ୍ଡ ପଠନ କରାଯାଇଥିଲା। ଶେଷ ଦିନ ଅନୁଷ୍ଠାନ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ଦ୍ୱାରା ସମସ୍ତ ସଭ୍ୟଙ୍କୁ ମାସ୍କ ବଣ୍ଟନ କରାଯିବା ସହ କରୋନା ଭୂତାଣୁ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ବିଭୂପ୍ରସାଦ ନାୟକ, ସୁଧାକର ବେହେରା, ରାମଚନ୍ଦ୍ର ସ୍ୱାଇଁ, ଗୋବର୍ଦ୍ଧନ ବେଉରା, ଗୌରାଙ୍ଗ ସ୍ୱାଇଁ, ଦାମୋଦର ବେଉରା, କୁଳମଣି ନାୟକ, କବିରାଜ ସ୍ୱାଇଁ, କୈଳାସ ଚନ୍ଦ୍ର ସ୍ୱାଇଁ, ସଦାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



## ରାଶନ ପାଇଁ ସାମାଜିକ ଦୂରତ୍ୱକୁ ଜଳାଞ୍ଜଳି

**ଭୁବନେଶ୍ୱର, ୧୫।୪(ବ୍ୟୁରୋ)**

କରୋନା ସଂକ୍ରମଣକୁ ରୋକିବା ଲାଗି ସାମାଜିକ ଦୂରତା ବଜାୟ ରଖିବା ଓ ଘରେ ରହିବାପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ହେଲେ ଲୋକେ ମାନିବାକୁ ନାରାଜ। ବୁଧବାର ଠିକ୍ ଏପରି ଦୃଶ୍ୟ ଭୁବନେଶ୍ୱର ଆଇଆରସି ଭିଲେଜ ଏନ-୩ରେ ଦେଖିବାକୁ ମିଳିଛି। ରାଶନ ସାମଗ୍ରୀ ଓ ୧ ହଜାର ଟଙ୍କାର ଆର୍ଥିକ ସହାୟତା ପାଇଁ ଲୋକେ ଲମ୍ବା ଧାଡ଼ିରେ ପାଖାପାଖି ଠିଆ ହେବା ସହ ସାମାଜିକ ଦୂରତା ଅବଲମ୍ବନ କରିନଥିବା ନଜରକୁ ଆସିଛି। ଅଧିକାଂଶ ଲୋକ ମୁହଁରେ ମାସ୍କ କିମ୍ବା ରୁମାଲ ଭିଡ଼ି ନ ଥିବା ଦେଖିବାକୁ ମିଳିଛି। ରାଶନ ବଣ୍ଟନ ହେଉଥିବା ସ୍ଥାନ ପୂରା ଲୋକାରଣ୍ୟ ହୋଇପଡ଼ିଥିବା ନଜରକୁ ଆସିଛି। ଏହାବ୍ୟତୀତ ପୁରୁଣା ଭୁବନେଶ୍ୱର ଓ ବରମୁଣ୍ଡାରେ ମଧ୍ୟ ସମାନ କଥା ଦେଖିବାକୁ ମିଳିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସାମାଜିକ ଦୂରତ୍ୱ ନିୟମକୁ ପାଳନ କରି ରାଶନ ବଣ୍ଟନ କରୁଥିବା କଥା ନିଜ ଟୁଇଟର ହ୍ୟାଣ୍ଡେଲରେ ସୂଚନା ଦେଉଛି, ଯାହାକି ଏକ ମିଥ୍ୟା ପ୍ରଚାର ବୋଲି ସ୍ପଷ୍ଟ ବାରି ହୋଇପଡୁଛି।

### ମାହାଙ୍ଗାରେ ବି ମାନୁନାହାନ୍ତି...

**ମାହାଙ୍ଗା,୧୫।୪(ସ୍ୱ.ପ୍ର.):** କରୋନା ମୁକାବିଲା ପାଇଁ ସରକାର ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳରେ ଏହି ନିୟମ କାର୍ଯ୍ୟକାରୀ ହେଉ ନ ଥିବା ଦେଖାଯାଉଛି। ବିଭିନ୍ନ ସ୍ଥାନରେ ରାଶନକାର୍ଡଧାରୀମାନେ ସାମାଜିକ ଦୂରତା ନ ରଖି ସାମଗ୍ରୀ ଆଣୁଛନ୍ତି। ପାଟ୍ରୋଲିଂ ଠିକ୍ ଭାବେ କରାଯାଉ ନ ଥିବାରୁ ବିଭିନ୍ନ ଦୋକାନ ଖୋଲୁଛି। ଏହାଦ୍ୱାରା ସେଠାରେ ଲୋକଙ୍କ ଭିଡ ଜମିବା ସହ ଗୁଳିଖଟି ହେଉଛି। ଅନୁରୂପଭାବେ ବିଭିନ୍ନ ବ୍ୟାଙ୍କ, ଗ୍ୟାସ ଅଫିସ ଓ ହାଟ ବଜାରରେ ଲୋକେ ସାମାଜିକ ଦୂରତ୍ୱ ନ ରଖି ରୁଣ୍ଡ ହେଉଛନ୍ତି। ଏ ସମ୍ପର୍କରେ ବିଡିଓ ନୀହାର ରଞ୍ଜନ ମଲିକଙ୍କୁ ପଚାରିବାରୁ ପୋଲିସ ଏହା ଉପରେ କଡ଼ା ନଜର ଦେବା ଉଚିତ ବୋଲି କହିଥିଲେ। ବ୍ଲକ ଯୋଗାଣ ଅଧିକାରୀ ସକଳେଶ୍ୱର ଦାସଙ୍କୁ ପଚାରିବାରୁ ଘରେଘରେ ଖାଉଟି ସାମଗ୍ରୀ ପହଞ୍ଚାଇବାର ନିୟମ ନାହିଁ। ତେବେ ଲୋକେ ଯଦି ସଚେତନ ନ ହେବେ ଏହି ନିୟମ କାର୍ଯ୍ୟକାରୀ ହୋଇ ପାରିବ ନାହିଁ ବୋଲି ସେ କହିଥିଲେ।

## ମାସ୍କ ତିଆରି କଲେ ଆର୍‌ପିଏଫ୍ କନଷ୍ଟେବଳ

**ଭୁବନେଶ୍ୱର,୧୫।୪ (ବ୍ୟୁରୋ):** ଆର୍‌ପିଏଫ୍ କନଷ୍ଟେବଳ ଶ୍ରୀଧର ବାରିକ ଓ ମମତା ଭୋଇ ଦୈନିକ ୮ରୁ ୯ଘଣ୍ଟା ପରିଶ୍ରମ କରି ୩୦୦ ମାସ୍କ ତିଆରି କରୁଛନ୍ତି। ଯାହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ମାସ୍କଗୁଡ଼ିକ ଆରପିଏଫ ଥାନା ବାଲୁଗାଁ, ମଣ୍ଡଳ ମୁଖ୍ୟାଳୟ ଖୋର୍ଦ୍ଧା ରୋଡ ଓ ଆରପିଏଫ ଥାନା ପାରଦୀପରେ କାର୍ଯ୍ୟରତ କର୍ମଚାରୀଙ୍କୁ ବଣ୍ଟନ କରାଯାଉଛି। ମଙ୍ଗଳବାର ଇଷ୍ଟକୋଷ୍ଟ ରେଲୱେ ଆଇଜି ଶ୍ରୀରାଜାରାମଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରର ବିଶେଶ୍ୱର ବସ୍ତି ସମେତ ବିଭିନ୍ନ ବସ୍ତିରେ ୪୦୦ ପରିବାରଙ୍କୁ ୧୦୦୦ ମାସ୍କ ଓ ସାନିଟାଇଜର ବାଣ୍ଟିବା ସହ ସଚେତନ କରାଯାଇଥିଲା।





# ବିପଦ ଆଣିପାରେ ରକ୍ଷାକବଚ

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର, ୧୫।୪**



- ଆଇସିଏମ୍‌ଆର୍ ଗାଇଡ୍‌ଲାଇନ୍ ମାନୁନାହାନ୍ତି ପିପିଇ କିଟ୍ ନିର୍ମାତା
- ମାନ ଯାଞ୍ଚ ନାହିଁ, ଡାକ୍ତର, ନର୍ସଙ୍କୁ ସଂକ୍ରମଣ ଚିନ୍ତା

କରୋନା ଲଢେଇରେ ଆଗଧାଡ଼ିର ଯୋଦ୍ଧା ସାଜିଛନ୍ତି ରାଜ୍ୟର ହଜାର ହଜାର ସ୍ୱାସ୍ଥ୍ୟକର୍ମୀ। ଡାକ୍ତରଙ୍କଠାରୁ ଆରମ୍ଭ କରି ନର୍ସ, ଆଟେଣ୍ଡାଣ୍ଟ ଓ କର୍ମଚାରୀ ପ୍ରତିଦିନ ନିଜ ଜୀବନକୁ ବାଜି ଲଗାଇ ଘାତକ ଭାଇରସ୍ କୋଭିଡ୍-୧୯ ଆକ୍ରାନ୍ତଙ୍କ ସେବା ଜାରି ରଖିଛନ୍ତି। ହେଲେ ସେମାନଙ୍କ ସୁରକ୍ଷା କବଚ ସାଜୁଥିବା ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପମେଣ୍ଟ (ପିପିଇ) କିଟ୍‌ର ଗୁଣବତ୍ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ବ୍ୟବହାର କରୁଥିବା ପିପିଇ କିଟ୍ ଲୋକାଲ କମ୍ପାନୀର ବୋଲି ଅଭିଯୋଗ ଉଠୁଛି। ବର୍ତ୍ତମାନ କରୋନା ଚିକିତ୍ସାରେ ପିପିଇ କିଟ୍ ଓ ଭେଣ୍ଟିଲେଟରର ଜରୁରୀ ଆବଶ୍ୟକତା ରହିଛି। ସାରା ବିଶ୍ୱରେ ଏବେ ଏହି ସରଞ୍ଜାମ ଅଭାବ ଦେଖାଦେଇଛି। ଚାହିଦାକୁ ଦୃଷ୍ଟିରେ ରଖି ବଡ଼ ବଡ଼ କମ୍ପାନୀଗୁଡ଼ିକ ଭେଣ୍ଟିଲେଟର ନିର୍ମାଣ କରୁଥିବାବେଳେ ସ୍ଥାନୀୟ ଉଦ୍ୟୋଗୀ ପିପିଇ କିଟ୍ ପ୍ରସ୍ତୁତ କରୁଛନ୍ତି। ଓଡ଼ିଶାରେ ପିପିଇ କିଟ୍ ତିଆରି କରୁଥିବା ବହୁ ବାୟୋମେଡିକାଲ ଇଞ୍ଜିନିୟର ଓ ସଂସ୍ଥା ଏବେ ପିପିଇ କିଟ୍ ପ୍ରସ୍ତୁତବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍)ର ଗାଇଡ୍‌ଲାଇନ୍‌କୁ ଅନୁକରଣ କରୁନାହାନ୍ତି। ରାଜ୍ୟ ସରକାର ମଧ୍ୟ ଏହାର ମାନ ଯାଞ୍ଚ ଉପରେ ଗୁରୁତ୍ୱ ଦେଉ ନ ଥିବାରୁ ଉକ୍ତ ପିପିଇ କିଟ୍ ସଂକ୍ରମଣକୁ ପ୍ରତିରୋଧ କରିବା ପରିବର୍ତ୍ତେ ବିପଦକୁ ଆମନ୍ତ୍ରଣ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଅଭିଯୋଗ ମୁତାବକ, ରାଜ୍ୟର କୋଭିଡ୍ ହସ୍ପିଟାଲଗୁଡ଼ିକରେ ଡାକ୍ତର ଓ କର୍ମଚାରୀଙ୍କୁ ସ୍ୱତନ୍ତ୍ର ପିପିଇ କିଟ୍ ପ୍ରଦାନ କରାଯାଇନାହିଁ। ଅଧିକାଂଶ ସ୍ଥାନରେ ସ୍ୱାସ୍ଥ୍ୟକର୍ମୀମାନେ ଏଚ୍‌ଆଇଭି, ହେପାଟାଇଟସ୍ ବି ଓ ହେପାଟାଇଟସ୍ ସି ପାଇଁ ଉଦ୍ଦିଷ୍ଟ ୟୁନିଭର୍ସାଲ କିଟ୍ ପିନ୍ଧି କରୋନା ସଂକ୍ରମିତଙ୍କ ଚିକିତ୍ସା କରୁଛନ୍ତି। ଏସବୁ କରୋନା ଭୂତାଣୁ ଲାଗି ଆଇସିଏମ୍‌ଆର୍ ସାର୍ଟିଫାଏଡ୍ କିଟ୍ ନୁହେଁ ବୋଲି ଜଣେ ବରିଷ୍ଠ ବିଶେଷଜ୍ଞ ସୂଚନା ଦେଇଛନ୍ତି। କରୋନା ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ପିପିଇ ଭଳି ଏହାର ବଡି ଫ୍ଲୁଇଡ୍ ପ୍ରୁଫ୍ ନୁହେଁ। ଏଥିରେ ସଂକ୍ରମଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ନିକଟରେ ମହାରାଷ୍ଟ୍ରରେ ଏଭଳି ନକଲି ପିପିଇ କିଟ୍ ପାଇଁ ବହୁ ସଂଖ୍ୟାରେ ଡାକ୍ତର ଏବଂ ନର୍ସ କରୋନା ସଂକ୍ରମିତ ହୋଇଥିଲେ। ଓଡ଼ିଶା ସରକାର ଯଦି ଏଭଳି ଭୁଲ୍ କରନ୍ତି ତା'ହେଲେ ସ୍ୱାସ୍ଥ୍ୟକର୍ମୀମାନେ ସଂକ୍ରମିତ ହେବା ଯଥେଷ୍ଟ ଆଶଙ୍କା ରହିଛି। ଏଥିସହ ଆଗକୁ ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପୂରା ବିଗିଡ଼ିଯିବ ବୋଲି ସେ କହିଛନ୍ତି।

### ସତର୍କ କଲା ଆଇଏମ୍‌ଏ

ବହୁ ପାରାମେଡିକାଲ କର୍ମଚାରୀ ଏବେ ଲୋକାଲ କମ୍ପାନୀ ତଥା ସ୍ଥାନୀୟ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ପିପିଇ କିଟ୍ ବ୍ୟବହାର କରୁଛନ୍ତି। କିଛି ବେସରକାରୀ ହସ୍ପିଟାଲ ନିଜ କର୍ମଚାରୀଙ୍କୁ ଏହି ଲୋକାଲ୍ ମେଡ୍ ପିପିଇ କିଟ୍ ଯୋଗାଇଛନ୍ତି। ଡିଆର୍‌ଡିଓ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ଗ୍ଲୁ ବା ଅଠା ବ୍ୟବହାର କରାଯାଇ ଗାଉନ୍ ପ୍ରସ୍ତୁତ କରିବାର ନିୟମ ରହିଥିଲେ ମଧ୍ୟ ଏହାକୁ ଅଧିକାଂଶ ମାନୁନାହାନ୍ତି। ଅଠା ପରିବର୍ତ୍ତେ ଏହାକୁ ସିଲେଇ କରାଯାଇଥିବାରୁ ଭୂତାଣୁ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଅନ୍ୟ କେତେକ କିଟ୍‌କୁ ନେଇ ମଧ୍ୟ ଅଭିଯୋଗ ଉଠୁଛି। ତେବେ ଏଭଳିସ୍ଥଳେ ପିପିଇ କିଣିବା ପୂର୍ବରୁ ସାବଧାନ ଓ ସତର୍କ ରହିବାକୁ କହିଛି ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍(ଆଇଏମ୍‌ଏ)। ଆଇସିଏମ୍‌ଆର୍ ସାର୍ଟିଫାଏଡ୍ କମ୍ପାନୀ ଦ୍ୱାରା ତିଆରି ହୋଇଛି କି ନାହିଁ, ବଡି ଫ୍ଲୁଇଡ୍ ପ୍ରୁଫ୍ କି ନୁହେଁ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଜାରି ସମସ୍ତ ଗାଇଡ୍‌ଲାଇନ୍‌କୁ ଏହା ଅନୁକରଣ କରିଛି କି ନାହିଁ, ଏସବୁ ଭଲଭାବେ ଯାଞ୍ଚ କରି ବ୍ୟବହାର କରିବାକୁ କହିଛି ଆଇଏମ୍‌ଏ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଦାନ

**ନିମାପଡ଼ା,୧୫।୪(ଡି.ଏନ.ଏ):** କରୋନା ମୁକାବିଲା ପାଇଁ ଓଡ଼ିଶା ଜୀବିକା ମିଶନ ମହିଳା ମହାସଂଘର ନିମାପଡ଼ା ବ୍ଲକ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବୁଧବାର ୧ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଓଡ଼ିଶା ଜୀବିକା ମିଶନ ମହିଳା ମହାସଂଘର ନିମାପଡ଼ା ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ମଧୁଛନ୍ଦା ପ୍ରଧାନ, ବିଏଲସି ଜୟସ୍ମିତା ପ୍ରଧାନ, କିରଣବାଳା ଜେନା ପ୍ରମୁଖ ଏହି ଅର୍ଥରାଶିର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଏବଂ ବିଡିଓ ମନୋଜ କୁମାର ବେହେରାଙ୍କୁ ବ୍ଲକ୍ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ସାତଶଙ୍ଖ ବଜାରରେ ବିଡିଓ, ଯୋଗାଣ ନିରୀକ୍ଷକଙ୍କ ଚଢ଼ାଉ

**ପିପିଲି, ୧୫।୪ (ସ୍ୱ.ପ୍ର./ଡି.ଏନ୍.ଏ):** ପିପିଲି ବିଡିଓ ଓ ଯୋଗାଣ ନିରୀକ୍ଷକ ବୁଧବାର ସାତସଙ୍ଖ ବଜାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଦୋକାନଗୁଡ଼ିକରେ ଦର ତାଲିକା ଲାଗିଛି କି ନାହିଁ, ବିକ୍ରି ହେଉଥିବା ଜିନିଷର ଉପଯୁକ୍ତ ମୂଲ୍ୟଠାରୁ ଅଧିକ ଦୋକାନୀ ନେଉଛନ୍ତି କି ନାହିଁ ତାହା ଗ୍ରାହକମାନଙ୍କୁ ପଚାରି ବୁଝିଥିଲେ। ଏହାସହ ହୋମ କ୍ୱାରେଣ୍ଟାଇନ କିଭଳି ଚାଲିଛି ତାହା ବୁଲି ଦେଖିଥିଲେ। ବିଡିଓ ଗୌରବମୟ ପ୍ରଧାନ ଓ ଯୋଗାଣ ନିରୀକ୍ଷକ ଦିପ୍ତୀରଞ୍ଜନ ଇନ୍ଦ୍ରସିଂ ଉଭୟ ବିକ୍ରେତା ଏବଂ ଖାଉଟି ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବାକୁ କହିଥିଲେ। ଯେଉଁମାନେ ମାସ୍କ ପିନ୍ଧି ନ ଥିଲେ, ସେମାନଙ୍କୁ ବିଡିଓ ପ୍ରଧାନ ମାସ୍କ ଦେଇ ସଚେତନ କରାଇଥିଲେ। ପରବର୍ତ୍ତୀ ସମୟରେ ମାସ୍କ ନ ପିନ୍ଧିଲେ ଜରିମାନା ଆଦାୟ କରାଯିବ ବୋଲି ବିଡିଓ ଦୋକାନୀ ଓ ଗ୍ରାହକମାନଙ୍କୁ କହିଥିଲେ।

### ନିର୍‌ତାର କର୍ମଚାରୀ ପିଏମ୍ କେୟାର ଫଣ୍ଡକୁ ଦେଲେ ଗୋଟିଏ ଦିନର ଦରମା

**କଣ୍ଟାପଡା, ୧୫।୪(ଡି.ଏନ.ଏ.):** ଓଲଟପୁରଠାରେ ଥିବା ଏସ୍.ଭି. ନିରତାରର ସ୍ଥାୟୀ ଓ ଠିକା କର୍ମଚାରୀମାନେ କରୋନା ପାଇଁ ଗଠିତ ପିଏମ୍ କେୟାର ଫଣ୍ଡକୁ ଗୋଟିଏ ଦିନର ଦରମା ପ୍ରଦାନ କରିଛନ୍ତି। ବୁଧବାର ନିରତାର କର୍ତ୍ତୃପକ୍ଷ କର୍ମଚାରୀମାନେ ଦାନ କରିଥିବା ଗୋଟିଏ ଦିନର ଦରମା ବାବଦକୁ ୩, ୭୭, ୭୧୦ ଟଙ୍କାକୁ ଓଲଟପୁରସ୍ଥିତ ଇଣ୍ଡିଆନ ବ୍ୟାଙ୍କରେ ଥିବା ନିରତାର ଆକାଉଣ୍ଟରେ ଜମା କରିଛନ୍ତି। ତାହାକୁ ପିଏମ୍ କେୟାର ଫଣ୍ଡକୁ ଏନ୍‌ଇଏଫଟି ଜରିଆରେ ଟ୍ରାନ୍ସଫର କରିଥିଲେ। ମହାମାରୀ କରୋନା ଯୋଗୁ ସମଗ୍ର ଦେଶରେ ଲକ୍‌ଡାଉନ ଯୋଗୁ ଆର୍ଥିକ ସମସ୍ୟା ଦେଇ ଗତି କରୁଛି। ନାଗରିକମାନେ ଏଭଳିସ୍ଥିତିରେ ସହଯୋଗର ହାତ ବଢ଼ାଇଲେ ଦେଶ ଆର୍ଥିକ ସଙ୍କଟରୁ ମୁକୁଳିଯିବ ବୋଲି ନିରତାର ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ଦାସ କହିଛନ୍ତି।

### ରିଲିଫ ପାଣ୍ଠିକୁ ଦାନ

**ପୁରୀ ଅଫିସ,୧୫।୪:** କରୋନା ମୁକାବିଲା ନିମନ୍ତେ ବିଭିନ୍ନ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ କରାଯାଇଛି। ବୁଧବାର ଜିଲା ମଙ୍ଗଳ କାର୍ଯ୍ୟାଳୟର କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୭୯ହଜାର ଟଙ୍କା ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟାଳୟର କର୍ମଚାରୀ ଏବଂ ଆଶ୍ରମ ସ୍କୁଲର କର୍ମଚାରୀ ପ୍ରମୁଖ ଏହି ଅର୍ଥ ଆଦାୟ କରି ଏହାର ଚେକ୍ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି ଏବଂ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଏପର୍ଯ୍ୟନ୍ତ ୩୮ଟି ସଂସ୍ଥା ଏବଂ ବ୍ୟକ୍ତିବିଶେଷ ଜିଲା ପ୍ରଶାସନ ମାଧମରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୩ଲକ୍ଷ ୧୩ ହଜାର ୪୨୪ ଟଙ୍କା ପ୍ରଦାନ କରିଛନ୍ତି।

# ଦୁଗ୍ଧଚାଷୀଙ୍କ ପେଟରେ କରୋନା ଲାତ

**ସାକ୍ଷୀଗୋପାଳ, ୧୫।୪(ଡି.ଏନ.ଏ)**



କରୋନା ଯୋଗୁ ସମସ୍ତଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଗୋପାଳନ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ସତ୍ୟବାଦୀ ବ୍ଲକ ଓ ଆଖପାଖ ଅଞ୍ଚଳର ଦୁଗ୍ଧଚାଷୀ ମଧ ଏହାଦ୍ୱାରା ବିଶେଷ ପ୍ରଭାବିତ ହୋଇଛନ୍ତି। କ୍ଷୀର ବିକ୍ରୀ ହେଉ ନ ଥିବାରୁ ସେମାନଙ୍କ ଆର୍ଥିକ ଦୁର୍ଗତି ଦେଖାଦେଇଛି। ଗୋରୁଙ୍କୁ ଆହାର ଦେବା ପାଇଁ ଗୋଠ ନେଇ ବାଡ଼ି ବଗିଚା, ନଈ ବନ୍ଧ ବୁଲିବାକୁ ପଡୁଛି। ପ୍ରତିଦିନ ଆଖପାଖ ସହର ଓ ବଜାରରେ ଥିବା ମିଠା ଓ ଚା ଦୋକାନ ସହିତ ପୁରୀର ଚନ୍ଦନପୁର, ସାକ୍ଷୀଗୋପାଳ, ସାତଶଙ୍ଖ, ବଳଙ୍ଗାରେ କ୍ଷୀର, ଛେନା, ରାବିଡ଼ି, ଖୁଆ ଓ ପନିର ଆଦି ବିକ୍ରୟ କରୁଥିବାବେଳେ ଏବେ ସେମାନେ ହାତବାନ୍ଧି ବସିଛନ୍ତି। ନିଜ ପରିବାରକୁ ଦୁଇ ବେଳା ପେଟପୁରା ଖାଇବାକୁ ଦେବା ଏବଂ ଗୋରୁଙ୍କ ଲାଗି ଦାନା ଗଣ୍ଡାଏ ଯୋଗାଡ଼ କରିବା କଷ୍ଟକର ହୋଇପଡୁଛି। ବଳପୁର ଆନନ୍ଦପୁରର ପୂର୍ଣ୍ଣଚନ୍ଦ୍ର ବେହେରା କହିଛନ୍ତି, ସେ ରଖିଥିବା ଦୁଇଟି ଗାଈରୁ ଗୋଟିଏ ଗାଈ ଦୈନିକ ୧୫ ଲିଟର କ୍ଷୀର ଦିଏ। ଏହାକୁ ସେ ବିକି ପରିବାର ଚଳାଇବା ସହ ଗାଈକୁ ଖାଦ୍ୟ ଯୋଗାଉଥିଲେ। ସେହିପରି ବୈରାଗୀ ବେହେରା କହିଛନ୍ତି, ସେ ଦୈନିକ ପୁରୀକୁ ୫୦ କେଜିରୁ ଅଧିକ ଛେନା ଯୋଗାଉଥିଲେ। ଏଥିପାଇଁ ସେ ଆଖପାଖ ଗ୍ରାମର ଗୋପାଳକମାନଙ୍କଠାରୁ କ୍ଷୀର ସଂଗ୍ରହ କରୁଥିଲେ। ତାହା ଏବେ ହୋଇପାରୁ ନାହିଁ। ବନମାଳୀପୁରର ଦାଶରଥି ବେହେରା କହିଛନ୍ତି, ସେ ଗାଈ, ମଇଁଷି, ଛେଳି, ମେଣ୍ଢା ବ୍ୟବସାୟ ଚଳାଇଥିଲେ। ରାମ ବେହେରା କହିଛନ୍ତି, ସାକ୍ଷୀଗୋପାଳ ବଜାରରେ ପ୍ରତିଦିନ ୩୦ କେଜି ଛେନା ବିକୁଥିଲେ। ଏମାନଙ୍କ ପରି ଅନେକ ଦୁଗ୍ଧଚାଷୀ ଏବଂ ଗୋପାଳକ ଏବେ ଦୁର୍ଦ୍ଦିନରେ କାଳ କାଟୁଥିବାବେଳେ ସରକାର ସେମାନଙ୍କ ସହାୟତା ନେଇ କିଛି ଚିନ୍ତା କରୁ ନ ଥିବା ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ଫନୀ ମାଡରେ ଅଧିକାଂଶ ଗୁହାଳ ଭାଙ୍ଗି ମାଟିରେ ମିଶିଥିଲା। ଏପର୍ଯ୍ୟନ୍ତ ସହାୟତା ମିଳିନାହିଁ। ଏଭଳି ସ୍ଥିତିରେ ଗୋ ସମ୍ପଦର ସୁରକ୍ଷା ନେଇ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦୃଢ଼ ଦାବି କରିଛନ୍ତି।

## ଚିଲିକାରେ ମୁହାଣ ଖୋଲିବା ଆଶଙ୍କା, ସ୍ଥିତି ଅନୁଧ୍ୟାନ କଲେ ବିଧାୟକ



**ବ୍ରହ୍ମଗିରି, ୧୫।୪(ଡି.ଏନ.ଏ)**

ଚିଲିକା ପାଇଁ ବିପଦ ସାଜିଛି ମାଲେସିଆର କଣ୍ଟେନର। ଏହା ଯୋଗୁ ଚିଲିକାରେ ଆଉ ଏକ ନୂଆ ମୁହାଣ ଖୋଲିବାର ଆଶଙ୍କା କରାଯାଉଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ଥିବା ସମୟରେ ସ୍ଥାନୀୟ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ବୁଧବାର ସ୍ଥିତି ଅନୁଧ୍ୟାନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ଅଗଷ୍ଟ ମାସରେ ମାଲେସିଆର ଏକ ପଣ୍ୟବାହୀ ଜାହାଜ ଚିଲିକା କୂଳର ରାଜହଂସ ନିକଟରେ ଲାଗିଥିଲା। ଯାହା ସ୍ଥାନୀୟ ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ସାଜିଥିଲା। ପ୍ରଶାସନ ହସ୍ତକ୍ଷେପ ପରେ ଏକ ମାସ ପରେ ଉକ୍ତ ଜାହାଜଟି ଗନ୍ତବ୍ୟସ୍ଥଳକୁ ଚାଲିଯାଇଥିଲା। କିନ୍ତୁ ସେହି ଦିନ ଠାରୁ ଉକ୍ତ ଜାହାଜର କଣ୍ଟେନରଟି ପଡ଼ିରହିଛି। ସ୍ଥାନୀୟ ମତ୍ସ୍ୟଜୀବୀଙ୍କ କହିବା ଅନୁଯାଇ କଣ୍ଟେନରଟି ସମୁଦ୍ର ବେଳାଭୂମିରେ ପଡ଼ିରହି ସମୁଦ୍ର ଜଳର ଗତିପଥକୁ ପ୍ରତିରୋଧ କରୁଛି। ଯାହା ଫଳରେ ସମୁଦ୍ର ତରଙ୍ଗ ତା'ର ଗତିପଥ ବଦଳାଇ ଚିଲିକା ଓ ସମୁଦ୍ର ମଧ୍ୟରେ ଥିବା ବାଲିବନ୍ଧ ( ସୁରକ୍ଷା ପ୍ରାଚୀର)କୁ ଖାଇବାରେ ଲାଗିଛି। ଫଳରେ ଚିଲିକାରେ ଆଉ ଏକ ନୂଆ ମୁହାଣ ଖୋଲିବାର ଆଶଙ୍କା କରାଯାଉଛି।

## ରଥଖଳା ନିର୍ମାଣ ଆରମ୍ଭ

**ପୁରୀ ଅଫିସ,୧୫।୪**

ଆସନ୍ତା ୨୬ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ପରମ୍ପରା ମୁତାବକ ଏହି ଦିନଠାରୁ ଆରମ୍ଭ ହେବ ତିନିରଥ ନିର୍ମାଣ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତି ଚଳାଇଛି। ଶ୍ରୀନଅର ସମ୍ମୁଖରେ ଲୁହାପାଇପ ପୋତାଯାଇ ବୁଧବାର ରଥଖଳା ତିଆରି ଆରମ୍ଭ ହୋଇଛି। ଆସନ୍ତା ଜୁନ ୨୩ ତାରିଖରେ ଘୋଷଯାତ୍ରା। ତିନିରଥ ନିର୍ମାଣ ପାଇଁ ରଥକାଠ ଆସି ରଥଖଳାରେ ପହଞ୍ଚିଛି। ରାମନବମୀରେ କଟକସ୍ଥିତ ସ' ମିଲରେ ରଥକାଠ ଚିରଟ ଅନୁକୂଳ ହୋଇଥିଲା। ଅକ୍ଷୟ ତୃତୀୟାରୁ ଆରମ୍ଭ ହେବ ରଥ ନିର୍ମାଣ। ତିନିରଥର ବିଶ୍ୱକର୍ମା, ମହାରଣା, ଭୋଇ, କମାର ସେବକ ରଥ ନିର୍ମାଣରେ ସାମିଲ ହେବେ। ପରମ୍ପରା ମୁତାବକ, ମହାପ୍ରଭୁଙ୍କ ଆଜ୍ଞାମାଳ ରଥ ଖଳାରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇ ରଥ ନିର୍ମାଣ କାମର ଶୁଭାରମ୍ଭ ହେବ। ତେବେ କରୋନା ପାଇଁ ରଥଯାତ୍ରାକୁ ନେଇ ନାନା ଚର୍ଚ୍ଚା ହେଉଛି। କିପରି ରଥଯାତ୍ରା ହେବ ତାକୁ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ତେବେ ରଥ ନିର୍ମାଣ ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଥିବାବେଳେ ମହାପ୍ରଭୁଙ୍କ ଆଶୀର୍ବାଦରୁ କରୋନା ଟଳିଯିବ ଏବଂ ରଥଯାତ୍ରା ସୁରୁଖୁରରେ ସମ୍ପନ୍ନ ହେବ ବୋଲି ଆଲୋଚନା ଚାଲିଛି।




## ଭାସ୍କର୍ଯ୍ୟ କଳାରେ କରୋନା ସଚେତନତା

**ପୁରୀ ଅଫିସ,୧୫।୪:** ପୁରୀର ଯୁବ ଭାସ୍କର୍ଯ୍ୟ ଶିଳ୍ପୀ ଅଜିତ କୁମାର ପରିଡ଼ା ଭାସ୍କର୍ଯ୍ୟ କଳାରେ କରୋନା ସଚେତନାର ବାର୍ତ୍ତା ଦେଇଛନ୍ତି। ଏଥିରେ ସେ ଘରେ ରହିବା, ମୁହଁରେ ମାସ୍କ ବାନ୍ଧିବା, ହାତକୁ ଭଲ ଭାବେ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରି ଏହି ଭୂତାଣୁ ଶୃଙ୍ଖଳକୁ ଛିଣ୍ଡାଇ ପାରିବା ବୋଲି ଦର୍ଶାଇଛନ୍ତି। ଆମେ ଏପରି ନିୟମ ମାନିଲେ ନିଶ୍ଚିତ ଭାରତ ମାତା କରୋନା କବଳରୁ ଭାରତକୁ ରକ୍ଷା କରିବେ ବୋଲି ଅଜିତ ବାର୍ତ୍ତା ଦେଇଛନ୍ତି।

## ଦୋକାନ କାନ୍ଥ ତାଡ଼ି ଚୋରି

**ପିପିଲି,୧୫।୪(ସ୍ୱ.ପ୍ର/ଡି.ଏନ.ଏ)**

ପିପିଲି ବ୍ଲକ କଣ୍ଟି ପଞ୍ଚାୟତର ମହାବୀର ବଜାରସ୍ଥ ମହାବୀର ଏଜେନ୍ସିରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଏହି ଦୋକାନର ପଛପଟ କାନ୍ଥ ତାଡ଼ି ନଗଦ ୭୫ ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ପ୍ରଦୀପ୍ତ ଦଳେଇ ବୁଧବାର ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। କରୋନା ପାଇଁ ପ୍ରଦୀପ୍ତ ଆର୍ଥିକ ସଙ୍କଟରେ ଥିବାବେଳେ ଏବେ ଚୋରିର ଶିକାର ହୋଇ ଅଧିକ ଚିନ୍ତିତ ହୋଇପଡ଼ିଛନ୍ତି।

## ବ୍ୟାଙ୍କ ଆଗରେ ଜମାକାରୀଙ୍କ ଭିଡ଼

## ଜମାଖାତାରୁ ଟଙ୍କା ଗାଏବ ଗୁଜବ

**ଗୋପ,୧୫।୪(ଡି.ଏନ.ଏ)**

କରୋନା ମହାମାରୀକୁ ନେଇ ଏବେ ସାରା ରାଜ୍ୟରେ ମାନ୍ଦାବସ୍ଥା ଦେଖାଦେଇଛି। ଏପରି ସ୍ଥିତିରେ ବିଭିନ୍ନ ବ୍ୟାଙ୍କରେ ଥିବା ଜମାଖାତାରୁ ସରକାର ଟଙ୍କା ଉଠାଇ ନେଉଥିବା ଭଳି ଏକ ଗୁଜବ ଗୋପ ଅଞ୍ଚଳରେ ବୁଧବାର ପ୍ରଚାରିତ ହୋଇଛି। ଫଳରେ ଶହ ଶହ ଜମାକାରୀ ନିଜ ଜମାଖାତାରୁ ଟଙ୍କା ଉଠାଇ ନେବା ଲାଗି ଗୋପର ବିଭିନ୍ନ ବ୍ୟାଙ୍କ ସମ୍ମୁଖରେ ଭିଡ ଲଗାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ସାମାଜିକ ଦୂରତା ରଖିବା ଲାଗି କହିଥିଲେ। ଏ ନେଇ ସେଠାରେ ଥିବା ରଞ୍ଜନା ସାହୁ, ଶଙ୍ଖଲତା ବେହେରା, ପ୍ରମୋଦିନି ମୁଦୁଲିଙ୍କୁ ପଚାରିବାରେ କହିଛନ୍ତି, ସରକାର ଆମ ଖାତାରୁ ଟଙ୍କା ଉଠାଇ ନେବା କଥା ଶୁଣିବା ପରେ ବ୍ୟାଙ୍କକୁ ଆସିଛୁ। ଆମର ତ ଅଳ୍ପ ଟଙ୍କା ଅଛି। ନ ନେଲେ କେମିତି ଚଳିବୁ। ଅନ୍ୟପକ୍ଷରେ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ପଚାରିବାରେ ବ୍ୟାଙ୍କରେ ଜମାକାରୀଙ୍କ ଟଙ୍କା ଅଛି, ସେମାନେ ତାଙ୍କ ଟଙ୍କା ନେଉଛନ୍ତି ବୋଲି କହିଥିଲେ।

## ବିଶୋଧନ କରାଗଲା ଚୌଦ୍ୱାର ଜେଲ

**ଚୌଦ୍ୱାର,୧୫।୪(ଡି.ଏନ.ଏ.)**

କରୋନା ଭୂତାଣୁରୁ ମୁକ୍ତି ପାଇବାକୁ ସାମାଜିକ ଦୂରତା ସହ ନିଜ ଅଞ୍ଚଳର ପରିବେଶ ଓ ସାନିଟାଇଜେଶନ ଉପରେ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ କଟକ ଜିଲା ଚୌଦ୍ୱାର ସର୍କଲ ଜେଲକୁ ବୁଧବାର ସମ୍ପୂର୍ଣ୍ଣ ଭାବେ ବିଶୋଧନ କରାଯାଇଛି। ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସମସ୍ତ କଏଦୀ ୱାର୍ଡ, କାର୍ଯ୍ୟାଳୟ ଓ ଜେଲ ପରିସରକୁ ବିଶୋଧନ କରାଯାଇଥିଲା। ଚୌଦ୍ୱାର ସର୍କଲ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଶୁଭ୍ରକାନ୍ତ ମିଶ୍ର ପୌରନିର୍ବାହୀ ଅଧିକାରୀ ଓ ଅଗ୍ନିଶମ ବିଭାଗ କର୍ତ୍ତୃପକ୍ଷଙ୍କୁ ପତ୍ର ମାଧ୍ୟମରେ ବିଶୋଧନ ପାଇଁ ଅନୁରୋଧ କରିଥିଲେ। କଟକ ଆସିଷ୍ଟାଣ୍ଟ ଅଗ୍ନିଶମ ଅଫିସର(ଏଏଫ୍‌ଓ) ଅବନୀକାନ୍ତ ସ୍ୱାଇଁ, ଚୌଦ୍ୱାର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ଜୟ ମଙ୍ଗଳଦୀପ ସ୍ୱାଇଁ, କର୍ମଚାରୀ ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ୨୦ ଏକର ପରିମିତ ଚୌଦ୍ୱାର ଜେଲକୁ ବିଶୋଧନ କରିଥିଲେ। ସୂଚନାଯୋଗ୍ୟ ବର୍ତ୍ତମାନ ଚୌଦ୍ୱାର ଜେଲରେ ୮୯୦ଜେଲ ଅନ୍ତେବାସୀ ଥିବାବେଳେ ସେଥିମଧ୍ୟରୁ ୪୦ ଜଣଙ୍କୁ ଜେଲ ପରିସରରେ ଥିବା ଆଇସୋଲେଶନ ୱାର୍ଡରେ ରଖାଯାଇଛି।

## ନିୟନ୍ତ୍ରଣ କକ୍ଷକୁ ଆସିଛି ୮,୫୬୨ କଲ୍

**ପୁରୀ ଅଫିସ,୧୫।୪**

### ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ

ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ ସମୟରେ ପୁରୀ କେୟାର୍ସ ଅଭିଯାନ ସଫଳତା ସହ ଲୋକମାନଙ୍କ ପାଖରେ ପହଞ୍ଚିପାରିଛି। କରୋନା ମୁକାବିଲା ପାଇଁ ହଠାତ୍ ଲକ୍‌ଡାଉନ ଘୋଷଣା ପରେ ଅଟକି ରହିଥିବା ରାଜ୍ୟ ଓ ରାଜ୍ୟ ବାହାର ଶ୍ରମିକ, ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରେ ରହିଥିବା ନିରାଶ୍ରୟ ବ୍ୟକ୍ତି, ମାନସିକ ବିକାରଗ୍ରସ୍ତ ଓ ଅଭାବୀ ମଣିଷଙ୍କୁ ସହାୟତା କରିବା ନିମନ୍ତେ ଜିଲାପାଳ ବଲୱନ୍ତ ସିଂ ଏହି ଅଭିଯାନ ଆରମ୍ଭ କରିଥିଲେ। ଏଭଳି ଅଭିଯୋଗର ଶୁଣାଣି ଓ ସମାଧାନ ପାଇଁ ଏକ ପୂର୍ଣ୍ଣକାଳୀନ ନିୟନ୍ତ୍ରଣ କକ୍ଷ ଖୋଲାଯାଇଥିଲା। ଅଭିଯୋଗ ମିଳିବା ମାତ୍ରକେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇ ନିରାଶ୍ରୟଙ୍କ ନିମନ୍ତେ ଖାଇବା ଓ ରହିବା ବନ୍ଦୋବସ୍ତ ତୁରନ୍ତ କରାଯାଉଛି। ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ ସମୟରେ ଗ୍ରାମାଞ୍ଚଳରେ ୩,୭୯୨ ଏବଂ ସହରାଞ୍ଚଳରେ ୨୮୬୯ ମୋଟ ୬୬୬୧ଜଣ ଶ୍ରମିକଙ୍କୁ ଖାଦ୍ୟସାମଗ୍ରୀ ଓ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ସେହିପରି ଗ୍ରାମାଞ୍ଚଳରେ ୨୬୯୭ ଅସହାୟ ଏବଂ ସହରାଞ୍ଚଳରେ ୫୧୯ଏହିପରି ମୋଟ ୩୨୧୬ଜଣ ଅସହାୟଙ୍କ ପାଖରେ ପୁରୀ କେୟାର୍ସ ପହଞ୍ଚିପାରିଛି। ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ ସମୟରେ ନିୟନ୍ତ୍ରଣ କକ୍ଷରେ ୮,୫୬୨ଟି କଲ୍ ରିସିଭ କରାଯାଇଛି। ନିୟନ୍ତ୍ରଣ କକ୍ଷରେ କାର୍ଯ୍ୟ କରିବା ପାଇଁ ମୋଟ ୮ ସ୍ୱେଚ୍ଛାସେବୀ ଏବଂ ସହରର ବିଭିନ୍ନ ସ୍ଥାନରେ ୩୫ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ। ଏହି ସମୟରେ ୬୦ଜଣ ବରିଷ୍ଠ ନାଗରିକଙ୍କୁ ମଧ ସହାୟତା ପ୍ରଦାନ କରାଯାଇଥିଲା ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଷ୍ଟେଶନ ଉପରେ ଡ୍ରୋନ୍ ନଜର

**ପୁରୀ ଅଫିସ,୧୫।୪**

### ମେ' ୩ ଯାଏ ଗଡ଼ିବନି ଟ୍ରେନ୍

ମେ ୩ ତାରିଖ ଯାଏ ଦେଶବ୍ୟାପୀ ଗଡ଼ିବନି ଟ୍ରେନ। କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପରେ ସମସ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳକୁ ବାତିଲ କରାଯାଇଛି। ତେଣୁ ବିଭିନ୍ନ ଷ୍ଟେଶନରେ ଟ୍ରେନ୍‌ଗୁଡ଼ିକ ଅଟକି ରହିଛି। ପୁରୀ ଷ୍ଟେଶନର ୮ଟି ପ୍ଲାଟଫର୍ମରେ ୨୭ଟି ଇଞ୍ଜିନ ଅଟକି ରହିଛି। ଏଥିସହିତ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ଆଇସୋଲେଶନ କୋଚ ପ୍ରସ୍ତୁତି ଚାଲିଛି। ଏସବୁର ସୁରକ୍ଷା ସହିତ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଚଳପ୍ରଚଳ ଉପରେ ନଜର ରଖିଛି ଡ୍ରୋନ। ଅତୀତରେ ଷ୍ଟେଶନରେ କେତେକ ଅସାମାଜିକ କାର୍ଯ୍ୟକଳାପ ଦେଖିବାକୁ ମିଳିଛି। ଅନେକ ଥର ଏଠାରେ ରହିଥିବା ଅବସ୍ଥାରେ ଟ୍ରେନରେ ନିଆଁ ଲାଗିଛି। ତେଣୁ ବର୍ତ୍ତମାନ ଟ୍ରେନ୍ ଚଳାଚଳ ବନ୍ଦ ରହିଥିବାରୁ ଷ୍ଟେଶନ ପରିସରରେ ଅସାମାଜିକଙ୍କ ଆଡ୍ଡା ଜମିବା ସମ୍ଭାବନା ରହିଛି। ସେହିପରି ଅନ୍ୟ କୌଣସି ଅନ୍ତର୍ଘାତୀ କାର୍ଯ୍ୟକଳାପ ଯେପରି ନ ହେବ ତେଣୁ ବିଭାଗ ପକ୍ଷରୁ ଷ୍ଟେଶନ ଏବଂ ଟ୍ରେନଗୁଡ଼ିକର ସୁରକ୍ଷା, ନିରାପତ୍ତାକୁ ଗୁରୁତ୍ୱ ଦିଆଯାଇଛି। ବୁଧବାରଠାରୁ ଡ୍ରୋନ ସାହାଯ୍ୟରେ ସମ୍ପୂର୍ଣ୍ଣ ଷ୍ଟେଶନ ପରିସର ଉପରେ ନଜର ରଖାଯାଇଛି। ବିଭିନ୍ନ ସ୍ଥାନର ଫଟୋ ମଧ ଉତ୍ତୋଳନ କରୁଛି ଏହି ଡ୍ରୋନ। ଲକ୍‌ଡାଉନ ଶେଷ ପର୍ଯ୍ୟନ୍ତ ଏମିତି ନିୟମିତ ବ୍ୟବଧାନରେ ଡ୍ରୋନ ମାଧମରେ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯିବ ବୋଲି ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ସୂଚନା ମିଳିଛି।

ସୂଚନାଥାଉ କି, ଗତବର୍ଷ ମାର୍ଚ୍ଚ ୨୨ ହୋଲି ଦିନ ପୁରୀ ଷ୍ଟେଶନରେ ରହିଥିବା ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୩ଟି ସ୍ଲିପର କୋଚ୍ ନଷ୍ଟ ହୋଇଯାଇଥିଲା। ନିଆଁ ଲଗାଇ ଦେଇଥିବା ସନ୍ଦେହ କରି ଜିଆର୍‌ପି ୨ ଜଣଙ୍କୁ ଅଟକ ରଖିଥିଲା।

## ଚିନ୍ତାରେ କଖାରୁ, ତରଭୁଜ ଚାଷୀ

**କାକଟପୁର,୧୫।୪(ଡି.ଏନ.ଏ)**



ବିକ୍ରି ନାହିଁ

ପୁରୀ ଜିଲାର କାକଟପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଶତାଧିକ ଏକର ଜମିରେ ପନିପରିବା ଚାଷ ହୋଇଛି। ବ୍ଲକର କାକଟପୁର, ଅନନ୍ତପୁର, ନରଣପୁର, ଓଥକା, ସିଙ୍ଗାପଦା, ଗୋରଡି ତୋଟା, ଲତାହରଣ, ନାଶିକେଶ୍ୱର ଅଞ୍ଚଳରେ ଚାଷୀ ପନିପରିବା ଚାଷ କରି ଜୀବିକା ଅର୍ଜନ କରନ୍ତି। ବ୍ଲକରେ କଖାରୁ ଓ ତରଭୁଜ ଚାଷୀମାନେ ଏହାକୁ ବିକ୍ରି କରି ନ ପାରି ଚିନ୍ତାରେ ପଡିଛନ୍ତି। ଚାଷୀମାନେ ଡିସେମ୍ବର ଓ ଜାନୁୟାରୀରେ କଖାରୁ ଚାଷ ଆରମ୍ଭ କରିଥିଲେ। କେତେଜଣ ଚାଷୀ ଏବେ ୨୫ରୁ ୫୦ କୁଇଣ୍ଟାଲ ପର୍ଯ୍ୟନ୍ତ କଖାରୁ ଅମଳ କରି ରଖିଛନ୍ତି। ଲକ୍‌ଡାଉନ ଯୋଗୁ ତାହାକୁ ବିକ୍ରି କରି ପାରୁନାହାନ୍ତି। କରୋନା ଡରରେ ଗ୍ରାହକ ତରଭୁଜକୁ ମୁହଁ ମୋଡୁଥିବା ବେଳେ ଏହା ବିଲରେ ଶଢିବାକୁ ଲାଗିଲାଣି। ଛୋଟ ଚାଷୀମାନେ ହାଟ, ବଜାରରେ ଖୁଚୁରା ବେପାର କରି ବେଶ ଦୁଇ ପଇସା ରୋଜଗାର କରିବାକୁ ଆଶା ବାନ୍ଧି ଥିଲେ। ହେଲେ ସେମାନଙ୍କ ଆଶା ମଉଳିବାରେ ଲାଗିଛି। ବିକ୍ରି ହେଉ ନ ଥିବାରୁ ବିଲରେ ଗଡୁଥିବା ପାଚିଲା କଖାରୁ ଚାଷୀ ଆଉ ତୋଳୁ ନାହାନ୍ତି। ପନିପରିବା ସଂରକ୍ଷଣ ପାଇଁ ସ୍ଥାନୀୟ ଅଞ୍ଚଳରେ ମିନି ଶୀତଳଭଣ୍ଡାର ସ୍ଥାପନ କରିବାକୁ ଚାଷୀ ରମେଶ ଚନ୍ଦ୍ର ଦୀକ୍ଷିତ, ନରେନ୍ଦ୍ର ପାଇଟାଳ, ଜୟରାମ ଦାସ, ଗଙ୍ଗାଧର ରାଉତ ପ୍ରମୁଖ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଭୂତ, ଚକୁଳିଆ ପଣ୍ଡା ବେଶରେ ସଚେତନତା

**ଖୋର୍ଦ୍ଧା ଅଫିସ,୧୫।୪**





ଖୋର୍ଦ୍ଧା ବଜାରରେ ଧନେଶ୍ୱର ବିଧାର, ଦେବାଶିଷ ରଥ ଓ ତାଙ୍କ ସହଯୋଗୀ ସଚେତନତା ସୃଷ୍ଟି କରୁଛନ୍ତି।

ବଜାରରେ ବୁଲୁଥିବା ଅମାନିଆ ବାଇକ ଚାଳକଙ୍କୁ ସଚେତନ କରିବା ଲାଗି ଆଗେଇ ଆସିଛନ୍ତି ସାମାଜିକ କର୍ମୀ ତଥା ଖବରଦାତା ଧନେଶ୍ୱର ବିଧାର। ସମ୍ପୂର୍ଣ୍ଣ ଶରୀରରେ କଳା କପଡ଼ା ପିନ୍ଧି ନିଜକୁ କରୋନା ଭୂତ ବେଶରେ ସଜାଇ ସେ ବାଇକରେ ସାହିକୁ ସାହି ବୁଲି ସଚେତନ କରୁଛନ୍ତି। କିଛି କାମ ନାହିଁ ଯଦି ଘରେ ରହିବାକୁ ଲୋକଙ୍କୁ ଅନୁରୋଧ କରୁଛନ୍ତି। ବୁଧବାର ନୂଆ ବସ୍‌ଷ୍ଟାଣ୍ଡରେ ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ଉମାଶଙ୍କର ସିଂଙ୍କ ଉପସ୍ଥିତିରେ ଧନେଶ୍ୱର ରାସ୍ତାରେ ଯାତାୟାତ କରୁଥିବା ବାଇକ ଓ କାର ଚାଳକଙ୍କୁ ସଚେତନ କରିଥିଲେ। ମାସ୍କ ପିନ୍ଧିବାକୁ କହିବା ସହ କେତେଜଣଙ୍କୁ ମାସ୍କ ପିନ୍ଧାଇଥିଲେ। ଏହି ଅଭିଯାନ ଏପ୍ରିଲ ଶେଷ ପର୍ଯ୍ୟନ୍ତ ଜାରି ରହିବ। ପ୍ରଥମ ୩ ଦିନ ଖୋର୍ଦ୍ଧା, ପରେ ନୟାଗଡ଼ ଓ ଗଞ୍ଜାମ ଜିଲାରେ ସଚେତନତା ସୃଷ୍ଟି କରିବାର ଯୋଜନା ରଖିଛନ୍ତି ବିଧାର। ସେହିପରି ଚିଲିକା ବ୍ଲକ ବଉଳାବନ୍ଧ ପଞ୍ଚାୟତରେ ସରପଞ୍ଚ ଦେବାଶିଷ ରଥ ଓ ତାଙ୍କର ଜଣେ ସହଯୋଗୀ ଚକୁଳିଆ ପଣ୍ଡା ବେଶରେ ଗାଁ ଗାଁ ବୁଲି ସଚେତନ କରୁଛନ୍ତି। ମାସ୍କ ପିନ୍ଧନ୍ତୁ, ହାତକୁ ସାବୁନରେ ବାରମ୍ବାର ଧୁଅନ୍ତୁ, ପରିବେଶ ସ୍ୱଚ୍ଛ ରଖିବାକୁ ସେ ପରାମର୍ଶ ଦେଉଛନ୍ତି।

## ସଂକ୍ଷେପରେ

### ସାନିଟାଇଜ୍ ହେଲା ସରକାରୀ କାର୍ଯ୍ୟାଳୟ

**ନାଉଗାଁ,୧୫।୪(ସ୍ୱ.ପ୍ର.):** ନାଉଗାଁ ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ବୁଧବାର ନାଉଗାଁ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟାଳୟକୁ ସାନିଟାଇଜ କରାଯାଇଛି। ଅଗ୍ନିଶମ ସେବା କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ମୋହନ ଦଳାଇଙ୍କ ନେତୃତ୍ୱରେ କେନ୍ଦ୍ରର ଆଗ୍ନିକ କର୍ମଚାରୀ ପପୁନ ରାଉଳ, ଭିକାରୀ ଡୋରା, ସୁନିଲ ଦାସ ଓ ଗାଡି ଚାଳକ ସାନ୍ତନୁ ସାମଲ ପ୍ରମୁଖ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ବିଡିଓ ରଶ୍ମିରେଖା ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏହା କରାଯାଇଛି।

### ଚିନ୍ତା ବଢ଼ାଉଛନ୍ତି ଭୁବନେଶ୍ୱର ଫେରନ୍ତା

**ନୟାଗଡ଼ ଅଫିସ, ୧୫।୪ (ସ୍ୱ.ପ୍ର.):** କରୋନା ଭୟରେ ଗାଁକୁ ଚାଲିଆସିଥିବା ଭୁବନେଶ୍ୱର ଫେରନ୍ତା ଜିଲାବାସୀଙ୍କ ଚିନ୍ତା ବଢ଼ାଉଛନ୍ତି। ଗାଁକୁ ଫେରିଥିବା ଲୋକେ ନାଁ ପଞ୍ଜୀକରଣ କରି ଆଇସୋଲେଶନ ସେଣ୍ଟରରେ ରହିବା ନିୟମ ଥିଲେ ମଧ ତାହା ପାଳନ କରୁନାହାନ୍ତି। ଜିଲା ପ୍ରଶାସନ ପକ୍ଷରୁ ସୀମାନ୍ତ ଅଞ୍ଚଳ ସିଲ ହେବା ସତ୍ତ୍ୱେ ଭୁବନେଶ୍ୱରକୁ ଲୋକେ ଯିବାଆସିବା ଜାରି ରଖିଛନ୍ତି। ପୁଣି କେତେଜଣ ନୂଆ ଲୋକ ଗାଁକୁ ଆସୁଛନ୍ତି। ଏ ଦିଗରେ କଡା ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

### ଜିଲା ଓକିଲ ସଂଘ ନିର୍ବାଚନ ଘୁଞ୍ଚିଲା

**କେନ୍ଦ୍ରାପଡା ଅଫିସ, ୧୫।୪:** ମହାମାରୀ କରୋନା ପାଇଁ ଜିଲା ଓକିଲ ସଂଘ ନିର୍ବାଚନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦିଆଯାଇଛି। ଏ ନେଇ ଓଡିଶା ରାଜ୍ୟ ବାର୍ କାଉନସିଲ ପକ୍ଷରୁ ଏକ ନିର୍ଦ୍ଦେଶନାମା (ନଂ.- ୧୫୩୪) ବୁଧବାର ପ୍ରକାଶ ପାଇଛି। କାଉନସିଲର ସ୍ୱତନ୍ତ୍ର କମିଟି ନିର୍ଦ୍ଦେଶରେ ସମ୍ପାଦକ ଜେ. କେ. ସାମନ୍ତସିଂହାର ଏଥିରେ ଉଲ୍ଲେଖ କରିଛନ୍ତି ଯେ, ଆସନ୍ତା ୨୫ ତାରିଖରେ ଓକିଲ ସଂଘର ନିର୍ବାଚନ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ତେବେ ମହାମାରୀ କରୋନା ପାଇଁ ଏଥିରେ ବାଧା ସୃଷ୍ଟି ହୋଇଛି।

ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

### ସହାୟତାର ହାତ ବଢ଼ାଇଲେ ଯୁବକ

**ରସୁଲପୁର,୧୫।୪(ଡିଏନଏ):** ରସୁଲପୁର ତହସିଲ ଅନ୍ତର୍ଗତ ଜାବରା ପଞ୍ଚାୟତ କଣ୍ଟିଆକଣ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଫଳରେ ବିଜୟ ରଣା(୫୮)ଙ୍କ ପରିବାର ବାସଶୂନ୍ୟ ହୋଇଯାଇଛନ୍ତି। ରସୁଲପୁର ଦମକଳ ବାହିନୀ ଓ ଗ୍ରାମବାସୀ ମିଶି ନିଆଁକୁ ଆୟତ୍ତ କରିଥିଲେ। ସରକାରୀଭାବେ ପ୍ରାଥମିକ ତଦନ୍ତ କରାଯାଇ କ୍ଷୟକ୍ଷତି ଆକଳନ କରାଯାଇଥିଲେ ମଧ କ୍ଷତିଗ୍ରସ୍ତ ପରିବାରକୁ କୌଣସି ସରକାରୀ ସହାୟତା ପ୍ରଦାନ କରାଯାଇ ନ ଥିଲା। ମାତ୍ର ହିମାଂଶୁ ଶେଖର ସାହୁ ନାମକ ଜଣେ ଯୁବକ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକ ସହାୟତାଭାବେ ୨ହଜାର ଟଙ୍କା, ପଲିଥିନ, ଶୁଖିଲା ଖାଦ୍ୟ, ଲୁଗାପଟା ଆଦି ପ୍ରଦାନ କରିଛନ୍ତି। ତହସିଲ ପକ୍ଷରୁ କେବଳ ଏକ ପାଲ ବୁଧବାର ପ୍ରଦାନ କରାଯାଇଥିବା ଜଣାଯାଇଛି।

### ବନ୍ଧୁକ ଦେଖାଇ ଦୋକାନୀଙ୍କଠାରୁ ଲୁଟ୍

**ଜଗତ୍‌ସିଂହପୁର ଅଫିସ, ୧୫।୪:** ଜଗତ୍‌ସିଂହପୁର ଥାନା ମଜୁରାଇ ଛକରେ ଥିବା ଏକ ତେଜେରାତି ଦୋକାନୀଙ୍କୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ମାଡ ମାରିବା ସହ ତାଙ୍କ ସୁନା ଚେନ୍ ଓ ଟଙ୍କା ଲୁଟି ନେଇଛନ୍ତି। ଏ ସମ୍ପର୍କରେ ଦୋକାନୀ ସାଁପୁର (ମଜୁରାଇ)ର ସୁନାକର ସାହୁ ଅଭିଯୋଗ କଲାପରେ ପୋଲିସ ମାମଲା ସଂଖ୍ୟା ୧୧୮/୨୦ ରୁଜୁ କରିଛି। ମଙ୍ଗଳବାର ରାତିରେ ସାହୁ ଦୋକାନ ଭିତରକୁ ପଶୁଥିବାବେଳେ ୩ ଦୁର୍ବୃତ୍ତ ଜବରଦସ୍ତ ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ। ସାହୁ ସେମାନଙ୍କୁ ବିରୋଧ କରିବାରୁ ସେମାନେ ବନ୍ଧୁକରେ ତାଙ୍କ ମୁଣ୍ଡକୁ ଆଘାତ କରି ସୁନା ଚେନ ଛଡ଼ାଇ ନେଇଥିଲେ। ଏଥିସହ ଦୋକାନରେ ଥିବା ୫ ହଜାର ଟଙ୍କା ନେଇ ଯାଇଥିଲେ। ସେମାନେ ଜଗତ୍‌ସିଂହପୁର ଆଡୁ ଆସିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ଟଙ୍କା ପାଇଁ ସାମାଜିକ ଦୂରତାକୁ ଅଣଦେଖା

**ଯାଜପୁର ଅଫିସ,୧୫।୪**



■ ବ୍ୟାଙ୍କ ସମ୍ମୁଖରେ ମହିଳାଙ୍କ ଲମ୍ବାଧାଡ଼ି

■ ଜିଲାବାସୀଙ୍କୁ କାଳ ହେବ କର୍ତ୍ତୃପକ୍ଷଙ୍କ ଅସହଯୋଗ

ଯାଜପୁର ଜିଲାରେ ୨ଜଣ କରୋନା ରୋଗୀ ଚିହ୍ନଟ ହୋଇସାରିଲେଣି। ଜଣେ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ମଙ୍ଗଳବାରଠାରୁ ଆଉ ଜଣେ କରୋନା ରୋଗୀ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। କରୋନା ଭୂତାଣୁ ଯେପରି ଅଧିକ ସଂକ୍ରମଣ ନ ହେବ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ତଥାପି ଜିଲାର ପ୍ରାୟ ୨୦ ପ୍ରତିଶତ ଲୋକେ ଏହାକୁ ହାଲୁକାଭାବେ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି। ଯାଜପୁରରୋଡ ସହରର ବିଭିନ୍ନ ବ୍ୟାଙ୍କରେ ବୁଧବାର ମଧାହ୍ନରେ ମୁଣ୍ଡଫଟା ଖରା ସତ୍ତ୍ୱେ ମହିଳାମାନେ ଜନଧନ ଆକାଉଣ୍ଟରୁ ୫୦୦ ଟଙ୍କା ଉଠାଇବା ପାଇଁ ଲମ୍ବା ଧାଡି ଲଗାଇଥିଲେ। ମାତ୍ର ଏହି ସମୟରେ ସାମାଜିକ ଦୂରତାକୁ କେହି ମାନୁ ନ ଥିବା ଦେଖାଯାଇଥିଲା। ଫଳରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅସହଯୋଗ ଜିଲାବାସୀଙ୍କୁ କାଳ ହୋଇପାରେ ବୋଲି ମତପ୍ରକାଶ ପାଇଛି।

ପ୍ରଥମ ପର୍ଯ୍ୟାୟ ଲକଡାଉନ ସମୟରେ କଟକଣା ପାଳନରେ ଅସହଯୋଗ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଧାରା ୧୮୮ (ଲୋକ ସେବକଙ୍କ ଦ୍ୱାରା ଜାରି ଆଦେଶର ଅମାନ୍ୟ), ଧାରା ୨୬୯ (ଜୀବନ ପ୍ରତି ବିପଦପୂର୍ଣ୍ଣ ରୋଗ ସଂକ୍ରମଣ ସମ୍ଭାବନା ସୃଷ୍ଟି କରୁଥିବା ଅବହେଳାତ୍ମକ କାର୍ଯ୍ୟ), ଧାରା ୨୭୦ (ଜୀବନ ପ୍ରତି ବିପଦପୂର୍ଣ୍ଣ ରୋଗ ସଂକ୍ରମଣ ସମ୍ଭାବନାକାରକ କାର୍ଯ୍ୟ) ଓ ଧାରା ୨୭୧ (ନିରୋଧ ନିୟମ ଅମାନ୍ୟ)ରେ ମାମଲା ରୁଜୁ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଭିନ୍ନ ହାଟ ବଜାରରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ଗତ ୨ ତାରିଖରୁ ପ୍ରଧାନମନ୍ତ୍ରୀ ମହିଳାଙ୍କ ଜନଧନ ଆକାଉଣ୍ଟରେ ୫୦୦ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ଏହି ଟଙ୍କା ଉଠାଇବାକୁ ଏବେ ପ୍ରତ୍ୟେକ ବ୍ୟାଙ୍କରେ ମହିଳାଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଛି। ବ୍ୟାଙ୍କ କର୍ତ୍ତୃପକ୍ଷ ସାମାଜିକ ଦୂରତା ରକ୍ଷା କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। କରୋନା କଟକଣାରେ ବ୍ୟତିକ୍ରମ ହେଲେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସତର୍କ କରାଇ ଦେଇଛନ୍ତି। ଏହାସତ୍ତ୍ୱେ ଅନେକ କ୍ଷେତ୍ରରେ କିଛି ଲୋକଙ୍କ ଅସାବଧାନତା ଯୋଗୁ ସମସ୍ତ ଜିଲାବାସୀଙ୍କ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ରଙ୍କୁ ପଚାରିବାରେ, ଗ୍ରାହକ କିପରି ସାମାଜିକ ଦୂରତା ବଜାୟ ରଖିବେ ସେ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯିବ। ଏଥିସହ ଲୋକଙ୍କୁ ମଧ ସଚେତନ କରାଯିବ। ତଥାପି ଯଦି ଲୋକ ନ ମାନନ୍ତି ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ହ୍ୱିଲ୍ ଚେୟାରରେ ଦିବ୍ୟାଙ୍ଗ ବାଣ୍ଟୁଛନ୍ତି କରୋନା ସଚେତନତା ବାର୍ତ୍ତା

**କେନ୍ଦ୍ରାପଡ଼ା ଅଫିସ୍, ୧୫।୪**

ଦିବ୍ୟାଙ୍ଗର ଅର୍ଥ ଦୁର୍ବଳତା ନୁହେଁ। ଏହାକୁ ପ୍ରମାଣିତ କରିଛନ୍ତି ରାଜକନିକା ବ୍ଲକ ବାଜପୁର ଗ୍ରାମର ୱାର୍ଡସଭ୍ୟା ମିନତି ବାରିକ। ସେ ହ୍ୱିଲ୍ ଚେୟାରରେ ବସି ଲୋକମାନଙ୍କୁ କରୋନା ସମ୍ପର୍କରେ ସଚେତନ କରାଉଛନ୍ତି। କରୋନା ଭୂତାଣୁର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି ସହ ମୁହଁରେ ମାସ୍କ ଲଗାଇବା, ସାମାଜିକ ଦୂରତ୍ୱ ବଜାୟ ରଖିବା, ଗ୍ରାମ ପରିବେଶ ସଫାସୁତୁରା ରଖିବା ଆଦି ସମ୍ପର୍କରେ ଲୋକମାନଙ୍କୁ ବୁଝାଉଛନ୍ତି। ଜନ୍ମରୁ ମିନତି ଦିବ୍ୟାଙ୍ଗ। ଅଣ୍ଟାଠାରୁ ଗୋଡ଼ ଅଂଶ କାମ କରୁ ନ ଥିବାରୁ ତିନିଚକିଆ ଗାଡି ହିଁ ତାଙ୍କର ଯିବାଆସିବା କରିବାର ମାଧ୍ୟମ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବାଜପୁରି ପଞ୍ଚାୟତରୁ ସେ ୱାର୍ଡସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ମିନତିଙ୍କ ସମ୍ପର୍କରେ ଗ୍ରାମର ମୁରଲୀଧର ଦାସ କୁହନ୍ତି, ଜନ୍ମରୁ ଚାଲି ପାରୁ ନ ଥିଲେ ବି ସେ କୌଣସି କ୍ଷେତ୍ରରେ ପଛୁଆ ନୁହନ୍ତି। ସେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି।



ଏବେ ସାମାଜିକ କର୍ଯ୍ୟରେ ସେ ମନୋନିବେଶ କରିଥିବା ବେଳେ କରୋନା ଆସିବା ପରେ ତାଙ୍କ କାମ ବଢ଼ିଯାଇଛି। ଘରକୁଘର ବୁଲି ମହାମାରୀ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହିତ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ମିଶି ୧୪୦୦ ମାସ୍କ ବିତରଣ କରିସାରିଲେଣି। ଏଥିସହ ଗ୍ରାମର ୧୨ଟି ସ୍ଥାନରେ ଅଳିଆ ସଂଗ୍ରହ ସ୍ଥାନ ଚିହ୍ନଟ କରି ଏହାର ସୁପରିଚାଳନା କରୁଛନ୍ତି। ଗ୍ରାମର ଶିବାନନ୍ଦ ରାଉତ କୁହନ୍ତି, ମିନତିଙ୍କୁ ଆମେ କେବେ ଦିବ୍ୟାଙ୍ଗ ଦୃଷ୍ଟିରେ ଦେଖିବାକୁ ପାଇନାହୁଁ। ତିନିଚକିଆ ସାଇକେଲରେ ବସି ଗ୍ରାମର ସମସ୍ତ ସୀମାନ୍ତ ପଥ ସିଲ୍ କରିବା ସହିତ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସହଯୋଗ କରୁଛନ୍ତି। ଏ ସମ୍ପର୍କରେ ମିନତି କୁହନ୍ତି ଯେ, ମନୋବଳ ଥିଲେ ଅସମ୍ଭବ ବି ସମ୍ଭବ ହୋଇପାରିବ। ତାଙ୍କ ବାପା ବଳରାମ କୁହନ୍ତି ଯେ, ୨ ପୁଅ ଓ ୩ ଝିଅଙ୍କ ମଧ୍ୟରୁ ମିନତି ଲୋକଙ୍କ ପାଇଁ କିଛି କରିପାରୁଥିବା ଦେଖି ମନକୁ ଶାନ୍ତି ମିଳୁଛି।

## କେନାଲ ରାସ୍ତାରେ ସୁରକ୍ଷା ପ୍ରାଚୀର
## ପ୍ରଶାସନ ଶୁଣିଲାନି, ନିଜସ୍ୱ ଉଦ୍ୟମରେ କଲେ

**ଖଣ୍ଡପଡା,୧୫।୪(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସୁନାମୁହିଁ କେନାଲ ରାସ୍ତାପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନ ଥିବାରୁ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଥିଲେ। ଏ ସମ୍ପର୍କରେ ବାରମ୍ବାର ଦାବି ସତ୍ତ୍ୱେ ସୁଫଳ ମିଳି ନ ଥିଲା। ଶେଷରେ ନିଜସ୍ୱ ଉଦ୍ୟମରେ ଜଣେ ବ୍ୟକ୍ତି ଏହି କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଖଣ୍ଡପଡା-ଗୁଣ୍ଠୁଣୀ ରାସ୍ତାର କୁଞ୍ଜବିହାରୀପୁର ଗ୍ରାମ ନିକଟ ସୁନାମୁହିଁ କେନାଲ ଉପର ରାସ୍ତାର ଦୁଇ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହେଉଥିଲା। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ କୁଞ୍ଜବିହାରୀପୁର, ସାହସପୁର, ଶାଳଝରିଆ, କୁସୁମିତରା, ଗୁଣ୍ଠୁଣୀ ପ୍ରଭୃତି ଆଖପାଖ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିଲେ। ମାତ୍ର ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦେବାରୁ କୁଞ୍ଜବିହାରୀପୁର ଗ୍ରାମର ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର କର ନିଜସ୍ୱ ଉଦ୍ୟମରେ ବାଉଁଶ ସହାୟତାରେ ଉକ୍ତ କେନାଲ ଉପର ରାସ୍ତାର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ କରିଛନ୍ତି। ପୂର୍ଣ୍ଣଚନ୍ଦ୍ରଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଉକ୍ତ ସ୍ଥାନରେ ସ୍ଥାୟୀ ସୁରକ୍ଷା ପ୍ରାଚୀର ନିର୍ମାଣ ନିମନ୍ତେ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



ରାସ୍ତାପାର୍ଶ୍ୱରେ ବାଉଁଶରେ ତିଆରି ହୋଇଥିବା ସୁରକ୍ଷା ପ୍ରାଚୀର।

## ରାଶନ ସାମଗ୍ରୀ ବଣ୍ଟନରେ ଅନିୟମିତତା
## ବିଡିଓଙ୍କ ନିକଟରେ ଅଭିଯୋଗ କଲେ ସରପଞ୍ଚ

**ଯାଜପୁର ଅଫିସ/କୋରେଇ, ୧୫।୪ (ସ୍ୱ.ପ୍ର.),**

କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ଲକଡାଉନ ପରିପ୍ରେକ୍ଷୀରେ ରାଜ୍ୟ ସରକାର ଗରିବ ଲୋକଙ୍କୁ ଅତିରିକ୍ତ ୫ କେଜି ଲେଖାଏଁ ଚାଉଳ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଯାଜପୁର ଜିଲା କୋରେଇ ବ୍ଲକ ଅନ୍ଧାରୀ ଗ୍ରାମ ପଞ୍ଚାୟତର ୨ଜଣ ରିଟେଲର ଲକ୍ଷ୍ମୀଧର ଦାସ ଓ ରାଧେଶ୍ୟାମ ସ୍ୱାଇଁ ଗରିବ ଲୋକଙ୍କ ଖାଉଟୀ ସାମଗ୍ରୀକୁ ଲୁଟ କରୁଥିବା ସରପଞ୍ଚ ପଙ୍କଜିନୀ ମହାକୁଡ କୋରେଇ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, ଅନ୍ଧାରି ପଞ୍ଚାୟତର ସାହାଡ଼ାକୋଳି ଏବଂ ଚଢେଇପାଟିଆ ୨ଟି ପଡ଼ାଗ୍ରାମ ରିଟେଲର ଘରଠାରୁ ୫/୪ କି.ମି. ଦୂରତା। କରୋନା ପାଇଁ ଲକଡାଉନ ସମୟରେ ଖାଉଟୀ ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚାଇବାର ସରକାରୀ ନିୟମ ରହିଛି। କିନ୍ତୁ ଏଠାରେ ତାହାର ବ୍ୟତିକ୍ରମ ହୋଇଛି। ଓଲଟା ସମ୍ପୃକ୍ତ ରିଟେଲର ଖାଉଟି ସାମଗ୍ରୀ ପଠାଇବାର କୌଣସି ନିୟମ ନାହିଁ ବୋଲି କହୁଛନ୍ତି। ତେଣୁ ଏହାର ଉପଯୁକ୍ତ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ସରପଞ୍ଚ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତ ଆମ୍ବଲପୁର ଓ ଚଢେଇପାଟିଆ ଗ୍ରାମରେ ଦୁଇଜଣ ରିଟେଲର ହିତାଧିକାରୀଙ୍କୁ ୫ କେଜି ଲେଖାଏଁ କମ ଚାଉଳ ଦେଉଥିଲେ। ଏହାକୁ ସେହି ଗ୍ରାମର ବାସନ୍ତି ଜେନା, ଶାନ୍ତିଲତା ଜେନା, ପର୍ଶୁରାମ ଜେନା, ନିଳ ମଲିକ, ଶିବର ମଲିକ, ଗୋବିନ୍ଦ ଜେନା ପ୍ରମୁଖ ବିରୋଧ କରିଥିଲେ। ହେଲେ ସମ୍ପୃକ୍ତ ରିଟେଲର ଓଲଟା ସେମାନଙ୍କୁ ଧମକ ଦେଇ ରାଶନ ଦେବା ବନ୍ଦ କରିଦେଇଥିଲେ। ଅଭିଯୋଗ ପାଇ ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ ନାୟକ ରବିବାର ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗର ତଦନ୍ତ କରିଥିଲେ। ତେବେ ଏହି ଘଟଣାର ୩ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୋରେଇ ବ୍ଲକ ଯୋଗାଣ ଅଧିକାରୀ ସମ୍ପୃକ୍ତ ରିଟେଲରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସହଯୋଗ କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଏସିଏସଓ ପ୍ରହ୍ଲାଦ ସେଠୀଙ୍କୁ ପଚାରିବାରେ, କୋରେଇ ବ୍ଲକ ଯୋଗାଣ ଅଧିକାରୀ ଏଯାଏ ରିପୋର୍ଟ ଦାଖଲ କରି ନାହାନ୍ତି। ତାଙ୍କୁ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସ୍ଥାନାନ୍ତର ହେବ ଜାରକା ମାଛ ମାର୍କେଟ

**ଧର୍ମଶାଳା,୧୫।୪(ଡିଏନଏ)-** ଧର୍ମଶାଳା ବ୍ଲକ ଜାରକା ଗୋପବନ୍ଧୁ ଛକ ନିକଟରେ ଚାଲିଥିବା ନିତିଦିନିଆ ମାଛ ମାର୍କେଟ ସ୍ଥାନାନ୍ତର କରାଯିବାକୁ ପୋଲିସ ଓ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି କରାଯାଇଛି। ମାଛ ମାର୍କେଟଗୁଡିକରେ ଅଧିକ ଲୋକଙ୍କ ଗହଳି ଜମୁଥିବାରୁ ସାମାଜିକ ଦୂରତା ରକ୍ଷା କରିବା ସମ୍ଭବପର ହୋଇପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ଧର୍ମଶାଳା ପୋଲିସ ଓ ପ୍ରଶାସନ ପକ୍ଷରୁ ଜାରକା ଗୋପବନ୍ଧୁ ଛକରେ ଚାଲିଥିବା ମାଛ ମାର୍କେଟକୁ ଧର୍ମଶାଳା ମହୋତ୍ସବ ପଡ଼ିଆକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ବଜାରର ବିଭିନ୍ନ ଛକରେ ବସି ବ୍ୟବସାୟ କରୁଥିବା ପରିବା ବ୍ୟବସାୟୀଙ୍କୁ ମହୋତ୍ସବ ପଡ଼ିଆକୁ ସ୍ଥାନାନ୍ତର କରାଯାଇଛି। ଏଠାରେ ବାଉଁଶର ବ୍ୟାରିକେଟ କରାଯାଇ ସାମାଜିକ ଦୂରତା ରକ୍ଷା କରି ଲୋକେ ପରିବା କିଣିବାର ବ୍ୟବସ୍ଥା କରାଯାଇଛି। ଏବେ ମାଛ ମାର୍କେଟକୁ ଏଠାରୁ ସ୍ଥାନାନ୍ତର କରାଯିବା ସହ ଲୋକେ ସାମାଜିକ ଦୂରତା ରକ୍ଷା କରି କିଣାବିକା କରିବା ପାଇଁ କୁହାଯାଇଛି। ବୁଧବାର ଏ ସମ୍ପର୍କରେ ପୋଲିସ ପକ୍ଷରୁ ମାଛ ବ୍ୟବସାୟୀଙ୍କୁ ଅବଗତ କରାଯାଇଛି। ଲକଡାଉନ ଶେଷ ହେବା ପର୍ଯ୍ୟନ୍ତ ମାଛ ବ୍ୟବସାୟୀମାନେ ଧର୍ମଶାଳା ମହୋତ୍ସବ ପଡ଼ିଆରେ ନିଜର ବ୍ୟବସାୟ ଚଳାଇବେ।

## ଅବ୍ୟବସ୍ଥାରେ ଆଇସୋଲେଶନ ସେଣ୍ଟର

**ଏରସମା, ୧୫।୪ (ସ୍ୱ.ପ୍ର.)**

ଏରସମା ବ୍ଲକ ଅଧୀନ ଜିରୋଇଲୋ ପଞ୍ଚାୟତରେ ହୋଇଥିବା ଆଇସୋଲେଶନ ସେଣ୍ଟରରେ ନାନା ଅବ୍ୟବସ୍ଥା ଥିବା ଅଭିଯୋଗ ହୋଇଛି। ଏଥିରେ ରହିଥିବା ଜଣେ ମହିଳାଙ୍କ ସମେତ ୫ ଜଣ ଅସୁବିଧାରେ ରହୁଛନ୍ତି। ପ୍ରକାଶ ଯେ, ଜିରାଇଲୋ ପଞ୍ଚାୟତ ଅଧୀନ ଜିରାଇଲୋ ନମୌଜୀ ହାଇସ୍କୁଲକୁ ଅସ୍ଥାୟୀ ଆଇସୋଲେଶନ ସେଣ୍ଟର କରାଯାଇଛି। ସେଥିରେ ଗତ ୧୩ ଦିନ ହେବ ସ୍ଥାନୀୟ ଅଞ୍ଚଳର ସରସ୍ୱତୀ ମଲ୍ଲିକ ଓ ବିକାଶ ମଲ୍ଲିକ ରହୁଥିବା ବେଳେ ଗତ ୩ଦିନ ହେଲା ଅନିଲ ଦଳାଇ, ସୁନୀଲ ଦଳାଇ ଓ ରମାକାନ୍ତ ଦଳାଇ ରହୁଛନ୍ତି। ନିୟମ ଅନୁସାରେ ସେମାନଙ୍କ ବେଡ୍‌ସିଟ ସାନିଟାଇଜ କରାଯିବା କଥା। ତାହା କରାଯାଉ ନ ଥିବା ବେଳେ ସେଠାରେ ଜଣେ ମହିଳା ରହୁଥିଲେ ବି ତାଙ୍କ ନିରାପତ୍ତା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଗୋଟିଏ ଶୌଚାଳୟ ଥିବା ବେଳେ ତାହାକୁ ବ୍ଲିଚିଂ ପକାଯାଇ ସଫା କରାଯାଉନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପିଇବା ପାଣି ପାଇଁ ଫିଲଟର୍ କିମ୍ବା ଆକ୍ୱାଗାର୍ଡ ବ୍ୟବସ୍ଥା କରା ନ ଯାଇ ସ୍କୁଲ ପରିସରରେ ଥିବା ନଳକୂପରୁ ପାଣି ପିଇବାକୁ ଦିଆଯାଉଛି। ତେବେ ଆଇସୋଲେଶନ ସେଣ୍ଟରରେ ଏଭଳି ଅବ୍ୟବସ୍ଥା ଯୋଗୁ ଯଦି ସେମାନଙ୍କ ମଧ୍ୟରୁ ଜଣେ କେହି କରୋନା ପଜିଟିଭ୍ ଚିହ୍ନଟ ହୁଅନ୍ତି, ତା'ହେଲେ ଅନ୍ୟ ୪ ଜଣ ମଧ ସଂକ୍ରମିତ ହେବାର ଆଶଙ୍କା ରହିଛି। ଏ ସମ୍ପର୍କରେ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ଆସନ୍ତା ୨ଦିନ ଭିତରେ ଆକ୍ୱାଗାର୍ଡ ବସାଯିବ। ଏଥିସହିତ ଯଥେଷ୍ଟ ପରିମାଣରେ ବ୍ଲିଚିଂ ନ ଥିବାରୁ ଦିଆଯାଇ ନ ଥିଲା, ଖୁବ୍‌ଶୀଘ୍ର ସେ ନେଇ ବ୍ୟବସ୍ଥା କରାଯିବ। ସମ୍ପୃକ୍ତା ମହିଳାଙ୍କ ଭାଇ ସେହି ଆଇସୋଲେଶନ ସେଣ୍ଟରରେ ରହୁଥିବାରୁ ଗାର୍ଡର ଆବଶ୍ୟକତା ନାହିଁ ବୋଲି କହିଛନ୍ତି।

## ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୧୫।୪**

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ କେନ୍ଦ୍ରାପଡା ଜିଲାରେ ୩୦୦ରୁ ଅଧିକ ଅସ୍ଥାୟୀ ଚିକିତ୍ସାଳୟ, ସଙ୍ଗରୋଧ ଗୃହ ପ୍ରସ୍ତୁତ ହୋଇଛି। ଏହି ଚିକିତ୍ସା ଓ ସଙ୍ଗରୋଧ କେନ୍ଦ୍ରରେ ଅସ୍ଥାୟୀ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ମିଳିଛି। ମାତ୍ର ଏହି ନିଯୁକ୍ତିରେ ଅନିୟମିତତା ହୋଇଥିବା ଜିଲାପାଳଙ୍କ ନିକଟରେ ବୁଧବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅଭିଯୋଗକାରୀ ସାବିତ୍ରୀ ଲେଙ୍କା କହିଛନ୍ତି, ଏହି ନିଯୁକ୍ତି ସମ୍ପର୍କରେ ମାର୍ଚ୍ଚ ୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିରେ ବୟସସୀମା ନିର୍ଦ୍ଧାରଣ କରାଯାଇ ନ ଥିବାବେଳେ କେନ୍ଦ୍ରାପଡା ସିଡିଏମଓଙ୍କ ଦ୍ୱାରା ମାର୍ଚ୍ଚ ୨୭ରେ ପ୍ରକାଶିତ ବିଜ୍ଞପ୍ତିରେ ବୟସସୀମା ଅବଧି ଥିଲା। ସେହିପରି ଜିଲା ବାହାରୁ କେତେକ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ମିଳିଥିବାରୁ କେନ୍ଦ୍ରାପଡ଼ା ଜିଲାର ଲୋକ ଏଥିରୁ ବଞ୍ଚିତ ହୋଇଛନ୍ତି ।

## ଦ୍ୱିତୀୟ କରୋନା ଆକ୍ରାନ୍ତଙ୍କ ସହ ବରୀର ୪ଜଣଙ୍କ ଲିଙ୍କ୍

ଯାଜପୁର ଜିଲା

**ବରୀ,୧୫।୪(ସ୍ୱ.ପ୍ର)-** ଯାଜପୁରର ଦ୍ୱିତୀୟ କରୋନା ପଜେଟିଭଙ୍କ ସହିତ ବରୀ ବ୍ଲକ ଗୋଳକୁଣ୍ଡ ଗ୍ରାମର ୪ଜଣଙ୍କର ଲିଙ୍କ ଥିବା ଜଣାପଡିଛି। ଏନେଇ ବରୀ ଅଞ୍ଚଳବାସୀ ଅଧିକ ସଚେତନ ହୋଇପଡ଼ିଛନ୍ତି। ଯାଜପୁର ଜିଲା ଯାଜପୁର ବ୍ଲକ ଅନ୍ତର୍ଗତ ଜାଫରପୁର ପଞ୍ଚାୟତ ସାନତ୍ରିଲୋଚନପୁର ଗ୍ରାମରୁ ମଙ୍ଗଳବାର ଜଣେ କରୋନା ପଜେଟିଭଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଠାବ କରାଯାଇଥିଲା। ତେବେ ଉକ୍ତ ଆକ୍ରାନ୍ତଙ୍କ ସହିତ ବରୀ ଗୋଳକୁଣ୍ଡ ଗ୍ରାମର ୪ଜଣଙ୍କ ଲିଙ୍କ ରହିଥିବା ପ୍ରଶାସନ ଜାଣିଲା ପରେ ମଙ୍ଗଳବାର ସନ୍ଧ୍ୟାରେ ବରୀ ପ୍ରଶାସନ ପକ୍ଷରୁ ଗୋଳକୁଣ୍ଡ ଗ୍ରାମରେ ତନାଘନା କରାଯାଇଥିଲା। ଉକ୍ତ ୪ଜଣଙ୍କୁ ଠାବ କରାଯାଇ ସ୍ଥାନୀୟ ହରିପୁର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ଡାକ୍ତରୀ ଟିମ ପକ୍ଷରୁ ସେମାନଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇଛି। ସେମାନେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ଦିନ ରହିବେ ବୋଲି ପ୍ରଶାସନ ସୂଚନା ଦେଇଛି।

## ଗୀତ ଗାଇ ସଚେତନ କଲେ ଥାନାଧିକାରୀ



**ବିଞ୍ଝାରପୁର,୧୫।୪(ଡି.ଏନ.ଏ)-** କରୋନା ମହାମାରୀ ଏବେ ସମଗ୍ର ବିଶ୍ୱରେ ତାଣ୍ଡବ ରଚିବାରେ ଲାଗିଛି। ଏହାକୁ ପ୍ରତିହତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରତିଷେଧକମୂଳକ ସଚେତନତା ଅବଲମ୍ବନ କରିବାକୁ ପରାମର୍ଶ ଦେଉଛନ୍ତି। ଏହି ସଚେତନତା ବାର୍ତ୍ତାକୁ ଘରେଘରେ ପହଞ୍ଚାଇବାକୁ ବିଞ୍ଝାରପୁର ଥାନାଧିକାରୀ ଶିବ ଚରଣ ବେହେରା ଏକ ନିଆରା ଉଦ୍ୟମ କରିଛନ୍ତି। ସାମାଜିକ ଦୂରତ୍ୱ ଅବଲମ୍ବନ କରିବା, ବାରମ୍ବାର ହାତ ଧୋଇବା ଆଦି ସଚେତନତା ଉପରେ ଥାନାଧିକାରୀ ଶିବଚରଣ ବେହେରା ନିଜସ୍ୱ ରଚନାରେ ଗୀତ ଗାଇ ସଚେତନତାର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଉଛନ୍ତି। ଥାନାଧିକାରୀଙ୍କ ଗୀତ ଗାଇବା ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ତାଡ଼ିରେ ମିଶୁଛି ୟୁରିଆ, ସ୍ଲିପିଂ ପିଲ୍

**କେନ୍ଦ୍ରାପଡ଼ା ଅଫିସ, ୧୫।୪**



■ ମଦ ଦୋକାନ ବନ୍ଦ ଯୋଗୁ ତାଳ, ଖଜୁରି ତାଡିର ଚାହିଦା ବଢ଼ିଛି

■ ଅପମିଶ୍ରଣ ହେଉଥିବା ଅଭିଯୋଗ

କେନ୍ଦ୍ରାପଡ଼ା ଜିଲା ଅବକାରୀ ବିଭାଗ ତଥ୍ୟ ଅନୁଯାୟୀ ଜିଲାରେ ବର୍ଷକୁ ପ୍ରାୟ ୪୫ ଲକ୍ଷ ଲିଟର ଦେଶୀ ଓ ବିଦେଶୀ ମଦ ବିକ୍ରି ହୋଇଥାଏ। ତେବେ କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ସକାଶେ ସାରା ଦେଶକୁ ଲକ୍‌ଡାଉନ୍ କରାଯାଇଥିବା ବେଳେ ଏହି ସମୟରେ ମଦ ଦୋକାନଗୁଡ଼ିକ ବନ୍ଦ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିଯୋଗୁ ଗ୍ରାମାଞ୍ଚଳରେ ତାଳ ଓ ଖଜୁରି ତାଡ଼ିର ଚାହିଦା ବଢ଼ିଯାଇଛି। ହେଲେ କେତେଜଣ ବ୍ୟବସାୟୀ ତାଡିରେ ୟୁରିଆ, ସ୍ଲିପିଂ ପିଲ୍ (ନିଦ ବଟିକା) ଆଦି ମିଶାଉଛନ୍ତି।

ତାଡି ସାଧାରଣତଃ ଖଜୁରି ଓ ତାଳ ଗଛରୁ ଆମଦାନୀ ହୋଇଥାଏ। ତେବେ ସୀମିତ ଗଛରୁ ସଂଗୃହୀତ ତାଡ଼ି ଏବେ ସମସ୍ତ ଲୋକଙ୍କୁ ଯୋଗାଇ ହେଉନାହିଁ ବୋଲି ସଂଗ୍ରହକାରୀ ରାଜନଗରର ଶରତ ବେହେରା କହିଛନ୍ତି। ସେ କହିଛନ୍ତି, ମଦ ଦୋକାନ ସବୁ ବନ୍ଦ ଥିବା ଯୋଗୁ ତାଡ଼ି ବ୍ୟବସାୟ ବଢ଼ିଛି। ପୂର୍ବରୁ ସଂଗୃହୀତ ତାଡ଼ିକୁ ବିକ୍ରି କରିବା କଷ୍ଟକର ହେଉଥିଲା। ପୂର୍ବରୁ ଗ୍ଲାସ ପିଛା ମାତ୍ର ୫ରୁ ୧୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଲକ୍‌ଡାଉନ୍ ପରେ ଗ୍ରାହକଙ୍କ ସଂଖ୍ୟା ବଢ଼ିବା ସହ ତାଡି ଗ୍ଲାସ୍ ପ୍ରତି ଦର ମଧ ୩୦ଟଙ୍କାକୁ ବୃଦ୍ଧି ପାଇଛି। ଏହାସତ୍ତ୍ୱେ ଗ୍ରାହକଙ୍କ ଚାହିଦା ପୂରଣ ହୋଇପାରୁନାହିଁ। ହେଲେ ଏହାର ସୁଯୋଗ ନେଇ କେତେଜଣ ଅସାଧୁ ତାଡ଼ି ସଂଗ୍ରହକାରୀ ତାଡ଼ିରେ ଦେଶୀ ରନ୍ଧା ମଦ, ୟୁରିଆ, ସ୍ପିରିଟ୍, ସ୍ଲିପିଂ ମେଡିସିନ୍ ଆଦି ମିଶାଉଥିବା ଦେଖାଯାଉଛି। ସେହିପରି ତାଡି ସଂଗ୍ରହକାରୀ ଜୀବନ ବେହେରା କହିଛନ୍ତି ଯେ, ତାଡ଼ି ଖଜୁରି ଓ ତାଳ ରସ ସଂଗ୍ରହ ଆମର କୌଳିକ ବୃତ୍ତି। ପ୍ରତିଦିନ ସନ୍ଧ୍ୟାରେ ଚିହ୍ନଟ ଗଛର ଅଗ୍ରଭାଗକୁ ସଫା କରିବା ସହିତ ଠେକି ବସାଇଥାଉ। ଗୋଟିଏ ଠେକିରୁ ସର୍ବାଧିକ ୩୦୦ ଗ୍ରାମ୍ ରସ ସଂଗ୍ରହ ହୋଇଥାଏ। ଏହି ରସ ପିଇବା ପାଇଁ ଗରାଖ ଥାଆନ୍ତି। ତେବେ ଗତ କିଛିଦିନ ହେବ କେତେକ ମଦ ବ୍ୟବସାୟୀ ତାଡି ସଂଗ୍ରହ କରୁଥିବା ଦେଖାଯାଉଛି। ସୀମିତ ପରିମାଣର ତାଡିକୁ ନେଇ କୌଣସି ପଦାର୍ଥ ମିଶାଇ ସେମାନେ ଅଧିକ ବ୍ୟବସାୟ କରୁଛନ୍ତି। ଖଜୁରି ଓ ତାଳ ରସରେ ଅନ୍ୟ ପଦାର୍ଥ ମିଶ୍ରଣ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଅବକାରୀ ଅଧୀକ୍ଷକ ବାସନ୍ତିପ୍ରଭା ନାୟକ କହିଛନ୍ତି, ଖଜୁରି ଓ ତାଳ ରସ ବିକ୍ରି ଅବୈଧ ନୁହେଁ। ତେବେ ଏଥିରେ ହେଉଥିବା ଅପମିଶ୍ରଣ ଯୋଗୁ ତାଡି ସେବନକାରୀଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଛି। ଏନେଇ କୌଣସି ଅଭିଯୋଗ ଅଦ୍ୟାବଧି ଆସି ନ ଥିଲେ ମଧ ବିଭାଗ ଏଥିପ୍ରତି ସଜାଗ ଅଛି। ବିଭାଗୀୟ କର୍ମଚାରୀ ବିଭିନ୍ନ ଗ୍ରାମରେ ପହଞ୍ଚି ଏହାର ଯାଞ୍ଚ କରୁଛନ୍ତି। କୌଣସି ପ୍ରକାର ମିଶ୍ରଣ କରାଯାଉଥିଲେ, ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମାଡ଼ ମାରି ୩ ଗିରଫ

ଆରଡି, ୧୫।୪(ଡି.ଏନ.ଏ.)-ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡି ଫାଣ୍ଡି ଅନ୍ତର୍ଗତ ସନ୍ତରା ଗ୍ରାମର ଜଣେ ଯୁବକଙ୍କୁ ମାଡ ମାରି ୨ ଜଣ ବ୍ୟକ୍ତିଙ୍କ ସହ ଜଣେ ମହିଳା ବୁଧବାର ଗିରଫ ହୋଇଛନ୍ତି। ପୋଲିସ ପହଞ୍ଚି ମାଡ ଖାଇଥିବା ଯୁବକଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏଥିସହିତ ୩ ଅଭିଯୁକ୍ତଙ୍କୁ ଗିରଫ କରି ଧୂଷୁରୀ ଥାନାକୁ ପଠାଇଥିଲା। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଏକ ମାମଲା (ନଂ. ୭୫/୨୦) ରୁଜୁ ହୋଇଛି।

### ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଲକତା ଫେରନ୍ତା

ବନ୍ତ,୧୫।୪(ଡି.ଏନ.ଏ.)-ମହାମାରୀ କରୋନା ସଂକ୍ରମଣକୁ ରୋକିବା ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହିତ ଲୋକଙ୍କୁ ସଚେତନ କରାଉଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ବିଦେଶ କିମ୍ବା ଅନ୍ୟ ରାଜ୍ୟରୁ ଆସୁଥିବା ବ୍ୟକ୍ତିମାନଙ୍କ ଉପରେ ନଜର ରଖାଯାଇଛି। ମଙ୍ଗଳବାର ଭଦ୍ରକ ଜିଲା ବନ୍ତ ବ୍ଲକର ୬ଜଣ କୋଲ୍‌କତା ଫେରନ୍ତାଙ୍କୁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ବୁଧବାର ସେମାନଙ୍କର ଡାକ୍ତରୀ ପରୀକ୍ଷା କରାଯିବ ବୋଲି ପ୍ରଶାସନ କହିଛି । ସେଠାରେ ଥିବା ବ୍ୟକ୍ତିମାନଙ୍କ ପାଇଁ ଖାଦ୍ୟ ସମେତ ସମସ୍ତ ବ୍ୟବସ୍ଥା କରାଯାଇଛି । ବ୍ଲକର ଅନ୍ୟ ୬ଜଣ କୋଲ୍‌କତା ଫେରନ୍ତାଙ୍କୁ ବୁଧବାର ଅଣାଯାଇ ଏହି କେନ୍ଦ୍ରରେ ରଖାଯିବ ବୋଲି ପ୍ରଶାସନ ସୂତ୍ରରୁ ଜଣାଯାଇଛି ।

### ମାସ୍କ, ସାନିଟାଇଜର ବଣ୍ଟନ

ରେମୁଣା, ୧୫।୪(ଡି.ଏନ୍.ଏ.)- ରେମୁଣା ବ୍ଲକର ନୂଆପାଡ଼ା, ବଡ଼ପାଳ ଓ ହରିପୁର ପଞ୍ଚାୟତର ବିଭିନ୍ନ ଗାଁରେ ବିଜୁ ଯୁବ ଜନତା ପକ୍ଷରୁ ମାସ୍କ, ସାବୁନ ଓ ସାନିଟାଇଜର ବଣ୍ଟନ କରାଯାଇଛି। ଜିଲା ଯୁବ ଜନତା ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକଙ୍କୁ ମାସ୍କ ପ୍ରଦାନ କରାଯାଇଥିଲା। ଏଥିରେ ଶୁଭମ ଦାସ, ବସନ୍ତ ମହାରଣା, ମୂରଲୀଧର ପ୍ରଧାନ, ବୁଲୁ ଦାସ, ଶ୍ରୀନାଥ ଦାସ, ବାପୁନ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ମୟୂରଭଞ୍ଜରେ କୋଭିଡ୍ ହସ୍ପିଟାଲ

ବାରିପଦା ଅଫିସ, ୧୫।୪

କରୋନା ଆକ୍ରାନ୍ତଙ୍କ ପାଇଁ ମୟୂରଭଞ୍ଜ ଜିଲାରେ କୋଭିଡ୍ -୧୯ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ବାରିପଦାଠାରୁ ୭ କି.ମି ଦୂର ବାଙ୍କିଶୋଳଠାରେ ଥିବା ଆଦାନୀ କିସ୍ ଆବସିକ ବିଦ୍ୟାଳୟ କ୍ୟାମ୍ପସରେ ଏହା ବୁଧବାର କାର୍ଯ୍ୟକ୍ଷମ ହୋଇଛି। ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ୨୦୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲରେ ୧୦ଟି ଆଇସିୟୁ ଓ ୧୦ଟି ଏଚଡ଼ିୟୁ ଶଯ୍ୟା ରହିଥିବା ଜିଲାପାଳ ବିନୀତ ଭରଦ୍ୱାଜ ସୂଚନା ଦେଇଛନ୍ତି। ଏଠାରେ ଓପିଡ଼ି ବ୍ୟବସ୍ଥା ଥିବା ବେଳେ ଜଣେ ବ୍ୟକ୍ତିଙ୍କ ମଧ୍ୟ ସ୍କ୍ରିନିଂ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି। ଓଡ଼ିଶା ମାଇନିଂ କର୍ପୋରେଶନର ଆର୍ଥିକ ସହାୟତାରେ ହୋଇଥିବା ଏହି ହସ୍ପିଟାଲର ପରିଚାଳନା ଦାୟିତ୍ୱ ଭୁବନେଶ୍ୱରସ୍ଥିତ କିମସ୍‌କୁ ଦିଆଯାଇଛି। କରୋନା ସଂକ୍ରମିତଙ୍କୁ ଏଠାରେ ମାଗଣାରେ ସମସ୍ତ ପ୍ରକାର ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି। ପ୍ରଥମ ପର୍ଯ୍ୟାୟରେ ୩ ଜଣ ଅଭିଜ୍ଞ ଡାକ୍ତରଙ୍କ ସହିତ ୫୦ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିୟୋଜିତ କରାଯାଇଛି। ଡାକ୍ତର ସୁଧୀର ଶତପଥୀ, ଡାକ୍ତର ମାନସ ପାଣ୍ଡେଙ୍କ ସମେତ ଜିଲାସ୍ତରୀୟ ଅନ୍ୟ ଅଧିକାରୀମାନେ ହସ୍ପିଟାଲ୍ କାର୍ଯ୍ୟକ୍ଷମ ବେଳେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜିଲାରେ ବର୍ତ୍ତମାନ ସୁଦ୍ଧା ଗୋଟିଏ ବି ପଜିଟିଭ କେସ୍ ନ ଥିବା ବେଳେ ଏଥିପାଇଁ ଆଗୁଆ ପଦକ୍ଷେପ ନିଆଯାଇଥିବା ଜିଲାପାଳ ଭରଦ୍ୱାଜ ସୂଚନା ଦେଇଛନ୍ତି।



କୋଭିଡ୍ ହସ୍ପିଟାଲ୍ ଆଗରେ ଡାକ୍ତର ଓ ଅନ୍ୟ ଅଧିକାରୀମାନେ ।

## ବ୍ୟାଙ୍କ ସମ୍ମୁଖରେ ଗହଳି



ବସ୍ତା, ୧୫।୪ (ଡି.ଏନ.ଏ.)

ବସ୍ତାରେ ଥିବା ଦୁଇଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମ୍ମୁଖରେ ଦୁଇ ଦିନ ହେଲା ପ୍ରବଳ ଜନ ଗହଳି ପରିଲକ୍ଷିତ ହୋଇଛି। ଲୋକମାନେ ବ୍ୟାଙ୍କ ସମ୍ମୁଖରେ ଖରାରେ ମଧ୍ୟ ଧାଡି ବାନ୍ଧି ଛିଡା ହୋଇଥିବା ବେଳେ ସବୁଠି ସାମାଜିକ ଦୂରତା ବଜାୟ ରଖିବା ସମ୍ଭବପର ହେଉନାହିଁ। ଗ୍ରାହକମାନଙ୍କୁ ପଚାରିବାରେ ସେମାନେ କହିଛନ୍ତି ଯେ ସେମାନଙ୍କର ବ୍ୟାଙ୍କ ଖାତାକୁ ଆର୍ଥିକ ସହାୟତା ରାଶି ଆସିଛି କି ନାହିଁ ତାହା ଜାଣିବା ପାଇଁ ଆସିଛନ୍ତି।

## ବିଶୋଧନ ହେଲା ଖଣି ଅଞ୍ଚଳ

କେନ୍ଦୁଝର, ୧୫।୪(ସ୍ୱ.ପ୍ର.)

ବାଂଶପାଳ ବ୍ଲକ ଶୁଆକାଟି ଖଣି ଅଞ୍ଚଳରେ ବିଭିନ୍ନ ଗ୍ରାମ ରାସ୍ତାଘାଟକୁ ବୁଧବାର ବିଶୋଧନ କରାଯାଇଛି। କଳିଙ୍ଗ କମର୍ସିଆଲ କର୍ପୋରେଶନ ପକ୍ଷରୁ ଇଚିଣ୍ଡା, ତଳ କଇଁସରୀ, ଓଏମ୍‌ସି ଅଫିସ, ଓଏମସି କଲୋନୀ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ସଂସ୍ଥାର ମାନବ ସମ୍ବଳ ଅଧିକାରୀ ଅକ୍ଷୟ ପାଲ ସୂଚନା ଦେଇଛନ୍ତି। ମୁଖ୍ୟ ପ୍ରବନ୍ଧକ ଜି. ଶ୍ରୀ କୁମାର ଓ ମେକାନିକାଲ ମୁଖ୍ୟ ଭକ୍ତ ପ୍ରସାଦ ସେଠୀଙ୍କ ତତ୍ତ୍ୱବଧାନ ଓ ସରକାରଙ୍କ ଗାଇଡ଼ଲାଇନରେ ବିଶୋଧନ କରଣ କରାଯାଇଛି।



## ଲକଡାଉନ୍ ବେଳେ ମଦ ଦୋକାନ ସିଲ୍ ଭଙ୍ଗାଗଲା

ଯୋଡ଼ା,୧୫।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡା ସହରର ବାଂଶପାଣି ରୋଡ୍ ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନରେ ସିଲ୍ ଭଙ୍ଗାଯାଇଛି। ଅବକାରୀ ବିଭାଗର ଜଣେ ଅଧିକାରୀ ଏକୁଟିଆ ଆସି ଏହି ଦୋକାନରେ ପୂର୍ବରୁ ଥିବା ସିଲକୁ ଭାଙ୍ଗି ପୁଣି ସିଲ୍ କରୁଥିବା ଦେଖିବାକୁ ମିଳିଥିଲା। ଏନେଇ ଅବକାରୀ ଅଧିକାରୀ ନିରାକାର ଦେହୁରୀଙ୍କୁ ପଚାରିବାରୁ ପୂର୍ବରୁ କରାଯାଇଥିବା ସିଲ୍‌କୁ କେହି ଭାଙ୍ଗି ଦେଇଥିବାରୁ ସେ ପୁଣି ସିଲ କରିବାକୁ ଆସିଥିବା କହିଥିଲେ। ତେବେ ଦୋକାନ ଭିତରେ ଦୋକାନୀ କ'ଣ କରୁଥିଲେ ଓ ଷ୍ଟକ ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ,ସିଲ୍ ଭାଙ୍ଗିବା ପରେ ଏକ କାର୍‌ରେ ବହୁ ପରିମାଣର ବିଦେଶୀ ମଦ ଏଠାରୁ ଯୋଡ଼ା ସହର ଆଡ଼କୁ ଚାଲିଯାଇଥିଲା।

## ଭଦ୍ରକରୁ ଉଠିଲା କଣ୍ଟେନମେଣ୍ଟ

ଭଦ୍ରକ ଅଫିସ, ୧୫।୪

ଭଦ୍ରକ ଜିଲାରେ ପ୍ରଥମ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ପୁରୁଣାବଜାର ଅଞ୍ଚଳରେ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଥିଲା। ଏହି ଅଞ୍ଚଳରୁ କଟକଣା ବୁଧବାର ହଟାଇ ଦିଆଯାଇଥିଲେ ମଧ୍ୟ ଲକ୍‌ଡାଉନ ଜାରି ରହିବ ବୋଲି ବୁଧବାର ଜିଲାପାଳ ଜ୍ଞାନରଞ୍ଜନ ଦାସ ଟୁଇଟ୍ ଯୋଗ ସୂଚନା ଦେଇଛନ୍ତି।

## ପୋଲିସ ପରିଚୟ ଦେଇ ଲୋକଙ୍କୁ ପିଟିଲେ

ରୂପସା, ୧୫।୪(ଡି.ଏନ୍.ଏ.)

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସରକାର ଦେଶବ୍ୟାପୀ ଲକଡାଉନ୍ ଘୋଷଣା କରିଛନ୍ତି। ଅସହାୟ, ନିରାଶ୍ରୟମାନଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଣ ହେଉଛି। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପୋଲିସ ପ୍ରଶାସନ ପକ୍ଷରୁ ସାମାଜିକ ଦୂରତା ରକ୍ଷା କରିବା ଦିଗରେ ରାତିଦିନ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଛି । ଏଭଳି ପରିସ୍ଥିତିରେ ମୟୂରଭଞ୍ଜ ଜିଲାର ୩ଜଣ ଯୁବକ ଏକ କାର୍(ନଂ. ଓଡ଼ି୦୧ସି-୭୫୨୩)ରେ ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳକୁ ଆସି ନିଜକୁ ପୋଲିସ ପରିଚୟ ଦେଇ ଲୋକଙ୍କୁ ମାର୍‌ପିଟ୍ କରିଥିବା ନଜରକୁ ଆସିଛି। ସେମାନେ ଖାଦ୍ୟସାମଗ୍ରୀ ଦେବା ଆଳରେ ମାଡ଼ ମାରି ଚମ୍ପଟ ହେବା ବେଳେ ଲୋକଙ୍କ ହାତରେ ଧରାପଡ଼ି ଉତ୍ତମମଧ୍ୟମ ଖାଇଛନ୍ତି। ଏହାପରେ ପୋଲିସକୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ମାମଲା (ନଂ. ୩୬/୨୦) ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କାର୍‌କୁ ଜବତ କରିଛି। ଗିରଫ ଯୁବକମାନେ ହେଲେ ବୈଶିଙ୍ଗା ଥାନା ଅଁଳା ଗ୍ରାମର ଫାର୍ମାସିଷ୍ଟ ସପନ ସାନ୍ତରା, ରଙ୍ଗଡ଼ା ଗ୍ରାମର ଗଣେଶ୍ୱର ବାରିକ ଓ ସଞ୍ଜୟ ମାହାନ୍ତା।

ଅଭିଯୁକ୍ତମାନେ କାର୍ ସମ୍ମୁଖରେ 'ପାଗଳ ମାନଙ୍କ ପାଇଁ ଭାତଡାଲମା' ପୋଷ୍ଟର ମାରି ମଙ୍ଗଳବାର ରୂପ୍‌ସା ଥାନା ବାରାପାଳ ରେଳଫାଟକ ଦେଇ ୬୦ନଂ. ଜାତୀୟ ରାଜପଥ ଅଭିମୁଖେ ଯାଉଥିଲେ। ସେମାନେ ଫାଟକ ନିକଟରେ ଓହ୍ଲାଇ ପୋଲିସ ପରିଚୟ ଦେଇ ଲକ୍‌ଡାଉନ ବେଳେ ବାହାରେ କାହିଁକି ବୁଲୁଛ କହି ୨ଜଣ ଯୁବକଙ୍କୁ ମାଡ଼ ମାରି ପଳାଇଥିଲେ। କିଛି ସମୟ ପରେ କାର୍ ସେହି ରାସ୍ତା ଦେଇ ଫେରୁଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ପୋଲିସ୍‌ଙ୍କୁ ଖବର ଦେଇଥିଲେ। ଆଇଆଇସି ବିଶ୍ୱଜ କୁମାର ରାଉତରାୟ, ଏଏସ୍‌ଆଇ ନରହରି ମହାଲିକ ସଦଳବଳେ ପହଞ୍ଚି ସେମାନଙ୍କୁ ପୋଲିସ ହେପାଜତକୁ ନେଇଥିଲେ। କାର୍ ଭିତରୁ ମୁଢ଼ି ବସ୍ତା, ଆଳୁ, ବାଇଗଣ ଆଦି ରହିଥିଲା। ଏ ସଂକ୍ରାନ୍ତରେ ତଦନ୍ତ କରାଯାଇ ଭାରତୀୟ ଦଣ୍ଡବିଧି ଆଇନ୍‌ର ୨୯୪, ୩୪୧, ୨୨୩, ୧୮୮, ୨୬୯, ୨୭୦, ୪୧୭, ୫୦୬ ଓ ୩୪ ଧାରାରେ ମାମଲା ରୁଜୁ ହୋଇ ବୁଧବାର ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

### ୩ ଗିରଫ, କାର୍ ଜବତ


ଗିରଫ ଅଭିଯୁକ୍ତ।

## ୧୦ ଗ୍ରାମ୍ ବ୍ରାଉନ ସୁଗାର ଜବତ

ଭଦ୍ରକ ଅଫିସ, ୧୫।୪

ଭଦ୍ରକ ଜିଲା ପୁରୁଣାବଜାର ପୋଲିସ ବୁଧବାର ଧନାଟୋଲା ଅଞ୍ଚଳରୁ ୧୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏନେଇ ଜଣେ ବ୍ୟବସାୟୀଙ୍କୁ ଅଟକ ରଖି ପଚରାଉଚରା କରାଯାଇଛି। ଏଥିପୂର୍ବରୁ ଭଦ୍ରକ ଟାଉନ ପୋଲିସ ବନ୍ତଛକ ପୋଲ ତଳେ ପ୍ରାୟ ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଥିଲା। ଲକ୍‌ଡାଉନ ସମୟରେ ନିଶା ମାଫିଆ ମାନେ ଚଢ଼ାଦରରେ ବିକ୍ରି କରିବା ପାଇଁ ବାଲେଶ୍ୱର ଅଞ୍ଚଳରୁ ଭଦ୍ରକକୁ ଚାଲାଣ କରୁଛନ୍ତି ।

## ଲକ୍‌ଡାଉନ ପରବର୍ତ୍ତୀ ପ୍ରଶାସନିକ ପ୍ରସ୍ତୁତି

ଛତ୍ରପୁର,୧୫।୪(ଡି.ଏନ୍.ଏ.)

- ବାହାର ରାଜ୍ୟ ଫେରନ୍ତାଙ୍କୁ ୨୧ ଦିନିଆ କ୍ୱାରାଣ୍ଟାଇନରେ ରଖାଯିବ
- ଯାଞ୍ଚ ଗେଟ୍‌ରେ ପୋଲିସ ସହ ସରକାରୀ କର୍ମଚାରୀ ରହିବେ
- ଉପଜିଲାପାଳ ପ୍ରଦାନ କରିବେ ପାସ୍

ବର୍ଦ୍ଧିତ ଲକ୍‌ଡାଉନ ମେ'୩ରେ ସରିବା ପରେ ବାହାର ରାଜ୍ୟରେ ଥିବା ଗଞ୍ଜାମ ଜିଲାର ଲୋକେ ଘରକୁ ଫେରିବା ସମ୍ଭାବନା ରହିଛି। ଏଥିପାଇଁ ସାମଗ୍ରୀକ ପ୍ରସ୍ତୁତିକୁ ଠିକ ଭାବେ ପରିଚାଳନା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମସ୍ତରରେ ଏବଂ ସହରାଞ୍ଚଳରେ ସମସ୍ତ ସ୍କୁଲ ଘର, ଅନ୍ୟାନ୍ୟ ସରକାରୀ ଘର, ବାତ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ପ୍ରଭୃତି ପ୍ରସ୍ତୁତ କରି ସେମାନଙ୍କୁ ରଖାଯିବ। ସମସ୍ତଙ୍କ ପାଇଁ ଡାକ୍ତରୀ ପରୀକ୍ଷା ସହ ୨୧ ଦିନିଆ କ୍ୱାରାଣ୍ଟାଇନରେ ରଖାଯିବ।

ଯେଉଁ କର୍ମଚାରୀ ଭୁବନେଶ୍ୱର ଯାଇ ଫେରିବେ ସେମାନେ ମଧ୍ୟ ୨୧ ଦିନିଆ କ୍ୱାରାଣ୍ଟାଇନରେ ରହିବେ। ଅଧିକାରୀ ଏହା ସୁନିଶ୍ଚିତ ନ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଜିଲାର ବିଭିନ୍ନ ଯାଞ୍ଚ ଗେଟରେ ପୋଲିସ ସହିତ ସରକାରୀ କର୍ମଚାରୀ ରହିବେ। ଡାକ୍ତରୀ ପରାମର୍ଶ ପାଇଁ ଜିଲା ବାହାରକୁ ଯିବାର ଥିଲେ ଉପଜିଲାପାଳ ପାସ୍ ପ୍ରଦାନ କରିପାରିବେ।

ସାମାଜିକ ଦୂରତା ଅବଲମ୍ବନ କରି ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟ ଆଗେଇ ନେବାକୁ ଜିଲାପାଳ କହିଛନ୍ତି। ବିଭିନ୍ନ ପେନ୍‌ସନ ଓ ଭତ୍ତା ନିର୍ଦ୍ଦିଷ୍ଟ ବ୍ୟକ୍ତି ବ୍ୟତୀତ ଅନ୍ୟ କୌଣସି ପରିବାର ସଦସ୍ୟଙ୍କୁ ଦିଆଯିବନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଘାଟକୁ ଆସି ଭତ୍ତା, ରାଶନ ନେଲେ ହିତାଧିକାରୀ


ଅଧିକାରୀମାନେ ବୋର୍ଟରେ ବାଘଲଟି ଡ୍ୟାମ ପାର ହୋଇ ଭତ୍ତା ଦେବାକୁ ଯାଉଛନ୍ତି ।

ପାତ୍ରପୁର,୧୫।୪(ଡି.ଏନ୍.ଏ.):

ଅଗ୍ନିଶମ ବାହିନୀର ବୋର୍ଟ ଦ୍ୱାରା ବାଘଲଟି ଡ୍ୟାମ ପାର୍ ହୋଇ ପ୍ରଶାସନିକ ଅଧିକାରୀମାନେ ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତର କେତେକ ହିତାଧିକାରୀଙ୍କୁ ଭତ୍ତା ଓ ରାଶନ ସାମଗ୍ରୀ ବାଣ୍ଟିଛନ୍ତି। ଏଲଗଲ, ଧାନବାଡ଼, ଟିଟିରିସିଙ୍ଗି ଗ୍ରାମର ଆଦିବାସୀଙ୍କୁ ଘାଟ ନିକଟକୁ ଡକାଇ ଅଧିକାରୀମାନେ ୩ ମାସର ଚାଉଳ, ଗହମ ଓ କାର୍ଡ଼ଧାରୀଙ୍କୁ ଏକ ହଜାର ଟଙ୍କା, ବୃଦ୍ଧା, ବୃଦ୍ଧ ଓ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରିଥିଲେ। ଏଥିସହ କରୋନା ଭୂତାଣୁରୁ କିଭଳି ରକ୍ଷା ପାଇହେବ ସେ ନେଇ ସଚେତନ କରାଇଥିଲେ। ବିଡିଓ ପ୍ରକାଶ ଚନ୍ଦ୍ର ଦାସ, ବିଇଓ କୋରେସୁ ସେଠୀ, ଯୋଗାଣ ଅଧିକାରୀ ପଦ୍ମେଶ ଶତପଥୀ, ଜିଆରଏସ ସୁରେନ୍ଦ୍ର ବେହେରା, ପିଇଓ ମୀନକେତନ ବେହେରା ଅଗ୍ନିଶମ ବାହିନୀ ବୋର୍ଟରେ ଜଳଭଣ୍ଡାରରେ ପ୍ରାୟ ୯ କି.ମି. ଯାଇ ଘାଟ ନିକଟରେ ପହଞ୍ଚିଥିଲେ।

## ଘରୋଇ ହିଂସା, ଅଭିଯୁକ୍ତ ଗିରଫ

ଆସିକା,୧୫।୪(ଡି.ଏନ୍.ଏ.)

ଆସିକା ଥାନା ଖଣ୍ଡବନ୍ଧ ଗ୍ରାମରେ ଏକ ଘରୋଇ ହିଂସା ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେ ହେଲେ ଉକ୍ତ ଗ୍ରାମର ପ୍ରଦୀପ କୁମାର ନାୟକ। ନଂ.୨୧୫/୨୦ରେ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି । ମଙ୍ଗଳବାର ପ୍ରଦୀପ ତାଙ୍କ ସ୍ତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମାଡ ମାରିଥିବା ନେଇ ମହିଳା ଜଣକ ଆସିକା ଥାନାକୁ ଟେଲିଫୋନ ମାଧ୍ୟମରେ ଜଣାଇଥିଲେ ।

## ବ୍ରହ୍ମପୁର

### କରୋନା ତଦାରଖ କାର୍ଯ୍ୟରେ ନିୟୋଜିତ ହେଲେ ୬୨ ଶିକ୍ଷକ

ଜି.ଉଦୟଗିରି,୧୫।୪ (ଡି.ଏନ୍.ଏ.)

ଜି.ଉଦୟଗିରି ବ୍ଲକରେ କରୋନା ନିୟନ୍ତ୍ରଣ ତଦାରଖ କାର୍ଯ୍ୟରେ ୬୨ ଶିକ୍ଷକଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ନିୟୋଜିତ କରାଯାଇଥିବା ବିଡିଓ ଶାନ୍ତନୁ କୁମାର ନାୟକ କହିଛନ୍ତି। ୪୨ ଜଣ ଶିକ୍ଷକଙ୍କୁ ଶ୍ରମିକ ମାନଙ୍କୁ ୧୫୦୦ ଟଙ୍କା ଭତ୍ତା ବାଣ୍ଟିବା କାର୍ଯ୍ୟରେ ନିୟୋଜିତ କରାଯାଇଥିବାବେଳେ ୨୦ ଜଣଙ୍କୁ ହୋମ୍ ଆଇସୋଲେଶନରେ ଥିବା ଲୋକଙ୍କ ନିୟମିତ ତଥ୍ୟ ସଂଗ୍ରହ ଓ ଯାଞ୍ଚ କାର୍ଯ୍ୟରେ ନିୟୋଜିତ କରାଯାଇଛି। ସେହିପରି ବାହାର ଜିଲାରୁ ଚାଲିଚାଲି ଜି.ଉଦୟଗିରି ଦେଇ ଅନ୍ୟଏକ ଜିଲାକୁ ଫେରୁଥିବା ୧୮ ଦାଦନ ଶ୍ରମିକଙ୍କୁ ଗୋଟିଏ ଦିନ ପୃଥକୀକରଣ କେନ୍ଦ୍ରରେ ରଖାଯାଇ ପରଦିନ ଏସ୍‌ଡିପିଓ ଜୟକୃଷ୍ଣ ବେହେରା ଓ ବିଡିଓ ଶାନ୍ତନୁ କୁମାର ନାୟକଙ୍କ ଉଦ୍ୟମରେ ଦୁଇଟି ଗାଡିଯୋଗେ ଛଡ଼ାଯାଇଥିବା ବିଡିଓ କହିଛନ୍ତି। ମଙ୍ଗଳବାର ଜି.ଉଦୟଗିରି ପୋଲିସ ଆଇଆଇସି ଧୀରେଜ କୁମାର ଲେଙ୍କା ସଦଳବଳ ଚଢାଉ କରି ବିଭିନ୍ନ ମଦଭାଟି ଭାଙ୍ଗିଛନ୍ତି।

## ଦଶମ ଶ୍ରେଣୀ ପାଠ୍ୟପୁସ୍ତକ ପରିବର୍ତ୍ତନକୁ ବିରୋଧ

ବ୍ରହ୍ମପୁର ଅଫିସ,୧୫।୪

**ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଏସ୍‌ଓର ଦାବିପତ୍ର**

ଆସନ୍ତା ଶିକ୍ଷାବର୍ଷରେ ୧୦ମ ଶ୍ରେଣୀ ପାଠ୍ୟପୁସ୍ତକ ପରିବର୍ତ୍ତନ ନେଇ ରାଜ୍ୟ ସରକାରଙ୍କ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହାକୁ ପ୍ରତ୍ୟାହାର କରିବାକୁ ଅଲ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ଦାବି କରାଯାଇଛି । ଏନେଇ ବୁଧବାର ଡିଏସଓ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଇ-ମେଲ ଯୋଗେ ଦାବିପତ୍ର ପ୍ରଦାନ କରାଯାଇଛି । କରୋନା ସଂକ୍ରମଣକୁ ପ୍ରତିହତ କରିବା ନେଇ ଜାରି କରାଯାଇଥିବା ଲକ୍‌ଡାଉନ୍ ଫଳରେ ସମସ୍ତ ଶିକ୍ଷାନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ ବନ୍ଦ ରହିଛି। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଉପର ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନିକଟରୁ ପୁରୁଣା ବହି ସଂଗ୍ରହ କରି ପଢୁଛନ୍ତି । ବିଶେଷ କରି ଦାରିଦ୍ର ସୀମାରେଖା ତଳେ ଥିବା ଛାତ୍ରୀଛାତ୍ରମାନେ ଏହି ଉପାୟ ଅବଲମ୍ବନ କରି ଅଧ୍ୟୟନ କରୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦଶମ ଶ୍ରେଣୀ ପାଠ୍ୟପୁସ୍ତକରେ ପରିବର୍ତ୍ତନ ନିଷ୍ପତ୍ତି ବିଦ୍ୟାର୍ଥୀଙ୍କୁ ସମସ୍ୟାରେ ପକାଇବ ବୋଲି ଡିଏସ୍‌ଓ ପକ୍ଷରୁ କୁହାଯାଇଛି । ରାଜ୍ୟ ସରକାର ଦଶମ ଶ୍ରେଣୀ ପାଠ୍ୟପୁସ୍ତକ ପରିବର୍ତ୍ତନ ନିଷ୍ପତ୍ତିକୁ ପ୍ରତ୍ୟାହୃତ କରିବା ସହ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାଗଣା ପୁସ୍ତକ ପ୍ରଦାନ ଓ ଶିକ୍ଷାରେ ସମସ୍ତସ୍ତରର ଫି ଛାଡ କରିବାକୁ ଡିଏସ୍‌ଓ ଦାବି କରିଛି । ସଂଗଠନ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସୁବାସ ନାୟକ, ଗଞ୍ଜାମ ଜିଲା ସଭାପତି ଶିବାନୀ ଶଙ୍କର ମିଶ୍ର ଓ ସମ୍ପାଦକ ନିମାଇଁ ଚରଣ ସ୍ୱାଇଁ ପ୍ରମୁଖ ଗଣଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଇଥିବା ଜଣାପଡ଼ିଛି ।

## ବ୍ୟାଙ୍କ ସମ୍ମୁଖରେ ଭିଡ଼, ଘଉଡ଼ାଇଲା ପୋଲିସ

ଦାରିଙ୍ଗବାଡ଼ି,୧୫।୪(ଡି.ଏନ୍.ଏ.)

ଲକ୍‌ଡାଉନ ଅବଧି ମେ' ୩ ପର୍ଯ୍ୟନ୍ତ ବୃଦ୍ଧି ପାଇବା ପରେ ବୁଧବାର ବିଭିନ୍ନ ବ୍ୟାଙ୍କ ସମ୍ମୁଖରେ ଗ୍ରାହକଙ୍କ ବେଶ୍ ଭିଡ ଜମିଥିଲା। ବିଭିନ୍ନ ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଛି। ପୂର୍ବାହ୍ନ ୧୦ଟାରେ ବ୍ୟାଙ୍କ ଖୋଲୁଥିବାବେଳେ ସକାଳ ୭ରୁ ଲୋକେ ଆସି ପହଞ୍ଚି ଯାଉଛନ୍ତି। ସେଠାରେ ସାମାଜିକ ଦୂରତା ରହୁ ନ ଥିବାବେଳେ ସେମାନେ ସ୍ଥାନୀୟ ବଜାରରେ ମଧ୍ୟ ଅଯଥା ବୁଲି ଭିଡ କରୁଛନ୍ତି। ବୁଧବାର ସକାଳ ୮ଟାରେ ସିମନବାଡ଼ି ବ୍ୟାଙ୍କରେ ଭିଡ ଜମିବାରୁ ପୋଲିସ ଲାଠିଧରି ଘଉଡାଇଥିଲା। ସେହିପରି ରାଶନ ଓ ପନିପରିବା ଦୋକାନରେ କିଣିବା ବାହାନାରେ ଲୋକେ ଭିଡ ଜମାଉଥିବାରୁ ପୋଲିସ ଏନେଇ କଠୋର ହୋଇଛି। ସେପଟେ ବହୁତ କମ୍ ସମୟ ବ୍ୟାଙ୍କରେ ନେଣଦେଣ କରାଯାଉଥିବାରୁ ସକାଳ ୮ଟାରୁ ଖୋଲିବା ପାଇଁ ହିତାଧିକାରୀମାନେ ଦାବି କରିଛନ୍ତି।

## ଡାକ, ପୂର୍ତ୍ତ ବିଭାଗ କର୍ମଚାରୀ ଦେଲେ ୩ ଲକ୍ଷ

ଭଞ୍ଜନଗର,୧୫।୪(ଡି.ଏନ୍.ଏ.)

ଭଞ୍ଜନଗର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ ଅଧିକାଂଶ କର୍ମଚାରୀ ଦିନକର ଦରମା ବାବଦକୁ ୧ଲକ୍ଷ ୧୬ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ବୁଧବାର ଦାନ କରିଛନ୍ତି। ସେହିଭଳି ଭଞ୍ଜନଗର ମୁଖ୍ୟ ଡାକଘର କର୍ମଚାରୀମାନେ ମଧ୍ୟ ଦିନକର ଦରମା ବାବଦକୁ ୧ ଲକ୍ଷ ୯୮ ହଜାର ୯୫୦ ଟଙ୍କା ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡକୁ ବୁଧବାର ଅନ୍‌ଲାଇନରେ ପ୍ରଦାନ କରିଛନ୍ତି। ଡାକ କର୍ମଚାରୀମାନଙ୍କ ଏହିଭଳି ପଦକ୍ଷେପକୁ ଗ୍ରାମୀଣ ଡାକ କର୍ମଚାରୀ ମହାସଂଘର ପୂର୍ବତନ ରାଜ୍ୟ ସଭାପତି ହରେକୃଷ୍ଣ ସାହୁ ପ୍ରଶଂସା କରିଛନ୍ତି।

## ବୁଗୁଡ଼ାରେ ମାନୁନାହାନ୍ତି ସାମାଜିକ ଦୂରତ୍ୱ

ବୁଗୁଡ଼ା,୧୫।୪(ଡି.ଏନ.ଏ.)

କରୋନାରୁ ରକ୍ଷା ପାଇବା ପାଇଁ ରାଜ୍ୟ ସରକାର ତଥା ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦୋକାନ ବଜାରଗୁଡିକରେ ଭିଡ଼ ନ ଜମାଇ ସାମାଜିକ ଦୂରତ୍ୱକୁ ମାନି ଚଳିବାକୁ ନିର୍ଦ୍ଦେଶ ରହିଛି। ଲୋକଙ୍କୁ ସଚେତନ କରାଯାଉଥିଲେ ମଧ୍ୟ ତାହା ବୁଗୁଡ଼ାରେ କାର୍ଯ୍ୟକାରୀ କରାଯାଉନାହିଁ, କେବଳ ନିୟମରେ ରହିଯାଉଛି। ଦୋକାନ ବଜାର ସକାଳ ୭ରୁ ୧୨ଟା ପର୍ଯ୍ୟନ୍ତ ଖୋଲାଯିବାକୁ ନିର୍ଦ୍ଦେଶ ଅଛି। କିନ୍ତୁ ଏଥିପାଇଁ ଗ୍ରାହକମାନେ କିରାନା, ଫଳ ଓ ମାଛ ମାଂସ ବଜାର ଆଗରେ ସାମାଜିକ ଦୂରତ୍ୱକୁ ବେଖାତିର କରି ଭିଡ଼ ଜମାଉଛନ୍ତି। ତୁରନ୍ତ ନିୟମ କଡାକଡି କରିବାକୁ ସାଧାରଣରେ ଦାବି ହେଉଛି।


ଦୋକାନ, ବଜାରରେ ଭିଡ଼।

## କ୍ୱାରାଣ୍ଟାଇନ୍‌ରେ ରହି ଗଣ୍ଡଗୋଳ, ମାମଲା ରୁଜୁ

ଆସିକା,୧୫।୪(ଡ଼ି.ଏନ.ଏ.):

ଆସିକା ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ଜଣେ ବ୍ୟକ୍ତି ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ ମଧ୍ୟ କୌଣସି ଏକ କଥାକୁ ନେଇ ଗ୍ରାମବାସୀଙ୍କ ସହ ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଛି। କୋଭିଡ୍-୧୯ ନିୟମ ଉଲ୍ଲଂଘନ କରିଥିବାରୁ ତାଙ୍କ ବିରୋଧରେ ଆସିକା ଥାନାରେ ନଂ.୨୧୬/୨୦ରେ ଏକ ମାମଲା ରୁଜୁ କରାଯାଇଛି। ବ୍ୟକ୍ତି ଜଣକ ଗ୍ରାମରେ ଝଗଡା କରୁଥିବା ସମ୍ପର୍କରେ ଜୟପୁର ସରପଞ୍ଚ ସଞ୍ଜୟ କୁମାର ଜେନା ଆସିକା ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ତହସିଲଦାରଙ୍କ ଜରିଆରେ ଏ ନେଇ ଅଭିଯୋଗ ପହଞ୍ଚିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ମାସ୍କ ନ ପିନ୍ଧି ଧରାପଡ଼ିଲେ ୬୧

ପାଟପୁର,୧୫।୪

ବିନା ମାସ୍କରେ ବାହାରେ ବୁଲିଲେ ଜରିମାନା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଗଞ୍ଜାମ ଜିଲାରେ ଏହାକୁ କଡାକଡି କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ସାନଖେମୁଣ୍ଡି ଅଞ୍ଚଳରେ ବିନା ମାସ୍କରେ ବୁଲୁଥିବା ୪୮ ଜଣଙ୍କଠାରୁ ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକ ୨୦୦ ଟଙ୍କା ଲେଖାଏ ମୋଟ ୯୬୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ମଙ୍ଗଳବାର ମଧ୍ୟ ୧୩ ଜଣଙ୍କ ଠାରୁ ୫୦୦ ଟଙ୍କା ଲେଖାଏ ମୋଟ ୬୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

## ମଦ ଜବତ, ୪ ଗିରଫ

ଆଠମଲ୍ଲିକ, ୧୫।୪(ଡି.ଏନ.ଏ.): ଆଠମଲ୍ଲିକ ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୮୦ ଲିଟର ଚୋରା ମହୁଲି ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୪ ଜଣ ଡିଗପଦର ଗ୍ରାମର ହୃଷୀକେଶ ସାହୁ, ଶରଧାପୁରର ଅଲେଖ ନାଏକ, ଲାଉପାଲର ଗୋବିନ୍ଦ କାନ୍ଧିଆ ଏବଂ ମୋଚିସାହିର ଲକ୍ଷ୍ମୀ ମେହେରଙ୍କୁ ଗିରଫ କରାଯାଇଛି। ଅବକାରୀ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ରମାକାନ୍ତ ଚନ୍ଦ, ଆରକ୍ଷୀ ହରିହର ପରିଡା, ଶମ୍ଭୁ ପ୍ରସାଦ ନାୟକ, ସଂଯୁକ୍ତା ସାହୁ, ମନୋଜ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ସଂକ୍ଷେପରେ

## ବନବିଭାଗ ଦାନକଲା ୧ ଲକ୍ଷ



ଆଠମଲ୍ଲିକ, ୧୫।୪(ଡି.ଏନ.ଏ.): କରୋନା ମୁକାବିଲା ପାଇଁ ଆଠମଲ୍ଲିକ ବନବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଡିଏଫ୍ଓ ସମ୍ୟକ ସାମନ୍ତରା ସୂଚନା ଦେଇଛନ୍ତି। ଡିଏଫ୍ଓ, ଏସିଏଫ୍, ଫରେଷ୍ଟର ଓ ଗାର୍ଡମାନେ ଅର୍ଥ ଆଦାୟ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି।

## ୬ ବଖରା ଜଳିଗଲା

କଣିହାଁ, ୧୫।୪(ଡି.ଏନ.ଏ.): କଣିହାଁ ବ୍ଲକ ଦଲକ ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ଚନ୍ଦ୍ରମଣି ଗଡନାୟକ ଓ ଭୋଳା ଗଡନାୟକଙ୍କ ୬ ବଖରା ସହ ଗୁହାଳ ଜଳିଯାଇଛି। କଣିହାଁ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଗ୍ନିଶମ ଅଧିକାରୀ ରୋହିତ ବେହେରା କହିଛନ୍ତି। ତହସିଲଦାର ରବୀନ୍ଦ୍ର ସାମଲ, ବିଡିଓ ରମେଶ କୁମାର ଅଗ୍ନିବିପନ୍ନଙ୍କୁ ପଲିଥିନ ଓ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ବିଜେଡି ଯୁବନେତା ଜୟନ୍ତ କୁମାର ପ୍ରଧାନ ଦାବି କରିଛନ୍ତି।

## ଟ୍ରକ୍ ଧକ୍କାରେ ଯୁବକ ମୃତ

ବଆଁରପାଳ, ୧୫।୪(ଡି.ଏନ.ଏ.): ନାଲ୍କୋ ଥାନା ପରିବା ମାର୍କେଟ ସମ୍ମୁଖରେ ବୁଧବାର ଟ୍ରକ୍ ଧକ୍କାରେ ମନୋରଞ୍ଜନ ନାୟକ (୨୬)ଙ୍କ ମୃତ୍ୟୁ ଘଟିଛି। ସେ ସ୍କୁଟିରେ ନାଲ୍କୋ ଆଡକୁ ଯାଉଥିବା ସମୟରେ ପଛରୁ ଆସୁଥିବା ଟ୍ରକ୍ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ତଦନ୍ତ ଚଳାଇଛି।

## ସଚେତନ କଲେ ବିଧାୟକ

ପାଲଲହଡ଼ା,୧୫।୪(ଡି.ଏନ.ଏ.): ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଚଷାଗୁରୁଜାଙ୍ଗ ଓ ବାଲିପଶି ପଞ୍ଚାୟତର ବିଭିନ୍ନ ଗାଁରେ ଖୋଲାଯାଇଥିବା ଅସ୍ଥାୟୀ ମେଡିକାଲ କ୍ୟାମ୍ପ ପରିଦର୍ଶନ ସହ ଲୋକଙ୍କୁ ସଚେତନ କରାଇଛନ୍ତି। ସେହିପରି ଚଷାଗୁରୁଜାଙ୍ଗ, ଶୁଶବ, ଉଦୟପୁର, ପିତ୍ରପୁର, ବାଲିପଶି ପଞ୍ଚାୟତ ସହ ଫପଣ୍ଡ ଆଦି ଗ୍ରାମର ଲୋକଙ୍କୁ ମାସ୍କ ବାଣ୍ଟିଛନ୍ତି। ଜରୁରୀ କାମ ନ ଥିଲେ କେହି ଘରୁ ନ ବାହାରିବାକୁ ବିଧାୟକ ପରାମର୍ଶ ଦେଇଥିଲେ।

## ଟଙ୍କା ଉଠାଣରେ ସମସ୍ୟା

ବଇଣ୍ଡା, ୧୫।୪(ଡି.ଏନ.ଏ.): କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ବ୍ୟାଙ୍କକୁ ଯାଉଥିବା ଲୋକେ ଟଙ୍କା ଉଠାଣରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି କମ୍ ଟଙ୍କା ଉଠାଣକୁ ବ୍ୟାଙ୍କ ଅନୁମତି ନ ଦେଇ ଏଟିଏମ୍‌କୁ ପଠାଇ ଦେଉଥିବାରୁ ଏଟିଏମ୍ ଆଗରେ ସାମାଜିକ ଦୂରତା ରହିପାରୁ ନାହିଁ। ସେହିପରି ଗ୍ରାହକ ସେବାକେନ୍ଦ୍ରରେ ଟଙ୍କା ଉଠାଣ ପାଇଁ ଲୋକେ ଘଣ୍ଟାଘଣ୍ଟା ଧରି ଖରାରେ ଠିଆ ହେଉଥିବାରୁ ଅସନ୍ତୋଷ ଦେଖାଦେଇଛି।

## ସଙ୍ଗୀତ ଶିକ୍ଷକଙ୍କ ପରଲୋକ



ଢେଙ୍କାନାଳ ଅଫିସ, ୧୫।୪: ନାଟ୍ୟ ଅନୁଷ୍ଠାନ 'କଳାପରିଷଦ'ର ସଙ୍ଗୀତ ଶିକ୍ଷକ ପ୍ରଶାନ୍ତ ମହାନ୍ତି (୬୯)ଙ୍କ ମଙ୍ଗଳବାର ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ସେ ହୃଦ୍‌ରୋଗରେ ପୀଡିତ ଥିଲେ। ବୁଧବାର ମରଶରୀର ମିନାବଜାରସ୍ଥିତ ବାସଭବନରେ ପହଞ୍ଚିବା ପରେ ଅନୁଷ୍ଠାନର ସଭାପତି ଦିଲେଶ୍ୱର ମହାରଣା, ଇନ୍ଦ୍ରମଣି ବେହେରା, ଶତ୍ରୁଘ୍ନ ମାଟି, ଜୟନ୍ତ ବର୍ମା ପ୍ରମୁଖ ପହଞ୍ଚି ଶେଷଦର୍ଶନ କରିଥିଲେ। ପ୍ରଶାନ୍ତ ନାଲ୍‌କୋରୁ ଅବସର ଗ୍ରହଣ କରିବା ପରେ ସଙ୍ଗୀତକୁ ପେସା କରିଥିଲେ। ସେ ଅନେକ ନାଟକରେ ଶ୍ରେଷ୍ଠ ଯନ୍ତ୍ରଶିଳ୍ପୀ ଭାବେ ପୁରସ୍କୃତ ହୋଇଛନ୍ତି। ସୁଆଗୀ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

# ଭୂତ ବେଶରେ ସଚେତନତା

ପାଲଲହଡ଼ା, ୧୫।୪(ଡି.ଏନ.ଏ.)

ମହାମାରୀ କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଅଭିନବ ଉପାୟ ବାଛିଛନ୍ତି ପାଲଲହଡ଼ା ଅଞ୍ଚଳର ସ୍ୱେଚ୍ଛାସେବୀ ଦିଲୀପ କୁମାର ପ୍ରଧାନ। ଭୂତ ଭଳି ବେଶ ହୋଇ ସାଇକେଲରେ ବୁଲି କରୋନା କେତେ ଭୟଙ୍କର ତାହା ଲୋକଙ୍କୁ ବୁଝାଉଛନ୍ତି। ବିଶେଷକରି ଘରୁ ବାହାରକୁ ନ ବାହାରିବା, ବାରମ୍ବାର ହାତ ସାବୁନରେ ଧୋଇବା, ସନ୍ତୁଳିତ ଖାଦ୍ୟ ଖାଇବା, ଜରୁରୀ କାମ ଥିଲେ ମାସ୍କ ପିନ୍ଧି ଯିବା, ସାମାଜିକଦୂରତା ବଜାୟ ରଖିବା ଆଦି ସମ୍ପର୍କରେ ସେ ଲୋକଙ୍କୁ ପରାମର୍ଶ ଦେଉଛନ୍ତି। ହାତରେ ସଚେତନତାର ଏକ ପ୍ଲାକାର୍ଡ ଧରି ପାଲଲହଡ଼ା ବଜାର ସହ ସାହିଗୁଡିକରେ ବୁଲି ଲକ୍‌ଡାଉନ୍ କଟକଣା ମାନିବାକୁ ସେ ସମସ୍ତଙ୍କୁ ଅନୁରୋଧ କରୁଛନ୍ତି। ଯୁବ ସ୍ୱେଚ୍ଛାସେବୀ ଦିଲୀପଙ୍କ ଏହି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଭୂତ ବେଶରେ ଦିଲୀପ ସାଇକେଲରେ ବୁଲି ସଚେତନ କରୁଛନ୍ତି।

# ଫୋନ୍‌ରେ କରିହେବ ପାରିବାରିକ ହିଂସା ଅଭିଯୋଗ

ଅନୁଗୋଳ ଅଫିସ, ୧୫।୪

ଲକ୍‌ଡାଉନ୍ ସମୟରେ ଅନୁଗୋଳ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ପାରିବାରିକ ହିଂସା ଘଟୁଥିଲେ ବି କରୋନା ଭୟରେ ଲୋକେ ଅଭିଯୋଗ କରିବାକୁ ଆସୁନାହାନ୍ତି। ତେଣୁ ପୋଲିସ ଡିଜିଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଜିଲାରେ ଥିବା ୨୨ଟି ଥାନାର ଅଧିକାରୀ ଓ ଥାନାର ଲ୍ୟାଣ୍ଡ ଲାଇନ୍ ନମ୍ବର ଜନସାଧାରଣଙ୍କ ଅବଗତ ନିମନ୍ତେ ଜାରି କରିଛନ୍ତି। ଉକ୍ତ ନମ୍ବରରେ ଫୋନ କରି ପାରିବାରିକ ହିଂସାର ଶିକାର ହୋଇଥିବା ଲୋକେ ସିଧାସଳଖ ଅଭିଯୋଗ କରିପାରିବେ। ଆବଶ୍ୟକସ୍ଥଳେ ସେମାନେ ୧୦୦ ନମ୍ବରକୁ ମଧ୍ୟ ଫୋନ କରି ପୋଲିସକୁ ଅବଗତ କରିପାରିବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଫୋନରେ ଅଭିଯୋଗ ମିଳିବା ମାତ୍ରେ ପୋଲିସର ଏକ ଟିମ୍ ଘଟଣାର ଅନୁଧ୍ୟାନ କରିବାକୁ ଅଭିଯୋଗକାରୀଙ୍କ ଘରକୁ ଯିବା ସହ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଏସ୍‌ପି ମୀନା ପ୍ରକାଶ କରିଛନ୍ତି।

# ୧୨୪ ଜଣଙ୍କୁ ଥଣ୍ଡା, କାଶ, ଜ୍ୱର

ଢେଙ୍କାନାଳ ଅଫିସ, ୧୫।୪

ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚପରେ ଢେଙ୍କାନାଳ ସହରର ୧୨୪ ଜଣଙ୍କ ନିକଟରେ ଥଣ୍ଡା, କାଶ, ଜ୍ୱର ଲକ୍ଷଣ ଦେଖାଯାଇଛି। ଡାକ୍ତରୀ ଦଳ ପରୀକ୍ଷା କରିବା ପରେ ଆବଶ୍ୟକ ହେଲେ ପରୀକ୍ଷା ପାଇଁ ସେମାନଙ୍କ ସ୍ୱାବ ସଂଗ୍ରହ କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ସହରର ଜଣେ ମହିଳା କରୋନା ଆକ୍ରାନ୍ତ ହେବାପରେ ୧୨,୧୨୪ ପରିବାରର ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଛି। ରୋଗୀ ଚିହ୍ନଟ ହୋଇଥିବା ମିନାବଜାର ଅଞ୍ଚଳକୁ ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଏପ୍ରିଲ ୨୦ ଯାଏ ଶଟ୍‌ଡାଉନ୍ ନିୟମ କଡ଼ାକଡ଼ି କରାଯିବ। ମଙ୍ଗଳବାର ସୁଦ୍ଧା ୧୪ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଛି । ସେଥିରୁ ୮ଟିର ରିପୋର୍ଟ ନେଗେଟିଭ୍ ଆସିଛି। ଜିଲାରେ କରୋନା ଭୂତାଣୁର ମୂଳୋତ୍ପାଟନ ପାଇଁ ଜିଲାବାସୀ ସହଯୋଗ କରିବାକୁ ଜିଲାପାଳ ନିବେଦନ କରିଛନ୍ତି।

# ସାମାଜିକ ଦୂରତା ନିୟମକୁ ଫୁଁ'



ଭୁବନ, ୧୫।୪(ଡି.ଏନ.ଏ.)

ବ୍ୟାପକ ସଚେତନତା ଓ ବାରମ୍ବାର ତାଗିଦ୍ ସତ୍ତ୍ୱେ ସାମାଜିକ ଦୂରତା ନିୟମକୁ ମାନୁନାହାନ୍ତି ସାଧାରଣ ଲୋକେ। ହାଟ ବଜାରରେ ଅସମ୍ଭାଳ ଭିଡ଼ ହେଉଛି। ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଭୁବନ ଏନ୍‌ଏସି କର୍ତ୍ତୃପକ୍ଷ ଏବଂ ପୋଲିସ। ଏହାର ସମାଧାନ ନିମନ୍ତେ ଗୁରୁବାରଠାରୁ ନୂଆବଜାର ପରିବା ମାର୍କେଟ ଏନ୍‌ଏସି କାର୍ଯ୍ୟାଳୟ ନିକଟ ଯାତ୍ରା ପଡ଼ିଆକୁ ସ୍ଥାନାନ୍ତର କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ସୂଚନା ଦେଇଛନ୍ତି। ସରକାରୀ ନିୟମ ଅନୁଯାୟୀ, ଏନ୍‌ଏସିରେ ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ଯାଏ ଅତ୍ୟାବଶ୍ୟକ ସାମଗ୍ରୀ, ପରିବା ଦୋକାନ ଖୋଲାରହିବ। ନୂଆ ବଜାରରେ ୧୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ବ୍ୟବସାୟ କରୁଛନ୍ତି। ହେଲେ ଦୋକାନ ଖୋଲିଲେ କେହି କାହାରିକୁ ମାନୁନାହାନ୍ତି। ଏହା କରୋନା ସଂକ୍ରମଣର ଭୟକୁ ବଢ଼ାଇ ଦେଇଛି। ଏ ନେଇ ଜଗନ୍ନାଥ ଚାରିଟେବୁଲ ସଂସ୍ଥାର କର୍ମକର୍ତ୍ତାମାନେ ତହସିଲଦାର ଶକ୍ତିକାନ୍ତ ରାୟ, ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ, ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଣିକି ନିୟମ ଉଲ୍ଲଂଘନକାରୀଙ୍କ ଉପରେ ପୋଲିସ କଠୋର ହେବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ୬ ଶିକାରୀ ଗିରଫ

ଆଠମଲ୍ଲିକ/ ବନ୍ତଲା, ୧୫।୪(ଡି.ଏନ.ଏ.)

ଆଠମଲ୍ଲିକ ବନବିଭାଗ କୁଟୁରା ମାଂସ ଜବତ ସହ ଦୁଧିଆନାଳୀ ଗ୍ରାମର ନରେନ୍ଦ୍ର ମୁଣ୍ଡା ଓ ଖମ୍ବେଶ୍ୱରପାଲି ଗ୍ରାମର ଭଦ୍ର ଦେହୁରୀ(୫୫)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, କିଛି ଅଫୁଟା ଗୁଳି ଓ ଛୁରି ଜବତ କରାଯାଇଛି। ତଲେଇପଥର ସଂରକ୍ଷିତ ଜଙ୍ଗଲର ୧୯ ନମ୍ବର କମ୍ପାର୍ଟମେଣ୍ଟରେ ଶିକାର ପରେ ଅଭିଯୁକ୍ତମାନେ ମାଂସ ଧରି ଫେରୁଥିବା ବେଳେ ଡିଏଫଓ ସମ୍ୟକ୍ ସାମନ୍ତରାଙ୍କ ନିର୍ଦ୍ଦେଶ କ୍ରମେ ବନବିଭାଗ କର୍ମଚାରୀମାନେ ଚଢ଼ାଉ କରିଥିଲେ। ରେଞ୍ଜ ଅଫିସର କୈଳାସଚନ୍ଦ୍ର ସାହୁ, ଫରେଷ୍ଟର ଶୁଭେନ୍ଦୁ କୁମାର ପ୍ରଧାନ, ସତ୍ୟବାନ ମାହାର, ବିଦ୍ୟାଧର ପ୍ରଧାନ, ପରମେଶ୍ୱର ବେହେରା, ଦିବାକର ପାତ୍ର, ସୁଧାକର ବିଶ୍ୱାଳ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ସେହିପରି ପୁରୁଣାକୋଟ ଥାନା ଟିକରପଡା ବିଟ୍ କମ୍ପାଟମେଣ୍ଟ ନଂ. ୭ ରେ ପଶିଥିବା ଏକ ହରିଣକୁ ପିଟି ପିଟି ମାରିଦେବା ଅଭିଯୋଗରେ ହାତିବାରି ମାଟିଆସାହିର ସଚି ମୁଣ୍ଡା, ସନ୍ତୋଷ ମୁଣ୍ଡା, ଟାଇଁସ ଗ୍ରାମର ମାଧବ ଦୀପ, କରଡ଼ାପଡାର ରଞ୍ଜନ ପ୍ରଧାନ (୩୫)ଙ୍କୁ ଗିରଫ କରାଯାଇଛି। ରେଞ୍ଜର ଜୟନ୍ତ ପଟ୍ଟନାୟକଙ୍କ ସହିତ ଫରେଷ୍ଟର ଅନୀଲ କୁମାର ଓ ବନ କର୍ମଚାରୀ ଚଢ଼ାଉ କରି ଗିରଫ କରିଥିଲେ। ଅନ୍ୟ ତିନି ଜଣ ଫେରାର ଅଛନ୍ତି।

# ସୀମାନ୍ତରେ କଡ଼ା ପହରା

ଭୁବନ, ୧୫।୪(ଡି.ଏନ.ଏ.)

ଯାଜପୁର ଜିଲାରେ ଆଉ ଜଣେ ବ୍ୟକ୍ତି କରୋନା ସଂକ୍ରମିତ ଜଣାପଡ଼ିବା ପରେ ସୀମା ସିଲ୍ କରିଛି ଢେଙ୍କାନାଳ ଜିଲା ପ୍ରଶାସନ। ମଙ୍ଗଳବାର ଅପରାହ୍ନରେ ଏସ୍‌ପି ଅନୁପମା ଜେମ୍‌ସ ଭୁବନ ବ୍ଲକ ଅଧୀନ ଯାଜପୁର-ଢେଙ୍କାନାଳ ଜିଲା ସୀମାନ୍ତ ଅନନ୍ତପୁର, ନୂଆହାଟ, ଅନଳ, ଓଡ଼ିଶ, ବଡ଼କାଠିଆ ଗ୍ରାମ ପରିଦର୍ଶନ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ କଡ଼ା ପହରା ବ୍ୟବସ୍ଥା କରାଯାଇଛି। ଯାଜପୁର ଜିଲାର ଶତାଧିକ ବ୍ୟବସାୟୀ, ସାଧାରଣ ଲୋକ ବିଭିନ୍ନ କାର୍ଯ୍ୟରେ ପ୍ରତିଦିନ ଭୁବନ ଆସିଥାନ୍ତି। ସେମାନଙ୍କ ଦ୍ୱାରା ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ତେଣୁ ସୀମାନ୍ତ ଗ୍ରାମର ଲୋକଙ୍କୁ ଏଥିପ୍ରତି ସତର୍କ ରହିବାକୁ କୁହାଯାଇଛି। କୌଣସି ସନ୍ଦିଗ୍ଧଙ୍କୁ ଦେଖିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ନିବେଦନ କରାଯାଇଛି।

# ୪୦ ଛୁଇଁଲା ପାରଦ, ସକାଳୁଆ ହେଲା ଅଫିସ୍



ଶୂନ୍‌ଶାନ ବାଜିଚୌକ ଅଞ୍ଚଳ।

ଢେଙ୍କାନାଳ ଅଫିସ, ୧୫।୪

ଢେଙ୍କାନାଳ ଜିଲାରେ ଗତ ଦୁଇଦିନ ହେଲା ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ବୁଧବାର ସହରର ତାପମାତ୍ରା ୪୦ ଛୁଇଁଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢ଼େ ୩ଟା ଯାଏ ତାତିର ପ୍ରଭାବ ପରିଲକ୍ଷିତ ହୋଇଛି। ସନ୍ଧ୍ୟାରେ ଗରମ ପବନ ସହରବାସୀଙ୍କୁ ଅତିଷ୍ଠ କରିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାରୀ କାର୍ଯ୍ୟାଳୟ ସକାଳୁଆ ହୋଇଛି। ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ଜନସ୍ୱାସ୍ଥ୍ୟ ବିଭାଗର ପାଇପ ପାଣି ଯୋଗାଣରେ ସମସ୍ୟା ଉପୁଜିଛି। ଏହାକୁ ନେଇ ଜନସାଧାରଣ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। କୁଞ୍ଜକାନ୍ତସ୍ଥିତ ରାଜସ୍ୱ ବିଭାଗ ସମେତ ଅନ୍ୟ ସରକାରୀ କଲୋନୀରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁଇଦିନ ହେଲା ପାଣି ଯୋଗାଣ ବନ୍ଦ ଥିଲା। ସନ୍ଧ୍ୟାରେ ମେଶିନ୍ ତ୍ରୁଟି ସଜଡ଼ାଯାଇଥିବାବେଳେ ଗୁରୁବାରଠାରୁ ଜଳଯୋଗାଣ ସ୍ୱାଭାବିକ ହେବ ବିଭାଗର ଜଣେ ଅଧିକାରୀ କହିଛନ୍ତି।

# ପୌରପାଳିକାରେ ରନ୍ଧାଯିବ ଖାଦ୍ୟ

ଅନୁଗୋଳ ଅଫିସ, ୧୫।୪

ଅନୁଗୋଳ ସହରର ଗରିବ, ଅସହାୟଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାକୁ ବହୁ ସାମାଜିକ କର୍ମୀ ପୌରପାଳିକାରେ ନାମ ପଞ୍ଜୀକରଣ କରିଥିଲେ ହେଁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଏବେ ଦେଖା ମିଳୁ ନ ଥିବା ଆଲୋଚନାର ବିଷୟ ହୋଇଛି। ସେମାନଙ୍କ ମଧ୍ୟରୁ କେତେଜଣ କେବଳ ଷ୍ଟାଡିୟମ ପାଖରେ ଏବେ ଖାଦ୍ୟ ପ୍ରଦାନ କରୁଛନ୍ତି। ଫଳରେ ଅନ୍ୟ କେତେକ ସ୍ଥାନରେ ଅସହାୟ ଲୋକ ଖାଦ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ପୌରପାଳିକା ପକ୍ଷରୁ କୁହାଯାଇଛି ଯେ, ସାମାଜିକ କର୍ମୀ, ଶିଳ୍ପ ସଂସ୍ଥା ଓ ଏକ ହୋଟେଲ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିଲା। ଦିନ ଅପେକ୍ଷା ରାତିରେ କମ୍ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଉଥିଲା। କିନ୍ତୁ ଧୀରେ ଧୀରେ ସାମାଜିକ କର୍ମୀମାନେ ଖାଦ୍ୟ ପ୍ରଦାନ ବନ୍ଦ କରିଦେଉଛନ୍ତି। ତେବେ ଶିଳ୍ପ ପ୍ରତିଷ୍ଠାନ ଓ ଏକ ହୋଟେଲ ବଳକା ଖାଦ୍ୟ ପ୍ରଦାନ କରୁଥିବାରୁ ସକାଳେ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଥିବା ପୌର କର୍ତ୍ତୃପକ୍ଷ କହିଛନ୍ତି। ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, କୌଣସି ଲୋକ ଭୋକିଲା ରହିବେ ନାହିଁ। ବିଭିନ୍ନ ସଂସ୍ଥାର ଖାଦ୍ୟ ପୌରପାଳିକା ବଣ୍ଟନ କରୁଥିଲା। ଏବେ ପୌରପାଳିକାରେ ରନ୍ଧା ହେବାର ବ୍ୟବସ୍ଥା କରାଯିବ।



ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ସାଗରିକା ମିଶ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୫ ହଜାର ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

# ଭ୍ୟାନିଟ୍ ଝାମ୍ପିନେଲେ ଦୁର୍ବୃତ୍ତ

ଅନୁଗୋଳ ଅଫିସ, ୧୫।୪- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ ସାବିତ୍ରୀ ନାୟକଙ୍କଠାରୁ ଭ୍ୟାନିଟ ବ୍ୟାଗ ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ବୁଧବାର ସେ ଶିଶୁମାନଙ୍କୁ ଟିକା ଦେଇ ପଶ୍ଚିମପଡ଼ା ସ୍କୁଲରୁ ଫେରୁଥିବା ବେଳେ ଦୁଇ ଦୁର୍ବୃତ୍ତ ବାଇକ୍‌ରେ ଆସି ଭ୍ୟାନିଟ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ସେଥିରେ ମୋବାଇଲ୍ ସହ ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ଥାନାରେ ଅଭିଯୋଗ ହୋଇଛି।

# ଅବିବାହିତା ଯୁବତୀଙ୍କ ସନ୍ତାନ ଜନ୍ମକୁ ନେଇ ଚର୍ଚ୍ଚା

କଣିହାଁ,୧୫।୪(ଡି.ଏନ.ଏ.)- କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଅବିବାହିତା ଯୁବତୀ ସନ୍ତାନ ଜନ୍ମ ଦେବା ଚର୍ଚ୍ଚାର ବିଷୟ ହୋଇଛି। ଯୁବତୀ ଜଣକ ବ୍ଲକ ଅଞ୍ଚଳର ଏକ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଘରେ କାମ କରୁଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ସମ୍ପୃକ୍ତା ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପ୍ରସବ ପରେ ଯୁବତୀ ଥାନାରେ ଅଭିଯୋଗ କରିବାରୁ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିବା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

# ନିରାଡ଼ମ୍ବରରେ ହିଙ୍ଗୁଳାଯାତ୍ରା ସମ୍ପନ୍ନ

ତାଳଚେର,୧୫।୪(ନି.ପ୍ର.)- ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଶୀତୁଳା ଯାତ୍ରା ବୁଧବାର ସମ୍ପନ୍ନ ହୋଇଛି। କରୋନା କଟକଣା ପାଇଁ ଚଳିତବର୍ଷ ଏହା ସମ୍ପୂର୍ଣ୍ଣ ନିରାଡମ୍ବର ଭାବେ ପାଳନ କରାଯାଇଥିଲା। ଅପରାହ୍ନରେ ମା' ହିଙ୍ଗୁଳା ଓ କୁଟେଇଗୁଣୀଙ୍କ ଚଳନ୍ତି ପ୍ରତିମା ଆଲମକୁ ଦିଅଁଘରୁ ବଡ଼ମଣ୍ଡପକୁ ଅଣାଯାଇଥିଲା। ଏହାପରେ ପାଞ୍ଚ ପୀଢ଼ଙ୍କୁ ପାରମ୍ପରିକ ନୀତିରେ ପୂଜା କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ଆଲମକୁ ଉଭାସ୍ଥଳୀକୁ ନିଆଯାଇ ଶୀତୁଳା ପୂଜା ସମ୍ପନ୍ନ କରାଯାଇଥିଲା। ତାଳଚେର ରାଜାଙ୍କ ପ୍ରତିନିଧି ରାଜେନ୍ଦ୍ର ସିଂହ ପୂଜାର୍ଚ୍ଚନା ସହ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଶେଷରେ ବଡ଼ମଣ୍ଡପକୁ ମା'ଙ୍କ ଆଲମ ବିଜେ କରାଯାଇ ଅଧରପଣା ନୀତି ସମ୍ପନ୍ନ କରାଯାଇଥିଲା।



# କଟକଣା ଉଲ୍ଲଂଘନ, ୨୦ ଗିରଫ

ଅନୁଗୋଳ ଅଫିସ, ୧୫।୪- ଅନୁଗୋଳ ଜିଲାରେ ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ମୋଟ୍ ୨୦ ଜଣ ଗିରଫ ହୋଇଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ପାଖରୁ ୫ଟି ମୋଟର ସାଇକେଲ, ଗୋଟିଏ ଅଟୋ ରିକ୍ସା ଓ ମଦ ଜବତ କରାଯାଇଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ହଣ୍ଡପା ଥାନା ଅଞ୍ଚଳରେ ୨ଟି ମାମଲାରେ ୨ ଜଣ, କଣିହାଁ ଥାନା ଅଞ୍ଚଳରେ ଜଣେ, ସମଲ ଥାନା ଅଞ୍ଚଳରେ ୨ଜଣ, କିଆକଟା ଥାନା ଅଞ୍ଚଳରେ ଜଣେ, ବଆଁରପାଳ ଥାନା ଅଞ୍ଚଳରେ ୩ ଜଣ, ଛେଣ୍ଡିପଦା ଥାନା ଅଞ୍ଚଳରେ ୭ ଜଣ, ଅନୁଗୋଳ ଥାନା ଅଞ୍ଚଳରେ ଜଣେ, କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପାଲଲହଡ଼ା ଥାନା ଅଞ୍ଚଳରେ ଜଣେ ଗିରଫ ହୋଇଛନ୍ତି। ଏଥିସହ ରେଙ୍ଗାଳି ଥାନା ଅଞ୍ଚଳରେ କରେନା ସମ୍ପର୍କରେ ଗୁଜବ ପ୍ରଚାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେହିପରି ବଆଁରପାଳ ପୋଲିସ ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ଉମାଶଙ୍କର ଢାବା ସିଲ୍ କରିବା ସହ ମାଲିକଙ୍କ ନାମରେ ମାମଲା ରୁଜୁ କରି ଗିରଫ କରିଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି।

# ୧୪୨ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ ଅଫିସ/ଆଠମଲ୍ଲିକ/ ଢେଙ୍କାନାଳ ଅଫିସ, ୧୫।୪

ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରକ୍ତ ଅଭାବ ଦୂର ପାଇଁ ଅନୁଗୋଳ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଖଲାରୀ ପଞ୍ଚାୟତ ଗଡ଼ପଦା ସାହି ପ୍ରାଥମିକ ବିଦ୍ୟାଳୟ ଠାରେ ଆୟୋଜନ ହୋଇଥିଲା। ଅନୁଗୋଳ ବିଜୁ ଜନତା ଦଳର ସଭାପତି ମହେନ୍ଦ୍ର କୁମାର ବସ୍ତିଆ, ଯୁବନେତା ଅରୁଣାଭ ସିଂହ, ଅନୁଗୋଳ ବ୍ଲକ ସଭାପତି ସରୋଜ କୁମାର ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ର ୟୁଥ୍‌ପାୱାର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବୁଧବାର ଉପଖଣ୍ଡ ଡାକ୍ତରଖାନାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସଭାପତି ସୁନୀଲ କୁମାର ସାହୁଙ୍କ ନେତୃତ୍ୱରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଭଣ୍ଡାର ଅଧୀକ୍ଷକ ଡା. ସୁନୀଲ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶିବିରରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ଶତ୍ରୁଘ୍ନ ସାହୁଙ୍କ ସମେତ ୩୫ ଜଣ ସାମାଜିକ କର୍ମୀ ରକ୍ତଦାନ କରିଥିଲେ। ସେହିପରି ଢେଙ୍କାନାଳ ଜିଲା ଛାତ୍ର ବିଜେଡି ପକ୍ଷରୁ ରକ୍ତଭଣ୍ଡାର ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବିଧାୟକ ସୁଧୀର ସାମଲଙ୍କ ପରାମର୍ଶରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରକୁ ଜିଲା ରକ୍ତଭଣ୍ଡାର ଅଧିକାରୀ ଡା. ଜୟ ନାରାୟଣ ପାଢୀ, ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି, ରାଜେନ୍ଦ୍ର ମଲ୍ଲିକ, ପରମାନନ୍ଦ ପଣ୍ଡା, ଜିଲା ଛାତ୍ର ବିଜେଡି ସଭାପତି ସୂରଯ ମହାପାତ୍ରଙ୍କ ନେତୃତ୍ୱରେ ସୋନୁରାମ ସିଂ, ଆଶୁତୋଷ କର ପ୍ରମୁଖ ଶିବିର ପରିଚାଳନା କରିଥିଲେ।




ଅନୁଗୋଳ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ରକ୍ତ ସଂଗ୍ରହ କରାଯାଉଛି।




ଢେଙ୍କାନାଳ ଜିଲା ଛାତ୍ର ବିଜେଡି ପକ୍ଷରୁ ରକ୍ତ ସଂଗ୍ରହ କରାଯାଉଛି।

## ସଂକ୍ଷେପରେ

### ୩ ଇଟାଭାଟିକୁ ୭୫ ହଜାର ଜରିମାନା

ମନମଣ୍ଡା, ୧୫।୪ (ଡି.ଏନ.ଏ): କନ୍ଧମାଳ ବ୍ଲକ ନୂର୍ପାଠାରେ ୩ଟି ଇଟାଭାଟିରେ ପ୍ରଶାସନ ପକ୍ଷରୁ ବୁଧବାର ଚଢାଉ କରି ୭୫ ହଜାର ଟଙ୍କା ଜରିମାନା କରାଯାଇଛି । ଲକ୍ ଡାଉନ ନିୟମକୁ ମଧ୍ୟ ଉଲଂଘନ କରି ଇଟାଭାଟି ମାଲିକ ନୂର୍ପାର କୃଷ୍ଣଚନ୍ଦ୍ର ସାହୁ, ଗୁରୁପ୍ରସାଦ ବେହେରା ଏବଂ ଡାଙ୍ଗମୁଣ୍ଡାର ପଦ୍ମନାଭ ମିଶ୍ର ଶ୍ରମିକ ଲଗାଇ କାମ କରିଥିବାରୁ ଅତିରିକ୍ତ ତହସିଲଦାର ସୁଶୀଲ କୁମାର କୁଅଁର ସେମାନଙ୍କଠାରୁ ଜଣ ପ୍ରତି ୨୫ ହଜାର ଲେଖାଏଁ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ହୋମ କ୍ବାରାଣ୍ଟାଇନରେ ୨୬୮

ବିଜେପୁର, ୧୫।୪ (ଡି.ଏନ.ଏ): ବରଗଡ ଜିଲା ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୨୬୮ ଜଣ ହୋମ କ୍ୱାରାଣ୍ଟାଇନରେ ରହିଥିବା ଜଣାପଡିଛି। ୧୪ ଦିନ ଯାଏ ସ୍ୱାସ୍ଥ୍ୟ ଟିମ ସେମାନଙ୍କ ଘରକୁ ଯାଉଥିବା ବେଳେ ପରବର୍ତ୍ତୀ ୧୪ ଦିନ ସେମାନେ ନିଜର ସ୍ୱାସ୍ଥ୍ୟ ସମ୍ବନ୍ଧରେ ମୋବାଇଲ ଫୋନ ମାଧମରେ ସ୍ୱାସ୍ଥ୍ୟକର୍ମୀଙ୍କୁ ଅବଗତ କରୁଛନ୍ତି । ଏବେ ସ୍ୱାସ୍ଥ୍ୟ ଟିମ୍ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି । ଏହି ଅଞ୍ଚଳରେ ୨୩ଟି ପଞ୍ଚାୟତ ଓ ବିଜେପୁର ଏନଏସିରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଛି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶାନ୍ତନୁ ସାହୁଙ୍କୁ ପଚାରିବାରୁ ଏଠାରେ ୨୬୮ ଜଣ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ଘଣ୍ଟାପଡା, ୧୫।୪ (ଡି.ଏନ.ଏ): ବୌଦ୍ଧ ଜିଲା କଣ୍ଟାମାଲ ଥାନା ଘଣ୍ଟାପଡା ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ବୁଧବାର ରିଙ୍କୁ ରଣା (୨୪)ଙ୍କୁ ଗିରଫ କରିଛି । ଏ ନେଇ ଏକ ମାମଲା (ନଂ.୪୬/୨୦) ରୁଜୁ ହୋଇଛି। ନାବାଳିକା ଜଣକ ମଙ୍ଗଳବାର ଏକ ଇଟାଭାଟିରୁ ଫେରୁଥିବା ବେଳେ ଅଭିଯୁକ୍ତ ବଳାତ୍କାର କରି ଖସି ପଳାଇଥିଲା । ଅପରାହ୍ନରେ ମା'ବାପା ଘରକୁ ଫେରିବାରୁ ଝିଅଟି ସମସ୍ତ କଥା କହିଥିଲା । ପରେ ନାବାଳିକା ତାଙ୍କ ବାପାଙ୍କ ସହିତ ଘଣ୍ଟାପଡା ଫାଣ୍ଡିକୁ ଯାଇ ଏତଲା ଦେଇଥିଲେ। ଗୁରୁବାର ଅଭିଯୁକ୍ତ ଯୁବକଙ୍କୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଲିସାରାଣୀ ସେଠୀ ପ୍ରକାଶ କରିଛନ୍ତି ।

### ଲକ୍‌ଡାଉନ ଉଲ୍ଲଂଘନ, ୧୯ହଜାର ଜରିମାନା

ଜୁନାଗଡ,୧୫।୪(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ଲକ୍‌ଡାଉନ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ବୁଧବାର ୧୯ ବାଇକ ଚାଳକଙ୍କ ବିରୋଧରେ ୧୯ହଜାର ଟଙ୍କା ଫାଇନ ଆଦାୟ କରିଛି। ସେହିପରି ସହରର ତାଳବନ୍ଧପଡାଠାରେ ଚା ଦୋକାନ ଖୋଲିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ।

# ଫେଲ୍ ମାରିଛି ସାମାଜିକ ଦୂରତା

**ବରଗଡ଼ ଅଫିସ୍,୧୫।୪**



ବୁଧବାର ବରଗଡ଼ ଆନ୍ଧ୍ରା ବ୍ୟାଙ୍କ ସମ୍ମୁଖରେ ଉପଭୋକ୍ତାମାନଙ୍କ ଭିଡ ।

ଘାତକ କରୋନା ଭୂତାଣୁକୁ ଦମନ ପାଇଁ ବର୍ତ୍ତମାନ ସ୍ଥିତିରେ ସଚେତନତା, ସତର୍କତା ହିଁ ଏକମାତ୍ର ମାଧ୍ୟମ ଏବଂ ସାମାଜିକ ଦୂରତ୍ୱ ହିଁ ପ୍ରତିଷେଧକ ପାଲଟିଛି । ବିଭିନ୍ନ ଦେଶରେ ଏଭଳି ପ୍ରତିଷେଧକ ବ୍ୟବସ୍ଥାରୁ କରୋନା ହାରି ସାରିଛି। ଏହି ଦୃଷ୍ଟିରୁ ସରକାର ସବୁବେଳେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ମାତ୍ର ବିଡ଼ମ୍ବନାର ବିଷୟ, ଲୋକଙ୍କ ହିତ ପାଇଁ ବିଭିନ୍ନ ସରକାରୀ ଯୋଜନାରେ ସରକାର ଯୋଗାଇ ଦେଉଥିବା ସହାୟତା ବଣ୍ଟନ ସମୟରେ ସାମାଜିକ ଦୂରତ୍ୱ ଫେଲ୍ ମାରିଛି । ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ବଣ୍ଟନ ଏବଂ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଟଙ୍କା ଉଠାଣରେ ଉଭୟ ରାଶନ ବଣ୍ଟନ କେନ୍ଦ୍ର ଓ ବ୍ୟାଙ୍କ ସମ୍ମୁଖରେ ହେଉଥିବା ଅସମ୍ଭାଳ ଭିଡ଼ ଏବେ ଅଡୁଆରେ ପକାଇ ଦେଇଛି ।

କରୋନା ବିପର୍ଯ୍ୟୟ ସହାୟତା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଶନ ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ସହିତ ରାଶନ ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ନିୟମିତ ଏହା ବିତରଣ ମଧ୍ୟ କରାଯାଉଛି। ମାତ୍ର ଯେଉଁ ଢ଼ଙ୍ଗରେ ତାହା ବଣ୍ଟନ କରାଯାଉଛି, ସେଥିରୁ ସାମାଜିକ ଦୂରତ୍ୱକୁ ସେଠାରେ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିବା ପରିଲକ୍ଷିତ ହୋଇଛି। ଗାଁଠାରୁ ସହର ତଥା ଜିଲା ସଦର ମହକୁମା ପର୍ଯ୍ୟନ୍ତ ରହିଥିବା ରାଶନ ବିତରଣ କେନ୍ଦ୍ରରେ ହିତାଧିକାରୀଙ୍କ ଏଭଳି ଭିଡ଼ ଜମୁଛି । ସେହିପରି ବ୍ୟାଙ୍କ ଗୁଡ଼ିକରେ ମଧ୍ୟ ଅନୁରୂପ ସ୍ଥିତି ନଜରକୁ ଆସିଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ଉପଭୋକ୍ତାଙ୍କ ଆକାଉଣ୍ଟକୁ ୫ଶହ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏହି ଆର୍ଥିକ ସହାୟତା ଉଠାଇବା ପାଇଁ ପ୍ରତି ବ୍ୟାଙ୍କ ଆଗରେ ସେଭଳି ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ସେହି ଟଙ୍କା ଉଠାଇବା ପାଇଁ ଉପଭୋକ୍ତାମାନେ ସାମାଜିକ ଦୂରତ୍ୱ ନ ରଖି ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ା ହୋଇ ରହୁଛନ୍ତି ।

ତେବେ ସଚେତନତା ଏବଂ ଦୂରଦୃଷ୍ଟି ଅଭାବ ଯୋଗୁ ବର୍ତ୍ତମାନ ପରିସ୍ଥିତିରେ ଉକ୍ତ ଯୋଜନାରେ ଉଭୟ ରାଶନ ବଣ୍ଟନ ଏବଂ ଟଙ୍କା ଉଠାଣ ଯେଭଳି ଭାବେ ଚାଲିଛି, ସେଥିରୁ କେବଳ ଉପଭୋକ୍ତା ନୁହଁନ୍ତି, ବିଭାଗୀୟ ଅଧିକାରୀମାନେ ମଧ୍ୟ ସମ୍ପୃକ୍ତ ସ୍ଥାନ ଗୁଡ଼ିକରେ ସାମାଜିକ ଦୂରତ୍ୱକୁ ଭୁଲି ଯାଇଥିବା ଭଳି ମନେ ହେଉଛି । ଏପରିକି ଖାଁ ଖାଁ ଲାଗୁଥିବା ରାସ୍ତାଘାଟ କିମ୍ବା ପ୍ରତି ଛକ ସ୍ଥାନରେ ଯେଭଳି ପୋଲିସ ପଇଁତରା ମାରୁଛି, ଏଭଳି ଭିଡ଼ ସ୍ଥାନରେ ପୋଲିସ କିମ୍ବା କୌଣସି ପ୍ରଶାସନିକ ଅଧିକାରୀଙ୍କ ସେଭଳି ଉପସ୍ଥିତି ଦେଖିବାକୁ ମିଳୁନାହିଁ । ଜିଲାରେ ଲକ୍ ଡାଉନ କଟକଣା ତଥା ସାମାଜିକ ଦୂରତ୍ୱ ଅବଲମ୍ବନକୁ କିଭଳି ଗୁରୁତ୍ୱ ଦିଆଯାଉଛି, ତାହା ସେଥିରୁ ଆପେ ବାରି ହୋଇ ପଡୁଛି। ଏ ସମ୍ପର୍କରେ ଲିଡ୍ ବ୍ୟାଙ୍କ ମ୍ୟାନେଜର ସୀତାରାମ ମେହେରଙ୍କୁ ପଚାରିବାରୁ ସେ କହିଲେ, ଲୋକେ ସଚେତନ ହେଉନାହାନ୍ତି । ଫଳରେ ସେଭଳି ପରିସ୍ଥିତି ଉପୁଜିଛି । ସେହିପରି ଜିଲଶ ଯୋଗାଣ ଅଧିକାରୀ ଦୁର୍ଗା ଚରଣ ଭେସ୍ରା କୁହନ୍ତି, ରାଶନ ସାମଗ୍ରୀ ବଣ୍ଟନ ସମୟରେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଡିଲରମାନଙ୍କୁ ପରାମର୍ଶ ଦିଆଯାଇଛି । ଯେଉଁଠାରେ ତାକୁ ଅବମାନନା କରାଯାଉଛି, ସେଠାରେ ତାହା ବନ୍ଦ କରି ବିକଳ୍ପ ବ୍ୟବସ୍ଥା କରାଯାଉଛି ।

## ବ୍ୟବସ୍ଥା ନ କରି କେବଳ ମିଛ

**ସମ୍ବଲପୁର,୧୫।୪(ବ୍ୟୁରୋ)**

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ-୧୯ ମେଡିକାଲ ନିର୍ମାଣ କରାଯାଉଛି। ଏଣୁ ଏଠାରେ ରୋଗୀ ସେବା ବନ୍ଦ କରି ଦିଆଯାଇଛି। ଅଇଁଠାପାଲି ଓ ଡା. ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ରରେ ବିକଳ୍ପ ବ୍ୟବସ୍ଥା କରାଯାଇଛି ବୋଲି ଖୋଦ୍ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ କହୁଛି। ହେଲେ ଏହା ମିଛ ବୋଲି ପ୍ରମାଣିତ ହୋଇଛି। ବାସ୍ତବରେ ଉପରୋକ୍ତ ଦୁଇ ଜାଗାରେ ରୋଗୀସେବା ଠିକ୍ ଭାବେ ଆରମ୍ଭ ହୋଇ ନ ଥିବା ସ୍ପଷ୍ଟ ହୋଇଛି। ବୁଧବାର ହୀରାକୁଦ ଅଞ୍ଚଳର ଜଣେ ଗର୍ଭବତୀ ମହିଳା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ହଇରାଣ ହେବା ପରେ ପ୍ରଶାସନର ଏହି ମିଛ ଧରା ପଡିଛି। ତାଙ୍କୁ ଭିମସାର ନେବାକୁ ପରାମର୍ଶ ଦିଆଗଲା। ଯଦି ଅଇଁଠାପାଲି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଡା. ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ରରେ ବିକଳ୍ପ ବ୍ୟବସ୍ଥା କରାଯାଇଛି ବୋଲି ଖୋଦ୍ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ କହୁଛି ତେବେ ଏହି ଦୁଇ ମେଡିକାଲକୁ ରୋଗୀକୁ ନ ପଠାଇ ବୁର୍ଲା ପଠାଯିବାର କାରଣ କ'ଣ ବୋଲି ପ୍ରଶ୍ନ ଉଠିଛି। ପ୍ରକାଶଯୋଗ୍ୟ, ଏପ୍ରିଲ ୧୭ ତାରିଖ ତାଙ୍କୁ ପ୍ରସବ ପାଇଁ ସମୟ ଦିଆଯାଇଥିଲା। ହେଲେ ଯନ୍ତ୍ରଣା ଆରମ୍ଭ ହେବାରୁ ସେ ଅଟୋରେ ଆଶା କର୍ମୀଙ୍କ ସହ ମେଡିକାଲ ଆସିଥିଲେ। ହେଲେ କୋଭିଡ ମେଡିକାଲ ପାଇଁ କାମ ଚାଲୁଥିବାରୁ ଏଠାରେ ଚିକିତ୍ସା ହୋଇ ପାରିବ ନାହିଁ ବୋଲି ଉପସ୍ଥିତ ସ୍ୱାସ୍ଥ୍ୟ କର୍ମଚାରୀ କହିଥିଲେ। ପରେ ମେଡିକାଲର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଆଶାକର୍ମୀ ଜଣକ ସମସ୍ୟା ଉପରେ ଅବଗତ କରିବାରୁ ବୁର୍ଲା ଭିମସାର ନେଇଯିବାକୁ ସମ୍ପୃକ୍ତ ଉଚ୍ଚ ଅଧିକାରୀ ଆଶାକର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏଣୁ ୧୦୨ ଆମ୍ବୁଲାନ୍ସରେ ରୋଗୀଙ୍କୁ ବୁର୍ଲା ନିଆଯାଇଥିଲା। ରୋଗୀଙ୍କ ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ ଯଦି ଏଠାରେ ଚିକିତ୍ସା ବନ୍ଦ ହୋଇଯାଇଛି ତାହା ହେଲେ ଲୋକମାନେ ଜାଣିବା କଥା। ଏ ନେଇ ସର୍ବସାଧାରଣରେ ଅବଗତ ମଧ୍ୟ କରିବା ଆବଶ୍ୟକ।

## ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ୧୦ ଲକ୍ଷ ପ୍ରଦାନ

**ସମ୍ବଲପୁର, ୧୫।୪ (ବ୍ୟୁରୋ)**

କରୋନା ମୁକାବିଲା ଲାଗି ପ୍ରତ୍ୟେକ ସ୍ତରରେ ଉଦ୍ୟମ ଜାରି ରହିଛି। ସମ୍ବଲପୁର ଅଶୋକ ଜଲାନ ଫାଉଣ୍ଡେସନ ପକ୍ଷରୁ କରୋନା ମୁକାବିଲା ଲାଗି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଫାଉଣ୍ଡେସନ ମୁଖ୍ୟ ଇଂ. ଅଶୋକ ଜଲାନ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଫାଉଣ୍ଡେସନ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ମାସ୍କ ବଣ୍ଟନ କରିବା ସହ ଶହେ ଗରିବଙ୍କୁ ଖାଦ୍ୟ ସାମଗ୍ରୀ ମଧ୍ୟ ଦିଆଯାଇଛି ।

## ନିର୍ମାଣାଧୀନ କୋଭିଡ୍ ମେଡିକାଲରେ ୫-ଟି ସଚିବ

**ସମ୍ବଲପୁର, ୧୫।୪ (ବ୍ୟୁରୋ)**

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ନିର୍ମାଣାଧୀନ କୋଭିଡ-୧୯ ମେଡିକାଲକୁ ବୁଧବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ମେଡିକାଲ ପରିସରରେ ଆଇସିୟୁ, ଆଇସୋଲେଶନ କକ୍ଷ ଓ ନମୁନା ସଂଗ୍ରହ କେନ୍ଦ୍ର ପରିଦର୍ଶନ କରିଥିଲେ । ଯଥାଶୀଘ୍ର କାମ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଏଠାରେ ପୂର୍ବରୁ ଚିକିତ୍ସିତ ହେଉଥିବା ରୋଗୀ ଓ ଆସୁଥିବା ନୂଆ ସାଧାରଣ ରୋଗୀଙ୍କ ପାଇଁ କିଭଳି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି ସେ ନେଇ ଜିଲାପାଳଙ୍କୁ ପଚାରି ବୁଝିଥିଲେ। ଲକ୍ ଡାଉନ୍ ବେଳେ ଖାଦ୍ୟ ବଣ୍ଟନ, ଅତିଥି ଶ୍ରମିକଙ୍କ ସମସ୍ୟା, ଉଭୟ ଗାଁ ଓ ସହରରେ ଆଇସୋଲେଶନ ସେଣ୍ଟରର ସ୍ଥିତି ଏବଂ ସାମାଜିକ ଦୂରତା ନିୟମ କିଭଳି ପାଳନ ହେଉଛି ସେ ନେଇ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ, ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ସହ ୫-ଟି ସଚିବ ପାଣ୍ଡିଆନ ଆଲୋଚନା କରିଥିଲେ। ଏହି ଅବସରରେ ଉନ୍ନୟନ କମିଶନର ସୁରେଶ ମହାପାତ୍ର, ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ-୧୯ ମେଡିକାଲ ନିର୍ମାଣ କାମ ଚାଲିଛି। ଏଥିରେ ୨ଶହ ଶଯ୍ୟା ଓ ୩୦ ଭେଣ୍ଟିଲେଟର ବ୍ୟବସ୍ଥା ରହିବ। ହେଲେ ନିର୍ମାଣ କାମ ବିଳମ୍ବ ହୋଇଛି । ପ୍ରାୟ ୧୦ ଦିନ ଭିତରେ କାମ ସାରିବାକୁ ଜିଲା ପ୍ରଶାସନ ଲକ୍ଷ୍ୟ ରଖିଥିଲା। ପୂର୍ବରୁ ଏଠାରେ ଯେଉଁ ରୋଗୀ ଚିକିତ୍ସିତ ହେଉଥିଲେ ସେମାନଙ୍କୁ ବୁର୍ଲା ଭିମସାର ସ୍ଥାନାନ୍ତର କରାଯାଇଛି। ଜିଲାର ଯେଉଁ ନୂଆ ରୋଗୀ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଛନ୍ତି ସେମାନଙ୍କ ଲାଗି ଅଇଁଠାପାଲି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ବୈଦ୍ୟନାଥ ଛକରେ ଥିବା ଡା. ଜନାର୍ଦ୍ଦନ ପୂଜାରୀ ମାତୃ ମଙ୍ଗଳ କେନ୍ଦ୍ରରେ ଚିକିତ୍ସା ସୁବିଧା କରାଯାଇଛି।

### ଭବାନୀପାଟଣାରେ ସ୍ଥିତି ଅନୁଧ୍ୟାନ

ଭବାନୀପାଟଣା,୧୫।୪(ଡି.ଏନ୍.ଏ.): କଳାହାଣ୍ଡି ଜିଲାରେ ସ୍ୱତନ୍ତ୍ର କୋଭିଡ-୧୯ ହସ୍‌ପିଟାଲ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହାର ସ୍ଥିତି ଅନୁଧ୍ୟାନ ପାଇଁ ବୁଧବାର ୫-ଟି ସଚିବ ଭି.କେ.ପାଣ୍ଡିଆନ, ଉନ୍ନୟନ କମିଶନର ସୁରେଶ ମହାପାତ୍ର କଳାହାଣ୍ଡିରେ ପହଞ୍ଚିଥିଲେ। ଭବାନୀପାଟଣାସ୍ଥିତ କଳାହାଣ୍ଡି ଇଞ୍ଜିନିୟରିଂ କଲେଜରେ ୨୦୦ଶଯ୍ୟା ବିଶିଷ୍ଟ ଏହି ହସ୍‌ପିଟାଲ ନିର୍ମାଣ ଚାଲିଛି। ଏଠାରେ କରୋନା ରୋଗୀଙ୍କ ପାଇଁ ୫୦ ଶଯ୍ୟା ଓ ଆଇସୋଲେଶନ ୱାର୍ଡ ପାଇଁ ୧୫୦ଟି ଶଯ୍ୟାର ବ୍ୟବସ୍ଥା ରହିଛି। ଏଥିପାଇଁ ପ୍ରସ୍ତୁତି ସରି ଯାଇଥିବା ବେଳେ ଚଳିତ ସପ୍ତାହରେ ଅର୍ଥାତ ୪ ରୁ ୫ ଦିନ ମଧ୍ୟରେ ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବ। ୫-ଟି ସଚିବଙ୍କ ଗସ୍ତ ସମୟରେ କଳାହାଣ୍ଡି ଜିଲାପାଳ ଗାଭାଳି ପରାଗ ହର୍ଷଦ, ଏସ୍‌ପି ବି. ଗଙ୍ଗାଧର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗୁଲାଲ ଅଗ୍ରୱାଲ ଓ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଅଦ୍ୟାବଧି କଳାହାଣ୍ଡି ଜିଲାରେ ୨ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି।


ସମ୍ବଲପୁର କୋଭିଡ-୧୯ ହସ୍ପିଟାଲକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ବୁଲି ଦେଖୁଛନ୍ତି ।

## ତାମିଲନାଡୁରେ ଦାଦନଙ୍କ ଗଳିତ ମୃତଦେହ ଉଦ୍ଧାର

**ଦେଓଗାଁ,୧୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ ବଗଡା ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ଗଳିତ ମୃତଦେହ ତାମିଲନାଡୁରୁ ଉଦ୍ଧାର କରାଯାଇଛି। ମୃତକ ହେଲେ କମଳ ଓରଫ ନନ୍ଦୁ ସାହୁ (୨୫)। ଦେଢ଼ମାସ ତଳେ ଜଣେ ସାଙ୍ଗଙ୍କ ସହ ସେ ତାମିଲନାଡୁ ସିରପୁରର ପାଲାଡମ ଅଞ୍ଚଳକୁ କାମ କରିବାକୁ ଯାଇଥିଲେ । ସେଠାରେ ପହଞ୍ଚିବାର କିଛିଦିନ ପରେ ଲକ୍‌ଡାଉନ କଟକଣା ହୋଇଥିଲା । ଏହି ସମୟରେ ସେ ଓଡିଶା ଆସି ନ ପାରି ସେଠାରେ ରହି ଯାଇଥିଲେ। ୪ଦିନ ତଳେ ତାମିଲନାଡୁ ପୋଲିସ ନନ୍ଦୁଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲା । ମୃତଦେହ ଉଦ୍ଧାର ପରେ ସତ୍କାର ପାଇଁ ତାଙ୍କ ପରିବାର ଲୋକଙ୍କୁ ତାମିଲନାଡୁ ପୋଲିସ ଖବର ଦେଇଥିଲା । ହେଲେ ଲକ୍‌ଡାଉନ ଯୋଗୁଁ ପୁତ୍ରର ଶେଷ ଦର୍ଶନ କରି ପାରି ନ ଥିଲେ ପରିବାର ସଦସ୍ୟ । ତେଣୁ ସେଠାରେ ପୋଲିସ ଉପସ୍ଥିତିରେ ଅନ୍ତିମ ସଂସ୍କାର କରାଯାଇଥିଲା । ସେଠାକାର ପୋଲିସ ନନ୍ଦୁଙ୍କ ସାଙ୍ଗରେ ଥିବା ସେହି ଗାଁର ଜଣେ ଯୁବକଙ୍କୁ ଅଟକ ରଖି ଘଟଣାର ଛାନଭିନ କରୁଛି। ତେବେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ନନ୍ଦୁଙ୍କ ବଡଭାଇ ଗୁରୁ ସାହୁ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସୋନପୁରରେ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ


ସରକାରୀ ଆଇଟିଆଇକୁ ଅସ୍ଥାୟୀଭାବେ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଛି ।

**ସୋନପୁର,୧୫।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ କରୋନା ପ୍ରତିରୋଧ ପାଇଁ ପ୍ରଥମ ପର୍ଯ୍ୟାୟରେ ସୋନପୁର ସରକାରୀ ଆଇଟିଆଇକୁ ଅସ୍ଥାୟୀଭାବେ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ବୁଧବାରଠାରୁ ବିଧିବଦ୍ଧ ଭାବେ କାର୍ଯ୍ୟକ୍ଷମ ହୋଇଛି। ଅପରାହ୍ନରେ ଜିଲାପାଳ ମୋନିଷା ବାନାର୍ଜୀ ସାମାଜିକ ଦୂରତ୍ୱ ଅବଲମ୍ବନ କରି ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକାର୍ପିତ କରିଛନ୍ତି। ଏହା ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ପ୍ରସାରିତ ଶାଖା ଭାବେ କାର୍ଯ୍ୟ କରିବ। ୨୦୦ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ସଂକ୍ରମିତ ଓ ସନ୍ଦିଗ୍ଧଙ୍କୁ ରଖାଯିବ। ସ୍ୱାସ୍ଥ୍ୟକେନ୍ଦ୍ରରେ ସନ୍ଦିଗ୍ଧଙ୍କ ପାଇଁ ୪୬ଟି ଶଯ୍ୟା, ୧୫୪ଟି ପୃଥକ୍‌ବାସ ଶଯ୍ୟା, ୫୦ଗୋଟି ଅକ୍ସିଜେନ କନସେଣ୍ଟ୍ରେଟର ଓ ୫୦ଗୋଟି ନେବୁଲାଇଜର ରହିଛି। ଏଥିପାଇଁ ୪ଜଣ ଭେଷଜ ବିଶେଷଜ୍ଞ, ଜଣେ ଛାତିରୋଗ ବିଶେଷଜ୍ଞ, ୧୦୫ଜଣ ଷ୍ଟାଫ ନର୍ସ, ୨୩ଜଣ ଲାବୋରେଟୋରି ଟେକ୍ନିସିଆନ ଓ ୯ଜଣ ଫାର୍ମାସିଷ୍ଟ ନିଯୁକ୍ତ ଅଛନ୍ତି । ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତଥା ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରାଧିକୃତ ଅଧିକାରୀ ଶରତ ଚନ୍ଦ୍ର ପଣ୍ଡା, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦିଲୀପ କୁମାର ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ତଥା କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରାଧିକୃତ ଡାକ୍ତର ପ୍ରଦୀପ କୁମାର ଗୁରୁ, ସୋନପୁର ତହସିଲଦାର ଅରବିନ୍ଦ ବେହେରା, ଜିଲା ଜରୁରିକାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ, ଜିଲା ନିଯୋଜନ ଅଧିକାରୀ ତଥା ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶର୍ମିଷ୍ଠା ଧଳ, ପରିଚାଳକ ତାରିଣୀ ପାତ୍ର, ଡିଆଇପିଆରଓ ହରିଚରଣ ମିଶ୍ର ଓ ପ୍ରଦ୍ୟୁମ୍ନ କୁମାର ସାହୁ ଉପସ୍ଥିତ ଥିଲେ।

# ଗନ୍ଧମାର୍ଦ୍ଦନ ପାହାଡ଼ରେ ନିଆଁ

**ଖପ୍ରାଖୋଲ, ୧୫।୪(ଡି.ଏନ.ଏ.)**


ହରିଶଙ୍କର ମନ୍ଦିର ନିକଟ ଗନ୍ଧମାର୍ଦ୍ଦନ ପାହାଡରେ ଲାଗିଥିବା ନିଆଁ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସମୀପ ଗନ୍ଧମାର୍ଦ୍ଦନ ପାହାଡରେ ନିଆଁ ଲାଗିଛି। ବନ ବିଭାଗ ଓ ଖପ୍ରାଖୋଲ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା କାମରେ ଲାଗିଛନ୍ତି। ହରିଶଙ୍କର ମନ୍ଦିର ପାଖ ପାହାଡ ଉପରେ ନିଆଁ ଲାଗିଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇ ପଡିଛନ୍ତି। ନିଆଁ ଲିଭା କାମରେ ସ୍ୱେଚ୍ଛାସେବୀମାନେ ମଧ୍ୟ ସହଯୋଗ କରୁଛନ୍ତି। ଗତ ୪ ଦିନ ହେଲା ପାହାଡର ବିଭିନ୍ନ ସ୍ଥାନରେ ନିଆଁ ଲାଗିଥିବା ଜାଣି ଜଙ୍ଗଲ ବିଭାଗର ଫାୟାର ସ୍କ୍ୱାଡ ଦିନରାତି ନିଆଁକୁ ଆୟତ୍ତ ପାଇଁ ଲାଗି ପଡିଛନ୍ତି। ହରିଶଙ୍କର ମନ୍ଦିର ନିକଟରେ ଲାଗିଥିବା ନିଆଁକୁ ମଙ୍ଗଳବାର ରାତିରେ ଆୟତ୍ତ କରାଯାଇ ପାରିଥିଲା। ବୁଧବାର ବେହେରାପାଣି ନିକଟରେ ଲାଗିଥିବା ନିଆଁକୁ ବନ ବିଭାଗ ଲିଭାଇବାକୁ ନାକେଦମ ହୋଇଛି।

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଖାରଜ

**ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ମେଡିକାଲ ନିର୍ମାଣକୁ ବିରୋଧ ପ୍ରସଙ୍ଗ**

**ସମ୍ବଲପୁର, ୧୫।୪ (ବ୍ୟୁରୋ)**

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ- ୧୯ ମେଡିକାଲ ନିର୍ମାଣ କରାଯାଉଛି। ଏହାକୁ ବିରୋଧ କରି ମିଶନ ଭିମ୍‌ସାର ତରଫରୁ ଓଡିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହାକୁ ବିଚାର କରି ବୁଧବାର ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା, ଜଷ୍ଟିସ ବିଶ୍ୱନାଥ ରଥ ମାମଲାର ଶୁଣାଣି କରିଛନ୍ତି। ମାମଲାର ଶୁଣାଣି କରି ଖାରଜ କରି ଦିଆଯାଇଛି। ଏହା ବୃହତ୍ତ ସ୍ୱାର୍ଥକୁ ଦୃଷ୍ଟିରେ ରଖି କରାଯାଉଛି । ଏଭଳି ସ୍ଥିତିରେ ଏହି ମାମଲା ଗ୍ରହଣ ଯୋଗ୍ୟ ନୁହେଁ ବୋଲି ଦର୍ଶାଇ ଖାରଜ କରାଯାଇଛି । ମିଶନ ଭିମ୍‌ସାର ତରଫରୁ ଗୋଲକ ବିହାରୀ ମିଶ୍ର ଏହି ମାମଲାର ପକ୍ଷ ରଖିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ସହର ମଝିରେ ଥିବାରୁ ଲୋକଙ୍କୁ ସମସ୍ୟା ହେବ। ତେଣୁ ଭିମସାରରେ କୋଭିଡ୍ ମେଡିକାଲ ନିର୍ମାଣ କରାଯାଉ ବୋଲି ଯୁକ୍ତି ଦର୍ଶାଇ ଯାଇଥିଲା।

# ଝାଡ଼ଖଣ୍ଡ ଫେରିନାହାନ୍ତି ୨୩ ଛାତ୍ରୀଛାତ୍ର

**ଲକ୍‌ଡାଉନ କଟକଣା**

**ବୌଦ୍ଧ,୧୫।୪(ସ୍ୱ.ପ୍ର)**

ଲକଡାଉନ ଯୋଗୁ ସାରାଦେଶରେ ରେଳ ଓ ବିମାନ ସେବା ସହିତ ଯାନବାହନ ଚଳାଚଳ ବନ୍ଦ ରହିଥିବାବେଳେ ରାଜ୍ୟ ଓ ଜିଲା ଗୁଡିକର ସୀମାକୁ ମଧ୍ୟ ସିଲ କରାଯାଇଛି। ଫଳରେ ରାଜ୍ୟ ବାହାରକୁ ବିଭିନ୍ନ କାର୍ଯ୍ୟରେ ଯାଇଥିବା ଲୋକଙ୍କ ସମେତ ବାହାରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ମଧ୍ୟ ନିଜ ଘରକୁ ଫେରିପାରୁନାହାନ୍ତି। ସେହପରି ଦେଶର ସମସ୍ତ ଶିକ୍ଷାନୁଷ୍ଠାନକୁ ସରକାର ଛୁଟି ଘୋଷଣା କରିଥିବାବେଳେ ଲକଡାଉନ ଯୋଗୁ ବୌଦ୍ଧ ଜବାହର ନବୋଦୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଝାଡଖଣ୍ଡର ୨୩ ଜଣ ଛାତ୍ରୀଛାତ୍ରୀ ସେମାନଙ୍କ ଘରକୁ ଫେରିପାରୁ ନ ଥିବା ଜଣାଯାଇଛି।

ସୂଚନା ମୁତାବକ, ନବୋଦୟ ବିଦ୍ୟାଳୟର ଶିକ୍ଷାନୀତି ଅନୁଯାୟୀ ନବମ ଶ୍ରେଣୀର ୩୦ ପ୍ରତିଶତ ଛାତ୍ରୀଛାତ୍ର ବାହାର ରାଜ୍ୟର ନବୋଦୟ ବିଦ୍ୟାଳୟକୁ ବର୍ଷକ ପାଇଁ ଅଧ୍ୟୟନ ପାଇଁ ଯାଇଥାନ୍ତି। ଏହି ନିୟମ ଅନୁଯାୟୀ ବୌଦ୍ଧ ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଝାଡ଼ଖଣ୍ଡର ଏକ ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଯାଇଥିବାବେଳେ ସେହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଠାରେ ଅଧ୍ୟୟନ କରୁଥିଲେ। କିନ୍ତୁ ବୌଦ୍ଧର ଛାତ୍ରୀଛାତ୍ରମାନେ ଝାଡଖଣ୍ଡରୁ ଫେରି ଛୁଟିରେ ନିଜ ଘରକୁ ଯାଇସାରିଛନ୍ତି। ତେବେ ଏହି ଛାତ୍ରୀଛାତ୍ରମାନେ ଝାଡଖଣ୍ଡ ଯିବା ପୂର୍ବରୁ ଲକଡାଉନ ଘୋଷଣା ହୋଇଯିବାରୁ ସେମାନେ ଫେରିପାରୁ ନ ଥିବା ପ୍ରକାଶ କରିଛନ୍ତି । ରେଳ ଚଳାଚଳ ସହିତ ରାଜ୍ୟର ସୀମା ସିଲ୍ ହୋଇଥିବାରୁ ସେମାନେ ନିଜ ପରିବାର ନିକଟକୁ ଫେରିପାରୁ ନ ଥିବା ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି। ବୌଦ୍ଧ ନବୋଦୟ ବିଦ୍ୟାଳୟର ସହକାରୀ ଅଧ୍ୟକ୍ଷ ସୁରେଶ କୁମାର ସାହୁଙ୍କୁ ପଚାରିବାରୁ ଛାତ୍ରୀଛାତ୍ରମାନେ ଫେରିପାରି ନ ଥିବା ଘଟଣାକୁ ସ୍ୱୀକାର କରିବା ସହିତ ଏଠାରେ ସେମାନଙ୍କ ଯତ୍ନ ନିଆଯାଉଥିବା ପ୍ରକାଶ କରିଛନ୍ତି । ଅଟକି ରହିଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ଇଣ୍ଡୋର ଗେମ୍ ସହିତ ସେମାନଙ୍କ ସ୍ୱଚ୍ଛତା, ଅଧ୍ୟୟନ, ଖାଇବା ସମ୍ପର୍କରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ଏହାବ୍ୟତୀତ ବିଦ୍ୟାଳୟର ୨୬ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବାବେଳେ ସେମାନେ ମଧ୍ୟ ଲକଡାଉନ ଯୋଗୁ ଛୁଟିରେ ଘରକୁ ଫେରିପାରୁ ନ ଥିବା ସେ ପ୍ରକାଶ କରିଛନ୍ତି । ଏଠାରେ ଛାତ୍ରଛାତ୍ରୀଙ୍କ ପାଇଁ କୌଣସି ସମସ୍ୟା ନ ଥିଲେ ମଧ୍ୟ ଛୁଟିରେ ସେମାନେ ପରିବାର ନିକଟକୁ ଫେରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି । ତେଣୁ ଓଡ଼ିଶା ସରକାର ଝାଡଖଣ୍ଡ ସରକାରଙ୍କ ସହିତ ଆଲୋଚନା କରି ଛାତ୍ରୀଛାତ୍ରମାନଙ୍କ ତୁରନ୍ତ ଘରକୁ ଫେରିବା ବ୍ୟବସ୍ଥା କରିଦେଲେ ସେମାନେ ନିଜ ପରିବାର ସହିତ ଛୁଟି କଟାଇପାରନ୍ତେ ବୋଲି ସାହୁ ପ୍ରକାଶ କରିଛନ୍ତି ।


ବୌଦ୍ଧ ନବୋଦୟ ସ୍କୁଲରେ ରହିଥିବା ଝାଡଖଣ୍ଡର ଛାତ୍ରଛାତ୍ରୀ ।

# ଅଭ୍ୟାସଗତ ମଦ୍ୟପ ସାବାଡ଼୍, ଘରେ ଶାନ୍ତି

**ଲକ୍‌ଡାଉନ ସାଇଡ୍ ଇଫେକ୍ଟ**

ରାୟଗଡ଼ା ଅଫିସ,୧୫।୪

କରୋନା ଭାଇରସ ବିଶ୍ୱରେ ଆତଙ୍କ ଜାରି ରଖିଥିବା ବେଳେ ଲକ୍ ଡାଉନ ସମସ୍ତଙ୍କୁ ଘରେ ବାନ୍ଧି ରଖିଛି। ଲକ୍ ଡାଉନ କାହାକୁ ଲାଭ ଦେଉ କି ନ ଦେଉ, ଘରର ମହିଳାମାନେ କିନ୍ତୁ ଏହା ଦ୍ୱାରା ଆଶ୍ୱସ୍ତ ହୋଇଛନ୍ତି। ଯେଉଁ ପରିବାରର ପୁରୁଷମାନେ ଅଭ୍ୟାସଗତ ମଦ୍ୟପ, ସେମାନେ ଏବେ ସୁନାପିଲା। କାରଣ ମଦ ଦୋକାନ ବନ୍ଦ ଥିବାରୁ ସେମାନେ ନିଶା ଛାଡ଼ି ପରିବାର ସହ ସମୟ ବିତାଉଛନ୍ତି। ନିଶାଜନିତ ଘରୋଇ ହିଂସା, ମହିଳାଙ୍କ ଉପରେ ଅତ୍ୟାଚାର କମିଥିବା କେତେକ ମହିଳା ମତ ଦେଉଛନ୍ତି।

ଲକ୍ ଡାଉନ ଯୋଗୁ ରାୟଗଡ଼ା ଜିଲାରେ ବର୍ତ୍ତମାନ ୯ଟି ଠିପିଖୋଲା ବିଦେଶୀ ମଦ ଦୋକାନ ଓ ୧୫ଟି ଦେଶୀ ମଦଭାଟି ବନ୍ଦ ରହିଛି। ରାୟଗଡ଼ା ସହରର କଦଳୀ ବ୍ୟବସାୟୀ ମାମି କଣ୍ଡାଗରି କୁହନ୍ତି, ଲକ୍ ଡାଉନ ଯୋଗୁ ସେ ଯେଉଁ ଶାନ୍ତି ପାଇଛନ୍ତି, ବିବାହର ୩୫ ବର୍ଷ ଭିତରେ ତାହା ମିଳିନାହିଁ। ପୂର୍ବରୁ ପ୍ରତ୍ୟେକ ଦିନ ସ୍ୱାମୀ ମଦ ନିଶାରେ ବିନା କାରଣରେ ତାଙ୍କୁ ମାଡ଼ ଦେଉଥିଲେ। ଯୁକ୍ତ୨ରେ ପଢୁଥିବା ମୋନାଲିସା ବେହେରା କୁହନ୍ତି, ମିସ୍ତ୍ରି କାମ କରୁଥିବା ତାଙ୍କ ବାପାଙ୍କର ନିଶା ସେବନ ଅଭ୍ୟାସ ରହିଛି। ପାଖରେ ଟଙ୍କା ନ ଥିଲେ ସେ ଘରର ଯେକୌଣସି ଜିନିଷ ବିକି ମଦ ଖାଆନ୍ତି। ୨୦୧୭ ବର୍ଷାଦିନରେ ଦୁଇ ସପ୍ତାହ କାମ ନ ମିଳିବାରୁ ବାପା ତାଙ୍କ ଇଂରାଜୀ ଓ ଗଣିତ ବହି କବାଡିବାଲାକୁ ବିକି ଦେଶୀମଦ ପିଇଦେଇଥିଲେ। ସେଦିନ କଥା ମନେ ପଡ଼ିଲେ ଏବେ ବି ଆଖି ଲୁହରେ ଭରିଯାଏ। ଶିକ୍ଷାବିତ୍ ଡ. ଦୁଷ୍ମନ୍ତ ମହାନ୍ତି କୁହନ୍ତି, ଏବେ ମଦ ବନ୍ଦ ଯୋଗୁ ଘରେ ଶାନ୍ତି ଫେରିବା ସହ ପାରିବାରିକ ହିଂସା କମିଛି। ମଦ ବନ୍ଦ ଯୋଗୁ ଜିଲାରେ ଅପରାଧ, ଗଣ୍ଡଗୋଳ କମିଛି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ଯେଉଁ ଅଳ୍ପ କେତେକ ମହିଳା ନିଶା କବଳରେ ପଡ଼ିଥିଲେ, ସେମାନେ ମଧ୍ୟ ଏବେ ନିଶାଠାରୁ ଦୂରରେ ରହିଛନ୍ତି। ଏକ ସାମାଜିକ ଅନୁଷ୍ଠାନର ଗବେଷଣାରୁ ଜଣାପଡ଼ିଛି, ରାୟଗଡ଼ାର ୬ଟି ପରିବାର ମଧ୍ୟରୁ ଜଣେରୁ ଅଧିକ ବ୍ୟକ୍ତି ନିଶା କବଳରେ ରହିଛନ୍ତି। ତାଲା ବନ୍ଦ ସମୟରେ ରାୟଗଡ଼ା ଜିଲାରେ ମଦ ବ୍ୟବସାୟକୁ ରୋକିବା ପାଇଁ ପୋଲିସ କଡ଼ା ପଦକ୍ଷେପ ନେଉଛି। ଏଯାବତ୍ ଲକ୍ ଡାଉନ ଅବଧି ଭିତରେ ୬୯ ଜଣଙ୍କୁ ଅଟକ ରଖିଛି ରାୟଗଡ଼ା ପୋଲିସ।



ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ସଦରସ୍ଥିତ ସିଆର୍‌ପିଏଫ୍ ଅଷ୍ଟମ ବାଟାଲିୟନ ପକ୍ଷରୁ ଯବାନମାନେ ସ୍ଥାନୀୟ ଆଦିବାସୀଙ୍କୁ ମାସ୍କ, ସାନିଟାଇଜର ବାଣ୍ଟୁଛନ୍ତି।

## ସଂକ୍ଷେପରେ

### ରିଲିଫ ପାଣ୍ଠିକୁ ଲକ୍ଷେ ଦେଲେ ଦମ୍ପତି



ସେମିଳିଗୁଡ଼ା,୧୫।୪(ସ୍ୱ.ପ୍ର.)- କୋଭିଡ-୧୯ ମୁକାବିଲା ପାଇଁ ସହାୟତାର ହାତ ବଢ଼ାଇବାକୁ ସରକାର ଦେଇଥିବା ଆହ୍ୱାନକୁ ଗ୍ରହଣ କରି ଆଗେଇ ଆସିଛନ୍ତି କୋରାପୁଟ ଜିଲାର ଜଣେ ଦମ୍ପତି। ସେମିଳିଗୁଡ଼ା ସହର ଇନ୍ଦିରା ନଗର ନିବାସୀ ରବୀନ୍ଦ୍ର ବେହେରା ଓ ସ୍ତ୍ରୀ ସଂଯୁକ୍ତା ପଟ୍ଟନାୟକ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ଏକ ଲକ୍ଷ ଟଙ୍କାର ସହାୟତା ରାଶି ଦେଇଛନ୍ତି। ରବୀନ୍ଦ୍ର ହାଲ୍‌ର ଜଣେ ଅବସରପ୍ରାପ୍ତ କର୍ମଚାରୀ ଓ ତାଙ୍କ ସ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ। ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀ ସ୍ୱପ୍ନିକ ଜମାଦାର, ସେମିଳିଗୁଡ଼ା ତହସିଲଦାର ଶରତ ମାଝୀଙ୍କ ଉପସ୍ଥିତିରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖା ପ୍ରବନ୍ଧକଙ୍କୁ ଏକ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

### ଲକ୍‌ଡାଉନ ନ ମାନି ଦୋକାନ ସିଲ୍

ରାୟଗଡ଼ା ଅଫିସ,୧୫।୪: କରୋନା ମୁକାବିଲା ପାଇଁ ଜାରି ହୋଇଥିବା ଲକ୍ ଡାଉନକୁ ଉଲ୍ଲଂଘନ କରି ଅପରାହ୍ନ ୪ଟା ବେଳେ ଦୋକାନ ଖୋଲି ବେପାର କରୁଥିବା ଜଣେ ବ୍ୟବସାୟୀ ଦଣ୍ଡ ଭୋଗିଛନ୍ତି। ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ତାହା ଦେଖି ଡ. ୱାଇ.ଆର. ରାଓ ସମ୍ମୁଖରେ ଥିବା ଏହି ଦୋକାନ ସିଲ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ତହସିଲଦାରଙ୍କୁ ଡକାଇ ତୁରନ୍ତ ଦୋକାନକୁ ସିଲ୍ କରାଯିବା ସହ ସମ୍ପୃକ୍ତ ଦୋକାନୀ କିଶୋର ଗମ୍ଭାଲୀଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ଜଣାପଡ଼ିଛି।

### ୨ ଦିନରେ ୩୭,୪୫୦ ଟଙ୍କା ଦଣ୍ଡ ଆଦାୟ

ରାୟଗଡ଼ା ଅଫିସ,୧୫।୪: ରାୟଗଡ଼ା ଜିଲାରେ କରୋନା ମୁକାବିଲା ପାଇଁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ବୋଲି ଜିଲାପାଳ ଘୋଷଣା କରିଛନ୍ତି। କିନ୍ତୁ କେତେକ ଲୋକ ଏହାର ଅବମାନନା କରି ଦଣ୍ଡ ଗଣୁଛନ୍ତି। ଜିଲାରେ ଏଥିପାଇଁ ଗତ ୨ ଦିନରେ ୩୭ ହଜାର ୪୫୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି। ରାୟଗଡ଼ା ସହରରେ ବୁଧବାର ଗୋଟିଏ ଦିନରେ ୨୯ ଜଣଙ୍କଠାରୁ ୫୮୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ତହସିଲଦାର ଉମାଶଙ୍କର ବେହେରା କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ମାସ୍କ ପିନ୍ଧି ସମସ୍ତେ ଘରୁ ବାହାରିବା ପାଇଁ ଜିଲା ପ୍ରଶାସନ ନିବେଦନ କରିଛି।

### କୁନ୍ଦୁରାରୁ ଆସିଲା ୬୦ ୟୁନିଟ୍ ରକ୍ତ

କୁନ୍ଦୁରା,୧୫।୪(ଡି.ଏନ୍.ଏ.): କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ବେହେରାଗୁଡ଼ା, କୁମ୍ଭାରଗୁଡ଼ା ଓ ଗୁଣ୍ଡାଳ ପଞ୍ଚାୟତରୁ ବୁଧବାର ୬୦ ୟୁନିଟ୍ ରକ୍ତ ସଂଗ୍ରହ କରିଛି ଭ୍ରାମ୍ୟମାଣ ଯାନ। ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ ସମ୍ପାଦକ ଚନ୍ଦ୍ରଶେଖର ରଥ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ତଥା ୧୦୩ଥର ରକ୍ତଦାନ କରିଥିବା ଜି. ସଞ୍ଜୀବ କୁମାର, ସାଧାରଣ ସମ୍ପାଦକ ରାଜେଶ ଯାଦବ, ବଦ୍ରି ନାରାୟଣ ଆଚାର୍ଯ୍ୟ ଲୋକଙ୍କୁ ବୁଝାଇ ରକ୍ତ ସଂଗ୍ରହ କରିଥିଲେ। ଗାଁର ଖଟିଖିଆ ଆଦିବାସୀ ଯୁବକଙ୍କୁ ଦେଖି କୁମ୍ଭାରଗୁଡ଼ା ଗ୍ରାମର ଜଣେ ଭିନ୍ନକ୍ଷମ ବ୍ୟକ୍ତି ଡମ୍ବୁ କୁମାର ସ୍ୱେଚ୍ଛାକୃତ ଭାବେ ରକ୍ତ ଦେଇଛନ୍ତି। ସାମାଜିକ ଦୂରତା ରଖି ଏଥିରେ ସମସ୍ତେ ରକ୍ତଦାନ କରିଛନ୍ତି।

### ୫୫ ୟୁନିଟ ରକ୍ତ ସଂଗ୍ରହ କଲା ଭ୍ରାମ୍ୟମାଣ ଯାନ

ସୁନାବେଡ଼ା,୧୫।୪: ହାଲ୍‌ସ୍ଥିତ ଏସ୍‌ସି ଆଣ୍ଡ ଏସ୍‌ଟି ଏମ୍ପ୍ଲୋଇଜ, ଅଫିସର୍ସ ଆସୋସିଏଶନ ଆୟୋଜନ କରିଥିବା ଶିବିରରୁ ୫୫ ୟୁନିଟ ରକ୍ତ ସଂଗ୍ରହ କରିଛି ଭ୍ରାମ୍ୟମାଣ ଯାନ। ଲକ୍ ଡାଉନ ଯୋଗୁ କୋରାପୁଟ ବ୍ଲଡ୍ ବ୍ୟାଙ୍କରେ ରକ୍ତର ଅଭାବ ପୂରଣ କରିବା ପାଇଁ ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ ଏହି ଅଭିଯାନ ଚଳାଇଛି। ଅଭିଯାନର ଏକାଦଶ ଦିନରେ ସୁନାବେଡ଼ାରେ ଆୟୋଜିତ ଏହି ଶିବିରରେ ଆସୋସିଏଶନର କର୍ମକର୍ତ୍ତାମାନେ ତାଲାବନ୍ଦର ନିୟମ ମାନି ସାମାଜିକ ଦୂରତ୍ୱ ରକ୍ଷାକରି ଶୃଙ୍ଖଳିତ ଭାବରେ ରକ୍ତଦାନ କରିଥିଲେ। ଏଥିରେ ଆସୋସିଏଶନ ସଭାପତି ପି.ବି. ସୋରେନ, ସମ୍ପାଦକ ସୁବାସ ଚନ୍ଦ୍ର ସେଠୀ, ରକ୍ତ ଭଣ୍ଡାର ଅଧିକାରୀ ମଧୁସୂଦନ ବଲିୟାର ସିଂ, ଫୋରମ ସଭାପତି ଜି. ସଞ୍ଜୀବ କୁମାର ଉପସ୍ଥିତ ଥିଲେ।

## ଅସ୍ଥାୟୀ ସୁରକ୍ଷା ଗୃହରେ ଥିବା ଶ୍ରମିକଙ୍କ ଖାଦ୍ୟ, ସ୍ୱାସ୍ଥ୍ୟାବସ୍ଥା ତଦାରଖ

ମାଲକାନଗିରି,୧୫।୪(ଡି.ଏନ୍.ଏ.)

କରୋନା ରୋଗ ଯେପରି ସଂକ୍ରମିତ ନ ହେବ ସେଥିପାଇଁ ଜିଲା ପ୍ରଶାସନ ତରଫରୁ ଜିଲାର ପଡ଼ୋଶୀ ରାଜ୍ୟ ଛତିଶଗଡ଼, ଆନ୍ଧ୍ର ଏବଂ ତେଲଙ୍ଗାନାର ସୀମା ସିଲ୍ କରାଯାଇଛି। ଲକ୍‌ଡାଉନ ଘୋଷଣା ହେବା ପରେ ଅନ୍ୟ ରାଜ୍ୟରୁ ଆସି ଜିଲା ମଧ୍ୟରେ ପ୍ରବେଶକରି ନ ପାରି ସୀମାରେ ଅଟକି ରହିଥିବା ଶ୍ରମିକ ପରାମର୍ଶ ଦେଇଥିଲେ। ସୀମା ସିଲ୍ ଏବଂ ଲକ୍‌ଡାଉନ ମଧ୍ୟରେ ଅନେକ ଶ୍ରମିକ ସୀମାରେ ଅଟକି ରହିଥିଲେ। ଜିଲା ପ୍ରଶାସନ ଏହା ଜାଣିବା ପରେ ସେମାନଙ୍କୁ ମାଲକାନଗିରି ଜିଲାର ବିଭିନ୍ନ ପଞ୍ଚାୟତରେ ଶ୍ରମିକ ଅସ୍ଥାୟୀ ସୁରକ୍ଷା ଗୃହ ପ୍ରତିଷ୍ଠା କରାଯାଇ ରଖାଯାଇଥିଲା। ସେମାନଙ୍କ ରହିବା, ଖାଇବା ଏବଂ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜାଣିବା ଲାଗି ଏସ୍‌ପି ହୃଷୀକେଶ ଡି. ଖିଲାରିଙ୍କ ନିର୍ଦ୍ଦେଶରେ ଆଇଆଇସି ରାମପ୍ରସାଦ ନାଗଙ୍କ ସହ ଏକ ଟିମ୍ ସଦର ବ୍ଲକ ବୀରଲକ୍ଷ୍ମଣପୁର, ଗଙ୍ଗଲା, ଗୌଡଗୁଡା, ମାର୍କାପାଲି, ପଦ୍ମଗିରି,ପାଣ୍ଡ୍ରିପାଣି,ପେଦାବାଡା ପଞ୍ଚାୟତ ସଦର ମହକୁମାରେ ଥିବା ଶ୍ରମିକ ଅସ୍ଥାୟୀ ସୁରକ୍ଷା ଗୃହ ପରିଦର୍ଶନ କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟପେୟ ସମ୍ପର୍କରେ ପଚାରି ବୁଝିଥିଲେ । ଦୀର୍ଘ ୧୮ ଦିନ ସଙ୍ଗରୋଧରେ ଥିବା ଏହି ଶ୍ରମିକମାନଙ୍କ କୌଣସି କରୋନା ଲକ୍ଷଣ ଦେଖାଯାଇ ନାହିଁ ବୋଲି ସେମାନଙ୍କ ଦାୟିତ୍ୱରେ ଥିବା କର୍ମଚାରୀମାନେ ପ୍ରକାଶ କରିଥିଲେ। ପାଣ୍ଡ୍ରିପାଣି ପଞ୍ଚାୟତ କୁମ୍ଭାରଗୁଡା ଶ୍ରମିକ ଅସ୍ଥାୟୀ ସୁରକ୍ଷା ଗୃହରେ ଥିବା ୧୫ ଜଣ ଶ୍ରମିକଙ୍କ ବିଷୟରେ ତଥ୍ୟ ସଂଗ୍ରହ କରି ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କୁ ନିଜ ଘରକୁ ପଠାଯାଇଥିବା ନାଗ କହିଛନ୍ତି।



ଥାନା ଅଧିକାରୀ ରାମ ପ୍ରସାଦ ନାଗ ଏକ ସୁରକ୍ଷା କେନ୍ଦ୍ର ଅନୁଧ୍ୟାନ କରୁଛନ୍ତି ।

## ନାରାୟଣପୁରରେ ବିଶୋଧକ ସିଞ୍ଚନ

ରାୟଗଡ଼(ଗଜପତି), ୧୫।୪(ଡି.ଏନ୍.ଏ.)

କରୋନା ଭୂତାଣୁଠାରୁ ସୁରକ୍ଷା ପାଇଁ ଗଜପତି ଜିଲା ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ବିଶୋଧକ ସିଞ୍ଚନ କରାଯିବା ସହ ଲୋକଙ୍କୁ ମାସ୍କ ପ୍ରଦାନ କରାଯାଇଛି। ଭାଜପା ରାୟଗଡ଼ ମଣ୍ଡଳ ସଭାପତି ଜଗନ୍ନାଥ ଖାଡ଼ଙ୍ଗାଲୁଙ୍କ ନେତୃତ୍ୱରେ ଗ୍ରାମର ସମସ୍ତ ନାଳ, ନର୍ଦ୍ଦମାରେ ବ୍ଲିଚିଂ ପକାଇବା ସହ ବିଶୋଧକ ସିଞ୍ଚନ କରାଯାଇଥିଲା। ଏଥିରେ ଭାଜପାର ବାଳକୃଷ୍ଣ ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ବିଷୋୟୀ, ଆର୍‌ଏସ୍‌ଏସ୍‌ର ସହ ଜିଲା ମହାବିଦ୍ୟାଳୟ ପର୍ଯ୍ୟବେକ୍ଷକ ରବୀନ୍ଦ୍ର ରଇତ, ସହ ଜିଲା ପ୍ରଚାର ପ୍ରମୁଖ ଟୁକୁନା ଘଡ଼େଇ, ସୁଭାଷ ବେହେରା ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ସହଯୋଗ କରିଥିଲେ।

## କରୋନା ପାଇଁ ଆର୍ଥିକ ସହାୟତା

ମାଲକାନଗିରି/ଡାବୁଗାଁ/ ରାଇଘର, ୧୫।୪(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ବସବାସ କରୁଥିବା ବଙ୍ଗାଳି ସମାଜ କରୋନାର ମୁକାବିଲା ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫ ଲକ୍ଷ ୧୧ ହଜାର ୧୦୧ ଟଙ୍କାର ଚେକ୍ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଦେଇଛନ୍ତି। ଏହି ସମୟରେ ବଙ୍ଗାଳି ସମାଜ ସଭାପତି ଗୌରାଙ୍ଗ କର୍ମକାର ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମୁଖାର୍ଜୀ, କୋର୍ କମିଟି ସଦସ୍ୟ ଡ. ଗୋପାଳ ଚନ୍ଦ୍ର ବିଶ୍ୱାସ, ସଞ୍ଜୟ ସରକାର, କମଲେଶ ରାୟ, ଉପଦେଷ୍ଟା ତପନ କୁମାର ସାନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ନବରଙ୍ଗପୁର ଜିଲା ଡାବୁଗାଁ ଆଞ୍ଚଳିକ ବ୍ୟବସାୟୀ କର୍ମକର୍ତ୍ତାମାନେ କରୋନା ବିପଦର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ତହସିଲଦାର ସୁବାସ ଚନ୍ଦ୍ର ସିଂଙ୍କ ଜରିଆରେ ୩୧ହଜାର ଟଙ୍କା ଚେକ୍ ଆକାରରେ ଦେଇଛନ୍ତି। ଏହି ସମୟରେ ସଭାପତି ଶିବପ୍ରସାଦ ମିଶ୍ର, ସମ୍ପାଦକ ସୁବ୍ରତ ପରିଡ଼ା, କୋଷାଧ୍ୟକ୍ଷ ମଦନ ବେହେରା, ପୀତାମ୍ବର ଜେନା, ସୂର୍ଯ୍ୟନାରାୟଣ ସୁବୁଦ୍ଧଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିପରି ରାଇଘର ଅଞ୍ଚଳର ୨ ବ୍ୟବସାୟୀ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ସହାୟତା ପାଣ୍ଠିକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମହମ୍ମଦ ସଲିମ୍ ରଜାକ୍ ପ୍ରଧାନମନ୍ତ୍ରୀ ପାଣ୍ଠିକୁ ୧୧ହଜାର ଏବଂ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିକୁ ୨୧ହଜାର ଟଙ୍କା ଦେଇଛନ୍ତି। ସେହିଭଳି ମହମ୍ମଦ ଇଦ୍ରିସ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧୧ ହଜାର ଏବଂ ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ ୧୧ ହଜାର ଟଙ୍କା ସହାୟତା ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ରାଇଘର ବିଡିଓ ଯୁଧିଷ୍ଠିର ନାୟକଙ୍କୁ ପ୍ରଦାନ କରିଛନ୍ତି। ୪ ନଂ. ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଣବ କୁମାର ଭୂୟାଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିକୁ ୧୧ ହଜାର ଟଙ୍କା ଦେଇଛନ୍ତି।

## ସର୍ଭେ କରି ତଥ୍ୟ ସଂଗ୍ରହ କରୁଛି ପ୍ରଶାସନ

କାଶୀନଗର,୧୫।୪(ଡି.ଏନ୍.ଏ.)

ପ୍ରଶାସନ ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ବିଭାଗର ଏଏନ୍‌ଏମ୍, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ନେଇ ଏକ ୩ ଜଣିଆ ଟିମ୍ ମଙ୍ଗଳବାର କାଶୀନଗର ଏନ୍‌ଏସିର ବିଭିନ୍ନ ୱାର୍ଡରେ ଘର ଘର ବୁଲି ସର୍ଭେ କରୁଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ରାଜ୍ୟ ବାହାରୁ କିମ୍ବା ବିଦେଶରୁ କେହି ଆସିଛନ୍ତି କି ନାହିଁ ସେ ନେଇ ମଧ୍ୟ ତଥ୍ୟ ସଂଗ୍ରହ କରୁଛନ୍ତି। ୧୩ଟି ୱାର୍ଡରେ ୧୩ ଟିମ୍ ନିୟୋଜିତ ହୋଇଛନ୍ତି। ତେବେ ଗଞ୍ଜାମ ଜିଲା ଭଳି ଗଜପତି ଜିଲାରେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ଆନ୍ଧ୍ରରୁ ରୋଗୀ ଆଣୁଥିବା ଆମ୍ବୁଲାନ୍ସ ଅଟକ

**ଗାଡ଼ିରେ ଅଛନ୍ତି ଜଣେ ଅନ୍ତଃସତ୍ତ୍ୱା**

ବୈପାରୀଗୁଡ଼ା,୧୫।୪(ଡି.ଏନ୍.ଏ.)

ଆନ୍ଧ୍ରରୁ ଜଣେ ରୋଗୀଙ୍କୁ ନେଇ ବୈପାରୀଗୁଡ଼ା ବ୍ଲକ ଦୋରାଗୁଡ଼ା ପଞ୍ଚାୟତ ଦଳପୁର ଗ୍ରାମକୁ ଆସୁଥିବା ଏକ ଆମ୍ବୁଲାନ୍ସକୁ ଲୋକେ ଅଟକ ରଖିଛନ୍ତି। ଉକ୍ତ ଆମ୍ବୁଲାନ୍ସରେ ରୋଗୀଙ୍କ ସମେତ ୨ ଜଣ ମହିଳା ଓ ୨ ଜଣ ପୁରୁଷ ରହିଛନ୍ତି। ସେମାନଙ୍କୁ ଲୋକେ ଗାଡ଼ିରୁ ଓହ୍ଲାଇବାକୁ ମଧ୍ୟ ଦେଉନାହାନ୍ତି। ଗାଡ଼ିରେ ଜଣେ ମହିଳା ଅନ୍ତଃସତ୍ତ୍ୱା ଥିବା ଜଣାପଡ଼ିଛି। ଖବର ପାଇ ପୋଲିସ ଓ ବ୍ଲକ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛି। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ସମ୍ପୃକ୍ତ ଲୋକମାନେ ଆନ୍ଧ୍ରକୁ କାମ କରିବାକୁ ଯାଇଥିଲେ। ସେଠାରେ ଜଣେ ପୁରୁଷ ଶ୍ରମିକ ଜ୍ୱରରେ ପଡ଼ିଥିବା ବେଳେ ମାଲିକ ତାଙ୍କର ଚିକିତ୍ସା କରିବା ବଦଳରେ ଆମ୍ବୁଲାନ୍ସରେ ଘରକୁ ପଠାଇ ଦେଇଛନ୍ତି। ଆନ୍ଧ୍ର-ଓଡ଼ିଶା ସୀମାରେ ଯାଞ୍ଚ କଡ଼ାକଡ଼ି ହେଉଥିବା ବେଳେ ସେମାନଙ୍କୁ ଅତିକ୍ରମ କରି ଏହି ଆମ୍ବୁଲାନ୍ସ କିପରି ବୈପାରୀଗୁଡ଼ା ବ୍ଲକରେ ପ୍ରବେଶ କଲା ବୋଲି ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଗ୍ରାମବାସୀ।

## ୨୦ ଅମାନିଆ ଥାନାରେ ଅଟକ

ପାରଳାଖେମୁଣ୍ଡି, ୧୫।୪ (ସ୍ୱ.ପ୍ର.)- ଗଜପତି ଜିଲା ସଦର ମହକୁମାରେ ପୋଲିସ ପାଟ୍ରୋଲିଂ କରିବା ସମୟରେ ବିଭିନ୍ନ ସ୍ଥାନରେ ଲକ୍‌ଡାଉନ ନିୟମକୁ ଉଲଂଘନ କରିଥିବା ୨୦ଜଣଙ୍କୁ ପୋଲିସ ଧରି ନେଇଥିଲା । ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଅବଧି ଆରମ୍ଭ ହେବାର ପ୍ରଥମ ଦିନରେ ଅମାନିଆଙ୍କୁ ଧରିନେଇ ପୋଲିସ ଅଟକ ରଖିଛି ବୋଲି ଆଦର୍ଶ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି। ଆଗକୁ ମଧ୍ୟ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ପାଟ୍ରୋଲିଂ ବ୍ୟବସ୍ଥା କଡାକଡି

କାଲିମେଳା,୧୫।୪(ଡି.ଏନ.ଏ.)

ସାରା ବିଶ୍ୱରେ କରୋନା ଭାଇରସ ଆତଙ୍କ ସୃଷ୍ଟି କରିଛି । ବିଶ୍ୱରେ ଏବଂ ଭାରତରେ ଏହି ଭୂତାଣୁ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି। ଏପରି ସ୍ଥଳେ ଲକ୍‌ଡାଉନକୁ କେନ୍ଦ୍ର ସରକାର ପୁଣି ଥରେ ମେ ୩ ପର୍ଯ୍ୟନ୍ତ ବୃଦ୍ଧି କରି ଲୋକଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦେଇଛନ୍ତି । ବୁଧବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ଲକଡାଉନ ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି କାଲିମେଳା ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। କାଲିମେଳା ବଜାରରେ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଥାନା ଅଧିକାରୀ ସରୋଜ କୁମାର ଝଙ୍କାରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏସଆଇ ଏଚସି ବେନିଆ ଏଏସଆଇ କେ. ଲକ୍ଷ୍ମୀ ନାରାୟଣ ଦୋରା, ବିଜୟ ତାଣ୍ଡିଙ୍କ ସହ କର୍ମଚାରୀମାନେ ଲୋକଙ୍କୁ ଘରୁ ନ ବାହାରିବା, ମାସ୍କ ବ୍ୟବହାର ପାଇଁ ପରାମର୍ଶ ଦେଇଛନ୍ତି।

## ସାମାଜିକ ଦୂରତା ମାନୁନାହାନ୍ତି ଲୋକେ

କୋରୁକୋଣ୍ଡା, ୧୫।୪(ଡି.ଏନ୍.ଏ.)

କରୋନାକୁ ରୋକିବା ଲାଗି ସାମାଜିକ ଦୂରତା ରକ୍ଷାକରିବା ଏକ ପ୍ରମୁଖ ମାଧ୍ୟମ। ମାତ୍ର ବାଲିମେଳା ସହରସ୍ଥିତ ଷ୍ଟେଟ ବ୍ୟାଙ୍କ ଫାଟକ ସମ୍ମୁଖରେ ପ୍ରାୟ ଶତାଧିକ ଲୋକ ପାଖାପାଖି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଗତ ୨ ଦିନ ହେଲା ବ୍ୟାଙ୍କ ବନ୍ଦ ଥିବା ବେଳେ କେନ୍ଦ୍ର ସରକାରଙ୍କ ଜନଧନ ଯୋଜନାରେ ଆସୁଥିବା ଟଙ୍କା ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କ ସମ୍ମୁଖରେ ଭିଡ଼ ଜମାଇଥିଲେ। ବ୍ୟାଙ୍କରେ କର୍ମଚାରୀ ଅଭାବ ଯୋଗୁ ଏପରି ଭିଡ଼କୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଥିଲା। ଖବର ପାଇ ପୋଲିସ ପହଞ୍ଚି ଲୋକଙ୍କୁ ସାମାଜିକ ଦୂରତ୍ୱ ରଖି ଛିଡ଼ା ହେବାକୁ କହି ଭିଡ଼କୁ ନିୟନ୍ତ୍ରଣ କରିଥିଲା।



## ନିୟମ ମାନନ୍ତୁ, ଖୁସିରେ ରୁହନ୍ତୁ

ମାଲକାନଗିରି,୧୫।୪ (ଡି.ଏନ୍.ଏ.)

କରୋନା ପ୍ରଭାବକୁ ଅନୁଧ୍ୟାନ କରି ଓଡ଼ିଶା ସମେତ ସମଗ୍ର ଦେଶରେ ଲକ୍‌ଡାଉନ ଅବଧିକୁ ବୃଦ୍ଧି କରାଯାଇଛି। ଏନେଇ ଜାରି ନିୟମକୁ ଲୋକେ ପାଳନ କରୁଛନ୍ତି। ମାତ୍ର ଏହି ରୋଗକୁ ଭୟ ନ କରି ଡାକ୍ତର, ସଫେଇ କର୍ମଚାରୀ, ପୋଲିସ,

**ସଫେଇ କର୍ମଚାରୀ ଦେଲେ ସଚେତନତା ବାର୍ତ୍ତା**

ସରକାରୀ ପଦାଧିକାରୀ, କର୍ମଚାରୀ, ବେସରକାରୀ ସଂସ୍ଥା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣମାଧ୍ୟମ କର୍ମଚାରୀମାନେ ଲୋକଙ୍କ ସେବାରେ ଲାଗିଛନ୍ତି। ଏମାନଙ୍କୁ ସମସ୍ତେ ପ୍ରଶଂସା କରୁଛନ୍ତି। ଏହି ଅବସରରେ ବୁଧବାର ମାଲକାନଗିରିରେ ଶତାଧିକ ସଫେଇ କର୍ମଚାରୀ ସାମାଜିକ ଦୂରତା ରକ୍ଷାକରି ଏକ ଶୋଭାଯାତ୍ରା କରି ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି। ସରକାରଙ୍କ ନିୟମ ମାନି ଆବଶ୍ୟକ ନ ପଡିଲେ ଘରୁ ବାହାରନ୍ତୁ ନାହିଁ। ପରିବେଶ ନଷ୍ଟ କରନ୍ତୁ ନାହିଁ। ମାସ୍କ କିମ୍ବା ଗାମୁଛା ମୁହଁରେ ବାନ୍ଧନ୍ତୁ, ଅଳିଆ ଆବର୍ଜନା ଏଣେତେଣେ ପକାନ୍ତୁନାହିଁ। ଦିନକୁ ୧୦ ଥର ହାତ ଧୁଅନ୍ତୁ, ସମସ୍ତେ ଖୁସିରେ ରୁହନ୍ତୁ ବୋଲି ବାର୍ତ୍ତା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ପିଡି ବାଳମୁକୁନ୍ଦ ଭୂୟାଁ, ଉଦ୍‌ଘାଟନ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଏମ୍.ନୀଳକଣ୍ଠ ନାଇଡୁ ଉପସ୍ଥିତ ଥିଲେ।



ସଫେଇ କର୍ମଚାରୀମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି ।

# ଭିଡ଼ ବଢ଼ାଇଛି ସଂକ୍ରମଣ ଆଶଙ୍କା

**ବ୍ୟାଙ୍କ ଆଗରେ ପାଳନ ହେଉନି ସାମାଜିକ ଦୂରତା**

ଜୟପୁର,୧୫।୪(ନି.ପ୍ର./ଡି.ଏନ୍.ଏ.)

ଲକ୍ ଡାଉନ ବେଳେ କୋରାପୁଟ ଜିଲା ଜୟପୁର ସହରର ବିଭିନ୍ନ ବ୍ୟାଙ୍କ ଆଗରେ ଭିଡ଼ ସାଙ୍ଗକୁ ଲମ୍ବା ଲାଇନ। ଗ୍ରୀଷ୍ମ ପ୍ରବାହ ଚାଲିଥିବା ବେଳେ ବିଭିନ୍ନ ସରକାରୀ ଯୋଜନାରେ ଅନୁଦାନ ରାଶି ପାଇବା ପାଇଁ ବୃଦ୍ଧବୃଦ୍ଧା ଓ ମହିଳା ହିତାଧିକାରୀ ପାସ୍‌ବୁକ୍ ଧରି ବ୍ୟାଙ୍କ ଆଗରେ ଜମା ହେଉଛନ୍ତି। ବ୍ୟାଙ୍କ ସାଙ୍ଗକୁ ଜନସେବା କେନ୍ଦ୍ରରେ ମଧ୍ୟ ଲୋକେ ଗହଳି କରୁଥିବା ଦେଖିବାକୁ ମିଳୁଛି। ଏଥିରେ କରୋନା ସଂକ୍ରମଣକୁ ରୋକିବା ପାଇଁ ଜାରି ହୋଇଥିବା ସାମାଜିକ ଦୂରତାକୁ ଲୋକେ ଆଖି ବୁଜି ବିପଦକୁ ଆମନ୍ତ୍ରଣ କରୁଛନ୍ତି।

ଲକ୍ ଡାଉନ ଲାଗୁ ହେବା ପରେ କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମହିଳାଙ୍କ ନାଁରେ ଥିବା ଜନଧନ ଖାତାକୁ ପ୍ରତି ମାସରେ ୫ ଶହ ଟଙ୍କା ଜମା ହେବ। ଏହି ଅର୍ଥ ୩ ମାସ ଯାଏ ମିଳିବ । ଉଜ୍ଜ୍ୱଳା ଯୋଜନାରେ ଗୋଟିଏ ସିଲିଣ୍ଡର ପାଇଁ ୭୭୫ ଟଙ୍କା ଜମା ହୋଇଛି । ଏହି ଟଙ୍କା ଉଠାଇବା ପାଇଁ ବ୍ୟାଙ୍କରେ ଭିଡ଼। ରାଜ୍ୟ ସରକାର ମଧ୍ୟ ନିର୍ମାଣ ଶ୍ରମିକଙ୍କ ଆକାଉଣ୍ଟକୁ ୧୫ ଶହ ଟଙ୍କା ପଠାଇଛନ୍ତି। ଯେଉଁମାନଙ୍କ ମୋବାଇଲକୁ ଟଙ୍କା ପହଞ୍ଚିବା ମେସେଜ ଆସୁଛି, ସେମାନେ ଟଙ୍କା ଉଠାଇବା ପାଇଁ ତୁରନ୍ତ ବ୍ୟାଙ୍କ ଆଗରେ ସକାଳୁ ପହଞ୍ଚି ଯାଉଛନ୍ତି। କୋରାପୁଟ ଜିଲାର ବହୁ ପଞ୍ଚାୟତରେ ବ୍ୟାଙ୍କ ଶାଖା ନ ଥିବା ଓ ଗାଡ଼ି ମୋଟର କଟକଣା ଯୋଗୁ ଗାଁଗହଳିରୁ ଲୋକେ ଦଳ ଦଳ ହୋଇ ଚାଲିଚାଲି ବ୍ୟାଙ୍କରେ ପହଞ୍ଚି ଯାଉଛନ୍ତି। ଏଭଳି ପରିସ୍ଥିତିରେ ଲୋକଙ୍କ ଘରେ ଅନୁଦାନ ରାଶି ପହଞ୍ଚାଇବାକୁ ସରକାର ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।



ଜୟପୁର ସହରସ୍ଥିତ ଏକ ବ୍ୟାଙ୍କ ଆଗରେ ହିତାଧିକାରୀଙ୍କ ଭିଡ଼।

### ନିୟମକୁ ଫୁଁ, ବିପଦକୁ 'ଆ' କହୁଛନ୍ତି ଲୋକେ



ଟିକିରିସ୍ଥିତ ଗ୍ରାହକ ସେବାକେନ୍ଦ୍ରରେ ଭିଡ଼।

ଟିକିରି,୧୫।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ମଧ୍ୟ ସମାନ ସ୍ଥିତି। ବାରମ୍ବାର ତାଗିଦ ସତ୍ତ୍ୱେ ଲୋକେ ସର୍ବସାଧାରଣ ସ୍ଥାନରେ ସାମାଜିକ ଦୂରତା ରଖୁନାହାନ୍ତି। ଉତ୍କଳ ଗ୍ରାମ୍ୟବ୍ୟାଙ୍କ, କିଓସ୍କ ବ୍ୟାଙ୍କିଙ୍ଗ, ଗ୍ରାହକ ସେବା କେନ୍ଦ୍ରରେ ଉପଭୋକ୍ତା ଓ ହିତାଧିକାରୀଙ୍କ ଭିଡ଼ ଲାଗୁଛି। ସେହିପରି ପରିବା ବଜାର, ତେଜରାତି ଦୋକାନ, ମାଛ, ମାଂସ ଦୋକାନରେ ମଧ୍ୟ ଗ୍ରାହକମାନେ ଗହଳି ଲଗାଉଛନ୍ତି। ପୋଲିସ ଉପସ୍ଥିତ ଥାଇ ମଧ୍ୟ ସେମାନଙ୍କୁ ଲୋକେ ବେଖାତିର କରୁଛନ୍ତି।

## କରୋନା ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ, ଏସ୍‌ପି

କାଶୀନଗର,୧୫।୪(ଡି.ଏନ୍.ଏ.)

ଗଜପତି ଜିଲାକୁ କରୋନା ଭାଇରସ୍ ପ୍ରବେଶ ନ କରିଥିଲେ ମଧ୍ୟ ଜିଲା ଓ ପୋଲିସ ପ୍ରଶାସନ ଅନେକ ସତର୍କତାମୂଳକ ପଦକ୍ଷେପ ନେଇଛନ୍ତି। ବୁଧବାର ଜିଲାପାଳ ଅନୁପମ ଶାହା ଓ ଏସ୍‌ପି ସାରା ଶର୍ମା ଜିଲାର କାଶୀନଗର ବ୍ଲକ୍ ଗସ୍ତରେ ଯାଇ କରୋନା ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଶେଷକରି ବାହାର ରାଜ୍ୟର ଲୋକେ ଯେପରି ଅଞ୍ଚଳରେ ପ୍ରବେଶ କରି ନ କରିବେ ସେଥିପ୍ରତି ଗୁରୁତ୍ୱାରୋପ କରିଛନ୍ତି। ବ୍ଲକ୍‌ର ରାୟଗଡ଼ା-ଗଜପତି ଜିଲା ସୀମାନ୍ତ ଅଲଡ଼ା ଗ୍ରାମ ଏବଂ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ହାଡ୍ଡୁଭାଙ୍ଗି ଓ ସୀତାପୁରଠାରେ ନିର୍ମାଣ କରାଯାଇଥିବା ନାକାବନ୍ଦୀ ଗେଟ୍‌ଠାରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ପରେ ଜିଲାପାଳ ଏବଂ ଏସ୍‌ପି ଅଲଡ଼ା, ହାଡ୍ଡୁଭାଙ୍ଗି ଓ କାଶୀନଗରସ୍ଥିତ କ୍ୱାରାଣ୍ଟାଇନ୍ ହୋମ୍ ପରିଦର୍ଶନ କରି ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରିଥିଲେ। ସମସ୍ତ ପଞ୍ଚାୟତକୁ କିଟ୍ ପଠାଯାଇଥିବା ବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏହି ସମୟରେ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ସହ ଅଧିକାରୀମାନେ ଉପସ୍ଥିତ ଥିଲେ।



ଅନୁଷ୍କା

## କାହାଣୀ ମିଶନ

ଅନୁଷ୍କା ଶର୍ମା ଲକ୍‌ଡାଉନ୍ ସମୟରେ କ'ଣ କରୁଛନ୍ତି ? ସେ ନିଶ୍ଚୟ ତ ଘରେ ରହୁଥିବେ । ଏହି ସମୟରେ ସେ କ'ଣ ବା କରିବେ ? ଏ ନେଇ ତାଙ୍କର ପତିଦେବ ତଥା ଭାରତୀୟ କ୍ରିକେଟ ଟିମ୍‌ର କ୍ୟାପଟେନ୍ ବିରାଟ କୋହଲି ତାଙ୍କୁ ଏକ ଭଲ ଆଇଡିଆ ଦେଇଛନ୍ତି । ତାହା କ'ଣ ଜାଣନ୍ତି ? କାହାଣୀ ଖୋଜିବା । ଅର୍ଥାତ୍, ହୋମ୍ ବ୍ୟାନରରେ ଆଉ ଏକ ସିନେମା ନିର୍ମାଣ କରିବା ପାଇଁ ସେ ଏବେ ମନଲାଖି ତଥା ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି କାହାଣୀଟିଏ ଖୋଜୁଛନ୍ତି । ଏ ନେଇ ଅନୁଷ୍କା କହନ୍ତି, 'ଯେତେବେଳେ ମୁଁ ଏକ ନୂଆ ସିନେମା ପାଇଁ ପ୍ଲାନିଂ କଲି ସେତେବେଳେ ବିରାଟ ମୋତେ ଭଲ କାହାଣୀଟିଏ ଖୋଜିବାକୁ କହିଲେ । ଏବେ ତ ଲକ୍‌ଡାଉନ୍ ପାଇଁ ଶୁଟିଂ ନାହିଁ, କି ବାହାରକୁ ଯିବାର ନାହିଁ । ତେଣୁ ଘରେ ରହି ଭଲ କାହାଣୀଟିଏ ଖୋଜୁଛି ।' ତେବେ ଅନୁଷ୍କାଙ୍କ କାହାଣୀ ମିଶନ କେବେ ଶେଷ ହେଉଛି ତାହା ସମୟ ହିଁ କହିବ ।

## ରୋଷେଇରେ ମନ

ଜ୍ୟାକ୍‌ଲିନ ଫର୍ନାଡିସ୍‌ଙ୍କ ମନକୁ ଏବେ ଗୋଟିଏ କଥା ଘାରିଛି । ବର୍ତ୍ତମାନ ତ ଶୁଟିଂ ନାହିଁ । ଯେହେତୁ କରୋନା ପାଇଁ ଲକ୍‌ଡାଉନ ଘୋଷଣା ହୋଇଛି, ତେଣୁ ଘରେ ହିଁ ରହିବାକୁ ପଡୁଛି । ତେଣୁ ବସିବାଠାରୁ କାଶିବା ଭଲକୁ ଆପଣେଇ ସେ ଗୋଟିଏ କାମରେ ମନୋନିବେଶ କରିଛନ୍ତି । ତାହା କ'ଣ ଜାଣନ୍ତି ? ରୋଷେଇ । ଅର୍ଥାତ୍, ଏବେ ଜ୍ୟାକ୍‌ଲିନ ମନ ପସନ୍ଦର ଖାଦ୍ୟ ନିଜେ ରୋଷେଇ କରି ଖାଉଛନ୍ତି । ଏ ସମ୍ପର୍କରେ ସେ କହନ୍ତି, 'ବର୍ତ୍ତମାନ ତ ଶୁଟିଂ ନାହିଁ । ତେଣୁ ଘରେ ବସି ବୋର୍ ହେବା ଅପେକ୍ଷା ଭଲ ଭଲ ଖାଦ୍ୟ ନିଜେ ରୋଷେଇ କରୁଛି । ବାସ୍, ଏଥିରେ କିଛି ସମୟ କଟିଯାଉଛି । ଏହାବ୍ୟତୀତ ସାଙ୍ଗମାନଙ୍କ ସହ ଫୋନ୍‌ରେ କଥା ହେଉଛି । ବାସ୍, ଯେମିତି ହେଲେ ଟାଇମ୍ ପାସ୍ ହୋଇଯାଉଛି ।



ଜ୍ୟାକ୍‌ଲିନ

### ଏମିତି ବି ହୋଇଥିଲା

## କୁକୁର ଗୋଡ଼ାଇବା କଥା ଭୁଲି ହେଉନି

**ଶୁଟିଂ ସମୟର ନିଜ ଅନୁଭୂତି ସମ୍ପର୍କରେ ଯାହା କୁହନ୍ତି ଦୀପକ...**



ଦୀପକ

ହଁ, କୁକୁର କଥା ମନେପଡ଼ିଲାବେଳକୁ ଯେତିକି ଡର ଲାଗୁଛି ସେତିକି ହସ ମାଡୁଛି । ମୋର ପ୍ରଥମ ଓଡ଼ିଆ ସିନେମା ଥିଲା 'ମନ ମୋର ପ୍ରଜାପତି' । ଏଥିରେ ମୋତେ ଏକ କୁକୁର ଗୋଡ଼ାଇବା ସିନ୍ ରହିଛି । କଥା କ'ଣ କି ଚଳଚ୍ଚିତ୍ରର କାହାଣୀ ଅନୁସାରେ ମୋ ପ୍ରେମିକାଙ୍କ ଘରେ ଏକ ପୋଷା କୁକୁର ଥାଏ । ଥରେ ତା' ଘରକୁ ଗଲାବେଳେ କୁକୁରଟି ମୋତେ ଗୋଡ଼ାଇଲା । ମୁଁ ଜାଣୁଛି ଯେ ଏହା ଫିଲ୍ମ ଶୁଟିଂ ହେଉଛି, ତଥାପି ମନରେ ଭୟ ଆସୁଥିଲା– କାଳେ କୁକୁର ମୋତେ କାମୁଡ଼ିଦେବ ? ସାହସର ସହ ଶଟ୍ ଦେଇଥିଲି । ଠାକୁରଙ୍କ ଆଶୀର୍ବାଦରୁ ଶଟ୍‌ଟି ଏକାଥରେ ଓକେ ହୋଇଥିଲା । ଲକ୍ଷ୍ମୀପୂଜା ପ୍ରଡକ୍ସନ ବ୍ୟାନରରେ ଏହି ଫିଲ୍ମର ପ୍ରଯୋଜନା କରିଥିଲେ ଅନାମ ଚରଣ ସାହୁ । ଏଥିରେ ଦୀପକଙ୍କ ସହ ସ୍କ୍ରିନ ଶେୟାର କରିଥିଲେ ବଙ୍ଗୀୟ ଅଭିନେତ୍ରୀ କୋଏଲ ବାନାର୍ଜୀ ।

## ଏ ମନ ଖୋଜୁଥାଏ ଯାହା...

କଥାରେ ଅଛି– ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା । ଦେଖୁନାହାନ୍ତି, ଯେଉଁଭଳି ଏକ ଭୂମିକାଟିଏ ସେ ଖୋଜୁଥିଲେ ତାହା ମିଳିବା ପରେ ସେ କେମିତି ଖୁସିରେ ଉଛୁଳୁଛନ୍ତି । କଥା କ'ଣ କି ଜାହ୍ନବୀ କପୁରଙ୍କ ଖୁସି ଏବେ କହିଲେ ନ ସରେ । ନିକଟରେ ତାଙ୍କୁ ଏକ ଅନ୍‌ଟାଇଟଲ୍‌ଡ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ମିଳିଛି । ଫୋନ୍‌ରେ ଏହି ଅଫର ପାଇବା ପରେ ସେ ପ୍ରଥମେ କାହାଣୀ ଏବଂ ନିଜ ଭୂମିକା ନେଇ ଭଲ ଭାବରେ ଅବଗତ ହୋଇଥିଲେ । ଭୂମିକା ବିଷୟରେ ଜାଣିବା ପରେ ସେ ଖୁସିରେ ଉଛୁଳି ଉଠିଥିଲେ । କାରଣ ଏହି ଫିଲ୍ମରେ ତାଙ୍କୁ ନେଇ କେତୋଟି ଫାଇଟ୍ ସିନ୍‌ର ଶୁଟିଂ କରାଯିବାର ଯୋଜନା ରହିଛି । ଶୁଣିବାକୁ ମିଳୁଛି ଯେ, ଉକ୍ତ ନୂଆ ସିନେମା ପାଇଁ ସେ କୁଆଡ଼େ ନିଜର ପାରିଶ୍ରମିକ ବଢ଼ାଇ ଦେଇଛନ୍ତି ।



ଜାହ୍ନବୀ

## ଅତୀତରୁ...

➔ଓଡ଼ିଆ ଚଳଚ୍ଚିତ୍ର 'ସମୟ'ରେ ସଂଯୋଜିତ 'ସଜନୀରେ କାହିଁ ଗଲେ ଶ୍ୟାମ' ଗୀତଟି ବେଶ୍ ଶ୍ରୋତାଦୃତ ହୋଇଥିଲା । ଏହାର ସ୍ୱର ସଂଯୋଜକ ଥିଲେ ସେ ସମୟର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଯୋଡ଼ି ଭୁବନ-ହରି । ଚିତ୍ରଟିର ବିଭିନ୍ନ ଭୂମିକାରେ ଶ୍ରୀରାମ ପଣ୍ଡା, ତ୍ରିପୁରା ମିଶ୍ର, ପ୍ରଶାନ୍ତ ନନ୍ଦ, ଧୀର ବିଶ୍ୱାଳ, ଭାନୁମତୀ ଅଭିନୟ କରିଥିଲେ ।

➔ଓଡ଼ିଆ ସିନେମା 'ମମତା'ର ଗୀତଗୁଡ଼ିକ ଏବେ ମଧ୍ୟ ବେଶ୍ ଲୋକପ୍ରିୟ । 'ରେ ଆମୃନ ନିଦ୍ରା ପରିହରି, ଆରେ ମିତ ଆ ସଙ୍ଗାତ ବେଳ ଗଲାଣି, ଶ୍ୟାମକୁ ଜୁହାର ତା'ର ପ୍ରେମକୁ ଜୁହାର, ଦେଖି ବଣ ମଲ୍ଲୀ ରାଧା ହେଲେ ବାତୁଳି, ହେ ଫଗୁଣ କାନ୍ଦନାରେ'କୁ ଆଜି ବି ଅନେକ ଶ୍ରୋତା ଗୁଣୁଗୁଣେଇ ହୋଇଥାଆନ୍ତି । ଏସବୁ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର । ପ୍ରଶାନ୍ତ ନନ୍ଦ, ସୁରେଶ, ବ୍ୟୋମକେଶ ତ୍ରିପାଠୀ, ଟିମା, ସୁଜାତା ଆଦି କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା ।

➔ଥରେ ମନେପକାନ୍ତୁନା 'ସୀମାହୀନ ଦରିଆ ସାଥୀ ବିନା ଦୁନିଆ'କୁ । ଏହି ଗୀତଟି ସେ ସମୟରେ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ଓଡ଼ିଆ ଚଳଚ୍ଚିତ୍ର 'ବତୀଘର'ରେ ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଥିଲେ ପ୍ରଣବ ପଟ୍ଟନାୟକ ।

➔ପ୍ରଥମ ରଙ୍ଗିନ ଓଡ଼ିଆ ସିନେମା 'ଗପ ହେଲେ ବି ସତ'ର ଟାଇଟଲ ପଛରେ ଏକ ମଜାଦାର କଥା ଲୁଚି ରହିଛି । ଏହାର ଗୀତଗୁଡ଼ିକୁ ରଚନା କରିଥିଲେ ଗୁରୁକୃଷ୍ଣ ଗୋସ୍ୱାମୀ । ତନ୍ମଧ୍ୟରୁ ଗୋଟିଏ ଗୀତର ଧାଡ଼ି ଥିଲା 'ଗପ ହେଲେ ବି କଥାଟି ସତ ଜମାରୁ ମିଛ ନୁହେଁ' । ବାସ୍, ଏହାକୁ ନେଇ ଟାଇଟଲ ରଖାଯାଇଥିଲା 'ଗପ ହେଲେ ବି ସତ' । ସ୍ୱାତୀ ଫିଲ୍ମସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଥିଲେ ସୁବିମଳ ମଲ୍ଲିକ । ନଗେନ ରାୟ ନିର୍ଦ୍ଦେଶନା ଦେଇଥିବା ବେଳେ ଚିତ୍ର ଉତ୍ତୋଳନ କରିଥିଲେ ସୁରେନ୍ଦ୍ର ସାହୁ । ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ହରିଶ ମହାପାତ୍ର, ସୁରେଶ ମିଶ୍ର, ବନଜା ମହାନ୍ତି ଅଭିନୟ କରିଥିଲେ ।

## ନୀରବତା ଅନ୍ତରାଳେ..



ବିଜୁ ବଡ଼ଜେନା

କଥାରେ ଅଛି ବେଶ୍ ସମୟର କିଦାଠୁ କିଛି ମାସ ଦୂରେଇ ରହିବା ପରେ ପୁଣି ଥରେ ଏଣ୍ଟ୍ରି କଲେ ତାହା ଏକରକମ ଦମ୍‌ଦାର ହୋଇଥାଏ । ବାସ୍, ନିଜର ଆକ୍ଟିଂ ଲାଇଫ୍‌ରେ ଆଉ ଏକ ଟର୍ନିଂ ପଏଣ୍ଟ ଆଣିବାକୁ ପୂରା ଦମ୍‌ରେ ଲାଗିପଡ଼ିଛନ୍ତି । ସେ ହେଲେ ବିଜୁ ବଡ଼ଜେନା । ପୂର୍ବରୁ ବେଶ୍ କେତୋଟି ସିନେମାରେ ତାଙ୍କୁ ନେଗେଟିଭ ଚରିତ୍ରରେ ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ, କେତେକ ଚରିତ୍ରକୁ ଦର୍ଶକ ଏ ପର୍ଯ୍ୟନ୍ତ ମନେ ରଖିଛନ୍ତି । ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା 'ହିରୋ ନମ୍ବର ଜିରୋ'ରେ ସେ ବାବାଜୀ ଅବାତାରରେ ଦର୍ଶକଙ୍କ ସାମନାକୁ ଆସିବେ । ଏବେ ଏକାଥରେ ତାଙ୍କ ହାତରେ ରହିଛି ୪ଟି ସିନେମା ଏବଂ ତିନୋଟି ସିନେମା ନେଇ କଥାବାର୍ତ୍ତା ଚାଲୁ ରହିଛି । ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ 'ପ୍ରେମ ପାଇଁ ମହାଭାରତ'ରେ ଶକୁନି ଚରିତ୍ର ଏବଂ 'ମାଲ ମହୁ ଜୀବନ ମାଟି–ଭାଗ୍ୟର ନୋ ଗ୍ୟାରେଣ୍ଟିରେ କମେଡି–କମ୍–ନେଗେଟିଭ ଭୂମିକାକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ । ଏହାବ୍ୟତୀତ ସୁଧାଂଶୁ ଜେନାଙ୍କ ପ୍ରଯୋଜିତ ଏବଂ ଏନ୍. ପାଢ଼ୀ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ପାଗଳ ମୁଁ ତୋ ପାଇଁ'ରେ ମୁଖ୍ୟ ଖଳନାୟକ ସାଜିଛନ୍ତି ସେ ।

## ଆଶାରେ ବୁଲ୍‌ଟି

ନବାଗତା ବୁଲ୍‌ଟି ଖୁବ୍ ଶୀଘ୍ର ବଡ଼ ପରଦାରେ ନାୟିକା ଭାବରେ ଦେଖାଦେବେ । ଚଳଚ୍ଚିତ୍ରଟି ହେଲା 'ମନ ମୟୂରୀ' । ନିର୍ଦ୍ଦେଶକ ରୁଦ୍ର ନାରାୟଣ ମହାନ୍ତି ତାଙ୍କୁ ଏଭଳି ସୁଯୋଗ ଦେଇଛନ୍ତି । ଏହି ଚଳଚ୍ଚିତ୍ରରେ ସେ ରୁଦ୍ର ପାଣିଗ୍ରାହୀଙ୍କ ନାୟିକା ସାଜିଛନ୍ତି ବୁଲ୍‌ଟି । ଏଭଳି ସୁଯୋଗ ସମ୍ପର୍କରେ ବୁଲଟି କୁହନ୍ତି, 'ଅବଶ୍ୟ ଏହାପୂର୍ବରୁ ଅନେକ ଆଲବମ୍ ଏବଂ କେତୋଟି ଓଡ଼ିଆ ଚଳଚ୍ଚିତ୍ରରେ ଛୋଟ ଭୂମିକାରେ ଅଭିନୟ କରିସାରିଛି । ହେଲେ 'ମନ ମୟୂରୀ'ରେ ମୋତେ ନାୟିକା ଭାବରେ ଚୟନ କରାଯାଇଛି । ନିର୍ଦ୍ଦେଶକ ଯେତେବେଳେ ଏହି ଅଫରଟି ମୋତେ ଦେଲେ ସାଙ୍ଗେ ସାଙ୍ଗେ ହଁ ଭରିଥିଲି । କାରଣ ଏହି କାହାଣୀରେ ଭିନ୍ନତା ରହିଛି । ଏହି ଫିଲ୍ମରେ ମୋତେ ଯେଉଁ ଭୂମିକା ମିଳିଛି ତାହା ମୋ କ୍ୟାରିୟରକୁ ବେଶ୍ ମାଇଲେଜ ଦେବ ବୋଲି ଆଶା ରଖିଛି ।' 'ତୋର ମୋର କଥା ହେବା ଚୁପ୍‌ଚାପ୍' ଏବଂ 'ମହାନାୟିକା' ପରେ ପ୍ରଗତି କ୍ରିଏଟିଭ ବ୍ୟାନରରେ ଏହା ହେଉଛି ତୃତୀୟ ଚଳଚ୍ଚିତ୍ର । ରୁଦ୍ର–ବୁଲ୍‌ଟିଙ୍କ ବ୍ୟତୀତ ଏହି ଚଳଚ୍ଚିତ୍ରରେ ତୃପ୍ତି ସିହ୍ନା, ଅକ୍ଷୟ ବସ୍ତିଆ, ସମୀର ତ୍ରିପାଠୀ, ଜ୍ୟୋତି ପ୍ରକାଶ, ଥିନ, ସତ୍ୟ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି ।

## କ'ଣ କରୁଛନ୍ତି ଆୟୁଷ୍ମାନ

ଆୟୁଷ୍ମାନ ଖୁରାନା ଏବେ କ'ଣ କରୁଛନ୍ତି ? ଯେହେତୁ କରୋନା ପାଇଁ ଲକ୍‌ଡାଉନ୍ ଘୋଷଣା କରାଯାଇଛି ପୁଣି ତାହା ମେ' ୩ ପର୍ଯ୍ୟନ୍ତ ବଢ଼େଇ ଦିଆଯାଇଛି ତେଣୁ ଏତେ ସମୟ ପର୍ଯ୍ୟନ୍ତ ଘରେ ହିଁ ବସି ରହିବାକୁ ପଡ଼ିବ । ସେହି ସମୟରେ ସେ ଗୋଟିଏ କାମରେ ନିଜକୁ ନିୟୋଜିତ ରଖୁଛନ୍ତି । ଘରେ ରହି ସେ ଅଧିକାଂଶ ସମୟ ପିଆନୋ ବଜାଉଛନ୍ତି । ପୁଣି ପିଆନୋ ନିଶାରେ ସେ ଏତେ ନିମଗ୍ନ ଯେ ଏହାକୁ ବଜାଇବା ବେଳେ ସେ ଶାର୍ଟ ପିନ୍ଧିବାକୁ ଭୁଲିଯାଉଛନ୍ତି । ପିଆନୋ ବଜାଉଥିବାର ଏକ ଫଟୋ ସେ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହେବାରେ ଲାଗିଛି ।



ଆୟୁଷ୍ମାନ

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ଏପ୍ରିଲ ୧୬/୨୦୨୦ Thursday, April 16/2020


## ମେ ୧୫ ଯାଏ ଦେଇହେବ ଭବିଷ୍ୟନିଧି ଦେୟ ରାଶି

**ନୂଆଦିଲ୍ଲୀ,୧୫।୪:** ବର୍ତ୍ତମାନ ଲକ୍‌ଡାଉନ ଅବଧି ବଢ଼ିବା ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। କର୍ମଚାରୀଙ୍କ ଅସୁବିଧାକୁ ଧ୍ୟାନରେ ରଖି ସରକାର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ(ଇପିଏଫ୍‌ଓ)ର ଭବିଷ୍ୟନିଧି ଦେୟ ରାଶି ପଇଠ କରିବାର ସୀମାକୁ ମେ ମାସ ୧୫ ଯାଏ ବଢ଼ାଇ ଦେଇଛନ୍ତି। ମାର୍ଚ୍ଚ ମାସର ଦେୟ ଏପ୍ରିଲ ୧୫ ମଧ୍ୟରେ ଦେବାର ନିୟମ ରହିଥିଲା, ଯାହାର ସୀମାକୁ ଆସନ୍ତା ମାସ ୧୫ ଯାଏ ବଢ଼ାଯାଇଛି। ଏହାଦ୍ୱାରା ୫ କୋଟି ଉପଭୋକ୍ତାଙ୍କୁ ଆଶ୍ୱସ୍ତି ମିଳିଥିବା ସୂଚନା ରହିଛି।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଇପିଏସ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୫।୪:** ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଆଧାର ଭିତ୍ତିକ ପେମେଣ୍ଟ ସିଷ୍ଟମ (ଏଇପିଏସ୍) କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏକ ମୋବାଇଲ ଭ୍ୟାନ ମାଧ୍ୟମରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ଅଞ୍ଚଳରେ ଲକ୍‌ଡାଉନରେ ଫସି ରହିଥିବା ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ଆବଶ୍ୟକତା ଭିତ୍ତିରେ ବ୍ୟକ୍ତି ବିଶେଷଙ୍କୁ ବ୍ୟାଙ୍କିଙ୍ଗ ସେବା ଯୋଗାଣ ଦିଗରେ ଏହା କାର୍ଯ୍ୟ କରୁଛି। ବ୍ୟାଙ୍କର ଉପଆଞ୍ଚଳିକ ପ୍ରବନ୍ଧକ ଭରତ ବରାଡ ଏହାର ଶୁଭାରମ୍ଭ କରିଛନ୍ତି। ଏଥିରେ ବିଜନେସ୍ କରେସପଣ୍ଡେଣ୍ଟଙ୍କୁ ନିୟୋଜିତ କରାଯିବା ସହ ଆଧାର ଦ୍ୱାରା ଟଙ୍କା ଜମା ଏବଂ ଉଠାଣ କରିବାର ସୁବିଧା ଦିଆଯାଉଛି। ଲକ୍‌ଡାଉନ ସମୟରେ ଲୋକଙ୍କ ବ୍ୟାଙ୍କିଙ୍ଗ ଆବଶ୍ୟକତାକୁ ବିଚାର କରି ଏଭଳି ଏକ ସେବା ଯୋଗାଣ ହେଉଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

## ନିରନ୍ତର ସେବାରେ ପ୍ରାଣୀଧନ ଚିକିତ୍ସକ

**ଭୁବନେଶ୍ୱର,୧୫।୪:** ବିଶ୍ୱ ମହାମାରୀ କୋଭିଡ-୧୯ ଲାଗି ଏବେ ବିଭିନ୍ନ ସମସ୍ୟା ସାମ୍ନାକୁ ଆସିଛି। ଜରୁରୀ ସେବାରେ ଥିବା ବ୍ୟକ୍ତିବିଶେଷଙ୍କ ଯୋଗଦାନ ଏବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏଭଳି ସ୍ଥିତିରେ ପ୍ରାଣୀଧନ ଚିକିତ୍ସକ ଏବଂ ପ୍ରାଣୀଧନ ସେବା ସହ ଜଡିତ ବ୍ୟକ୍ତିବିଶେଷ ଏବଂ ଅଧିକାରୀ ନିରନ୍ତର ସେବା ଯୋଗାଣ ଧାରା ଜାରି ରଖିଛନ୍ତି। ଲକ୍‌ଡାଉନ ସମୟରେ ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସାଳୟ ଖୋଲା ରହିଛି। ପ୍ରାଣୀ ଚିକିତ୍ସା, ଟିକାକରଣ, କୃତ୍ରିମ ପ୍ରଜନନ ସାଙ୍ଗକୁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଦିଗରେ କର୍ମଚାରୀ ଯୋଗଦାନ ରଖିଛନ୍ତି। ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ବର୍ତ୍ତମାନର ଚ୍ୟାଲେଞ୍ଜିଂ ସ୍ଥିତିରେ ସେବା ଯୋଗାଣ ଉପରେ ଫୋକସ କରାଯାଉଥିବା ସୂଚନା ରହିଛି। କରୋନା ରୋକିବା ଦିଗରେ ପ୍ରାଣୀ ଚିକିତ୍ସକମାନେ ପ୍ରସ୍ତୁତ ଅଛନ୍ତି। କେନ୍ଦ୍ର ସରକାର ଏ ନେଇ ନିର୍ଦ୍ଦେଶନାମା ମଧ୍ୟ ଜାରି କରିଛନ୍ତି। ତେଲଙ୍ଗାନାରେ ପ୍ରାଣୀ ଚିକିତ୍ସକଙ୍କୁ କୋଭିଡ-୧୯ ନିୟନ୍ତ୍ରଣରେ ନିୟୋଜିତ କରାଯାଇଛି। ଏଭଳି ସମୟରେ ଲୋକଙ୍କ ମଙ୍ଗଳ ଲାଗି ସେବା ପ୍ରଦାନ କରୁଥିବାରୁ ସେମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି।

# ଦ୍ୱିତୀୟ ପ୍ୟାକେଜ ନେଇ ନିଷ୍ପତ୍ତି ଶୀଘ୍ର






**ଆଲୋଚନା କରିବେ ପିଏମ୍‌ଓ, ଅର୍ଥମନ୍ତ୍ରୀ**

**ନୂଆଦିଲ୍ଲୀ,୧୫।୪:** ଦେଶର ଅର୍ଥ ବ୍ୟବସ୍ଥା ଉପରେ କୋଭିଡ-୧୯ର ଗଭୀର ପ୍ରଭାବ ରହିଛି। ପ୍ରଭାବକୁ କମ୍ କରିବା ଲାଗି ସରକାର ପ୍ରାଥମିକ ପର୍ଯ୍ୟାୟରେ ୧.୭ ଲକ୍ଷ କୋଟି ଟଙ୍କାର ପ୍ରୋତ୍ସାହନ ପ୍ୟାକେଜ ଘୋଷଣା କରିଛନ୍ତି। ସାଧାରଣ ଲୋକଙ୍କ ଲାଗି ଏହି ପ୍ୟାକେଜ ଆସିଥିବା ବେଳେ ଗଭୀର ଭାବେ ପ୍ରଭାବିତ ଶିଳ୍ପ ଜଗତ, ଏମଏସ୍‌ଏମ୍‌ଇ, ପର୍ଯ୍ୟଟନ ଶିଳ୍ପ, ବିମାନ ଚଳାଚଳ ଭଳି ଅନ୍ୟ କ୍ଷେତ୍ର ଲାଗି ସରକାର ଏବେ ଯାଏ କିଛି ଘୋଷଣା କରିନାହାନ୍ତି। ଏହି କ୍ଷେତ୍ରଗୁଡିକ ସରକାରଙ୍କଠାରୁ ସହାୟତା ପାଇବା ଲାଗି ଚାହିଁ ରହିଛନ୍ତି। ଏହି କ୍ଷେତ୍ରଗୁଡିକର ଅସୁବିଧାକୁ ନଜରରେ ରଖି ଶୀଘ୍ର ଦ୍ୱିତୀୟ ପ୍ରୋତ୍ସାହନ ପ୍ୟାକେଜ ଆସିବା ନେଇ ସୂଚନା ରହିଛି। ଏ ନେଇ ସରକାର ଶୀଘ୍ର ନିଷ୍ପତ୍ତି ନେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏ ନେଇ ଶୀଘ୍ର ଜରୁରୀ ବୈଠକରେ ଏ ନେଇ ଆଲୋଚନା କରିବେ। ଏଠାରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ(ପିଏମ୍‌ଓ) ଏବଂ ଅର୍ଥମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେବେ ବୋଲି ଜଣାପଡିଛି। ଚଳିତ ସପ୍ତାହରେ ଏହି ପ୍ୟାକେଜ ଘୋଷଣା ହେବାର ସମ୍ଭାବନା ରହିଛି। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପ୍ରଭାବିତ ହୋଇଥିବା ସାଧାରଣ ଲୋକ, ଏମ୍‌ଏସ୍‌ଏମ୍‌ଇ ଏବଂ ଅନ୍ୟ କ୍ଷତିଗ୍ରସ୍ତ କ୍ଷେତ୍ରଗୁଡିକୁ ସରକାର ଏହି ପ୍ୟାକେଜ ମାଧ୍ୟମରେ ସହାୟତା କରିବେ। ଗତ ମାସରେ ଘୋଷଣା ହୋଇଥିବା ୧.୭ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ମଧ୍ୟରେ ମାଗଣା ଖାଦ୍ୟଶସ୍ୟ ଯୋଗାଣ, ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥ ଯୋଗାଣ, ନିଶ୍ଚିତ କର୍ମ ନିଯୁକ୍ତି କାର୍ଯ୍ୟକ୍ରମରେ ବେତନ ବୃଦ୍ଧି ଭଳି ପଦକ୍ଷେପ ସରକାର ହାତକୁ ନେଇଛନ୍ତି। ନୂଆ ପ୍ୟାକେଜ ନେଇ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ଯେ, ପ୍ରୋତ୍ସାହନ ପ୍ୟାକେଜ ହୁଏତ ଗତ ଥରର ପ୍ୟାକେଜ ଭଳି ସମାନ ହୋଇ ନ ପାରେ। ସରକାର ସବୁ ଦିଗକୁ ବିଚାର କରି ଲକ୍‌ଡାଉନ ଉଠିବା ପରେ ମଧ୍ୟ ବିଭିନ୍ନ ଯୋଜନା ହାତକୁ ନେଇପାରିବେ।

ଏମ୍‌ଏସ୍‌ଏମ୍‌ଇଗୁଡିକ ଲାଗି ସହଜ କ୍ରେଡିଟ ସୁବିଧା, ଖାଦ୍ୟ ଶସ୍ୟ ଯୋଗାଣ ଏବଂ ଗରିବଙ୍କ ବ୍ୟାଙ୍କ ଖାତାକୁ ପୁଣି ଥରେ ଅର୍ଥ ଯୋଗାଣ ନେଇ ସରକାର ପୁଣି ଥରେ ବିଚାର କରିପାରନ୍ତି ବୋଲି ଅନ୍ୟ ଜଣେ ଅଧିକାରୀ କହିଛନ୍ତି।

ସେହିଭଳି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଜୁରିରେ ବୃଦ୍ଧି ପ୍ରସ୍ତାବ ମଧ୍ୟ ରହିଛି। ଗ୍ରାମାଞ୍ଚଳରେ ନିଯୁକ୍ତି ସୃଷ୍ଟି ଲାଗି ଏମ୍‌ଜିଏନ୍‌ଆରଇଜିଏସରେ ଲୋକଙ୍କୁ କର୍ମଯୋଗାଣ ଉପରେ ବିଚାର କରାଯାଉଛି। ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳଗୁଡିକରେ ଆର୍ଥିକ କାର୍ଯ୍ୟକଳାପ ପୁଣି ଥରେ ଆରମ୍ଭ କରିବାକୁ ଧ୍ୟାନରେ ରଖାଯାଇଛି ବୋଲି ଅଧିକାରୀ କହିଛନ୍ତି। ସରକାର ଲକ୍‌ଡାଉନ ପରିସରକୁ କୃଷିକୁ ବାହାରେ ରଖିଛନ୍ତି। ରବି ଫସଲ ଯେଭଳି ଠିକ ଭାବେ ଅମଳ ହୋଇପାରିବ ତାକୁ ଧ୍ୟାନରେ ରଖାଯାଇଛି। ବର୍ତ୍ତମାନ କୃଷି ସାମଗ୍ରୀ ଯେଭଳି ଠିକ୍ ମୂଲ୍ୟରେ ବିକ୍ରି ହୋଇ ପାରିବ ତାକୁ ମଧ୍ୟ ସରକାର ଧ୍ୟାନରେ ରଖିଛନ୍ତି। ଏହା ହେଲେ କୃଷକଙ୍କ ସମସ୍ୟା କିଛି ପରିମାଣରେ ହ୍ରାସ ହୋଇ ପାରିବ ବୋଲି ଅଧିକାରୀ କହିଛନ୍ତି।

## ଅର୍ଥ ବ୍ୟବସ୍ଥା ଲାଗି ଆଂଶିକ ଲକ୍‌ଡାଉନ ଯୋଜନା

ଲକ୍‌ଡାଉନ ପାଇଁ ବନ୍ଦ ପଡିଥିବା ଅର୍ଥ ବ୍ୟବସ୍ଥାକୁ ଗତିଶୀଳ କରାଇବା ଲାଗି ସରକାର ଆଶିଂକ ଲକ୍‌ଡାଉନ ନେଇ ଯୋଜନା ରଖିଛନ୍ତି। ବର୍ତ୍ତମାନ ସୂଚନା ଏବଂ ପ୍ରଯୁକ୍ତି ହାର୍ଡୱେର, ଗ୍ରାମାଞ୍ଚଳରେ କୃଷି, ଶିଳ୍ପ କାର୍ଯ୍ୟକଳାପକୁ ଅନୁମତି ପ୍ରଦାନ କରାଯାଇଛି। ୨୦ ଏପ୍ରିଲ ପରଠାରୁ ଏଗୁଡ଼ିକ କାର୍ଯ୍ୟକ୍ଷମ ହେବ।

- ଶିଳ୍ପାଞ୍ଚଳରେ ରହିଥିବା ଫ୍ୟାକ୍ଟ୍ରିଗୁଡ଼ିକ ପରିଚାଳିତ ହୋଇପାରିବ
- ଫ୍ୟାକ୍ଟ୍ରି ପରିସରରେ ଶ୍ରମିକଙ୍କୁ କମ୍ପାନୀ ରହିବା ଲାଗି ଡର୍ମିଟୋରି ସୁବିଧା ଦେବେ
- ପରିଚାଳନା ପୁନଃ ଆରମ୍ଭ କରିବା ଲାଗି ସାମାଜିକ ଦୂରତ୍ୱ ନିୟମ ମାନିବାକୁ ହେବ
- ରିଫାଇନେରି ପୁନଃ କାର୍ଯ୍ୟକ୍ଷମ ହୋଇପାରିବ।
- ପେଟ୍ରୋଲିୟମ ସାମଗ୍ରୀର ପରିବହନ ଏବଂ ଯୋଗାଣକୁ ଅନୁମତି
- ଝୋଟ ଏବଂ ପ୍ୟାକେଜିଂ ସାମଗ୍ରୀ ଶିଳ୍ପ ଖୋଲିବ
- କୋଇଲା ଉତ୍ପାଦନ ଏବଂ ପରିବହନ ହୋଇପାରିବ

## ଜାରି ରହିବ ବ୍ୟାଙ୍କ, ବୀମା ସେବା




**ନୂଆଦିଲ୍ଲୀ,୧୫।୪:** ଲକ୍‌ଡାଉନ ଅବଧି ଏବେ ମେ ୩ ତାରିଖକୁ ବୃଦ୍ଧି ହୋଇଥିବା ବେଳେ ପୂର୍ବଭଳି ବ୍ୟାଙ୍କ ଏବଂ ବୀମା ସେବା ଜାରି ରହିବ। ଲୋକଙ୍କ ଆର୍ଥିକ ଆବଶ୍ୟକତାକୁ ବିଚାର କରି ଏହି ସେବାଗୁଡିକ ଜାରି ରହିବ ବୋଲି ସରକାର ବୁଧବାର କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଲାଗି ସରକାର ନୂଆ ଗାଇଡଲାଇନ ଜାରି କରିଛନ୍ତି। ଲୋକଙ୍କ ଅସୁବିଧାକୁ ଦୂରକରିବା ଲାଗି ସରକାର ଆଉ କିଛି ଅତିରିକ୍ତ କ୍ଷେତ୍ରକୁ କାର୍ଯ୍ୟ ପରିଚାଳନା ଲାଗି ଅନୁମତି ପ୍ରଦାନ କରିଛନ୍ତି। ଅନୁପାଳନ ନିୟମ କଡ଼ାକଡି ଭାବେ ପାଳନ କରିବା ଲାଗି ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଜିଲା ପ୍ରଶାସନକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ପରିବର୍ତ୍ତିତ ଗାଇଡଲାଇନ ମୁତାବକ ବ୍ୟାଙ୍କିଙ୍ଗ ସେବା ଲାଗି ଆଇଟି ଭେଣ୍ଡର, ବ୍ୟାଙ୍କିଙ୍ଗ କରେସପଣ୍ଡେଣ୍ଟ, ଏଟିଏମ୍ ପରିଚାଳନା ଏବଂ କ୍ୟାଶ ପରିଚାଳନା ଏଜେନ୍ସିଗୁଡିକ ମଧ୍ୟ କାମ କରିପାରିବେ।



## ୧୪୯୦ କୋଟି ଟଙ୍କା ରିଫଣ୍ଡ କରିବ ରେଲୱେ

**ନୂଆଦିଲ୍ଲୀ,୧୫।୪:** ଲକ୍‌ଡାଉନ ପାଇଁ ଏବେ ରେଳ ସେବା ବନ୍ଦ ରହିଛି। ଏହି ସମୟରେ ବାତିଲ ହୋଇଥିବା ପ୍ରାୟ ୯୪ ଲକ୍ଷ ଟିକେଟର ରିଫଣ୍ଡ ଲାଗି ରେଲୱେ ବ୍ୟବସ୍ଥା କରିଛି। ରେଲୱେ ପକ୍ଷରୁ ଏଥିଲାଗି ୧୪୯୦ କୋଟି ଟଙ୍କା ଦିଆଯିବ। ୨୨ ମାର୍ଚ୍ଚରୁ ଏପ୍ରିଲ ୧୪ ଯାଏ ବୁକିଂ ହୋଇଥିବା ୫୫ ଲକ୍ଷ ଟିକେଟ ବାବଦକୁ ୮୩୦ କୋଟି ଟଙ୍କା ଯାତ୍ରୀଙ୍କୁ ପ୍ରଦାନ କରାଯିବ। ସେହିଭଳି ଏପ୍ରିଲ ୧୫ରୁ ମେ ୩ ଭିତରେ ବାତିଲ ହୋଇଥିବା ୩୯ ଲକ୍ଷ ବୁକିଂ ଲାଗି ୬୬୦ ଟଙ୍କା ଯାତ୍ରୀ ଫେରିପାଇବେ।

# ଖେଳ ଖବର



## ବିଶ୍ୱରେକର୍ଡ ଭାଙ୍ଗିଲେ ଅଷ୍ଟ୍ରେଲୀୟ ରୋୟର

**ସିଡ୍‌ନୀ, ୧୫।୪ (ଏଏଫ୍‌ପି):** ଦେଶରେ କୋଭିଡ୍-୧୯ ଲକ୍‌ଡାଉନ୍ ଚାଲିଥିବାବେଳେ ଅଷ୍ଟ୍ରେଲିଆର ଜଣେ ରୋୟର ଇନ୍‌ଡୋର୍ ହାଫ୍ ମାରାଥନରେ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ଅଷ୍ଟ୍ରେଲିଆ ଦଳର ଅନ୍ୟମାନଙ୍କ ଭଳି ଜର୍ଜି ରୋୱି ସିଡ୍‌ନୀସ୍ଥିତ ବାସଗୃହରେ ଟ୍ରେନିଂ ଜାରି ରଖିଛନ୍ତି। ଚଳିତବର୍ଷ ଜାପାନରେ ଟୋକିଓ ଅଲିମ୍ପିକ୍ସ ଆୟୋଜିତ ହୋଇ ନ ପାରିବାରୁ ତାଙ୍କ ମନ ଭାରି ଦୁଃଖୀ। ୨୭ ବର୍ଷୀୟା ରୋୱି ଏକ କନସେପ୍ଟ-୨ ରୋଇଂ ମେଶିନରେ ଅଭ୍ୟାସ କରୁଛନ୍ତି। ଏହି ମେଶିନ ଦ୍ୱାରା ଜଣେ ଆଥଲେଟଙ୍କ ବେଗ ଓ ଦୂରତା ମାପି ହୋଇଥାଏ। ରୋୱି ୨୧,୦୯୭ ମିଟର ଦୂରତାକୁ ୧ ଘଣ୍ଟା, ୧୯ ମିନିଟ୍ ୨୮.୪ ସେକେଣ୍ଡ ଟାଇମିଂରେ କଭର କରିଥିଲେ। ଏହାଦ୍ୱାରା ହେଭିୱେଟ୍ ମହିଳା ହାଫ୍ ମାରାଥନରେ ୫ ବର୍ଷ ପୂର୍ବେ ଆମେରିକୀୟ ରୋୟର ଇସ୍‌ଥର ଲୋଫ୍‌ଗ୍ରେନ୍‌ଙ୍କ ପ୍ରତିଷ୍ଠିତ ରେକର୍ଡକୁ ସେ ଭଙ୍ଗ କରିଦେଇଛନ୍ତି। ଲୋଫ୍‌ଗ୍ରେନ୍‌ଙ୍କଠାରୁ ସେ ୪୦ ସେକେଣ୍ଡ ଆଗୁଆ ରେସ୍ ଶେଷ କରିଥିଲେ।

## ରୁଦ୍ଧଦ୍ୱାରରେ ହୋଇପାରେ ଏସିଆନ ଫୁଟ୍‌ବଲ ଟୁର୍ନାମେଣ୍ଟ

**କୁଆଲାଲମ୍ପୁର,୧୫।୪ (ଏଏଫ୍‌ପି):** କୋଭିଡ୍-୧୯ ସଂକ୍ରମଣ ସତ୍ତ୍ୱେ ଏସିଆରେ ସବୁ ଆଗଧାଡିର ଫୁଟବଲ ଟୁର୍ନାମେଣ୍ଟଗୁଡିକ ଆୟୋଜନ ଚାଲୁ ରହିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଆବଶ୍ୟକ ପଡିଲେ ଟୁର୍ନାମେଣ୍ଟର ମ୍ୟାଚ୍‌ଗୁଡିକ ରୁଦ୍ଧଦ୍ୱାରରେ ଆୟୋଜନ ହେବାରେ କୌଣସି ଅସୁବିଧା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେଣୁ ଆଗକୁ ଏଏଫ୍‌ସି ଚାମ୍ପିୟନ୍ସ ଲିଗ, ଏଏଫ୍‌ସି କପ୍ ଆୟୋଜନ ହେବ ବୋଲି ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ସମ୍ପାଦକ ୱିଣ୍ଡସୋର ଜନ ବିଶ୍ୱାସର ସହ କହିଛନ୍ତି। ଏହି ଦୁଇଟି ଟୁର୍ନାମେଣ୍ଟରେ କେନ୍ଦ୍ରୀୟ ଏସିଆ, ମଧ୍ୟପ୍ରାଚ୍ୟ, ଦକ୍ଷିଣ ଏସିଆ ଓ ଏହି ମହାଦେଶର ଅନ୍ୟାନ୍ୟ ଅଞ୍ଚଳର ଦେଶଗୁଡିକ ଅଂଶ ଗ୍ରହଣ କରିଥାନ୍ତି। କୋଭିଡ୍-୧୯ ସଂକ୍ରମଣ କାରଣରୁ ଏହି ଦୁଇଟି ଟୁର୍ନାମେଣ୍ଟ ଜୁନ୍ ମାସ ଶେଷ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଚଳିତବର୍ଷ ଏହି ଦୁଇ ଟୁର୍ନାମେଣ୍ଟ ଆୟୋଜନ ହେବ। ଏବେ ବି ଆମ ପାଖରେ ସମୟ ରହିଛି। ଏପ୍ରିଲ ଶେଷ ଆଡକୁ ଟୁର୍ନାମେଣ୍ଟଗୁଡିକର ନୂଆ ତାରିଖ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ। ତେବେ ବିନା ପ୍ରଶଂସକ ବା ଦର୍ଶକରେ ମ୍ୟାଚ୍ ଆୟୋଜନ ହେବା କଥାକୁ ଜନ୍ ଅସ୍ୱୀକାର କରିନାହାନ୍ତି। କ୍ରୀଡ଼ାର ବୃହତ୍ତର ସ୍ୱାର୍ଥ ଓ ବ୍ୟବସାୟିକ ସର୍ତ୍ତଗୁଡିକ ଦୃଷ୍ଟିରେ ରଖି ଏହି ଦୁଇଟି ଟୁର୍ନାମେଣ୍ଟ ଆୟୋଜନ ହେବା ଜରୁରୀ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ମଙ୍ଗଳବାର ଏଏଫ୍‌ସି କରୋନା ଭାଇରସ ସଂକ୍ରମଣ କାରଣରୁ ଟୁର୍ନାମେଣ୍ଟଗୁଡିକୁ ମେ ଓ ଜୁନ୍ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲା।

# ଜାତୀୟ ହକି ଚାମ୍ପିୟନଶିପ୍ ଲାଗି ନୂଆ ଫର୍ମାଟ

**ନୂଆଦିଲ୍ଲୀ,୧୫।୪(ପି.ଟି.):** ହକି ଇଣ୍ଡିଆ ସବୁ ଘରୋଇ ଇଭେଣ୍ଟ ତଥା ଟୁର୍ନାମେଣ୍ଟଗୁଡିକର ପୁନର୍ଗଠନ କରିବାକୁ ନିଷ୍ପତ୍ତି ନେଇଛି। ଏହିକ୍ରମରେ ଜାତୀୟ ଚାମ୍ପିୟନଶିପ୍‌ଗୁଡିକ ଆସନ୍ତାବର୍ଷଠାରୁ ନୂଆ ଫର୍ମାଟରେ ଆୟୋଜନ ହେବ। ସବୁ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ, ଏକାଡେମୀ ଓ ସଂସ୍ଥାଗତ ୟୁନିଟ୍‌ରେ ହକିର ଉନ୍ନତି ପାଇଁ ଓ ଖେଳାଳି ତଥା ଆଥ୍‌ଲେଟଙ୍କ ଭାଗୀଦାରି ବଢ଼ାଇବା ପାଇଁ ହକି ଇଣ୍ଡିଆ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ହକି ଇଣ୍ଡିଆ କାର୍ଯ୍ୟକାରୀ କମିଟି ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେଇଛି। ସବ୍-ଜୁନିୟର, ଜୁନିୟର ଓ ଉଭୟ ପୁରୁଷ ଓ ମହିଳା ସିନିୟର ଜାତୀୟ ଚାମ୍ପିୟନଶିପ୍‌ର ପୁନର୍ଗଠନ ହେବ। ନୂଆ ନିୟମ ଅନୁସାରେ ଜଣେ ପୁରୁଷ ଓ ମହିଳା ଖେଳାଳି ତାଙ୍କ ଦଳ ତରଫରୁ ମାତ୍ର ଗୋଟିଏ ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ପୁଣି ଜଣେ ଆଥ୍‌ଲେଟ କେବଳ ଗୋଟିଏ ବୟସବର୍ଗର ଟୁର୍ନାମେଣ୍ଟ ଯଥା ସବ୍-ଜୁନିୟର, ଜୁନିୟର କିମ୍ବା ସିନିୟର ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏହାଦ୍ୱାରା ଅଧିକରୁ ଅଧିକ ସଂଖ୍ୟାରେ ଆଥ୍‌ଲେଟ ବିଭିନ୍ନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିବେ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ହକି ଇଣ୍ଡିଆର ସବୁ ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ହେଲେ ସବୁ ରାଜ୍ୟ ୟୁନିଟ୍‌ଗୁଡିକୁ ସବୁ ବୟସବର୍ଗରେ ରାଜ୍ୟସ୍ତରୀୟ ଚାମ୍ପିୟନଶିପ ଆୟୋଜନ କରିବାକୁ ବାଧ୍ୟତାମୂଳକ ବୋଲି କୁହାଯାଇଛି।

ପୂର୍ବରୁ ଏ ଓ ବି ଡିଭିଜନରେ ଜାତୀୟ ଚାମ୍ପିୟନଶିପ୍‌ରେ ଆୟୋଜିତ ହେଉଥିଲା। ତେବେ ଏବେ ଏହାକୁ ବାତିଲ କରାଯାଇଛି ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ମହମ୍ମଦ ମୁସ୍ତାକ କହିଛନ୍ତି। ଅଧିକ ସଂଖ୍ୟାରେ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ଏକାଡେମୀ ମେମ୍ବରଗୁଡିକୁ ହକି ଆଡକୁ ଆକର୍ଷିତ କରିବା ପାଇଁ ଓ ଖେଳାଳି ସୃଷ୍ଟି କରିବା ଲାଗି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମୁସ୍ତାକ କହିଛନ୍ତି। ତେବେ ଟୁର୍ନାମେଣ୍ଟ ପଲିସି, ଗାଇଡ୍‌ଲାଇନ୍‌ଗୁଡିକ ପୂର୍ବପରି ବଳବତ୍ତର ରହିବ। ସବୁ ଜାତୀୟ ଚାମ୍ପିୟନଶିପ୍ ଲିଗ୍ ଓ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ଅଂଶଗ୍ରହଣ କରୁଥିବା ଦଳଗୁଡିକର ସଂଖ୍ୟାକୁ ଦୃଷ୍ଟିରେ ରଖି ପୁଲ୍ ସଂଖ୍ୟା ମଧ୍ୟ ନିର୍ଭର କରିବ। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍)ର ସଦ୍ୟତମ ନିୟମ ଅନୁସାରେ ଟୁର୍ନାମେଣ୍ଟଗୁଡିକ ଆୟୋଜନ ହେବ ବୋଲି କୁହାଯାଇଛି।

## ୩ ମ୍ୟାଚ୍‌ରୁ ସାଣ୍ଟୋସ ବାସନ୍ଦ

**ନିୟନ, ୧୫।୪ (ଏପି):** ୟୁରୋପ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ୟୁଇଏଫ୍‌ଏ (ୟୁନିୟନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏଶନ) କୋପନହାଗେନ ଫରୱାର୍ଡ ମାଇକେଲ ସାଣ୍ଟୋସ୍‌ଙ୍କୁ ୩ଟି ମ୍ୟାଚ୍‌ରୁ ବାସନ୍ଦ କରିଛି। ସେଲଟିକ୍‌ଠାରେ ଏକ ଗୋଲ ସ୍କୋର୍ ପରେ ଖୁସି ମନାଉଥିବା ବେଳେ ସାଣ୍ଟୋସ୍ ପୋଲିସ୍ ଓ ନିରାପତ୍ତାରକ୍ଷୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଫଳରେ ୟୁଇଏଫ୍‌ଏ ତାଙ୍କ ବିରୋଧରେ ଏହି କଡ଼ା ପଦକ୍ଷେପ ନେଇଛି। ଏ ଘଟଣା ନେଇ ପ୍ରମାଣ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ୟୁଇଏଫ୍‌ଏ ତରଫରୁ କୁହାଯାଇଛି। ଉରୁଗୁଏ ଫରୱାର୍ଡ ସାଣ୍ଟୋସ୍‌ଙ୍କ ବିରୋଧରେ ମଧ୍ୟ ସ୍କଟଲାଣ୍ଡ ପୋଲିସ୍ ମାମଲା ରୁଜୁ କରିଛି। ଫେବୃୟାରୀ ୨୭ରେ ୟୁରୋପ ଲିଗ୍‌ର ଇସ୍ତାନବୁଲ ବାସାକେହିର ବିପକ୍ଷ ଏକ ମ୍ୟାଚ୍‌ରେ କୋପନହାଗେନ ୩-୧ ଗୋଲରେ ବିଜୟୀ ହୋଇଥିଲା।

## ଟୁର୍ ଡି' ଫ୍ରାନ୍ସ ସ୍ଥଗିତ

**ପ୍ୟାରିସ୍,୧୫।୪ (ଏପି):** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଟୁର ଡି' ଫ୍ରାନ୍ସ ସାଇକେଲ ରେସ୍ ଆୟୋଜନ ହେବ ବୋଲି ଆଶା କରାଯାଉଥିଲେ ମଧ୍ୟ ଏହାକୁ ସ୍ଥଗିତ ରଖାଯାଇଛି। କୋଭିଡ୍-୧୯ ମହାମାରୀର ରୂପ ନେଇଥିବାରୁ ଶେଷରେ ବାଧ୍ୟ ହୋଇ ଆୟୋଜକମାନେ ଏହି ନିଷ୍ପତ୍ତି ନେଇଛନ୍ତି। ୩ ସପ୍ତାହ ଧରି ଆୟୋଜିତ ହୋଇ ଆସୁଥିବା ଏହି ମେଗା ଇଭେଣ୍ଟ ବାତିଲ ହେବ ନାହିଁ ଓ ଚଳିତବର୍ଷ ଆୟୋଜିତ ହେବ ବୋଲି ଫ୍ରେଞ୍ଚ୍ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। ଆସନ୍ତା ଅଗଷ୍ଟ ମାସ ଶେଷ ଆଡକୁ ନୂଆ ତାରିଖରେ ଏହା ଆୟୋଜନ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏହି ରେସ୍ ଏବେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୨୦ ତାରିଖ ମଧ୍ୟରେ ଆୟୋଜନ କରିବାକୁ ଆୟୋଜକମାନେ ଆଶା ରଖିଛନ୍ତି। ପୂର୍ବରୁ ଏହି ରେସ୍ ଜୁନ୍ ୨୭ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ଏହାର ଆୟୋଜନ ବର୍ତ୍ତମାନ ସମ୍ଭବ ନୁହଁ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଘୋଷଣା କରିଥିଲେ। ରାଷ୍ଟ୍ରକୁ ସମ୍ବୋଧିତ କରୁଥିବା ବେଳେ ବହୁ ସଂଖ୍ୟାରେ ଦର୍ଶକଙ୍କ ସହ ଆୟୋଜିତ ହେଉଥିବା କୌଣସି ପବ୍ଲିକ୍ ଇଭେଣ୍ଟ ଜୁଲାଇ ମଧ୍ୟ ଭାଗ ପର୍ଯ୍ୟନ୍ତ ଆୟୋଜନ ହୋଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ଉଲ୍ଲେଖଥାଉ କି, ଏହା ପୂର୍ବରୁ ଦ୍ୱିତୀୟ ବିଶ୍ୱଯୁଦ୍ଧରୁ ଫ୍ରାନ୍ସ ମୁକୁଳିବା ପରେ ୧୯୪୬ରେ ଓ ପ୍ରଥମ ବିଶ୍ୱଯୁଦ୍ଧ କାରଣରୁ ଟୁର ଡି ଫ୍ରାନ୍ସ ଆୟୋଜିତ ହୋଇପାରି ନ ଥିଲା।

## ଏସିଆ କପ୍ ବାତିଲ ସପକ୍ଷରେ ନାହିଁ ପାକିସ୍ତାନ



**କରାଚୀ, ୧୫।୪ (ପି.ଟି.):** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏସିଆ କପ୍ ବାତିଲ ସପକ୍ଷରେ ନାହିଁ ବୋଲି କହିଛନ୍ତି ଏହାର ଚେୟାରମ୍ୟାନ ଏହେସାନ ମନି। ଆସନ୍ତା ସେପ୍ଟେମ୍ବରରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଏସିଆ କପ୍ ଆୟୋଜନ ହେବା କାର୍ଯ୍ୟକ୍ରମ ରହିଛି। ତେବେ କୋଭିଡ୍-୧୯ ମହାମାରୀ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଛି। ଏସିଆ କପ୍‌କୁ ବାତିଲ କରି ଯଦି ଏହି ସମୟରେ ଆଇପିଏଲ୍ ଆୟୋଜନକୁ ସୁଯୋଗ ଦିଆଯାଏ ତେବେ ପ୍ରତିବାଦ କରାଯିବ ବୋଲି ମନି କହିଛନ୍ତି। ଆଇପିଏଲ୍ ପ୍ରକୃତରେ ମାର୍ଚ୍ଚ ୧୯ରୁ ମେ' ୨୪ ପର୍ଯ୍ୟନ୍ତ ହୋଇଥାନ୍ତା। ମାତ୍ର କୋଭିଡ୍-୧୯ ମହାମାରୀ ବିରୋଧରେ ଚାଲିଥିବା ଲଢେଇ ଯୋଗୁ ଭାରତରେ ଲକ୍‌ଡାଉନ୍ ମିଆଦ ବୃଦ୍ଧି କରାଯାଇଥିବାରୁ ଏହି ବ୍ୟୟବହୁଳ ଟି୨୦ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯାଇଛି। ମନି କହିଛନ୍ତି, ଏସିଆ କପ୍ କେବଳ ଭାରତ ଓ ପାକିସ୍ତାନକୁ ନେଇ ଆୟୋଜିତ ହେଉନାହିଁ। ଏଥିରେ ଅନ୍ୟ କେତୋଟି ଦେଶ ମଧ୍ୟ ଭାଗ ନେଉଛନ୍ତି। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତଙ୍କ ମତାମତ ନେଇ ଟୁର୍ନାମେଣ୍ଟର ଆୟୋଜନ ସମ୍ପର୍କରେ ନିଷ୍ପତ୍ତି ନିଆଯିବା ଉଚିତ। ସୂଚନାଯୋଗ୍ୟ, ଏଥର ଏସିଆ କପ୍ ଆୟୋଜକ ପାକିସ୍ତାନ ହୋଇଛି। ମାତ୍ର ନିରାପତ୍ତା ଦୃଷ୍ଟିକୋଣରୁ ଭାରତ ପାକିସ୍ତାନରେ ଖେଳିବାକୁ ରାଜି ନ ହେବାରୁ ଟୁର୍ନାମେଣ୍ଟକୁ ଦୁବାଇ ଓ ଆବୁଧାବିକୁ ସ୍ଥାନାନ୍ତର କରାଯାଇଥିଲା। ଏସିଆକପ୍ ଆୟୋଜନରୁ ଉପାର୍ଜିତ ଅର୍ଥ ଏସିଆରେ କ୍ରିକେଟ ଖେଳର ବିକାଶ କ୍ଷେତ୍ରରେ ବ୍ୟୟ ହୋଇଥାଏ ବୋଲି ପିସିବି ଚେୟାରମ୍ୟାନ ଯୁକ୍ତି ଦର୍ଶାଇଛନ୍ତି।

## ଗୁଆଙ୍ଗ୍‌ଝୋଉ ଟିମ୍‌ରୁ ହାନ୍‌ଚାଓ ବହିଷ୍କୃତ

**ସାଂଘାଇ, ୧୫।୪ (ଏଏଫ୍‌ପି):** ଚାଇନିଜ ସୁପର ଲିଗ୍ ଚାମ୍ପିୟନ ଫୁଟ୍‌ବଲ ଟିମ୍ ଗୁଆଙ୍ଗ୍‌ଝୋଉ ଏଭରଗ୍ରେଣ୍ଡ୍ ଏହାର ଅନ୍ତର୍ଜାତୀୟ ୱିଙ୍ଗର ୟୁ ହାନ୍‌ଚାଓଙ୍କୁ ଦଳରୁ ବହିଷ୍କାର କରିଛି। ନିଜର ମର୍ସିଡିଜ୍ ୪x୪ର ଲାଇସେନ୍ସ ପ୍ଲେଟ୍ ବଦଳ କରିଥିବାରୁ ଏହି ଖେଳାଳି ୧୫ ଦିନ ପୋଲିସ ହେପାଜତରେ ରହିବେ। ଇଟାଲିଆନ ବିଶ୍ୱକପ୍ ବିଜେତା ଫାବିଓ କାନାଭାରୋ ଗୁଆଙ୍ଗ୍‌ଝୋଉ ଦଳର ମ୍ୟାନେଜର ଅଛନ୍ତି। ସେ କହିଛନ୍ତି, ଖେଳାଳିମାନଙ୍କ ଲାଗି କ୍ଲବର ରହିଥିବା କଠୋର ନିୟମକୁ ୩୩ବର୍ଷୀୟ ହାନ୍‌ଚାଓ ଭଙ୍ଗ କରିଛନ୍ତି। ସଦର୍ନ ସିଟି ପୋଲିସ୍ ହାନ୍‌ଚାଓଙ୍କୁ ୧୫ଦିନ ହେପାଜତରେ ରଖିବା ବ୍ୟତୀତ ୫,୦୦୦ ୟୁଆନ୍(୭୦୦ ଆମେରିକୀୟ ଡଲାର) ଜରିମାନା କରିଛି। ଚାଇନା ତରଫରୁ ୫୯ ଟି ମ୍ୟାଚ ଖେଳି ଏହି ଅନ୍ତର୍ଜାତୀୟ ୱିଙ୍ଗର ୯ଟି ଗୋଲ ସ୍କୋର କରିଛନ୍ତି। ସେ ତାଙ୍କ ରେଜିଷ୍ଟ୍ରେଶନ ପ୍ଲେଟ୍‌ରେ ଗୋଟିଏ ଅକ୍ଷର ନିଜ ଇଚ୍ଛାରେ ପରିବର୍ତ୍ତନ କରିଥିଲେ। ନମ୍ବରପ୍ଲେଟ୍‌ରେ ଇଂଲିଶ ଅକ୍ଷର 'ଇ'କୁ ବଦଳ କରି 'ଏଫ୍' କରିଦେଇଥିଲେ। ଟ୍ରାଫିକ୍ ସୁରକ୍ଷା ଆଇନ ଅନୁସାରେ ଏହା ବେଆଇନ। ସେ ଏପରି କାହିଁକି କରିଥିଲେ ତାହା ଜଣାପଡ଼ିନାହିଁ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ